RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-167 •BHUBANESWAR •TUESDAY •12 DECEMBER 2023 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୧୬୭ •ଭୁବନେଶ୍ୱର •ମଙ୍ଗଳବାର •୧୨ ଡିସେମ୍ବର ୨୦୨୩ •ପୃଷ୍ଠା-୧୬ •ଟ.୬.୦୦




'ଆନିମଲ୍'ରୁ ଚମକିଲା ଭାଗ୍ୟ

▶ପୃଷ୍ଠା ୧୪ ଦେଖନ୍ତୁ...




## ଧାରା ୩୭୦ ଉଚ୍ଛେଦ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ରାୟ

# କାହା ପାଇଁ ଐତିହାସିକ, କାହା ପାଇଁ ନିରର୍ଥକ

**ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି)**

ଜମ୍ମୁ-କାଶ୍ମୀରକୁ ଦେଶର ଅନ୍ୟ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ତୁଳନାରେ ଯେଉଁଭଳି ସ୍ୱତନ୍ତ୍ରତା ମିଳୁଥିଲା ତାହା ପଛରେ ଯେଉଁ ସାମ୍ବିଧାନିକ ଆଧାର ରହିଥିଲା ତାହା ଥିଲା ଧାରା ୩୭୦। ଏହାକୁ ଆଧାର କରି ଜମ୍ମୁ-କାଶ୍ମୀରବାସୀଙ୍କୁ ସ୍ୱତନ୍ତ୍ର ସୁବିଧା ସୁଯୋଗ ମିଳୁଥିଲା ସତ, କିନ୍ତୁ ଅନେକ କ୍ଷେତ୍ରରେ ଏହି ଧାରାକୁ ନେଇ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ମତଭେଦ ମଧ୍ୟ ଦେଖାଯାଉଥିଲା। ଏହାବ୍ୟତୀତ ଦେଶର ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଜମ୍ମୁ-କାଶ୍ମୀରକୁ ସ୍ୱତନ୍ତ୍ର ପାହ୍ୟା ମିଳିବା ନେଇ ମଧ୍ୟ ଅସାମଞ୍ଜସ୍ୟତା ରହିଥିଲା। ତେବେ ଏହି ଧାରାକୁ ପ୍ରତ୍ୟାହାର କରିବା ନେଇ ୨୦୧୯ ଅଗଷ୍ଟ ୫ ତାରିଖରେ ଗୃହମନ୍ତ୍ରୀ ଅମିତ ଶାହା ସଂସଦରେ ଅପ୍ରତ୍ୟାଶିତ ଭାବେ ଯେଉଁଭଳି ବିଧେୟକ ଉପସ୍ଥାପନ କରିଥିଲେ ତାହା ସାଧାରଣ ନାଗରିକ ନୁହନ୍ତି, ରାଜନୈତିକ ଦଳଙ୍କୁ ମଧ୍ୟ ଆଶ୍ଚର୍ଯ୍ୟ କରିଦେଇଥିଲା। ପରେ ପରେ ରାଷ୍ଟ୍ରପତି ସଂସଦରେ ପାରିତ ବିଧେୟକ ଉପରେ ମୋହର ଲଗାଇବା ପରେ ଜମ୍ମୁ-କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ହୋଇଥିଲା। କିନ୍ତୁ ଏହି ପ୍ରସଙ୍ଗକୁ ନେଇ ବିବାଦ ତେଜିବା ଆରମ୍ଭ ହୋଇଥିଲା। କଂଗ୍ରେସ ସମେତ ଜମ୍ମୁ-କାଶ୍ମୀରର ବହୁ ରାଜନୈତିକ ଦଳ ଏଥିପାଇଁ ସୁପ୍ରିମକୋର୍ଟରେ ପିଟିସନ ଦାଏର କରିବା ସହିତ ଧାରା ୩୭୦ ଉଚ୍ଛେଦ ପ୍ରସଙ୍ଗକୁ ଚ୍ୟାଲେଞ୍ଜ କରିଥିଲେ। ତେବେ ସୋମବାର ସୁପ୍ରିମକୋର୍ଟଙ୍କ ରାୟ ପ୍ରକାଶ ପାଇବା ପରେ ସବୁକିଛି ସ୍ୱଷ୍ଟ ହୋଇଯାଇଛି। କେନ୍ଦ୍ର ସରକାର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ସ୍ୱାଗତ କରି ଏହା ଦେଶ ପାଇଁ ଐତିହାସିକ ମୁହୂର୍ତ୍ତ ବୋଲି କହିଥିଲା ବେଳେ ଅନ୍ୟ କେତେକ ସ୍ତରରେ ଏହାକୁ ସହଜରେ ଗ୍ରହଣ କରାଯାଇପାରି ନାହିଁ।



### ମାନବାଧିକାର ଉଲ୍ଲଙ୍ଘନ ପ୍ରସଙ୍ଗ ଉଠାଇଲେ ସୁପ୍ରିମକୋର୍ଟ | ନିରପେକ୍ଷ ତଦନ୍ତ ପାଇଁ ପରାମର୍ଶ

ଧାରା ୩୭୦କୁ ନେଇ ସୁପ୍ରିମକୋର୍ଟର ପାଞ୍ଚଜଣିଆ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ସପକ୍ଷରେ ରାୟ ଦେଇଥିଲେ ହେଁ ଜଷ୍ଟିସ ସଞ୍ଜୟ କିଷନ କୌଲ ଏଠାରେ ମାନବାଧିକାର ଉଲ୍ଲଙ୍ଘନକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ୧୯୮୦ ଠାରୁ ଜମ୍ମୁ-କଶ୍ମୀରରେ ଚାଲିଥିବା ମାନବାଧିକାର ଉଲ୍ଲଙ୍ଘନର ନିରପେକ୍ଷ ତଦନ୍ତ ସପକ୍ଷରେ ସେ ମତ ରଖିଛନ୍ତି। ଏଥିସହ ଜମ୍ମୁ-କଶ୍ମୀରବାସୀଙ୍କ ମନରେ ଯେଉଁ କ୍ଷତ ରହିଛି ସେଥିରେ ସୁଧାର ଅଣାଯିବା ଜରୁରୀ ବୋଲି ଜଷ୍ଟିସ କୌଲ ନିଜର ସ୍ୱତନ୍ତ୍ର ରାୟରେ କହିଛନ୍ତି। ଏକ ନିରପେକ୍ଷ ସତ୍ୟ ଓ ବୁଝାମଣା କମିଟି ଗଠନ କରିବା ସପକ୍ଷରେ ସେ ମତ ଦେବା ସହିତ ଏହି କମିଟି ଜମ୍ମୁ-କଶ୍ମୀରରେ ମାନାବାଧିକାର ଉଲ୍ଲଙ୍ଘନର ତଦନ୍ତ କରି ରିପୋର୍ଟ ଦେବ। ୧୯୮୦ ମସିହାରୁ ଉଭୟ ସରକାରୀ ଓ ବାହ୍ୟ ପ୍ରାୟୋଜିତ ତତ୍ତ୍ୱମାନଙ୍କ ଦ୍ୱାରା ହେଉଥିବା ମାନବାଧିକାର ଉଲ୍ଲଙ୍ଘନର ତଦନ୍ତ କରିବ। ଏଥିସହିତ ଏହି ପ୍ରସଙ୍ଗ ସହ ଜଡ଼ିତ ସମସ୍ୟାର ସମାଧାନ ପାଇଁ ମଧ୍ୟ ଉକ୍ତ କମିଟି ପ୍ରସ୍ତାବ ଦେବ ବୋଲି ସେ କହିଛନ୍ତି। ବିଗତ ଦିନରେ ଏଠାରେ ଯେଉଁଭଳି ସ୍ଥିତି ରହିଥିଲା ତାହାକୁ ନେଇ ଅଞ୍ଚଳବାସୀଙ୍କ ଆଭ୍ୟନ୍ତରୀଣ କଷ୍ଟ ରହିଛି। ବର୍ତ୍ତମାନ ଆଗକୁ ଯିବାକୁ ହେଲେ ଏହି କ୍ଷତ ଚିହ୍ନ ଭରିବା ଦରକାର ବୋଲି ଜଷ୍ଟିସ୍ କୌଲ କହିଛନ୍ତି।

### ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ଐତିହାସିକ



ଧାରା ୩୭୦ ଉଚ୍ଛେଦକୁ ନେଇ ସଂସଦ ୨୦୧୯ରେ ଯେଉଁ ନିଷ୍ପତ୍ତି ନେଇଥିଲା ତଦ୍ୱାରା ବିଗତ ଦିନରେ ଜମ୍ମୁ-କାଶ୍ମୀର ସହିତ ଲଦାଖରେ ଅନେକ ଦିଗରେ ବିକାଶ ଅଣାଯିବା ସମ୍ଭବ ହୋଇପାରିଛି। ଏହି ଦୁଇଟି ଅଞ୍ଚଳରେ ପ୍ରଶାସନିକ କ୍ଷେତ୍ରରେ ସଂସ୍କାର ଅଣାଯିବା ସହିତ ସ୍ୱଚ୍ଛ ଶାସନ ବ୍ୟବସ୍ଥା ଏବଂ ସଶକ୍ତିକରଣ ପାଇଁ ଯେଉଁଭଳି ପଦକ୍ଷେପ ନିଆଯାଇପାରିଛି ତାହା ଜାତୀୟ ଏକତା ପ୍ରତି ମଧ୍ୟ ବହୁ ଗୁରୁତ୍ୱ ବହନ କରୁଛି। ତେବେ ଏହି ପ୍ରସଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟ ଯେଉଁ ରାୟ ଦେଇଛନ୍ତି ତାହା ମଧ୍ୟ ଐତିହାସିକ ବୋଲି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି।

**ଏସ୍ ଜୟଶଙ୍କର**

### ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପ୍ରତ୍ୟେକ ଦେଶବାସୀଙ୍କୁ ଆନନ୍ଦିତ କରିବ



ଧାରା ୩୭୦ ପ୍ରସଙ୍ଗରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଯେଉଁ ନିଷ୍ପତ୍ତି ଶୁଣାଇଛନ୍ତି ତାହା ଐତିହାସିକ ଏବଂ ପ୍ରତ୍ୟେକ ଦେଶବାସୀଙ୍କୁ ଆନନ୍ଦିତ କରିବ। ଏହି ଧାରା ପ୍ରତ୍ୟାହାର ହେବା ଯୋଗୁଁ ଆଜି ଜମ୍ମୁ-କାଶ୍ମୀରରେ ଯେଉଁଭଳି ବିକାଶର ଧାରା ସୃଷ୍ଟି ହୋଇଛି ତାହା କେବଳ ସେହି ଅଞ୍ଚଳ ପାଇଁ ନୁହେଁ, ବରଂ ଦେଶବାସୀଙ୍କ ପାଇଁ ମଧ୍ୟ ଗର୍ବର ବିଷୟ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଅଣାଯାଇପାରିଥିବା ଏହି ସଫଳତା ଦେଶର ଏକତାକୁ ଦୃଢ଼ କରିବାରେ ମଧ୍ୟ ସହାୟକ ହୋଇପାରିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି।

**ରାଜନାଥ ସିଂ**

### ଜମ୍ମୁ-କାଶ୍ମୀର ସ୍ୱତନ୍ତ୍ରତା ପାଇଁ ଲଢ଼େଇ ଜାରି ରହିବ



ଧାରା ୩୭୦ ପ୍ରସଙ୍ଗରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ନେଇ ଆମେ ଦୁଃଖିତ। କିନ୍ତୁ ଜମ୍ମୁ-କାଶ୍ମୀରର ସ୍ୱତନ୍ତ୍ରତା ପାଇଁ ଆମର ଲଢେଇ ଜାରି ରହିବ। ଧାରା ୩୭୦ ପ୍ରତ୍ୟାହାର କରିବା ବିଜେପିର ଏକ ସୁଚିନ୍ତିତ ପରିକଳ୍ପନା। ସେମାନେ ଏଥିପାଇଁ ଦୀର୍ଘ ଦିନ ତଳୁ ପ୍ରସ୍ତୁତି କରିଛନ୍ତି। ତେଣୁ ଆମ ସ୍ୱତନ୍ତ୍ରତା ପାଇଁ ମଧ୍ୟ ଦୀର୍ଘ ସୂତ୍ରରେ ଲଢେଇ କରିବାକୁ ପଡ଼ିବ ।

**ଓମାର ଅବଦୁଲ୍ଲା**

### ଜମ୍ମୁ-କାଶ୍ମୀର ନୁହେଁ, ଭାରତ ପାଇଁ ମୃତ୍ୟୁଦଣ୍ଡ



ଧାରା ୩୭୦କୁ ନେଇ ସୁପ୍ରିମକୋର୍ଟ ଯେଉଁ ରାୟ ଶୁଣାଇଛନ୍ତି ତାହାକୁ ତୀବ୍ର ସ୍ୱରରେ ବିରୋଧ କରିଛନ୍ତି ପିଡିପି ନେତ୍ରୀ ମେହବୁବା ମୁଫତି। ଏହି ନିଷ୍ପତ୍ତି କେବଳ ଜମ୍ମୁ-କାଶ୍ମୀର ନୁହେଁ, ବରଂ ଭାରତ ପ୍ରତି ମୃତ୍ୟୁଦଣ୍ଡ ସଦୃଶ ବୋଲି ସେ କହିଛନ୍ତି। ଜମ୍ମୁ-କାଶ୍ମୀରବାସୀଙ୍କ ସ୍ୱତନ୍ତ୍ରତା ପାଇଁ ଦଶନ୍ଧି ଦଶନ୍ଧି ଧରି ଲଢେଇ ଚାଲି ଆସିଥିଲା ବେଳେ ଏଥିପାଇଁ ଅନେକ ମଧ୍ୟ ପ୍ରାଣବଳି ଦେଇଛନ୍ତି। କିନ୍ତୁ ଜମ୍ମୁ-କାଶ୍ମୀରବାସୀ ଏଥିପାଇଁ ହତାଶ ହେବାର କାରଣ ନାହିଁ, ସେମାନେ ଲଢେଇ ଜାରି ରଖିବେ।

**ମେହବୁବା ମୁଫତି**

### ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଦୁଃଖଦ, ଦୁର୍ଭାଗ୍ୟଜନକ



ଧାରା ୩୭୦ ପ୍ରସଙ୍ଗରେ ସୁପ୍ରିମକୋର୍ଟ ଯେଉଁ ନିଷ୍ପତ୍ତି ଶୁଣାଇଛନ୍ତି ତାହା ଦୁଃଖଦ ଏବଂ ଦୁର୍ଭାଗ୍ୟଜନକ। ଏହାଦ୍ୱାରା ଜମ୍ମୁ-କାଶ୍ମୀରବାସୀଙ୍କୁ ସ୍ୱତନ୍ତ୍ରତାକୁ ବଳି ଦିଆଯାଇଛି। ଧାରା ୩୭୦କୁ ନେଇ ସ୍ୱାଧୀନତା ସମୟରୁ ଏଠାକାର ଅଞ୍ଚଳବାସୀଙ୍କୁ ଯେଉଁ ନ୍ୟାୟ ମିଳୁଥିଲା ତାହାକୁ ଅଣଦେଖା କରାଯାଇଛି। ଏହାର ଐତିହାସିକ ଦିଗକୁ ମଧ୍ୟ ଉପେକ୍ଷା କରାଯାଇଛି।

**ଗୁଲାମନବୀ ଆଜାଦ**

### ସୁପ୍ରିମକୋର୍ଟଙ୍କ ରାୟ ଦେଶର ଏକତାକୁ ମଜବୁତ କରିଛି



ଧାରା ୩୭୦ ଉଚ୍ଛେଦ ପ୍ରସଙ୍ଗରେ ସୁପ୍ରିମକୋର୍ଟ ଯେଉଁ ନିଷ୍ପତ୍ତି ଶୁଣାଇଛନ୍ତି ତାହା କେବଳ ଆଇନଗତ ନିଷ୍ପତ୍ତି ନୁହେଁ, ବରଂ ଏହା ଆଶାର କିରଣ, ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସଂକଳ୍ପ ଏବଂ ଏକ ମଜବୁତ ରାଷ୍ଟ୍ର ନିର୍ମାଣ ପାଇଁ ସାମୂହିକ ପ୍ରତିଜ୍ଞା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ପ୍ରଧାନମନ୍ତ୍ରୀ ଖୁସି ବ୍ୟକ୍ତ କରିବା ସହିତ ଜମ୍ମୁ କଶ୍ମୀର ଏବଂ ଲଦାଖରେ ଥିବା ଭାଇ ଓ ଭଉଣୀମାନଙ୍କ ପାଇଁ ଏହା ଆଶା, ପ୍ରଗତି ଏବଂ ଏକତାର ଏକ ଘୋଷଣାନାମା ବୋଲି କହିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଜିର ନିଷ୍ପତ୍ତି ଐତିହାସିକ ହୋଇଥିବା ବେଳେ ୨୦୧୯ ,ଅଗଷ୍ଟ ୫ରେ ସଂସଦ ନେଇଥିବା ନିଷ୍ପତ୍ତିକୁ ସାମ୍ବିଧାନିକ ସମର୍ଥନ ମିଳିଛି। ଏହାଦ୍ୱାରା ଜମ୍ମୁ, କାଶ୍ମୀର ସମେତ ଲଦାଖବାସୀଙ୍କ ପାଇଁ ଆଶା, ପ୍ରଗତି ପାଇଁ ବାଟ ଖୋଲିଛି ବୋଲି ମୋଦୀ କହିଛନ୍ତି। ଏହି ଅଞ୍ଚଳବାସୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଆମର ପ୍ରତିବଦ୍ଧତା ଜାରି ରହିବ। ଯେଉଁମାନେ ଧାରା ୩୭୦ କୁ ନେଇ ପ୍ରଭାବିତ ହେଉଥିଲେ ସେମାନଙ୍କ ନିକଟରେ ବି ବିକାଶ ପହଞ୍ଚିବ ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି।

**ପ୍ରଧାନମନ୍ତ୍ରୀ**

---

■ ମଧ୍ୟପ୍ରଦେଶରେ ଚମକାଇଲା ବିଜେପି

# ମୋହନ ଯାଦବ ହେବେ ମୁଖ୍ୟମନ୍ତ୍ରୀ

**ଭୋପାଳ,୧୧।୧୨(ଏଜେନ୍ସି)**

ବିଗତ କିଛି ଦିନ ଧରି ମଧ୍ୟପ୍ରଦେଶ,ରାଜସ୍ଥାନ ଆଦି ରାଜ୍ୟର ମୁଖ୍ୟମନ୍ତ୍ରୀ କିଏ ହେବେ ତାହାକୁ ନେଇ ନାନା କଳ୍ପନାଜଳ୍ପନା ଲାଗି ରହିଥିଲା। କିନ୍ତୁ ବିଜେପି ପକ୍ଷରୁ ମଧ୍ୟପ୍ରଦେଶକୁ ନେଇ ଯାହା ଘୋଷଣା କରାଯାଇଛି ତାହା ସମସ୍ତଙ୍କୁ ଚକିତ କରିଛି। ମୁଖ୍ୟମନ୍ତ୍ରୀ ପଦକୁ ନେଇ ଅନେକ ନେତାଙ୍କ ନାମ ଚର୍ଚ୍ଚାରେ ରହିଥିଲେ ହେଁ ମୋହନ ଯାଦବଙ୍କ ଉପରେ ସୁନା କଳସ ଢାଳିଛି ବିଜେପି। ସୋମବାର ଶ୍ରୀ ଯାଦବଙ୍କୁ ବିଧାୟକ ଦଳ ନେତା ଭାବେ ମନୋନୀତ କରାଯାଇଛି। ସେ ରାଜ୍ୟପାଳଙ୍କୁ ଭେଟି ବିଧିବଦ୍ଧ ଭାବେ ସରକାର ଗଠନ ପାଇଁ ଦାବି ଜଣାଇବେ। ଶ୍ରୀ ଯାଦବ ଉଜ୍ଜୟିନ ଦକ୍ଷିଣ ଆସନରୁ ବିଜୟୀ ହୋଇଛନ୍ତି। ଏଥରକୁ ମିଶାଇ କ୍ରମାଗତ ୩ୟ ଥର ପାଇଁ ସେ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି।



ମୋହନ ଯାଦବଙ୍କୁ ବାଦ୍ ଦେଲେ ଜଗଦୀଶ ଦେଉଡା ଓ ରାଜେଶ ଶୁକ୍ଳା ମଧ୍ୟପ୍ରଦେଶର ଉପ ମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତ ହେବେ ବୋଲି ଜଣାପଡ଼ିଛି। ଦଳର ଏଭଳି ନିଷ୍ପତ୍ତି ଦ୍ୱାରା ଶିବରାଜ ସିଂ ଚୌହାନଙ୍କ ରାଜୁତି ଶେଷ ହୋଇଛି। ଶ୍ରୀ ଯାଦବଙ୍କୁ ବିଧାୟକ ଦଳ

ନରେନ୍ଦ୍ର ସିଂ ତୋମାର ହେବେ ବାଚସ୍ପତି

ଜଗଦୀଶ ଦେଉଡା ଓ ରାଜେଶ ଶୁକ୍ଳା ଉପମୁଖ୍ୟମନ୍ତ୍ରୀ

ଇସ୍ତଫା ଦେଲେ ଶିବରାଜ ସିଂ

ନେତା ଭାବେ ମନୋନୀତ କରାଯିବା ପରେ ଶିବରାଜ ସିଂ ରାଜ୍ୟପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି।

### ଫାତିମା ୱାସିମ ମେଡିକାଲ ଅଧିକାରୀ ମୁତୟନ

**ଲଦାଖ, ୧୧।୧୨ (ଏଜେନ୍ସି):** ବିଶ୍ୱର ସର୍ବୋଚ୍ଚ ଯୁଦ୍ଧକ୍ଷେତ୍ର 'ସିଆଚେନ ଗ୍ଲାସିୟର'ର 'ଅପରେସନାଲ ପୋଷ୍ଟ'ରେ ପ୍ରଥମ ମହିଳା ମେଡିକାଲ ଅଧିକାରୀ ମୁତୟନ ହୋଇଛନ୍ତି। କ୍ୟାପ୍ଟେନ ଫାତିମା ୱାସିମଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ୧୫,୨୦୦ ଫୁଟ ଉଚ୍ଚରେ ତାଙ୍କୁ ମୁତୟନ କରାଯାଇଛି। ସେ ଖୁବଶୀଘ୍ର ଦାୟିତ୍ୱ ଗ୍ରହଣ କରିବେ। ଭାରତୀୟ 'ସେନାର ଫାୟାର ଆଣ୍ଡ ଫ୍ୟୁରି କ୍ରପ୍ସ' ପକ୍ଷରୁ ସୋମବାର ଏହି ସୂଚନା ଦିଆଯାଇଛି। ଏକ ଭିଡିଓ ମଧ୍ୟ ଜାରି କରାଯାଇଛି। ଏଥିରେ ସିଆଚେନ ବ୍ୟାଟେଲ ସ୍କୁଲ୍‌ରେ ଫାତିମା ପ୍ରଶିକ୍ଷଣ ନେଉଥିବା ଦେଖାଯାଉଛି।

---

## ଜମ୍ମୁ-କାଶ୍ମୀର ପୁନର୍ଗଠନ ସଂଶୋଧନ ବିଲ୍ ପାରିତ

# 'କେହି ନେଇପାରିବେନି ଇଞ୍ଚେ ଜମି'

**ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି)**

ରାଜ୍ୟସଭାରେ ସୋମବାର ଜମ୍ମୁ-କାଶ୍ମୀର ସମ୍ବନ୍ଧିତ ୨ଟି ବିଲ୍ ପାରିତ ହୋଇଯାଇଛି। ଏଥିରେ ଜମ୍ମୁ-କାଶ୍ମୀର ସଂରକ୍ଷଣ (ସଂଶୋଧନ) ଏବଂ ଜମ୍ମୁ-କାଶ୍ମୀର ପୁନର୍ଗଠନ (ସଂଶୋଧନ) ବିଲ୍ ୨୦୨୩ ସାମିଲ ରହିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏହି ବିଲ୍ ଉପସ୍ଥାପନ କରି ଚର୍ଚ୍ଚାରେ ଭାଗ ନେଇଥିଲେ। ଧାରା ୩୭୦ ହଟାଇବା ଉପରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ବିରୋଧରେ ବିରୋଧ ପ୍ରଦର୍ଶନ କରୁଥିବା ବିରୋଧୀ ସଦସ୍ୟଙ୍କୁ ଚେତାବନୀ ଦେଇଥିଲେ। ଫେରି ଆସନ୍ତୁ, ନଚେତ ଯେତିକି ଅଛ ସେତିକି ରହିବେ ନାହିଁ ବୋଲି କହିଥିଲେ। କଂଗ୍ରେସ ଏବେ ବି ଧାରା ୩୭୦ ଉଚ୍ଛେଦ ନିଷ୍ପତ୍ତିକୁ ଭୁଲ୍ କହୁଛି। ଏହି ଦଳ କେବେ ବି ଭଲ କାମକୁ ସମର୍ଥନ କରିନାହିଁ। ଶାହା ଜବାବ ଦେବା ସମୟରେ ବିରୋଧୀ ରାଜ୍ୟସଭା ତ୍ୟାଗ କରିଥିଲେ। ପରେ ବିଲ୍ ଉପରେ ମତଦାନ ହୋଇଥିଲା ଏବଂ ଉଭୟ



ବିଲ୍ ପାରିତ ହୋଇ ଯାଇଥିଲା। ପୂର୍ବରୁ ଏହା ଲୋକସଭାରେ ପାରିତ ହୋଇଥିଲା। ଏହି ବିଲ୍‌ରେ ଜମ୍ମୁରେ ୩୭ ବଦଳରେ ୪୩, କାଶ୍ମୀରରେ ୪୬ ବଦଳରେ ୪୭ ବିଧାନସଭା ଆସନ ରହିବାର ନିୟମ ରହିଛି। ପୂର୍ବରୁ ଏଠାରେ ୮୩ ଆସନ ଥିଲା। ଏବେ ଏହା ୯୦କୁ ବୃଦ୍ଧି ପାଇବ। ଏଥିରେ ଲଦାଖକୁ ସାମିଲ କରାଯାଇ ନାହିଁ। ସେହିପରି ପାକ୍ ଅଧିକୃତ କାଶ୍ମୀର (ପିଓକେ) ପାଇଁ ୨୪ଟି ଏବଂ ଏସ୍/ଏସ୍‌ଟିଙ୍କ ପାଇଁ ୯ଟି ଆସନକୁ ସଂରକ୍ଷିତ ରଖାଯାଇଛି। ଏହା ସହିତ ସଂସଦରେ କାଶ୍ମୀର ପଣ୍ଡିତଙ୍କ ପାଇଁ ୨ଟି ଏବଂ ପିଓକେ ବିସ୍ଥାପିତଙ୍କ ଲାଗି ଗୋଟିଏ ଆସନ ସଂରକ୍ଷିତ ରଖାଯିବ।

ଏହା ପୂର୍ବରୁ ଚର୍ଚ୍ଚା ସମୟରେ ଶାହା କହିଥିଲେ ଯେ ଧାରା ୩୭୦କୁ ସ୍ଥାୟୀ କହୁଥିବା ଲୋକ ସମ୍ବିଧାନ ଏବଂ ସମ୍ବିଧାନ ସଭାକୁ ଅପମାନ କରୁଛନ୍ତି। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରେ ଜମ୍ମୁ-କାଶ୍ମୀର ସମ୍ବିଧାନର ଆଉ କୌଣସି ବୈଧତା ରହିନାହିଁ। ଉଚିତ୍ ସମୟରେ ଜମ୍ମୁ-କାଶ୍ମୀରକୁ ରାଜ୍ୟର

ବିରୋଧୀଙ୍କୁ ଶାହାଙ୍କ ଚେତାବନୀ

ଫେରିଆସ;ନଚେତ ଯେତିକି ଅଛ ସେତିକି ରହିବନି

କାଶ୍ମୀର ଲୋକଙ୍କ ଅଧିକାରକୁ ୩ ପରିବାର ଅଟକାଇ ଥିଲେ

ମାନ୍ୟତା ଦିଆଯିବ। ଧାରା ୩୭୦ ବିଚ୍ଛିନ୍ନତାବାଦକୁ ଜନ୍ମ ଦେଇଥିଲା। ଏଥିଯୋଗୁଁ ଆତଙ୍କବାଦ ବଢୁ ଥିଲା। ଏହା ଉଚ୍ଛେଦ ହେବା ପରେ ଆତଙ୍କବାଦକୁ ବଡ଼ ପ୍ରହାର ବାଜିଛି। ଏବେ ଭାରତରେ ଗୋଟିଏ ସମ୍ବିଧାନ, ପତାକା ଏବଂ ପ୍ରଧାନମନ୍ତ୍ରୀ ଅଛନ୍ତି। ଜମ୍ମୁ-କାଶ୍ମୀର ଉପରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ବିରୋଧୀ ଦଳଙ୍କ ବଡ଼ ପରାଜୟ। ଧାରା ୩୭୦ ଉଚ୍ଛେଦ ନିଷ୍ପତ୍ତି ସାମ୍ବିଧାନିକ। ପିଓକେ ଭାରତର ଅଂଶ ଅଛି। କେହି ଭାରତର ଇଞ୍ଚେ ଜମି ମଧ୍ୟ ନେଇପାରିବେ ନାହିଁ। ପ୍ରଶ୍ନ ଉଠାଉଥିବା ଲୋକଙ୍କୁ ଜବାବ ମିଳିଯାଇଛି। ଜମ୍ମୁ-କାଶ୍ମୀର ଲୋକଙ୍କ ଅଧିକାରକୁ ୩ ପରିବାର ଅଟକାଇ ରଖିଥିଲେ। ଯଦି ଧାରା ୩୭୦ ଉଚିତ ଏବଂ ଆବଶ୍ୟକ ଥିଲା, ତେବେ ନେହେରୁ ଏହା ଆଗରେ ଅସ୍ଥାୟୀ କାହିଁକି ବ୍ୟବହାର କରୁଥିଲେ। ଜମ୍ମୁ-କାଶ୍ମୀର ଦାୟିତ୍ୱ ପଣ୍ଡିତ ଜବାହାରଲାଲ ନେହରୁଙ୍କୁ ଦିଆଯାଇଥିବାରୁ ବିଲୟରେ ବିଳମ୍ବ ହୋଇଥିଲା। ଯଦି କାଶ୍ମୀରରେ ଅଚାନକ ଯୁଦ୍ଧ ବିରତି ହୋଇ ନ ଥାନ୍ତା ତେବେ ପିଓକେ ଯାଇ ନ ଥାନ୍ତା। ବଡ଼ ଲୋକଙ୍କ ଦ୍ୱାରା ମଧ୍ୟ ଭୁଲ୍ ହୋଇଯାଏ। ପୁଣିଥରେ ଆପଣମାନେ ଫେରି ଆସନ୍ତୁ। ନଚେତ ଯେତିକି ଅଛନ୍ତି ସେତିକି ବି ରହିବେ ନାହିଁ।

---

## ଅଯୋଧ୍ୟାରେ ରାମଲଲାଙ୍କ ପ୍ରାଣ-ପ୍ରତିଷ୍ଠା

# ୧୫୦୦ ବର୍ଷ ପରେ ହେଉଛି ଭବ୍ୟ ଅନୁଷ୍ଠାନ

**ଅଯୋଧ୍ୟା, ୧୧।୧୨ (ଏଜେନ୍ସି)**

ଜାନୁଆରୀ ୨୨ରେ ନୂତନ ମନ୍ଦିରରେ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା ହେବ। ଏଥିପାଇଁ ଅଯୋଧ୍ୟା ସହିତ ସାରା ଦେଶରେ ଜୋରସୋର୍‌ରେ ପ୍ରସ୍ତୁତି ଚାଲିଛି। ଏହି ଉତ୍ସବକୁ ଭବ୍ୟ ବନାଇବା ପାଇଁ ସମସ୍ତ ପ୍ରକାରର ଆୟୋଜନ କରାଯାଉଛି। ଏହି

ରାଜା ହର୍ଷବର୍ଦ୍ଧନଙ୍କ ପରେ ହୋଇନାହିଁ ଏପରି ପୂଜା

୬୦ ଘଣ୍ଟାର ମନ୍ତ୍ରୋଚାର ପରେ ବିରାଜିବେ ରାମଲଲା

ପ୍ରତିଷ୍ଠା ଉତ୍ସବରେ ୧୨୧ ବୈଦିକ ତଥା କର୍ମକାଣ୍ଡ ବ୍ରାହ୍ମଣ ଯୋଗଦେବେ। ଏହା ଭାରତର ସବୁଠାରୁ ବଡ଼ ଧାର୍ମିକ ଅନୁଷ୍ଠାନ ହେବ। କାଶୀର ପଣ୍ଡିତ ଲକ୍ଷ୍ମୀକାନ୍ତ ମଥୁରାଦାସ ଦୀକ୍ଷିତଙ୍କ ନେତୃତ୍ୱରେ ୫୦





ବ୍ରାହ୍ମଣଙ୍କ ଦଳ ଜାନୁଆରୀ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ଅଯୋଧ୍ୟାରେ ରହିବେ। ପ୍ରାଣ-ପ୍ରତିଷ୍ଠା ପୂର୍ବରୁ ୬୦ ଘଣ୍ଟା ପର୍ଯ୍ୟନ୍ତ ଯଜ୍ଞ, ୪ ବେଦର ପାରାୟଣ ଏବଂ କର୍ମକାଣ୍ଡ ପାଠ କରାଯିବ। ଶୋଭାଯାତ୍ରା, କଳସ ପୂଜନ, କଳସ ଯାତ୍ରା, ଅଧିବାସ, ନ୍ୟାୟ ପୂଜା ମଧ୍ୟ ହେବ। ୨୨ ତାରିଖ ସକାଳେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପସ୍ଥିତିରେ ରାମଲଲାଙ୍କ ପ୍ରାଣ-ପ୍ରତିଷ୍ଠା ହେବ।

୧୫୦୦ ବର୍ଷ ପରେ ଦେଶରେ ଏଭଳି ଭବ୍ୟ ଅନୁଷ୍ଠାନ ଦେଖିବାକୁ ମିଳିବ ବୋଲି କାଶୀର ବୈଦିକ ବ୍ରାହ୍ମଣ ତଥା ଇତିହାସକାରମାନେ କହିଛନ୍ତି। କନୌଜର ମହାନ ହିନ୍ଦୁ ଶାସକ ହର୍ଷବର୍ଦ୍ଧନଙ୍କ କାଳରେ ପ୍ରୟାଗରେ ଦାନ-ପୁଣ୍ୟ ପରେ ଭବ୍ୟ ଯଜ୍ଞାନୁଷ୍ଠାନ ହେଉଥିବା ଶୁଣିବାକୁ ଏବଂ ପଢ଼ିବାକୁ ମିଳୁଛି। ହର୍ଷବର୍ଦ୍ଧନଙ୍କ ବାଂଶଖେଡା ଅଭିଲେଖରେ ଏହାର ପ୍ରମାଣ ରହିଛି। ଏହା ପରେ ଏପରି ଭବ୍ୟ ଅନୁଷ୍ଠାନର କୌଣସି ପ୍ରମାଣ ମିଳିନାହିଁ। ଅନେକ ବର୍ଷ ପରେ ଏଭଳି ବଡ଼ ଧାର୍ମିକ ଅନୁଷ୍ଠାନ ହେବାକୁ ଯାଉଛି। କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ)ର ଇତିହାସ ଏବଂ ପ୍ରତ୍ନତତ୍ତ୍ୱ ବିଭାଗର ପ୍ରଫେସର ଅଶୋକ କୁମାର ସିଂହଙ୍କ ଅନୁଯାୟୀ ୧୧ଶ ଶତାବ୍ଦୀ ପରେ ଦେଶରେ ଇସ୍‌ଲାମର ପ୍ରଭାବ ରହିଥିଲା। ସେବେଠାରୁ ଦେଶରେ କୌଣସି ବଡ଼ ଧାର୍ମିକ ଅନୁଷ୍ଠାନ ହୋଇନାହିଁ। ସେହିପରି ହର୍ଷବର୍ଦ୍ଧନଙ୍କ ପରେ ୭ମରୁ ୧୧ଶ ଶତାବ୍ଦୀ ପର୍ଯ୍ୟନ୍ତ ଛୋଟବଡ଼ ଅନୁଷ୍ଠାନ ହେଉଥିଲା।

### ସୁପ୍ରିମକୋର୍ଟ ଗଲେ ମହୁଆ

**ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି):** ବହିଷ୍କୃତ ଟିଏମ୍‌ସି ସାଂସଦ ମହୁଆ ମୋଇତ୍ର ସୋମବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଟଙ୍କା ନେଇ ପ୍ରଶ୍ନ ପଚାରିବା ମାମଲାରେ ଲୋକସଭାରୁ ବହିଷ୍କାରକୁ ସେ ବିରୋଧ କରିଛନ୍ତି। ସେ ବ୍ୟବସାୟୀ ଦର୍ଶନ ହୀରାନନ୍ଦାନିଙ୍କଠାରୁ ଟଙ୍କା ଏବଂ ମହଙ୍ଗା ଉପହାର ନେଇ ନିମ୍ନ ସଦନରେ ପ୍ରଶ୍ନ ପଚାରି ଥିଲେ। ସଂସଦର ଲଗ୍-ଇନ ଆଇଡି ଏବଂ ପାସୱାର୍ଡ ମଧ୍ୟ ଦେଇଥିଲେ ବୋଲି ବିଜେପି ସାଂସଦ ନିଶିକାନ୍ତ ଦୁବେ ଅଭିଯୋଗ କରିଥିଲେ। ପରେ ବାଚସ୍ପତି ଓମ୍ ବିର୍ଲା ସଦାଚାର କମିଟି(ଏଥିକ୍ସ କମିଟି)କୁ ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

### ସଞ୍ଜୟଙ୍କ ହାଜତ ମିଆଦ ବୃଦ୍ଧି

**ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି):** ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ଗିରଫ ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଏବଂ ଆମ୍ ଆଦମୀ ପାର୍ଟି (ଆପ୍) ସାଂସଦ ସଞ୍ଜୟ ସିଂହଙ୍କ ହାଜତ ମିଆଦକୁ କୋର୍ଟ ବୃଦ୍ଧି କରିଦେଇଛନ୍ତି। ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ ସୋମବାର ସିସୋଦିଆଙ୍କ ନ୍ୟାୟିକ ହେପାଜତ ସୀମାକୁ ଜାନୁଆରୀ ୧୦ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ଏହି ସମୟ ମଧ୍ୟରେ ଅତିରିକ୍ତ ପ୍ରମାଣ ଦାଖଲ କରିବାକୁ ଇଡିକୁ ନିର୍ଦ୍ଦେଶ ଦେଇଛନ୍ତି।

### ହେମନ୍ତ ସୋରେନଙ୍କୁ ଇଡିର ଷଷ୍ଠ ସମନ

**ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି):** ଜମି ଦୁର୍ନୀତି ସମ୍ବନ୍ଧିତ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଷଷ୍ଠ ସମନ ଜାରି କରିଛି।ପଚରାଉଚୁରା ପାଇଁ ମଙ୍ଗଳବାର ରାଞ୍ଚି ସ୍ଥିତ କାର୍ଯ୍ୟାଳୟରେ ହାଜର ହେବାକୁ କୁହାଯାଇଛି। ମନି ଲଣ୍ଡରିଂ ନିରୋଧି ଆଇନ ଅନୁଯାୟୀ ସୋରେନଙ୍କ ବୟାନ ରେକର୍ଡ କରାଯିବ। ଏହା ପୂର୍ବରୁ ଏଜେନ୍ସି ଅକ୍ଟୋବର ୪ ତାରିଖରେ ସୋରେନଙ୍କୁ ପଞ୍ଚମ ସମନ ଜାରି କରିଥିଲା। ତେବେ ସେ କୌଣସି ଥର ଏଜେନ୍ସି ନିକଟରେ ହାଜର ହୋଇ ନାହାନ୍ତି। ଇଡି ସମନ ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଉଚ୍ଚ ନ୍ୟାୟାଳୟ ଯାଇଥିଲେ। ସେ ଗିରଫରୁ ସୁରକ୍ଷା ଏବଂ ସମନକୁ ବେଆଇନ ସାବ୍ୟସ୍ତ କରିବାକୁ ନିବେଦନ କରିଥିଲେ। ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ରାଜ୍ୟକୁ ଅସ୍ଥିର କରିବା ପାଇଁ ମିଛ ଅଭିଯୋଗ ଲଗାଯାଇଛି ବୋଲି କହିଥିଲେ। ତେବେ ଉଭୟ କୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଇଡି ଏହି ମାମଲାରେ ଅଗଷ୍ଟ ୧୪ ତାରିଖରେ ତାଙ୍କୁ ପ୍ରଥମ ସମନ ଜାରି କରିଥିଲା।

### ଭୂଟାନ କବ୍‌ଜା ପାଇଁ ଚୀନ୍‌ର ଉଦ୍ୟମ

**ୱାଶିଂଟନ, ୧୧।୧୨ (ଏଜେନ୍ସି):** ଚୀନ ଭୁଟାନର ଉତ୍ତରାଞ୍ଚଳରେ ଦ୍ରୁତଗତିରେ ଭିତ୍ତିଭୂମି ବିକଶିତ କରୁଛି। ଉପଗ୍ରହ ଚିତ୍ରରୁ ଏହି ସୂଚନା ମିଳିଛି। 'ୟୁନିଭର୍ସିଟି ଅଫ୍ ଲଣ୍ଡନ'ର ପ୍ରଫେସର ରବର୍ଟ ବାର୍ଣ୍ଣେଟ କହିଛନ୍ତି ଯେ ଚୀନ୍ ଉତ୍ତର ଭୁଟାନକୁ କବ୍‌ଜା କରିବାକୁ ଚାହୁଁଛି। ଆଗାମୀ ଦିନରେ ଉତ୍ତର ଭୁଟାନର ଜାକରଲୁଙ୍ଗ ଘାଟୀ ଚୀନ୍ ହାତକୁ ଯାଇପାରେ। ଆମେରିକାର ମାକ୍ସାର ଟେକ୍ନୋଲୋଜି ଜାରି କରିଥିବା ଉପଗ୍ରହ ଚିତ୍ରରୁ ଗତ ୨ ବର୍ଷ ହେଲା ଚୀନ୍ ଜାକରଲୁଙ୍ଗ ଘାଟୀରେ ନିର୍ମାଣକାର୍ଯ୍ୟ ଚଳାଇଥିବା ଦେଖିବାକୁ ମିଳୁଛି। ଏଠାରେ ଲୋକ ରହିବା ପାଇଁ ୧୨୯ କୋଠା ବନାଯାଇଛି। ଚୀନ୍ ଭୁଟାନରେ ୨ଟି ବଡ଼ ଗାଁ ନିର୍ମାଣ କରୁଛି ବୋଲି ଏଥିରୁ ସ୍ପଷ୍ଟ ହେଉଛି।




- RNI REGD NO: 42041/83
- www.sakalaepaper.com
- /thesakalanews
- /TheSakala
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-167 ♦BHUBANESWAR ♦TUESDAY ♦12 DECEMBER 2023 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୧୬୭ ♦ଭୁବନେଶ୍ୱର ♦ମଙ୍ଗଳବାର ♦୧୨ ଡିସେମ୍ବର ୨୦୨୩ ♦ପୃଷ୍ଠା-୧୬ ♦ଟ.୬.୦୦


### କେନ୍ଦ୍ର ନିଷ୍ପତ୍ତି ସୁପ୍ରିମକୋର୍ଟରେ କାଏମ୍

# '୩୭୦' ଉଚ୍ଛେଦ ବୈଧ

■ **ନୂଆଦିଲ୍ଲୀ,୧୧।୧୨(ଏଜେନ୍ସି):** ଜମ୍ମୁ-କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ପ୍ରସଙ୍ଗରେ ସୁପ୍ରିମକୋର୍ଟ ସୋମବାର ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି।

୨୦୧୯ରେ କେନ୍ଦ୍ର ସରକାର ଯେଉଁ ପଦକ୍ଷେପ ଗ୍ରହଣ କରିଥିଲେ ସୁପ୍ରିମକୋର୍ଟ ତାହାକୁ କାଏମ ରଖିବା ସହ ଧାରା ୩୭୦ ଉଚ୍ଛେଦ ବୈଧ ବୋଲି କହିଛନ୍ତି। ପ୍ରଧାନବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ସପକ୍ଷରେ ରାୟ ଦେଇଛନ୍ତି।




**ସମ୍ବିଧାନରେ ଧାରା ୩୭୦ ଏକ ଅସ୍ଥାୟୀ ବ୍ୟବସ୍ଥା ଥିଲା: ସୁପ୍ରିମକୋର୍ଟ**

**ଜମ୍ମୁ-କାଶ୍ମୀରକୁ ରାଜ୍ୟ ପାହ୍ୟା ସହ ନିର୍ବାଚନ କରିବାକୁ ନିର୍ଦ୍ଦେଶ**

**ମାନବାଧିକାର ଉଲ୍ଲଂଘନ ଅଭିଯୋଗର ତଦନ୍ତ ପାଇଁ କମିସନ ଗଠନ**

ସୂଚନାଯୋଗ୍ୟ, ୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଏହି ଧାରା ଉଚ୍ଛେଦ କରିବା ପରେ କେନ୍ଦ୍ରର ଏହି ନିଷ୍ପତ୍ତିକୁ କଂଗ୍ରେସ ସମେତ ଅନ୍ୟ ବହୁ ରାଜନୈତିକ ଦଳ ପକ୍ଷରୁ ବିରୋଧ କରାଯାଇଥିଲା। ପରେ ପରେ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ମାମଲା ମଧ୍ୟ ଦାଏର ହୋଇଥିଲା। ଏ ସଂପର୍କିତ ଆଗତ ଏକାଧିକ ମାମଲାର ଏକତ୍ର ଶୁଣାଣି କରି ଦେଶର ସର୍ବୋଚ୍ଚ ଅଦାଲତ ତାଙ୍କ ରାୟ ସଂରକ୍ଷିତ ରଖିଥିଲେ। ଆଜି ଏହି ମାମଲାର ରାୟ ପ୍ରକାଶ କରି ସୁପ୍ରିମକୋର୍ଟ କହିଛନ୍ତି ଯେ, ସମ୍ବିଧାନର ଧାରା ୩୭୦ ଏକ ଅସ୍ଥାୟୀ ବ୍ୟବସ୍ଥା ଥିଲା। ପାକିସ୍ତାନ ସହ ଯୁଦ୍ଧ ସମୟରେ ଜମ୍ମୁ-କାଶ୍ମୀର ସହ ସମନ୍ୱୟ ରଖିବା ଉଦ୍ଦେଶ୍ୟରେ ଏହି ଧାରାକୁ ଉପଯୋଗ କରି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦିଆଯାଇଥିଲା। ଜମ୍ମୁ-କାଶ୍ମୀରରୁ ଧାରା ୩୭୦ ପ୍ରତ୍ୟାହାର କରିବା ନେଇ ରାଷ୍ଟ୍ରପତି ଯେଉଁ ବିଜ୍ଞପ୍ତି ଜାରି କରିଥିଲେ ତାହା ବୈଧ। ତେଣୁ ଏହି ଧାରାର ପ୍ରତ୍ୟାହାରକୁ ନେଇ କୌଣସି ଦ୍ୱନ୍ଦ୍ୱ ନ ରହିବା ଉଚିତ। ଏହାବ୍ୟତୀତ ସାର୍ବଭୌମତ୍ୱ ଦୃଷ୍ଟିରୁ ଜମ୍ମୁ- କାଶ୍ମୀରକୁ ସ୍ୱତନ୍ତ୍ର ଭାବେ ବିଚାର କରିବାର ଆବଶ୍ୟକତା ନାହିଁ କିମ୍ବା ଏହାର ଆଭ୍ୟନ୍ତରୀଣ ସ୍ୱତନ୍ତ୍ରତା ଦେଶର ଅନ୍ୟ ରାଜ୍ୟମାନଙ୍କ ଠାରୁ ବି ପୃଥକ ହେବା ଉଚିତ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ତେବେ ଜମ୍ମୁ-କାଶ୍ମୀରକୁ ରାଜ୍ୟ ପାହ୍ୟା ସହିତ ୨୦୨୪ ସେପ୍ଟେମ୍ବର ଶେଷ ସୁଦ୍ଧା ଏଠାରେ ନିର୍ବାଚନ କରାଇବାକୁ ନିର୍ବାଚନ କମିସନଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ୧୯୮୦ ମସିହା ପରେ ଏଠାରେ ମାନବାଧିକାର ଉଲ୍ଲଙ୍ଘନ ହୋଇଛି କି ନାହିଁ ▶ପୃଷ୍ଠା-୯

# 'କଳିଙ୍ଗ'ରେ ଦେଶର ସର୍ବବୃହତ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର

### ରାଜ୍ୟ କ୍ରୀଡ଼ା ଇତିହାସରେ ନୂଆ ମାଇଲଖୁଣ୍ଟ




**କ୍ରୀଡ଼ା ଓ ବିଜ୍ଞାନର ସମ୍ମିଶ୍ରଣରେ ଆମର କ୍ରୀଡ଼ାବିତ୍ ବିଶ୍ୱବିଜୟୀ ହେବେ: ମୁଖ୍ୟମନ୍ତ୍ରୀ**

■ **ଭୁବନେଶ୍ୱର, ୧୧।୧୨(ସମିସ):** କ୍ରୀଡ଼ା ବିକାଶ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି କଳିଙ୍ଗ ଷ୍ଟାଡିୟମ୍ ପରିସରରେ ଦେଶର ସର୍ବବୃହତ କ୍ରୀଡ଼ା ବିଜ୍ଞାନ କେନ୍ଦ୍ରର ଲୋକାର୍ପଣ କରିଛନ୍ତି। ଭାରତର ପ୍ରଥମ ବ୍ୟକ୍ତିଗତ ବର୍ଗରେ ଅଲିମ୍ପିକ୍ ପଦକ ବିଜେତା ଅଭିନବ ବିନ୍ଦ୍ରାଙ୍କ ସହଭାଗିତାରେ ଏହି କ୍ରୀଡ଼ା ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଏଠାରେ ଗୋଟିଏ ଛାତ ତଳେ କ୍ରୀଡ଼ାବିତ୍‌ଙ୍କର ବିବିଧ ଆବଶ୍ୟକତା ପୂରଣ ପାଇଁ ଇଞ୍ଜୁରୀ ମ୍ୟାନେଜମେଣ୍ଟ, ପୁର୍ନବସନ, ଉପସମ ଏବଂ ପ୍ରଦର୍ଶନ ବୃଦ୍ଧି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଏଠାରେ ସ୍ୱତନ୍ତ୍ର ଲ୍ୟାବ୍ ରହିଛି ଯେଉଁଠାରେ ଆଥଲେଟ୍ ମାନଙ୍କ ଆବଶ୍ୟକତା ପୂରଣ କରାଯିବା ସହିତ ଶ୍ରେଷ୍ଠ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ ପାଇଁ ସେମାନେ ସକ୍ଷମ ହେବେ।

କ୍ରୀଡ଼ା ବିଜ୍ଞାନ କେନ୍ଦ୍ର ଲୋକାର୍ପଣ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ ଦିଗରେ ଆମ ପ୍ରତିବଦ୍ଧତାର ନିଦର୍ଶନ ହେଉଛି ଏହି କ୍ରୀଡ଼ା ବିଜ୍ଞାନ କେନ୍ଦ୍ର। କ୍ରୀଡ଼ା ବିକାଶରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। କ୍ରୀଡ଼ା ଓ ବିଜ୍ଞାନର ସମିଶ୍ରଣରେ ଆମର କ୍ରୀଡ଼ାବିତ୍ ବିଜୟୀ ଭାବନା ସହ ପ୍ରଦର୍ଶନ କରିବେ। ଅତ୍ୟାଧୁନିକ ଉପକରଣ ଏବଂ ବିଶେଷଜ୍ଞଙ୍କ ସହାୟତାରେ ଏହି କେନ୍ଦ୍ର ଆମର ଆଥଲେଟ୍ ମାନଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରସ୍ତୁତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ▶ପୃଷ୍ଠା-୯

# ଓଡ଼ିଶାରେ ବିଜେପି-କଂଗ୍ରେସ ଚୋରା ପୀରତି: ବିଜେଡି

**କେନ୍ଦ୍ର ବିଜେପି କଂଗ୍ରେସକୁ କହିଛି ଦୁର୍ନୀତିର ଗନ୍ତାଘର**

**ରାଜ୍ୟରେ କଂଗ୍ରେସକୁ ଘୋଡ଼ାଉଛନ୍ତି ଓଡ଼ିଶା ବିଜେପି ନେତା**



■ **ଭୁବନେଶ୍ୱର, ୧୧।୧୨(ସମିସ):** ଗୋଟିଏ ରାଜନୈତିକ ଦଳ ସହ ସମ୍ପୃକ୍ତ ନେତାଙ୍କ ଘରୁ ପୁଳା ପୁଳା ଟଙ୍କା ଆଦାୟ ହୋଇଛି। ଏହାକୁ ନେଇ କେନ୍ଦ୍ରୀୟ ବିଜେପି ନେତା କଂଗ୍ରେସ୍‌କୁ ଦୋଷାରୋପ କରିଛନ୍ତି। ବିଜେପିର କେନ୍ଦ୍ରୀୟ ନେତା କଂଗ୍ରେସ୍‌କୁ ଦୁର୍ନୀତିର ଗନ୍ତାଘର ବୋଲି କହୁଛନ୍ତି। କିନ୍ତୁ ଓଡ଼ିଶାରେ ବିଜେପି ନେତାମାନେ ଭିନ୍ନ ଦୁନିଆରେ ରହିଥିବା ଦେଖାଯାଉଛି। ରାଜ୍ୟରେ ବିଜେପି ନେତା କଂଗ୍ରେସ ବିରୋଧରେ ତୁଣ୍ଡ ନ ଖୋଲିବା ଅଲଗା ସମୀକରଣ ଦିଗକୁ ଇଙ୍ଗିତ କରୁଛି। ବିଜେପିର ଏପରି ଦୋମୁହାଁ ଆଚରଣକୁ କଟୁ ସମାଲୋଚନା କରିଛି ବିଜେଡ଼ି। ରାଜ୍ୟ ବିଜେପି ନେତାମାନେ ନିଜର ଆଭିମୁଖ୍ୟ ଓଡ଼ିଶାବାସୀଙ୍କ ସମ୍ମୁଖରେ ସ୍ପଷ୍ଟ କରନ୍ତୁ ବୋଲି ବିଜେଡ଼ି ଆହ୍ୱାନ ଦେଇଛି।

ଆଜି ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ଦୁଇ ମୁଖପାତ୍ର ଡକ୍ଟର ଲେନିନ୍ ମହାନ୍ତି ଏବଂ ସୋଫିଆ ଆଲାମ୍ କହିଛନ୍ତି, ବିଭାଗର ଚଢାଉରୁ ୩୦୦ କୋଟି ଟଙ୍କା ମିଳିବାପରେ କେନ୍ଦ୍ରୀୟ ବିଜେପି ନେତୃତ୍ୱ କଂଗ୍ରେସକୁ ଦୁର୍ନୀତିର ଗନ୍ତାଘର କହି ସମାଲୋଚନା କରୁଛନ୍ତି। ମଦ ବ୍ୟବସାୟ ତଥା ଝାଡଖଣ୍ଡରୁ କଂଗ୍ରେସ ରାଜ୍ୟସଭା ସାଂସଦ ଧୀରଜ ସାହୁଙ୍କ ବ୍ୟବସାୟିକ ପ୍ରତିଷ୍ଠାନରୁ ବିପୁଳ ଅର୍ଥ ଜବତ ହୋଇଥିବା ଜାତୀୟ ବିଜେପି ନେତାମାନେ ସ୍ପଷ୍ଟ ଭାବରେ କହୁଛନ୍ତି। ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା, କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ, ଅନୁରାଗ ସିଂହ ଠାକୁର, ରାଷ୍ଟ୍ରୀୟସ୍ତରର ନେତା ଜି.କିଷାନ ରେଡ୍ଡୀ, ଅମିତ ମାଳବ୍ୟ ପ୍ରମୁଖ ▶ପୃଷ୍ଠା-୯




# ଯୁବ ଓଡ଼ିଶା, ନବୀନ ଓଡ଼ିଶା ଉଦ୍‌ଘାଟିତ



**ଅନୁଗୋଳ, ୧୧।୧୨(ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଓଡ଼ିଶା ଦ୍ୱାରା ପ୍ରାୟୋଜିତ ପ୍ରତିଭା ଅନ୍ୱେଷଣ ଲକ୍ଷ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ କ୍ରୀଡା ସମ୍ପର୍କିତ ପ୍ରତିଯୋଗିତା ସହିତ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସୋମବାର ଠାରୁ ଆସନ୍ତା ୧୬ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ଓଡ଼ିଶାର ବିକାଶ ଦିଗରେ ବିଦ୍ୟାର୍ଥୀଙ୍କୁ ଅନୁପ୍ରାଣିତ ଓ ପ୍ରତିଭାବାନ କରି ଗଢି ତୋଳିବା ପାଇଁ ନୂଆ ଓଡ଼ିଶା ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ ଯୋଗ ଦେଇ ବିଦ୍ୟାର୍ଥୀମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ଅନ୍ୱେଷଣ କରି ସମାଜ କଲ୍ୟାଣରେ ବ୍ରତୀ ହେବା ନିମନ୍ତେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବାକୁ ସମସ୍ତେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡ. ସତ୍ୟନାରାୟଣ ସିଂ ସାମନ୍ତ, ପ୍ରଦୀପ କୁମାର ପଣ୍ଡା, ରଞ୍ଜନ କୁମାର ବେହେରା ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

# ରତ୍ନମୁଦ ଉତ୍ସବ ନିମନ୍ତେ ପ୍ରସ୍ତୁତି



**ତାଳଚେର, ୧୧।୧୨(ସମିସ):** ତାଳଚେର ବ୍ଲକ ସୋଲଡ଼ା ଗ୍ରାମସ୍ଥିତ ବାବା ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ନବନିର୍ମିତ ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ ଚଳିତ ମାସ ୨୨ ତାରିଖରେ ଅନୁଷ୍ଠିତ ହେବ।

ଏହି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ବାଲୁଙ୍କେଶ୍ୱର ମନ୍ଦିରରେ ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥ ମନ୍ଦିର କମିଟିର ସଭାପତି ଜୀବନାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସୋଲଡା ଗ୍ରାମବାସୀ ଯୋଗଦାନ କରିଥିଲେ। ଚଳିତ ମାସ ୨୧ ତାରିଖରେ କଳସଯାତ୍ରା, ୨୨ ତାରିଖରେ ସୂର୍ଯ୍ୟପୂଜା, ବନଯାଗ, ଯଜ୍ଞ କାର୍ଯ୍ୟ ଆଦି ସମ୍ପନ୍ନ କରିବାକୁ ନିଷ୍ପତି ହୋଇଥିଲା। ତା'ସହିତ ବିଭିନ୍ନ ଗ୍ରାମର ନାମ ସଂକୀର୍ତ୍ତନ ଦଳକୁ ଏହି ଉତ୍ସବରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରାଯିବ ବୋଲି ସ୍ଥିର କରାଯାଇଥିଲା। ଏହି ଅବସରରେ ସମାଜସେବୀ ସାଗର ପ୍ରଧାନ ଜଗନ୍ନାଥ ମନ୍ଦିର ନିର୍ମାଣ ନିମନ୍ତେ ୧୧୫୫୫ ଟଙ୍କା ଦାନ କରିଥିଲେ। ବୈଠକରେ ସୋଲଡା ଗ୍ରାମ୍ୟ କମିଟି ସଭାପତି ଫିରୋଜ ପ୍ରଧାନ, ସମ୍ପାଦକ ତାପସ ଭୂକ୍ତା, ସୋଲଡା ଟ୍ରକ୍ ମାଲିକ ସଂଘର ସଭାପତି ବିମ୍ବାଧର ବେହେରାଙ୍କ ସମେତ ମନ୍ଦିର ପରିଚାଳନା ସମିତିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା



**ଅନୁଗୋଳ, ୧୧।୧୨(ସମିସ):** ସ୍ଥାନୀୟ ଗାନ୍ଧୀ ମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୭ତମ ବାର୍ଷିକ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ତିନିଦିନ ବ୍ୟାପି ହେବାକୁ ଥିବା ବାର୍ଷିକ କ୍ରୀଡ଼ାରେ ରାଜ୍ୟ ଫୁଟବଲ ଖେଳାଳି ବସନ୍ତ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। କ୍ରୀଡ଼ା ଦ୍ୱାରା କିଭଳି ଶାରୀରିକ ଓ ମାନସିକ ବିକାଶ ହୁଏ ସେ ସମ୍ବନ୍ଧରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। କ୍ରୀଡ଼ା ଉଦେଶ୍ୟରେ ଅନୁଗୋଳର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀଙ୍କ ଧର୍ମ ପୀଠରୁ ଶୁଭ ଜ୍ୟୋତି ଅଣାଯିବା ସହିତ କ୍ରୀଡ଼ା ଧ୍ୱଜା ବରଣ କରାଯାଇଥିଲା। ବିଦ୍ୟାଳୟ ଉପସଭାପତି ସନ୍ତୋଷ କୁମାର ମୋଦୀ, ସମ୍ପାଦକ ଧନେଶ୍ୱର ନାଏକ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ପ୍ରଧାନ, ସଂକୁଳ ପ୍ରମୁଖ ସାଧୁ ଚରଣ ପ୍ରଧାନ, ବିଦ୍ୱତ ପରିଷଦ କାର୍ଯ୍ୟକର୍ତ୍ତା ସଦାନନ୍ଦ ପରିଡ଼ା ପ୍ରମୁଖ ଉଦଘାଟନ ଉତ୍ସବରେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଯୋଗ ଓ ଶାରୀରିକ କଳା ପ୍ରଦର୍ଶିତ ହୋଇଥିଲା। ପ୍ରତିଯୋଗିତାରେ ଆଶୁତୋଷ ସାହୁ ପ୍ରଥମ, ସୁଶ୍ରୀ ବିଶ୍ୱାଳ ଦ୍ୱିତୀୟ, ଅମ୍ରିତ ସାମଲ ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ।

# ଧାର୍ଯ୍ୟ ସମୟରେ ହେଉନି ପଞ୍ଚାୟତ ସମିତି ବୈଠକ

**କିଶୋରନଗର ୧୧।୧୨(ସମିସ)**




କିଶୋରନଗର ପଞ୍ଚାୟତ ସମିତିରେ ୨ ବର୍ଷ ମଧ୍ୟରେ ୩ଟି ସମିତି ବୈଠକ ହୋଇଛି। ଯାହାକି ବିନା ସମିତି ବୈଠକରେ ଉନ୍ନୟନ କାର୍ଯ୍ୟରେ ବାଧା ଉପୁଜିବା ଯୋଗୁଁ ପ୍ରତିନିଧିଙ୍କ ମଧ୍ୟରେ ଉଦ୍‌ବେଗ କାରଣ ପାଲଟିଛି। ୨୦୨୧ ମାର୍ଚ୍ଚ ପରେ ନୂତନ କରି ନିର୍ବାଚିତ ପ୍ରତିନିଧିଙ୍କ ବୈଠକକୁ ଧରି ଆଜି ପର୍ଯ୍ୟନ୍ତ ନିୟମକୁ ଉଲ୍ଲଂଘନ କରି ବିଭିନ୍ନ ଆଳ ଦେଖାଇ ବ୍ଲକ ପ୍ରଶାସନ କାହା ଚାପରେ ପଡ଼ି ସମିତି ବୈଠକ କରୁନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ମେ ମାସଠାରୁ ଏପର୍ଯ୍ୟନ୍ତ ୬ ମାସ ବିତିଯାଇଥିଲେ ହେଁ ସମିତି ବୈଠକ

- ପ୍ରତିନିଧିଙ୍କ ମଧ୍ୟରେ ବଢୁଛି ଉଦ୍‌ବେଗ
- ୨ ବର୍ଷରେ ମାତ୍ର ୩ଟି ବୈଠକ

ଆଦୌ ବସିନାହିଁ। ଯାହାକି ବ୍ଲକର ସମସ୍ତ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି।

ସମିତି ବୈଠକ ହେଲେ ବ୍ଲକର କୃଷି, ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ, ମତ୍ସ୍ୟ, ଜଳସେଚନ, ପଞ୍ଚାୟତି ରାଜ ଓ ପାନୀୟଜଳ ବିଭାଗ, ସ୍ୱାସ୍ଥ୍ୟ, ବିଦ୍ୟୁତ୍ ଆଦି ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ନିଜ ବିଭାଗର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରି ବିଭିନ୍ନ ସମସ୍ୟାର ସମାଧାନ କରିଥାନ୍ତି। ସେହିପରି ସମିତି ଦ୍ୱାରା ହେଉଥିବା ଉନ୍ନୟନ କାମ ଗୁଡିକ ସମିକିରେ ଅନୁମୋଦନ ହୋଇଥାଏ। ସମିତି ବୈଠକ ନହୋଇ କେମିତି ଉନ୍ନୟନ କାର୍ଯ୍ୟ ହେଉଛି ବୋଲି ଅନେକ ପ୍ରତିନିଧି ଅଭିଯୋଗ ଆଣିଛନ୍ତି।

# ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ବାଲ୍ୟବିବାହ ବିରୋଧୀ ଶପଥପାଠ



**କିଶୋରନଗର, ୧୧।୧୨(ସମିସ):** ଅନୁଗୋଳ ଜିଲ୍ଲାପାଳଙ୍କ ଆଦେଶ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ପତ୍ର ଅନୁସାରେ ବିଶ୍ୱ ମାନବାଧିକାର ଦିବସ ଅବସରରେ ବାଲ୍ୟବିବାହ ପରି ସାମାଜିକ କୁପ୍ରଥାକୁ ଦୂର କରିବା ପାଇଁ ଏକ ଶପଥ ପାଠ କାର୍ଯ୍ୟକ୍ରମ ଡିସେମ୍ବର ୧୦ ଓ ୧୧ ତାରିଖ ଦୁଇଦିନ ଧରି ଜିଲ୍ଲାର ୮ଟି ବ୍ଲକର ସମସ୍ତ ଗ୍ରାମରେ ଅନୁଷ୍ଠିତ ହୋଇଛି। ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ସିଆରପି, ଏମବିକେ, ପଞ୍ଚାୟତ ସଦସ୍ୟ ସଦସ୍ୟା ଓ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାଙ୍କ ମିଳିତ ଉଦ୍ୟମରେ ସାମୂହିକ ଶପଥପାଠ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୫୦ ହଜାରରୁ ଅଧିକ ବ୍ୟକ୍ତି ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲା ବାଲ୍ୟ ବିବାହ ତଥା କିଶୋର ସଶକ୍ତିକାରଣ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ବେହେରାଙ୍କ ଭୂମିକା ମୁଖ୍ୟ ରହିଥିଲା। ଆକ୍ସେସ ଟୁ ଜଷ୍ଟିସ ପରିଯୋଜନାର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ସଂଯୋଜକ ବିଶ୍ୱଜିତ ଦଶ, କାଉନସିଲର ପୂଜା ସ୍ୱାଇଁ, ଏବଂ ବିଭିନ୍ନ ଗ୍ରାମରେ କାର୍ଯ୍ୟରତ ପ୍ରକଳ୍ପ ସହାୟକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଫୁଟବଲ୍ ମ୍ୟାଚ୍; ଝାରସୁଗୁଡ଼ା ବିଜୟୀ



**କୁଇଓ,୧୧।୧୨(ସମିସ):** ଜରାସିଂହା ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର୍ ଫୁଟବଲ୍ କ୍ଲବ୍ ଓ ଆଦର୍ଶ(ଓଏସ୍ଏପି ସେକେଣ୍ଡ ବାଟାଲିୟନ)ଝାରସୁଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଦର୍ଶ ୩-୦ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଜିନ୍ଦଲ୍ କମ୍ପାନୀ ସିଏସ୍ଆର୍‌ର ମୁଖ୍ୟ ଆଶୁତୋଷ ମିଶ୍ର, ସମ୍ମାନିତ ଅତିଥି ଭାବେ ଜିନ୍ଦଲ୍ କମ୍ପାନୀର କ୍ରୀଡା ଅଧିକାରୀ ତପନ୍ ମହାନ୍ତି, ଜରାସିଂହା କମିଟିର ଉପ ସଭାପତି ପ୍ରମୋଦ ସାହୁ, ତୁରଙ୍ଗ କ୍ରୀଡା କ୍ଲବ୍‌ର ସଭାପତି ପବିତ୍ର ମୋହନ ଦାସ୍, ଜରାସିଂହା ପୁରୁଣା ସାହି ପୂର୍ବତନ ସମ୍ପାଦକ ବସନ୍ତ ସାହୁ ଯୋଗଦାନ କରିଥିଲେ। ମ୍ୟାଚ୍‌ରେ ସହଯୋଗ କରିଥିଲେ ୟୁଥ୍ କ୍ଲବ୍ ସଭାପତି ଗାନ୍ଧୀ ସାହୁ, ଉପସଭାପତି ସୁଦର୍ଶନ ସ୍ୱାଇଁ, ସମ୍ପାଦକ ଚନ୍ଦନ ସ୍ୱାଇଁ, ସହସମ୍ପାଦକ ରତିକାନ୍ତ ସାହୁ, କୋଷାଧ୍ୟକ୍ଷ ରମାକାନ୍ତ ସ୍ୱାଇଁ, ମଦନ ମୋହନ ବିଶ୍ୱାଳ ଏବଂ କ୍ଲବର ଅନ୍ୟାନ୍ୟ ସଦସ୍ୟଗଣ। ମଙ୍ଗଳବାର ଝାରସୁଗୁଡ଼ା ଓ ସମ୍ବଲପୁର ମଧ୍ୟରେ ସେମିଫାଇନାଲ୍ ଅନୁଷ୍ଠିତ ହେବ।

# ମାଇକ୍ରୋ ଫାଇନାନ୍ସ ହେରଫେର୍‌କୁ ନେଇ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

**ତାଳଚେର ସଦର, ୧୧।୧୨(ସମିସ):** ଇଂ. ମନୋଜ ପ୍ରଧାନଙ୍କ ନେତୃତ୍ୱରେ ଆଜି ହାଜରରୁ ଅଧିକ ମହିଳା ହାଣ୍ଡିଧୂଆଁ ଠାରୁ ଏକ ଶୋଭାଯାତ୍ରାରେ ଆସି ତାଳଚେର ଉପଜିଲ୍ଲାପାଳ ମନୋଜ ତ୍ରିପାଠୀଙ୍କୁ ମାଇକ୍ରୋ ଫାଇନାନ୍ସରେ ଚାଲିଥିବା ହେରଫେର୍ ସଂକ୍ରାନ୍ତରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଛୋଟଛୋଟ ଘରୋଇ ଫାଇନାନ୍ସ(ମାଇକ୍ରୋ ଫାଇନାନ୍ସ)ଙ୍କ ଦ୍ୱାରା ଶୋଷିତ ହେଉଥିବା ମହିଳାମାନଙ୍କ ପ୍ରତି କୌଣସି ଦୃଷ୍ଟି ଦିଆଯାଉ ନାହିଁ। ମାଇକ୍ରୋ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କ ଦୁର୍ବ୍ୟବହାର, ଧମକ ଆଦି ମହିଳାଙ୍କ ପାଇଁ ଅତିଷ୍ଠ ହେଲାଣି। ତାଳଚେର ଅଞ୍ଚଳରେ ୩୦ରୁ ଉର୍ଦ୍ଧ୍ୱ ମାଇକ୍ରୋ ଫାଇନାନ୍ସ କମ୍ପାନୀ କାର୍ଯ୍ୟ କରୁଛନ୍ତି। ଏମାନେ କାହା ସ୍ୱାର୍ଥରେ କାହା ଦ୍ୱାରା ପରିଚାଳିତ ହେଉଛନ୍ତି ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ ଉଠାଇଛନ୍ତି। ସମସ୍ତ ଋଣଧାରୀଙ୍କ ସମ୍ପୂର୍ଣ୍ଣ ସୁଧଛାଡ଼ କରାଇ ଦୀର୍ଘ ମିଆଦି ଭିତିରେ ଋଣ ପରିଶୋଧର ବ୍ୟବସ୍ଥା କରାଯାଉ, କରୋନା ସମୟରେ ନେଇଥିବା ସମସ୍ତ ସୁଧ ପଇସାକୁ ଫେରସ୍ତ କରାଯାଉ, ମାଇକ୍ରୋ ଫାଇନାନ୍ସ କମ୍ପାନୀ ଉପରେ ଅଙ୍କୁଶ ଲଗାଯାଇ ରାଜ୍ୟ ସରକାରଙ୍କ ତରଫରୁ ନୋଡ଼ାଲ ଅଫିସର୍ ନିୟୋଜିତ କରାଯାଇ ସମସ୍ତ ଅଭିଯୋଗ ତଦନ୍ତ କରିବାକୁ ଦାବି କରାଯାଇଛି।

# ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର



**ଅନୁଗୋଳ, ୧୧।୧୨(ସମିସ):** ଆଜି ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଶିବିରରେ ଯୋଗ ଦେଇଥିଲେ। ୮୮ଟି ଅଭିଯୋଗରୁ ୮୩ଟି ବ୍ୟକ୍ତିଗତ ଓ ୫ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏବଂ ୨୭ଟି ଅଭିଯୋଗର ଫଇସଲା କରାଯାଇଥିଲା। ସେହିପରି ରେଡକ୍ରସ୍ ପାଣ୍ଠିରୁ ୮ ଜଣଙ୍କୁ ୪୦, ୦୦୦ ହଜାର ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଜଣଙ୍କୁ ୩୦, ୦୦୦ ହଜାର ଟଙ୍କା ଲେଖାଏଁ ଚିକିତ୍ସା ସହାୟତା ପ୍ରଦାନ କରାଯାଇଥିଲା। ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଅତିରିକ୍ତ ଜିଲ୍ଲାପାଳ ଉଦୟ ମହାପାତ୍ର, ଜିଲ୍ଲା ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ ସିଂହ, ଉପଜିଲ୍ଲାପାଳ ବରେନ୍ଦ୍ର ମହାନ୍ତିଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

# ଫଳ ଦୋକାନରୁ ଚୋରି

**ବଣ୍ଟରପାଳ, ୧୧।୧୨(ସମିସ):** ସ୍ଥାନୀୟ ୫୫ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଭାରତ ପେଟ୍ରୋଲ ପମ୍ପ ନିକଟରେ ଥିବା ଏକ ଫଳ ଦୋକାନରୁ ରବିବାର ରାତିରେ ଚୋରି ହୋଇଛି। ଏନେଇ ଦୋକାନୀ ବାମଦେବ ଭୁଟିଆ ଥାନାରେ ଲିଖିତ ଏତଲା କରିଛନ୍ତି। ଚୋରମାନେ ବିଳମ୍ବିତ ରାତିରେ ଦୋକାନରେ ପଶି ବିଭିନ୍ନ ପ୍ରକାରର ପ୍ରାୟ ୪ ହଜାର ଟଙ୍କାର ଫଳ ସହ ମାପଯନ୍ତ୍ର ନେଇ ଯାଇଛନ୍ତି। ଦୋକାନୀ ବାମଦେବଙ୍କ ସୂଚନା ଅନୁଯାୟୀ, ପୂର୍ବରୁ ଚୋରମାନେ ଦୁଇଥର ଦୋକାନରୁ ଚୋରୀ କରିଥିଲେ। ଅଭିଯୋଗ ପରେ ପୁଲିସ ତଦନ୍ତ ପ୍ରକ୍ରିୟା ଜୋରଦାର କରିଛି।

# ଆନ୍ତର୍ଜାତିକ ପର୍ବତ ଦିବସ ପାଳିତ

**ଅନୁଗୋଳ, ୧୧।୧୨(ସମିସ):** ଓଡ଼ିଶା କୃଷକ ସମନ୍ୱୟ ସମିତି, ଅନୁଗୋଳ ତଥା ଅବୈତନିକ ଜୀବଜନ୍ତୁ କଲ୍ୟାଣ ପ୍ରତିନିଧି ରବୀନ୍ଦ୍ର ନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଗୋଳ ଠାରେ ଆନ୍ତର୍ଜାତିକ ପର୍ବତ ଦିବସ ପାଳିତ ହୋଇଯାଇଛି। ଇତ୍ୟବସରରେ ଏକ ସଚେତନତା ଶୋଭାଯାତ୍ରା ଓ ଆଲୋଚନାସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆଲୋଚିତ ହୋଇଥିଲା ୨୦୦୩ ମସିହାଠାରୁ ଡିସେମ୍ବର ୧୧ ତାରିଖକୁ ଆନ୍ତର୍ଜାତିକ ପର୍ବତ ଦିବସ ମିଳିତ ଜାତିସଂଘଙ୍କ ଅନୁମୋଦନକ୍ରମେ ଏହି ଦିବସ ପାଳିତ ହୋଇଆସୁଛି। ଏହି ବର୍ଷ ରିଷ୍ଟୋର ମାଉଣ୍ଟେନ୍ ଇକୋ ସିଷ୍ଟମ୍ ଉପରେ ସଚେତନତା କରାଇବା ପାଇଁ ମିଳିତ ଜାତିସଂଘ ତରଫରୁ ବାର୍ତ୍ତା ଦିଆଯାଇଛି ଏବଂ ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଲା ବିଶ୍ୱରେ ସମସ୍ତ ରାଷ୍ଟ୍ରରେ ଥିବା ପର୍ବତମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଜନସଚେତନତା ସୃଷ୍ଟି କରିବା। ପୃଥିବୀରେ ୯୧୫ ମିଲିୟନ ପର୍ବତ ଘେରି ରହିଛି ଯାହା ଆମ ପୃଥିବୀ ଆୟତନର ୧୩ ଭାଗ। ପର୍ବତମାନଙ୍କର ମଧ୍ୟରେ ଉଚ୍ଚତମ ହିମାଳୟ, ଦୀର୍ଘତମ ଆଣ୍ଡିଜ୍, ଉଚ୍ଚତମ ଶୃଙ୍ଗ ଏଭେରେଷ୍ଟ ଛଡା ପୃଥିବୀରେ ଅନେକ ଶୃଙ୍ଗକୁ ଟପିଯିବା ଭଳି ଶୃଙ୍ଗ ହିମାଳୟରେ ୪୦ରୁ କମ୍ ନାହିଁ। ପୃଥିବୀର ପ୍ରାୟ ଏକ ବିଲିନିୟନ ଲୋକ ପାର୍ବତ୍ୟ ଅଞ୍ଚଳରେ ବାସ କରନ୍ତି। ୨୫% ସ୍ଥଳଚର ପ୍ରାଣୀ ତଥା ଉଦ୍ଭିଦ ପାର୍ବତ୍ୟ ଅଞ୍ଚଳରେ ଦୃଷ୍ଟିଗୋଚର ହୁଅନ୍ତି। ପର୍ବତ ଶ୍ରେଣୀଗୁଡିକରୁ ସୃଷ୍ଟି ହୋଇଥିବା ଜଳଧାରା ଯୋଗୁଁ ଭୂପୃଷ୍ଠର ଅର୍ଦ୍ଧେକ ଲୋକ ପାନୀୟ ଜଳ ପାଇଥାନ୍ତି। ମାତ୍ର ସାରା ପୃଥିବୀରେ ପର୍ବତଗୁଡିକ ଆଜି ସଂକଟାପନ୍ନ ଅବସ୍ଥାରେ ରହିଛି। ପର୍ବତରୁ ଅବିଚାରିତ ଗଛକଟା, ମୃତ୍ତିକା କ୍ଷୟ ଓ ଖଣିଖାଦାନ ଦ୍ୱାରା ପର୍ବତ ଆଜି ତାର ସତ୍ତା ହରାଇବାକୁ ବସିଲାଣି। ପର୍ବତର ଏପରି ପରିସ୍ଥିତି ଜଳବାୟୁ ପରିବର୍ତ୍ତନ ଉପରେ ମଧ ପ୍ରଭାବ ପକାଉଛି। ପୃଥିବୀର ୮୦ଭାଗ ସୁଦ୍ଧ ଜଳ ପର୍ବତଠାରୁ ମିଳିଥାଏ। ପୃଥିବୀର ୧୫ରୁ ୨୦ଭାଗ ଲୋକ ପର୍ବତକୁ ପରିଭ୍ରମଣରେ ଆସି ଏହାର ସାଂସ୍କୃତିକ ଜୈବବିବିଧତା ଉପରେ ଜ୍ଞାନ ଆହରଣ କରିଥାନ୍ତି। ଏଣୁ ଆଜିର ଦିବସରେ ପର୍ବତର ସୁରକ୍ଷା ପାଇଁ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ସଂସ୍ଥା ତରଫରୁ ପ୍ରୟାସ।

# ବିଷ୍ଣୁ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି



**କଣିହାଁ, ୧୧।୧୨(ସମିସ):** କଣିହାଁ ପଞ୍ଚାୟତ ଟୋଲବେଡା ଗ୍ରାମକୁ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଗସ୍ତ କରି ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିଛନ୍ତି।

ଏହି ଅବସରରେ ସେ ଟୋଲବେଡା ଗ୍ରାମରେ ନବନିର୍ମିତ ଚେମିଣିଘଟି ପାହାଡ ଗୁମ୍ଫା ସ୍ଥିତ ବିଷ୍ଣୁ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଗ୍ରାମର ସଭାପତି ଦୁଃସାଶନ ସାହୁ, ଅନ୍ତର୍ଯ୍ୟାମି ସାହୁ, କାଳୀଚରଣ ସାହୁ, ରାଜନ ସାହୁ, ସୁମନ ବେହେରାଙ୍କ ସହିତ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତି ପ୍ରଧାନ, ସୁନୀଲ ପ୍ରଧାନ, ଇଶ୍ୱର ସାହୁ, ବିଶ୍ୱମ୍ବର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ୨୦୨୪ ମସିହାରେ ମନ୍ଦିର ପ୍ରତିଷ୍ଠା କରାଯିବ ବୋଲି ନିଷ୍ପତି ନିଆଯାଇଥିଲା। ଗ୍ରାମର ଟିକିରା ନଦୀ କୂଳରେ ଚେମିଣିଘଟି ପାହାଡରେ ବିଷ୍ଣୁ ମନ୍ଦିର ରହିଥିବା ବେଳେ ଟିକିରା ନଦୀ ଯାତାୟାତରେ ବାଧାପ୍ରାପ୍ତ ସାଜିଛି। ଆଗାମୀ ଦୀନରେ ଏଠାରେ ଝୁଲାପୋଲ କରାଗଲେ ଅଞ୍ଚଳବାସୀ ଉପକୃତ ହେବେ ବୋଲି ବୁଦ୍ଧିଜିବୀମାନେ ମତବ୍ୟକ୍ତ କରିଛନ୍ତି। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ନିଜେ ଡଙ୍ଗାରେ ବସି ଗୁମ୍ଫା ଓ ବିଷ୍ଣୁ ମନ୍ଦିରକୁ ଯାଇଥିବା ବେଳେ ଏହାକୁ ଏକ ପର୍ଯ୍ୟଟନ ସ୍ଥଳର ମାନ୍ୟତା ପ୍ରଦାନ କରିବା ଦିଗରେ ରାଜ୍ୟ ସରକାରଙ୍କୁ ଅବଗତ କରାଇବେ ବୋଲି କହିଛନ୍ତି।

ଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ତୁଳସୀ ଦେବୀ
ଗୋପପୁରିଆ ପାଟପୁର (ଖୋର୍ଦ୍ଧା)
ତିରୋଧାନ: ୦୩.୧୨.୨୦୨୩

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:
ପୁଅ, ବୋହୂ, ଝିଅ ଯୋଇଁ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ ବୃନ୍ଦ।

# ପର୍ବତର ଜୈବବିବିଧତା ଜୀବନଜୀବିକାର ମୂଳଉତ୍ସ

**ଅନୁଗୋଳ, ୧୧।୧୨(ସମିସ)**




ପ୍ରକୃତି ପ୍ରଦତ୍ତ ପର୍ବତମାଳା ଜୈବ ବିବିଧତାର ଗନ୍ତାଘର। ପର୍ବତର ଜୈବବିବିଧତା ପର୍ଯ୍ୟଟନସ୍ଥଳର ପ୍ରାଣକର୍ତ୍ତା ଏବଂ ଜୀବନ ଜୀବିକାର ମୂଳଉତ୍ସ ଅଟେ। ସମ୍ପ୍ରତି ପର୍ବତ ଗୁଡିକ ଧ୍ୱଂସ ପାଉଥିବା ଯୋଗୁଁ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଇବା ସହିତ ଜଳବାୟୁ ପରିବର୍ତ୍ତନ ହେଉଥିବା ଏକ ସଚେତନତା ସଭାରେ ଆଲୋଚନା କରାଯାଇଥିଲା। ଆନ୍ତର୍ଜାତୀୟ ପର୍ବତ ଦିବସ ପାଳନ ଅବସରରେ ତ୍ରିଶକ୍ତି ଉଚ୍ଚବିଦ୍ୟାଳୟ, କୁଇଓଠାରେ ସଚେତନତା ସଭା ଆୟୋଜନ କରାଯାଇଥିଲା। ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି(ନିୟୁଜ) ଅନୁଷ୍ଠାନ ଦ୍ୱାରା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିପିନୀ ବିହାରୀ ଦେହୁରୀ ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବରେ ପ୍ରକୃତି ପରିବଶ ଓ ବନ୍ୟଜୀବନ ସମିତିର ସମ୍ପାଦକ ପ୍ରସନ୍ନ କୁମାର ବେହେରା, ପ୍ରକୃତିପ୍ରେମୀ ସୁବର୍ଣ୍ଣ ଦେହୁରୀ, ସହକାରୀ ଶିକ୍ଷକ ବାଣୀକାନ୍ତ ନାୟକ, ଶିକ୍ଷୟିତ୍ରୀ ସବିତାରାଣୀ ଦାସ, ଅନୁଷ୍ଠାନର ସଂଯୋଜକ ବାବିନ୍ଦ୍ର କୁମାର ନହରା, ସୁବ୍ରତ କୁମାର ପ୍ରଧାନ ଯୋଗ ଦେଇଥିଲେ। ପୃଥିବୀ ପୃଷ୍ଠରେ ଥିବା ଗୁରୁତ୍ୱପୂର୍ଣ୍ଣ ଜୈବବିବିଧତା ସମ୍ବେଦନଶୀଳ ଅଞ୍ଚଳରୁ ଅଧା ସମ୍ବେଦନଶୀଳ ଅଞ୍ଚଳ ପର୍ବତରେ ରହିଛି। ପର୍ବତରେ ରହିଥିବା ଜୈବବିବିଧତାର ଗୁରୁତ୍ୱ, ପର୍ବତ ସହ ମଣିଷର ନିବିଡ ସମ୍ପର୍କ ଏବଂ ପର୍ବତରୁ ଉତ୍ପନ୍ନ ଜୈବ ସମ୍ପଦ ଓ ତାହାର ବ୍ୟବହାର ଉପରେ ଆଲୋଚନା କରାଯାଇଥିଲା। ପର୍ବତ ସହ ଆଦିମଅଧିବାସୀ, ଆଦିବାସୀ ଓ ବନବାସୀଙ୍କର ଐତିହ୍ୟ, ସଂସ୍କୃତି, ପରମ୍ପରା ଏବଂ ପାରମ୍ପରିକ ଜ୍ଞାନ କୌଶଳର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନିକଟସ୍ଥ ଜଙ୍ଗଲକୁ ପରିଦର୍ଶନରେ ନିଆଯାଇ ଜଙ୍ଗଲରେ ଥିବା ବୃକ୍ଷଲତାର ଉପକାରିତା, ଜଙ୍ଗଲ ପ୍ରତି ଆମର ରହିଥିବା କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଲୋଚିତ ବିଷୟ ଉପରେ ଏକ କୁଇଜ୍ କାର୍ଯ୍ୟକ୍ରମ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଗୋଲକ ବିହାରୀ ନାଏକ
ଶିଆଳିଘାଟି, ବଡ଼ସାହି, ମୟୂରଭଞ୍ଜ
ଆବିର୍ଭାବ- ୨୭.୦୮.୧୯୫୭
ତିରୋଧାନ- ୨୩.୧୧.୨୦୨୨

ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ, ଏହା ହିଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

**ଶୋକସନ୍ତପ୍ତ:** ସ୍ତ୍ରୀ- ସୁବାସିନୀ, ପୁତ୍ର- ବିଷ୍ଣୁନାରାୟଣ, ପୁତ୍ରବଧୂ- ମିତାଳୀ ଝିଅ- ନିବେଦିତା, ମଧୁମିତା, ଜ୍ୱାଇଁ- ଅମିତ, ଭାଇ- ପ୍ରଫୁଲ୍ଲ, ଭାଉଜ- ଛବି, ପୁତୁରା- ରୁଦ୍ର ଆଦି ଆତ୍ମୀୟସ୍ୱଜନ ଓ ପରିବାରବର୍ଗ

## ପ୍ରକାଶ ହତ୍ୟାକାଣ୍ଡର ଅଭିଯୁକ୍ତକୁ କୋର୍ଟ ଚାଲାଣ

**ଗଁଦିଆ, ୧୧।୧୨(ସମିସ):** ଢେଙ୍କାନାଳ ଜିଲ୍ଲା ନିହଲପ୍ରସାଦ ଥାନା ଅନ୍ତର୍ଗତ ଲାଉଲଇ ଗ୍ରାମର ପ୍ରକାଶ ମହାପାତ୍ର ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଲାଉଲଇ ଗ୍ରାମର ବିଚିତ୍ରାନନ୍ଦ ରାଉତ(୪୦) ପ୍ରକାଶଠାରୁ ୩୦ହଜାର ଟଙ୍କା ଧାର ଆଣି ଗାଁ ଗାଁରେ ବୁଲି ବ୍ୟବସାୟ କରୁଥିଲା। ଠିକ୍ ସମୟରେ ଅର୍ଥ ନ ଫେରାଇବାରୁ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଗତ ୭ତାରିଖରେ ବିଚିତ୍ର ଓ ଅନ୍ୟ ଜଣେ ସହଯୋଗୀ ପ୍ରକାଶକୁ ଘରୁ ଡାକିନେଇ ସନ୍ଧ୍ୟା ସମୟରେ ଲାଉଲଇ ଗ୍ରାମ ରାସ୍ତାର ବାଟଗଡ଼ା ବ୍ରିଜଉପରେ ବସି ମଦ୍ୟପାନ କରିଥିଲେ। ସେଠାରେ ଧାର ଟଙ୍କାକୁ ନେଇ ପୁନର୍ବାର ପାଟିତୁଣ୍ଡ ହୋଇଥିଲା। ଫଳସ୍ୱରୂପ ବିଚିତ୍ର ଓ ତାଙ୍କ ସହଯୋଗୀ ପ୍ରକାଶକୁ ବ୍ରିଜ ତଳକୁ ଠେଲି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ପ୍ରକାଶଙ୍କ ପତ୍ନୀଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ବିଚିତ୍ରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ଅନ୍ୟଜଣେ ଅଭିଯୁକ୍ତ ଫେରାର ରହିଛି।

## ଖୁଡ଼ିଙ୍କୁ ଆକ୍ରମଣ ଅଭିଯୋଗରେ ୨ ପୁତୁରା ଗିରଫ

**ଗଁଦିଆ, ୧୧।୧୨(ସମିସ):** ନିହଲପ୍ରସାଦ ଥାନା ଅନ୍ତର୍ଗତ ଭାଲିଆପାଟ ଗ୍ରାମରେ ଘରୋଇ କଳିକୁ କେନ୍ଦ୍ର କରି ୨ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ଏହି ବିବାଦରେ ୨ପୁତୁରା ନିଜର ବିଧବା ଖୁଡିକୁ ମରଣାନ୍ତକ ଆକ୍ରମଣ କରିବାରୁ ପୁଲିସ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଭାଲିଆପାଟ ଗ୍ରାମର ସ୍ୱର୍ଗତ ଉଦୟ ସାହୁଙ୍କ ପତ୍ନୀ ସାବିତ୍ରୀ ସାହୁ ଓ ୨ପୁତୁରା ରଞ୍ଜନ ସାହୁ ଓ ଚନ୍ଦନ ସାହୁଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଫଳରେ ୨ପୁତୁରା ନିଜ ଖୁଡିକୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ସାବିତ୍ରୀ ଆହତ ହୋଇଥିଲେ। ଏ ସମ୍ପର୍କରେ ପୁଲିସରେ ଅଭିଯୋଗ ପରେ ଏକ ମାମଲା ରୁଜୁ କରାଯାଇ ରଞ୍ଜନ ଓ ଚନ୍ଦନକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର; ୧୪୫ଟି ଅଭିଯୋଗ ଗ୍ରହଣ

**ହିନ୍ଦୋଳ, ୧୧।୧୨(ସମିସ):** ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ବିଡିଓ ବିନିତା ବିଜୟିନୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଲଳିତ କୁମାର ବେହେରା, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଜଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିବିରରେ ମୋଟ ୧୪୫ଟି ଅଭିଯୋଗ ଗ୍ରହଣ କରାଯାଇ ତାହାର ସମାଧାନ କରାଯାଇଥିଲା। ହିନ୍ଦୋଳ ଉପଖଣ୍ଡର ବହୁ ଜନସାଧରଣ ଉପସ୍ଥିତ ରହି ନିଜର ଅଭିଯୋଗ ଗୁଡିକ ଉପସ୍ଥିତ ଅଧିକାରୀଙ୍କୁ ଜଣାଇଥିଲେ।

## ଟ୍ରାକ୍ଟର ଓଲଟି ଶ୍ରମିକଙ୍କ ମୃତ୍ୟୁ

**ଢେଙ୍କାନାଳ, ୧୧।୧୨(ସମିସ):** ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ କତକମଡ଼ା ଗ୍ରାମରେ ରାସ୍ତାକାର୍ଯ୍ୟ ଚାଲିଥିବା ସମୟରେ କାର୍ଯ୍ୟରେ ବ୍ୟବହୃତ ଟ୍ରାକ୍ଟର ଓଲଟି ଜଣେ ଶ୍ରମିକର ମୃତ୍ୟୁ ଘଟିଛି। ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ କୋରିଆଁ ହରିଜନ ସାହିର ଚୈତନ୍ୟ ମଲ୍ଲିକ(୫୨) ଜଣେ ଶ୍ରମିକ ଭାବରେ କତକମଡା ଗ୍ରାମ ନିକଟରେ ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଏହି ସମୟରେ ହଠାତ୍ ଏକ ଟ୍ରାକ୍ଟର ଓଲଟି ପଡ଼ିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା

# ନିରାମୟ କେନ୍ଦ୍ରରେ ମିଳୁନି ସାଧାରଣ ଔଷଧ

**ଢେଙ୍କାନାଳ, ୧୧।୧୨(ସମିସ)**

- ଅର୍ଥାଭାବରୁ ଖାଲିହାତରେ ଫେରୁଛନ୍ତି ରୋଗୀ
- ଜନଔଷଧୀ କେନ୍ଦ୍ରରେ ବି ଦେଖାଦେଇଛି ଅଭାବ



ରାଜ୍ୟ ସରକାର ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ କୋଟି କୋଟି ଟଙ୍କା ସ୍ୱାସ୍ଥ୍ୟ ବିଭାଗକୁ ପ୍ରଦାନ କରୁଥିବା ବେଳେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନିରାମୟ କେନ୍ଦ୍ରରୁ ରୋଗୀମାନେ ଔଷଧ ପାଇବାରୁ ବଞ୍ଚିତ ହେଉଛନ୍ତି। ସାଧାରଣ ରୋଗ ପାଇଁ ଔଷଧ ନଥିବାରୁ ବାଧହୋଇ ଲୋକେ ବାହାରୁ କୁଣୁଛନ୍ତି। ତେବେ ଅର୍ଥାଭାବରୁ ମେଡିସିନ କିଣି ନପାରି ଗରିବ ଅସହାୟ ରୋଗୀ ଖାଲି ହାତରେ ଫେରୁଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥଣ୍ଡା, ଜ୍ୱର ଓ କାଶ ପାଇଁ ଔଷଧ ମିଳୁନାହିଁ। ଏପରିକି ଜନଔଷଧି କେନ୍ଦ୍ରରେ ନିରୁପିତ ଔଷଧ ନଥିବାରୁ ଗରିବ ରୋଗୀମାନେ ଅସହାୟ ହୋଇପଡୁଛନ୍ତି। ଏପରିକି ନିରାମୟ କେନ୍ଦ୍ରରେ ଲମ୍ବା ଲାଇନ ଲାଗିଥିବା ବେଳେ ରୋଗୀଙ୍କ ସମ୍ପର୍କୀୟମାନେ ଔଷଧ ନପାଇ ଫେରୁଛନ୍ତି। ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଛି। ନିଦାନରେ ବିଭିନ୍ନ ପରୀକ୍ଷା ନିରୀକ୍ଷା ସହ ନିରାମୟ କେନ୍ଦ୍ର ଜରିଆରେ ମାଗଣା ଔଷଧ ପ୍ରଦାନ ବ୍ୟବସ୍ଥା ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରହିଥିବା ନିରାମୟ କେନ୍ଦ୍ରରେ ୨ଶହରୁ ଅଧିକ ପ୍ରକାର ଔଷଧ ରହୁଥିବା କୁହାଯାଉଥିବା ବେଳେ ବିଭିନ୍ନ ସମୟରେ ରୋଗୀଙ୍କୁ ଔଷଧ ମିଳୁନଥିବାର ଦେଖିବାକୁ ମିଳିଛି। ପ୍ରତ୍ୟେକ ରୋଗୀଙ୍କ ଚିଠାରେ ଡାକ୍ତର ଲେଖିଥିବା ଔଷଧ ମଧ୍ୟରୁ ଅଧା ମିଳୁଛି। ଆଉ ଅଧା ମିଳୁନାହିଁ। ପ୍ରତ୍ୟେକ ଦିନ ୧୨୦୦ରୁ ୧୫୦୦ ରୋଗୀ ବହିଃବିଭାଗକୁ ଆସୁଛନ୍ତି। ଡାକ୍ତରଙ୍କ ପରାମର୍ଶ ପରେ ନିରାମୟରୁ ଔଷଧ ନେଉଛନ୍ତି। ମାତ୍ର ଏପରି ଅଧା ଔଷଧ ନମିଳିବା ରୋଗୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ସବୁଠାରୁ ଆଶ୍ଚର୍ଯ୍ୟ କଥା ଯେ, ସାଧାରଣ ରୋଗାପାଇଁ ମଧ୍ୟ ଔଷଧ ନିରାମୟ କେନ୍ଦ୍ରରେ ମିଳୁନାହିଁ। ସାଧାରଣ ରୋଗୀର ଔଷଧ ମିଳୁନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେଉଁ ଔଷଧ ମିଳିବା କଥା ତାହା ନିରାମୟ କେନ୍ଦ୍ରରେ ମିଳୁନାହିଁ। ସେହିପରି ଡାକ୍ତରଖାନା ମଧ୍ୟରେ ଥିବା ପ୍ରଧାନମନ୍ତ୍ରୀ ଜନଔଷଧୀ କେନ୍ଦ୍ରରେ କେତେକ ଔଷଧ ଉପଲବ୍ଧ ନାହିଁ। ଶେଷରେ ଗରିବ ଅସହାୟ ରୋଗୀ ଟଙ୍କା ଦେଇ ବାହାରୁ ଔଷଧ କିଣିବାକୁ ବାଧ୍ୟ ହେଉଥିବାର ରୋଗୀଙ୍କ ସମ୍ପର୍କୀୟମାନେ ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଫେବୃଆରୀ ୧ରେ ଜିଲ୍ଲାସ୍ତରୀୟ ନୂଆ ଓ ଫେଷ୍ଟିଭାଲ



**ଢେଙ୍କାନାଳ, ୧୧।୧୨(ସମିସ):** ଯୁବଶକ୍ତିର ବିକାଶ ଲକ୍ଷ୍ୟ ନେଇ ରାଜ୍ୟ ସରକାର ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା କ୍ରୀଡା, କଳା ପ୍ରତିଭା ଓ ସାମାଜିକ ଦାୟିତ୍ୱବୋଧତାର ପ୍ରଚାରପ୍ରସାର ନିମନ୍ତେ ନୂଆ ଓ ଫେଷ୍ଟିଭାଲ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ଏହି ଉପଲକ୍ଷେ ଆସନ୍ତା ଫେବୃୟାରୀ ମାସ ୧ତାରିଖରେ ମହିଷାପାଟସ୍ଥିତ ପଲ୍ଲିଶ୍ରୀ ମେଳା ପଡ଼ିଆରେ ଜିଲ୍ଲାସ୍ତରୀୟ ନୂଆ ଓ ଫେଷ୍ଟିଭାଲ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତି ନିମନ୍ତେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଯୁବ ଉତ୍ସବକୁ ସଫଳ କରାଇ ଜିଲ୍ଲାର ପ୍ରତିଭାବାନ ଯୁବଶକ୍ତିର ରାଜ୍ୟର ସାମଗ୍ରୀକ ବିକାଶ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ଯୁବଶକ୍ତିର ବିକାଶ ନିମନ୍ତେ ବର୍ତ୍ତମାନ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀ ନିଜ ନିଜର କଳା ନୈପୁଣ, କ୍ରୀଡା ଦକ୍ଷତା ଓ ଅନନ୍ୟ ପାରଦର୍ଶୀ ପ୍ରତିଯୋଗୀମାନେ ଆସନ୍ତା ଫେବୃୟାରୀ ୧ତାରିଖ ଦିନ ପଲ୍ଲିଶ୍ରୀ ମେଳା ପଡ଼ିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏହି ଉତ୍ସବରେ ଜିଲ୍ଲାର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷା ଅନୁଷ୍ଠାନର ୧୦ହଜାର ଛାତ୍ରଛାତ୍ରୀ ଯୋଗଦେବେ। ଏହି ଫେଷ୍ଟିଭାଲରେ ଅଂଶଗ୍ରହଣ ନିମନ୍ତେ ସମସ୍ତ ଛାତ୍ରଛାତ୍ରୀ ପଞ୍ଜିକରଣ କରିବେ। ଏହି ଉତ୍ସବ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହୀତ ଦକ୍ଷା, ଗୁଣାବଳୀର ଉନ୍ମେଷ ଘଟିବ ଏବଂ ଆଦାନପ୍ରଦାନର ସୁଯୋଗ ମିଳିବ ବୋଲି ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ ପ୍ରକାଶ କରିଛନ୍ତି। ଏହି ବୈଠକରେ ପ୍ରତିଭାବାନ ଯୁବକ ଯୁବତୀଙ୍କର ଅଂଶଗ୍ରହଣ, ଯାନବାହାନ ନିୟନ୍ତ୍ରଣ, ଖାଦ୍ୟପେୟର ବ୍ୟବସ୍ଥା, ଯାତାୟାତରେ ସୁବିଧା, ପୁରସ୍କାର ପ୍ରଦାନ, ସରକାରୀ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ଏବଂ ଆନୁସଂଗିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣୀ ପ୍ରଧାନ, ସଦର ଉପଜିଲ୍ଲାପାଳ ସପନ କୁମାର ନନ୍ଦ, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜୀବ କୁମାର ବେହେରାଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।


DSPL-454

ଖରିଫ ମାଣ୍ଡିଆ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ

ମାଣ୍ଡିଆ ସଂଗ୍ରହ ବର୍ଷ : ୨୦୨୩-୨୪





- ଚଳିତ ବର୍ଷ ଖରିଫ ମାଣ୍ଡିଆ ସଂଗ୍ରହ ୦୧ ଜାନୁୟାରୀ ମାସରୁ ଆରମ୍ଭ ହୋଇ ୩୧ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ଚାଲୁ ରହିବ।
- ସମସ୍ତ ମାଣ୍ଡିଆ ଚାଷୀ ନିକଟସ୍ଥ ଅନୁମୋଦିତ ସଂଗ୍ରହକାରୀ ସଂସ୍ଥା ଯଥା : କୃଷକ ସଂଗଠନ, PACS/LAMPCS, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୩୧ ଡିସେମ୍ବର ୨୦୨୩ ମଧ୍ୟରେ ପଞ୍ଜିକରଣ କରିବାକୁ ଅନୁରୋଧ।

**ପଞ୍ଜିକରଣ ପ୍ରକ୍ରିୟା :**

- ପୂର୍ବରୁ ପଞ୍ଜିକୃତ ହୋଇଥିବା ଚାଷୀ ଯଦି ପୂର୍ବରୁ ପ୍ରଦାନ କରିଥିବା ତଥ୍ୟରେ କିଛି ପରିବର୍ତ୍ତନ କରିବାକୁ ଚାହାନ୍ତି ତେବେ ସେମାନେ ମାଣ୍ଡିଆ ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ନିର୍ଦ୍ଧାରିତ ପଞ୍ଜିକରଣ ସମୟ ସୀମା ମଧ୍ୟରେ ଯୋଗାଯୋଗ କରି ପୂର୍ବରୁ ପଞ୍ଜିକୃତ ତଥ୍ୟରେ ଆବଶ୍ୟକୀୟ ସଂଶୋଧନ କରିପାରିବେ।
- ଚଳିତ ବର୍ଷ ଯେଉଁ ନୂତନ ଚାଷୀ ଏହି ପଞ୍ଜିକରଣ କରିବାକୁ ଆଗ୍ରହୀ ତେବେ ସେମାନେ ନିକଟସ୍ଥ ସଂଗ୍ରହକାରୀ ସଂସ୍ଥା କିମ୍ବା ନିକଟସ୍ଥ କୃଷି କାର୍ଯ୍ୟାଳୟରୁ ପଞ୍ଜିକରଣ ସମ୍ପର୍କିତ ସମସ୍ତ ତଥ୍ୟ ପାଇବା ସହ ପଞ୍ଜିକରଣ ମଧ୍ୟ କରିପାରିବେ।
- ଅଧିକ ସୂଚନା www.tdccorissa.org ୱେବସାଇଟରେ ଉପଲବ୍ଧ।

**ପଞ୍ଜିକରଣ ଅବଧି :**

- ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ତଥା ଶେଷ ତାରିଖକୁ ଅପେକ୍ଷା ନ କରି ପ୍ରତ୍ୟେକ ମାଣ୍ଡିଆ ଚାଷୀ, ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ଆବଶ୍ୟକୀୟ ଫର୍ମ ଦାଖଲ କରିବାକୁ ଅନୁରୋଧ।
- ଖରିଫ ମାଣ୍ଡିଆ ବିକ୍ରୟ ସମ୍ପର୍କୀୟ ନିର୍ଦ୍ଦିଷ୍ଟ ତାରିଖ ଉକ୍ତ ଫର୍ମରେ ଉଲ୍ଲେଖ କରିବାକୁ ହେବ।
- ଚାଷୀମାନେ ବିଗତ ବର୍ଷ ଯେଉଁ ସଂଗ୍ରହକାରୀ ସଂସ୍ଥାରେ ପଞ୍ଜିକରଣ କରିଥିଲେ ସେହିଠାରେ ସମ୍ପର୍କ କରିବା ଆବଶ୍ୟକ।
- ଯେଉଁ ଜିଲ୍ଲା/ବ୍ଲକ ଗୁଡିକରେ ନୂତନ ଭାବରେ ମାଣ୍ଡିଆ ଚାଷ କରାଯାଇଛି, ଉକ୍ତ ଚାଷୀମାନେ ନିକଟସ୍ଥ ବ୍ଲକ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ। ଅଧିକ ସୂଚନା www.tdccorissa.org ୱେବସାଇଟରେ ଉପଲବ୍ଧ ଅଟେ।

**ସଂଗ୍ରହକାରୀ ସଂସ୍ଥାର ଦାୟିତ୍ୱ :**

- ମାଣ୍ଡିଆ ବିକ୍ରୟ ପାଇଁ ଇଚ୍ଛୁକ ଥିବା ନୂତନ ଚାଷୀମାନଙ୍କୁ ପଞ୍ଜିକରଣ କରାଇବା।
- ପଞ୍ଜିକରଣ ଫର୍ମରେ ଥିବା ସମସ୍ତ ତଥ୍ୟକୁ ଡିସେମ୍ବର ମାସ ୩୧ତାରିଖ ମଧ୍ୟରେ loginରେ ଡିଜିଟାଇଜ କରିବା ସହ ପଞ୍ଜିକୃତ ଫର୍ମ ନିର୍ଭୁଲ ବୋଲି ସୁନିଶ୍ଚିତ କରିବା।
- ଅଣ ଚାଷୀ କିମ୍ବା ଭୁଲ ତଥ୍ୟ ପ୍ରଦାନ କରିଥିବା ଚାଷୀଙ୍କୁ ପଞ୍ଜିକୃତ କରିବେ ନାହିଁ।
- ପଞ୍ଜିକରଣ ଶୀଘ୍ର ହେବା ସହ ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ।
- ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ପାନୀୟ ଜଳ ଏବଂ ପ୍ରାଥମିକ ଚିକିତ୍ସା ବାକ୍ସର ବ୍ୟବସ୍ଥା କରିବେ।

**ଭାଗ ଚାଷୀ :**
ଭାଗ ଚାଷୀମାନେ ମଧ୍ୟ ପଞ୍ଜିକରଣ ପ୍ରକ୍ରିୟାରେ ନିୟମ ମତେ ଅଂଶ ଗ୍ରହଣ କରିପାରିବେ।

**କ୍ଷୁଦ୍ର ଓ ନାମମାତ୍ର ଚାଷୀ :**
ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ମାଣ୍ଡିଆ ସଂଗ୍ରହ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ।

₹ ୩୮୪୬/- କୁଇଣ୍ଟାଲ ପ୍ରତି
(୨୦୨୩-୨୪ ଖରିଫ ଋତୁ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ)

For more details visit- www.milletsodisha.com | Follow us on Odisha Millets Mission

OIPR - 01510/13/0007/2324

ସକାଳ THE SAKALA



ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

# 'ଛାତ୍ରଛାତ୍ରୀ ସ୍ୱପ୍ନାଭିଳାଷୀ ହେଲେ ସଫଳତା ପାଇପାରିବେ'

**ପଟ୍ଟାମୁଣ୍ଡାଇ, ୧୧।୧୨(ସମିସ)**



ସାମ୍ପ୍ରତିକ ପ୍ରତିଯୋଗିତାମୂଳକ ଦୁନିଆରେ ଛାତ୍ରଛାତ୍ରୀ ନର୍ଦ୍ଦିଷ୍ଟ ସ୍ୱପ୍ନ ନେଇ ଆଗକୁ ବଢ଼ିବା ସହିତ ସ୍ୱପ୍ନାଭିଳାଷୀ ହେଲେ ସମସ୍ତ ଆହ୍ୱାନକୁ ଦୃଢ଼ତାର ସହ ମୁକାବିଲା କରି ସବୁକ୍ଷେତ୍ରରେ ସଫଳତା ହାସଲ କରିପାରିବେ ବୋଲି ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ହାଇସ୍କୁଲରେ ଆୟୋଜିତ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରକାଶ କରିଛନ୍ତି।

ସିଆରସିସି ମଳୟ କୁମାର ଜେନାଙ୍କ ସଂଯୋଜନା ଓ ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବିଧାୟକ ଶ୍ରୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ନିଜର ଦୁର୍ବଳତାକୁ ଶକ୍ତିରେ ପରିଣତ କରି ଅନୁସନ୍ଧିତ୍ସୁ ମନୋଭାବ ନେଇ ବିଜ୍ଞାନ ଶିକ୍ଷା ଗ୍ରହଣ କଲେ ଭବିଷ୍ୟତରେ ଜଣେ ଜଣେ କୁନି ବୈଜ୍ଞାନିକ ହୋଇ ଦେଶ ଓ ରାଜ୍ୟର ଗୌରବ ବୃଦ୍ଧି କରିପାରିବେ ବୋଲି ମତ ପ୍ରକାଶ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଏ ଦିଗରେ ପ୍ରେରଣା ଯୋଗାଇବା ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଶିଥ ବାରିକ ମୁଖ୍ୟବକ୍ତା, କଷଣଅଣ୍ଟା ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ କସ୍ତୁରୀ ଚରଣ ସ୍ୱାଇଁ, ଶିକ୍ଷାବିତ ସୁରେଶ ଜେନା, ୧୩ନଂ କାଉନସିଲର ଲାସ୍ୟମୟୀ ସାହୁ ୧୪ନଂ କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ, ମୋ ସ୍କୁଲ ଅଭିଯାନ କମିଟି ସଭାପତି ଲକ୍ଷ୍ମୀପ୍ରିୟା ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସିଆରସିସି ରଞ୍ଜନ ସାହୁ ସ୍ୱାଗତ ଭାଷଣ ଓ ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଉଷାରାଣୀ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ସିଆରସିସି ସଂଘମିତ୍ରା ନାୟକ ଓ ଶିକ୍ଷୟିତ୍ରୀ ଅର୍ଚ୍ଚନା ବଳ ମୁଖ୍ୟଅତିଥି ଓ ଅନ୍ୟାନ୍ୟ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କବି ଅନ୍ତର୍ଯ୍ୟାମୀ ବେଜ ବିଜ୍ଞାନ ଉପରେ ଆଧାରିତ କବିତା ପାଠ କରିଥିଲେ। ଶେଷରେ ସ୍କୁଲ ପରିଚାଳନା କମିଟି ସଭାପତି ଅନସୂୟା ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅପରାହ୍ନରେ ବିଆରସିସି ଚନ୍ଦ୍ରଶେଖର ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ ପଟ୍ଟାମୁଣ୍ଡାଇ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଦେବବ୍ରତ ପ୍ରଧାନ ମୁଖ୍ୟଅତିଥି, କଷଣଅଣ୍ଟା ହାଇସ୍କୁଲ ପ୍ରଧାନ ଶିକ୍ଷକ କବି ସଚିତ୍ର ବେହୁରା ମୁଖ୍ୟବକ୍ତା, ଏବି ଇ ଓ ପ୍ରେମବାଳା ମହାପାତ୍ର ଓ ସୁନୀତି କୁମାରୀ ଦାଶ, ବ୍ଲକ ବିଜ୍ଞାନ ସଂଯୋଜକ ପ୍ରଭାସ ରଞ୍ଜନ ପ୍ରଧାନ, ବରିଷ୍ଠ ବିଜ୍ଞାନ ଶିକ୍ଷକ ତିତିକାନ୍ତ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆଧୁନିକ ବିଜ୍ଞାନର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସିଆରସିସି ଅରବିନ୍ଦ ବଳ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସିଆରସିସି ସଞ୍ଜୟ କୁମାର ସାହୁ ସ୍ୱାଗତ ଭାଷଣ ଓ ସିଆରସିସି ପ୍ରଦୀପ ତରାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଓ ଅନ୍ୟାନ୍ୟ ଅତିଥି କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଜିଲ୍ଲା ପରିଷଦ ଶିକ୍ଷକ ସଂଘ ସଭାପତି ବିଶ୍ୱରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ। ଏହି ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ସ୍କୁଲର ୧୩୫ ପ୍ରକଳ୍ପ ସ୍ଥାନ ପାଇଥିବାବେଳେ ୫ଟି ପ୍ରକଳ୍ପ ଜିଲ୍ଲା ସ୍ତରକୁ ଚୟନ କରାଯାଇଥିଲା। ସିନିୟର ବିଭାଗରେ ବର୍ଷାରାଣୀ ସାହୁ ମାଟିଆ ୟୁଜିୟୁପି ସ୍କୁଲ, ସାଇଜ୍ୟୋତି ସ୍ୱାଇଁ ମାଟିଆପଡ଼ା ସରକାରୀ ୟୁଜି ହାଇସ୍କୁଲ, ଦିବ୍ୟାଂଶୁ ଦାସ, ବନ୍ତୋ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଇତିଶୁଭମ ପ୍ରଧାନ ଜରିଆ ବଳଦେବ ସରକାରୀ ଉଚ୍ଚବିଦ୍ୟାଳୟ, ଶୁଭମଜ୍ୟୋତି ରାଉତ କାଠିଆପଡ଼ା ଦକ୍ଷିଣେଶ୍ୱର ହାଇସ୍କୁଲ ଓ ଜୁନିୟର ବିଭାଗରେ ଦୀପକ ଦାସ ଲୋକନାଥପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସୁପ୍ରଭା ବେହେରା ଔପଦା ଏମୱାଇ ନିକେତନ, ଓମପ୍ରକାଶ ଦାସ ଶାସନ ପ୍ରାଥମିକ ବିଦ୍ୟାଳୟଙ୍କୁ ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା। ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ହାଇସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ଓ ବ୍ଲକର ସମସ୍ତ ସିଆରସିସି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏଚ୍‌ଏନ୍‌ଏସ୍ ମହାବିଦ୍ୟାଳୟରେ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ଡେରାବିଶ, ୧୧।୧୨(ସମିସ):** ଡେରାବିଶ ବ୍ଲକ୍ ଅନ୍ତର୍ଗତ ଚାନ୍ଦୋଳ ସ୍ଥିତ ଏଚ୍‌ଏନ୍‌ଏସ୍ ମହାବିଦ୍ୟାଳୟରେ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମଣ କୁମାର ଦାଶ ସଭାପତିତ୍ୱ କରିଥିବା ବେଳେ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଅଧ୍ୟାପକ ପ୍ରମୋଦ କୁମାର ବେହେରା, ୧୪ନଂ ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିବାବେଳେ ଖମୋଳ ପଞ୍ଚାୟତ ସରପଞ୍ଚ ତୃପ୍ତିମୟୀ କର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅଧ୍ୟାପକ ବିଶ୍ୱରଞ୍ଜନ ମିଶ୍ର ବେଦପାଠ କରିଥିବା ବେଳେ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ପ୍ରାଧ୍ୟାପିକା ଶ୍ରୀମତୀ ଦାସ ଅତିଥି ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମଞ୍ଚାସୀନ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ଯୁବକଙ୍କ ଠାରେ ଅନ୍ତର୍ନିହିତ ପ୍ରତିଭାକୁ ଖେଳକୁଦ, ସାଂସ୍କୃତିକ ଓ ସମାଜସେବା ମାଧ୍ୟମରେ ପରିପ୍ରକାଶ କରି ରାଜ୍ୟ ସମୃଦ୍ଧିରେ ସହାୟକ ହେବେ ବୋଲି ପ୍ରକାଶ କରିଥିଲେ। ଶେଷରେ ପ୍ରାଧ୍ୟାପିକା ମିନାକ୍ଷୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀମାନେ ନୃତ୍ୟ ପରିବେଷଣ କରି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳ, ଦିଲ୍ଲିପ କୁମାର ଭୂୟାଁ, ପ୍ରଦୀପ ରାଉତ, ରମାକାନ୍ତ ଦାସ, ମାନସରଞ୍ଜନ ଦାଶ, ପ୍ରତାପ କୁମାର ଜେନା, ପ୍ରଭାକର ଦାସ, ଶଶିଭୂଷଣ ଜେନା, ବରଦାପ୍ରସାଦ ଜେନା, ଅଧ୍ୟାପିକା ମନିଷା ମହାରଣା, ଝରାଶ୍ରୀ ପରିଜା, ମନିଷା ଦାସ, ଜ୍ୟୋତିର୍ମୟୀ ନାଥଶର୍ମା, ସାଶ୍ୱତିପ୍ରଜ୍ଞା ସାହୁ, ତେଜସ୍ୱିନୀ ଦାସ, ସସ୍ମିତା ଦାସ, ଅପର୍ଣ୍ଣା ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଭିତରକନିକାକୁ ବିଦେଶୀ ପକ୍ଷୀଙ୍କ ଆଗମନ



**ରାଜନଗର, ୧୧।୧୨(ସମିସ):** ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଏବେ ବିଦେଶାଗତ ପକ୍ଷୀଙ୍କ କାକଳିରେ ଫାଟି ପଡୁଛି। ଭିତରକନିକାରେ ଭିଡ଼ ଜମାଇଥିବା ହଜାର ହଜାର ସଂଖ୍ୟାରେ ବିଦେଶାଗତ ପକ୍ଷୀଙ୍କ କିଚିରି ମିଚିରି ଶବ୍ଦ ଓ କୋଳାହଳ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ବିମୋହିତ କରୁଛି। ଭିତରକନିକାରେ ସରସାହଂସ, ପାତିହଂସ, କଳାହଂସ, ଦୁବହଂସ, ପଣ୍ଡାହଂସ, ହେରେନ, ଗେଣ୍ଡାଳିଆ, ଦାବେଣ୍ଟିଆ, ପାଣିଗୁରୁଣ୍ଡି, ଚନ୍ଦନପାଟିଆଗେଣ୍ଡି, ଚିତ୍ରାଖଡିହଂସ, ରଙ୍ଗାଗେଣ୍ଡି, ସାରସହଂସ ପ୍ରଭୃତି ପକ୍ଷୀଙ୍କ ଅଧିକ ସଂଖ୍ୟାରେ ସମାଗମ ହୋଇଛି। ୨୦୨୩ ଜାନୁଆରୀରେ ହୋଇଥିବା ବିଦେଶାଗତ ପକ୍ଷୀଗଣନା ରିପୋର୍ଟ ଅନୁସାରେ ଭିତରକନିକାକୁ ୧ ଲକ୍ଷ ୩୯ ହଜାର ୯୫୯ଟି ପକ୍ଷୀ ଆସିଥିଲେ। ୨୦୨୨ରେ ଭିତରକନିକାକୁ ୧୪୪ ପ୍ରଜାତିର ୧ ଲକ୍ଷ ୩୮ ହଜାର ୧୦୭ଟି ପକ୍ଷୀ ଆସିଥିଲେ। ୨୦୨୧ରେ ୧୨୧ ପ୍ରଜାତିର ୧ ଲକ୍ଷ ୩୬ ହଜାର ୯୨ଟି ପକ୍ଷୀ ଆସିଥିଲେ। ଚଳିତବର୍ଷ ଭିତରକନିକାରେ ଅଧିକ ସଂଖ୍ୟାରେ କାଦୁଅକୁମ୍ପି, ଚାଟଢେଇ ପ୍ରଜାତିର ପକ୍ଷୀଙ୍କୁ ଦେଖିବାକୁ ମିଳିଛି। ଏଥିସହ ଚଳିତ ବର୍ଷ ଗ୍ରେବ୍‌ସ, ପେଲିକାନ୍‌ସ, କରମୋରାନ୍‌ଟସ ଆଣ୍ଡ ଡାର୍ଟର, ହେରନଓ, ଏଗ୍ରେଟ୍ସ ଓ ବିଟର୍ସ, ଷ୍ଟୋର୍କସ, ଇବିସେସ ପ୍ରଭୃତି ବିଦେଶୀ ପକ୍ଷୀଙ୍କୁ ଭିତରକନିକାରେ ଦେଖିବାକୁ ମିଳିଛି। ଶୀତ ଦାଉରୁ ରକ୍ଷା ପାଇବା ପାଇଁ ବିଦେଶାଗତ ପକ୍ଷୀ ହିମାଳୟ ପାଦଦେଶ ଓ ଲଦାଖ, ସାଇବେରିଆ, ଉତ୍ତର ଗୋଲାର୍ଦ୍ଧରୁଏହି ପକ୍ଷୀମାନେ ଆସିଥା'ନ୍ତି। ରଣଭଞ୍ଜଡିଆ, ମଠଆଡିଆ, ସାତଭାୟା ଆଦି ଅଞ୍ଚଳରେ ଅଧିକ ସଂଖ୍ୟାରେ ଦେଶୀୟ ପକ୍ଷୀଙ୍କୁ ଦେଖିବାକୁ ମିଳିଛି।

## କାଉପଡ଼ା ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ

**ଡେରାବିଶ, ୧୧।୧୨(ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ କାଉପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ଦାସରଥି ଜେନା, ସିଡିପିଓ ସ୍ନେହଲତା ସାହୁ, ଏବିଡିଓ ଭଞ୍ଜକିଶୋର ନାୟକ, ସରପଞ୍ଚ ପ୍ରତାପ ବେହେରା, ସମିତିସଭ୍ୟ ମିଳନପ୍ରଭା ମଲିକ ଉପସ୍ଥିତ ରହି ପଞ୍ଚାୟତ ଅଧୀନସ୍ଥ ବିଭିନ୍ନ ଗ୍ରାମରୁ ଆସିଥିବା ୧୫ଟି ଅଭିଯୋଗର ଶୁଣାଣୀ କରିଥିଲେ। ଏହି ଅଭିଯୋଗ ମଧ୍ୟରେ ଆଧାର ପଞ୍ଜୀକରଣ, ଅଣସଂଗଠିତ କ୍ଷେତ୍ର ଶ୍ରମିକ ପଞ୍ଜୀକରଣ, ମାଗଣା ମୃତ୍ତିକା ପରୀକ୍ଷା ଓ ପରାମର୍ଶ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ବୀମା, ଋଣ ଯୋଜନା ପ୍ରସ୍ତୁତି, ପଟ୍ଟା ବଣ୍ଟନ, ଇ-ପାଉତି, ଛାତ୍ରୀଛାତ୍ରଙ୍କ ଜାତିଗତ ପ୍ରମାଣପତ୍ର ଆବେଦନ, ନିର୍ମାଣ ଶ୍ରମିକ ପଞ୍ଜୀକରଣ ଓ ନବୀକରଣ, ବଳରାମ ଯୋଜନାରେ ଆବେଦନ, ମାଛ ଚାଷ ପାଇଁ ପାଣି ପରୀକ୍ଷା ଓ ପରାମର୍ଶ ସହ ସରକାରଙ୍କର 'ମୋ-ଘର' ଯୋଜନାରେ ସାମିଲ ହେବା ପାଇଁ ଅଧିକାଂଶ ଦରଖାସ୍ତ ରହିଥିଲା। ସେହିପରି ବାସଗୃହ ଯୋଜନା ଏବଂ ରାଶନ କାର୍ଡ ତଥା ଭତ୍ତାରୁ ବଞ୍ଚିତ ଥିବା ହିତାଧିକାରୀ ସେମାନଙ୍କ ଅଭିଯୋଗ ପ୍ରଦାନ କରିଥିଲେ। 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ବିଭିନ୍ନ ଗ୍ରାମରେ କାର୍ଯ୍ୟକାରୀ ହେବାକୁଥିବା ବିଭିନ୍ନ ମଠ ଓ ମନ୍ଦିରର ଉନ୍ନତିକରଣ ପାଇଁ ଦରଖାସ୍ତମାନ ଆସିଥିଲା। ଏହି ଅଭିଯୋଗଗୁଡ଼ିକ ମଧ୍ୟରୁ କେତେକର ତ୍ୱରିତ ସମାଧାନ କରାଯିବା ସହ ଅନ୍ୟ ଅଭିଯୋଗ ବିଭାଗୀୟ ଅଧିକାରୀଙ୍କ ନିକଟକୁ ବିଡିଓ ଶ୍ରୀ ଜେନା ପଠାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସାବିତ୍ରୀ ମନ୍ତ୍ରୀ, ମତ୍ସ୍ୟ ଅଧିକାରୀ ରଶ୍ମିରଞ୍ଜନ ଦାସ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯନ୍ତ୍ରୀ ବିଭୁଦତ୍ତ ଦାସ, ପ୍ରମୋଦ କୁମାର ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ସେମାନଙ୍କ ବିଭାଗର ଅଭିଯୋଗ ଗ୍ରହଣ କରିଥଲେ। ଏହି ଶିବିରରେ ୧୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବିଭାଗର ଷ୍ଟଲ୍ ଖୋଲାଯାଇଥିଲା। ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡା. ଅଭିଜିତ ରାୟଙ୍କ ତତ୍ତ୍ୱାବଧାନରେ ଖୋଲାଯାଇଥିବା ସ୍ୱାସ୍ଥ୍ୟ ଶିବିରରେ ଫାର୍ମାଶିଷ୍ଟ ସଲିଳା ତ୍ରିପାଠୀ, ସ୍ୱାସ୍ଥ୍ୟ ସେବିକା ସସ୍ମିତା ଜେନା, ପ୍ରତିନନ୍ଦା ଦାସ, ପ୍ରଶାନ୍ତ କୁମାର ନନ୍ଦ, ଦୀପ୍ତିରଞ୍ଜନ ସିଂ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧିଶୋଭାମୟୀ ସିଂ, ଜିଆରଏସ୍ ସନ୍ଧ୍ୟାରାଣୀ ସାହୁ ଓ ଅନିଲ କୁମାର ସେଠୀ ପ୍ରମୁଖ ପରିଚାଳନା କରିଥିଲେ।



## ମିଶନ ଶକ୍ତି ମହାସଂଘ ପକ୍ଷରୁ ସମ୍ବର୍ଦ୍ଧନା ସଭା



ରାଜନଗର, ୧୧।୧୨(ସମିସ): ରାଜନଗର ବ୍ଲକ ମିଶନ ଶକ୍ତି ମହାସଂଘର ସଭାନେତ୍ରୀ ପ୍ରେମ ମଞ୍ଜୁଳା ପ୍ରଧାନ ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରଥମ ମହିଳା ଭାବେ ରାଜନଗରରୁ ମନୋନୀତ ହୋଇ ଦୁବାଇ ଗସ୍ତ କରିଥିଲେ।

ମିଶନ ଶକ୍ତି ମାଧ୍ୟମରେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଏହି ସୁଯୋଗ ମିଳିଥିଲା। ଦୁବାଇ ଗସ୍ତ ସମୟରେ ଆମ ରାଜ୍ୟର ଅଧିକରୁ ଅଧିକ ଉଦ୍ୟୋଗୀ କରି ସୃଷ୍ଟି ହୋଇପାରିବେ ଓ ଏସଏଚ୍‌ଜିରୁ ଏସଏମଇରେ ପରିଣତ ହୋଇପାରିବେ। ଏ ନେଇ ସେଠାରେ ପ୍ରଶିକ୍ଷିତ ହୋଇଥିଲେ। ମହିଳାମାନଙ୍କ ଦକ୍ଷତା ବୃଦ୍ଧି ହେବା କ୍ଷେତ୍ରରେ ଏସଏଚ୍‌ଜିର ଭୂମିକା ସମ୍ବନ୍ଧରେ ବହୁ ତଥ୍ୟ ସଂଗ୍ରହ କରିଥିଲେ। ହାଣ୍ଡିଶାଳରୁ ବିଦେଶ ଯାତ୍ରା କରିବା ଜଣେ ଏସଏଚଜି ଗ୍ରୁପର ମହିଳା ଭାବେ ସାରା ରାଜ୍ୟ ତଥା ରାଜନଗର ବ୍ଲକ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସେ ଦୁବାଇରୁ ଫେରିବା ପରେ ରାଜନଗର ବ୍ଲକ ମିଶନଶକ୍ତି ମହାସଂଘ ପକ୍ଷରୁ ପ୍ରେମ ମଞ୍ଜୁଳା ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ବିପିସି ସାଗରିକା ମଲ୍ଲିକ, ବିପିଏ ସରୋଜ ଖୁଣ୍ଟିଆ, ବିଏଲସି ଅଜିତାଂଶୁ ପଣ୍ଡା, ସେକ୍ରେଟାରୀ ମିନତୀ ନାୟକଙ୍କ ସମେତ ସମସ୍ତ ଏମବିକେ ଓ ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ରାଜନଗରରେ ଗଡ଼ିଲା ଆମ ସଂକଳ୍ପ ବିକଶିତ ଭାରତ ରଥ

**ରାଜନଗର, ୧୧।୧୨(ସମିସ):** ରାଜନଗର ବ୍ଲକରେ ଆଜି ଗଡ଼ିଛି ଆମ ସଂକଳ୍ପ ବିକଶିତ ଭାରତ ରଥ। ଆଜି ପ୍ରଥମ ଦିବସରେ ଏହି ବ୍ଲକର ବନ୍ଧପଡ଼ା ଓ ଓସ୍ତିଆ ପଞ୍ଚାୟତରେ ବୁଲିବା ସହ ଏହି ରଥକୁ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବନ୍ଧପଡ଼ାରୁ



ଗଡ଼ିଥିବା ଏହି ରଥ ବନ୍ଧପଡ଼ା ପଞ୍ଚାୟତ ପରିକ୍ରମା କରିବା ପରେ ଓସ୍ତିଆ ପଞ୍ଚାୟତ ପରିକ୍ରମା କରିଛି। ବିଡିଓ ନିଶାନ ମିଶ୍ର, ଡା. ଟିଟି ମିଶ୍ର, ଜିପିଇଓ ଧର୍ମେନ୍ଦ୍ର ଦାସ, ବିପିଏମ ରଶ୍ମୀରଞ୍ଜନ ଦାଶ, ବିଏଲପି ନିହାର ରଞ୍ଜନ ବିଶ୍ୱାଳ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିବେକାନନ୍ଦ ମଲ୍ଲିକ, ଜିଆରଏସ ଦୀପ୍ତିମୟୀ ବେହୁରା, ବିଦ୍ୟାରାଣୀ ପରିଡ଼ା ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ।

## ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା



**କେନ୍ଦ୍ରାପଡ଼ା, ୧୧।୧୨(ସମିସ):** ଜିଲ୍ଲା ପ୍ରଶାସନ ଓ ରାଜ୍ୟ ଶିଶୁ କଲ୍ୟାଣ ପରିଷଦର ମିଳିତ ସହଯୋଗରେ ପୁରୁଣା ମୁଖ୍ୟ ଡାକ୍ତରଖାନା ନିକଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ସକାଳ ୯ଟାରୁ ରେଜିଷ୍ଟ୍ରେସନ ଆରମ୍ଭ ହୋଇଥିବାବେଳେ ସାଢ଼େ ୧୨ଟାରେ ଏହି ପ୍ରତିଯୋଗିତା ଶେଷ ହୋଇଥିଲା। ୧୮୦ରୁ ଊର୍ଦ୍ଧ୍ୱ ଚିତ୍ରଶିଳ୍ପୀ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। କୁନି ପିଲାଙ୍କ ତୂଳୀର ନିଖୁଣ ସ୍ପର୍ଶରେ କାର୍ଡବୋର୍ଡରେ ଜୀବନ୍ତ ହୋଇଉଠିଥିବା ଛବି ଦେଖି ଅଭିଭୂତ ହୋଇଯାଇଥିଲେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର। ପିଲାମାନଙ୍କ ଦ୍ୱାରା ଅଙ୍କାଯାଇଥିବା ଚିତ୍ରର ମୂଲ୍ୟାଙ୍କନ କରିଥିଲେ ଏକ ତିନିଜଣିଆ ବିଚାରକ ମଣ୍ଡଳୀ। ସାଧାରଣ ବର୍ଗ ମଧ୍ୟରେ ଗ୍ରୀନ ଗ୍ରୁପ୍, ହ୍ୱାଇଟ୍ ଗ୍ରୁପ୍, ବ୍ଲୁ ଗ୍ରୁପ୍ ଓ ଦିବ୍ୟାଙ୍ଗ ପିଲାଙ୍କ ମଧ୍ୟରେ ୟେଲୋ ଗ୍ରୁପ୍ ଓ ରେଡ୍ ଗ୍ରୁପ୍‌ରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ମନୋନୀତ କରାଯାଇଥିଲା। ଜିଲ୍ଲାସ୍ତରୀୟ ଉତ୍ସବରେ ଏହି ପିଲାଙ୍କୁ ପୁରସ୍କୃତ କରାଯିବ ବୋଲି କହିଛନ୍ତି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ। ସାଧାରଣ ବର୍ଗ ପାଇଁ ୫ରୁ ୧୬ ବର୍ଷ ବୟସ୍କ ପିଲାମାନେ ଅଂଶଗ୍ରହଣ କରିଥିବାବେଳେ ଦିବ୍ୟାଙ୍ଗ ବର୍ଗରେ ୫ରୁ ୧୮ ବର୍ଷ ବୟସ୍କ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ନୋଡାଲ୍ ଅଫିସର ଭାବେ ଏହି କାର୍ଯ୍ୟକ୍ରମକୁ କନକଲତା ବେହେରା ପରିଚାଳନା କରିଥିବାବେଳେ ସହଯୋଗ କରିଥିଲେ ଶିଶୁ ମଙ୍ଗଳ କମିଟିର ସଦସ୍ୟା ବାସନ୍ତୀଲତା ବେହେରା ଓ ଶିଶୁ ସୁରକ୍ଷା ୟୁନିଟ୍‌ର ସମସ୍ତ କର୍ମକର୍ତ୍ତା।



## ଅସହାୟ ବୃଦ୍ଧଙ୍କୁ ବିଡିଓଙ୍କ ସହାୟତା



**ଡେରାବିଶ, ୧୧।୧୨(ସମିସ):** ଡେରାବିଶ ବ୍ଲକ ଅଧୀନସ୍ଥ ଏଣ୍ଡର ପଞ୍ଚାୟତ କୁସୁନୁପୁର ଗ୍ରାମର ପଦ୍ମନାଭ ସାହୁ (୮୦) ଜଣେ ଅସହାୟ ବ୍ୟକ୍ତି। ତାଙ୍କୁ ସହାୟତା କରିବା ପାଇଁ ପରିବାର ସଦସ୍ୟ କେହି ବି ନାହାଁନ୍ତି। ଭଙ୍ଗା ଚାଳଛପର ଘରେ ପଡ଼ିରହି ଅନ୍ୟର ସହାୟତାରେ ଦିନ କାଟୁଛନ୍ତି। ବୟସର ଅପରାହ୍ନରେ ପହଞ୍ଚିଥିଲେ ମଧ୍ୟ ପ୍ରଶାସନ ସୁବିଧାରୁ ବଞ୍ଚିତ ରହିଛନ୍ତି ପଦ୍ମନାଭ। ଏପରିକି ୮୦ ବର୍ଷ ହୋଇଥିବା ବେଳେ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରୁ ବଞ୍ଚିତ ଥିଲେ। ଅସହାୟ ବୃଦ୍ଧ ପଦ୍ମନାଭଙ୍କୁ ଡେରାବିଶ ବିଡିଓ ଦାସରଥି ଜେନା ଭେଟି ଆର୍ଥିକ ସହାୟତା ପ୍ରଦାନ କରିବା ସହ ଶୀତବସ୍ତ୍ର ଓ ଅନ୍ୟାନ୍ୟ ବସ୍ତ୍ର, ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି। ଏଥିସହ ତାଙ୍କୁ ଭତ୍ତା ମିଳିବା ପାଇଁ ନିଜେ ବିଡିଓ ଜେନା ବ୍ୟାଙ୍କରେ ଏକ ଜମାଖାତା ଖୋଲି ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚଙ୍କୁ ସମସ୍ତ କାଗଜପତ୍ର ମଙ୍ଗଳବାର ସୁଦ୍ଧା ବ୍ଲକ କାର୍ଯ୍ୟାଳୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓଙ୍କ ସହ ଏବିଡିଓ ଭଞ୍ଜ କିଶୋର ନାୟକ, ଏଣ୍ଡର ସମିତିସଭ୍ୟ ପ୍ରଫୁଲ୍ଲ କୁମାର ସେଠୀ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ମହେନ୍ଦ୍ର ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏଭଳି ବଦାନ୍ୟତା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ବିଡିଓଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ | ଧର୍ମଶାଳାକୁ ହରାଇ ଆଲି ସେମିକୁ ଉନ୍ନୀତ

**ଡେରାବିଶ, ୧୧।୧୨(ସମିସ)**



ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ହରିଅଙ୍କ ହାଇସ୍କୁଲ ପଡ଼ିଆରେ ଜୟଦୁର୍ଗା ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ୨୫ତମ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟରଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଆଜିର ମ୍ୟାଚ୍ ଆଲି ଆଥଲେଟିକ୍ ଆସୋସିଏସନ୍ ଓ ଯାଜପୁରର ଧର୍ମଶାଳା ଫୁଟବଲ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଲି ବିଜୟୀ ହୋଇ ସେମିଫାଇନାଲ୍‌ରେ ପ୍ରବେଶ କରିଛି। ପ୍ରଥମାର୍ଦ୍ଧରେ ଧର୍ମଶାଳା ଟିମ୍ ୧-୦ ଗୋଲରେ ଆଗୁଆ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧ ଶେଷ ବେଳକୁ ଆଲି ଟିମ୍ ଧର୍ମଶାଳକୁ ଗୋଟିଏ ଗୋଲ ଦେଇ ଖେଳକୁ ସମାନ ସ୍ଥିତିକୁ ଆଣିଥିଲା। ପରେ ଟ୍ରାଇବ୍ରେକର ଦ୍ୱାରା ୪-୩ ଗୋଲ୍‌ରେ ଆଲି ଆଥଲେଟିକ୍ ଆସୋସିଏସନ୍ ବିଜୟ ଲାଭ କରିଥିଲା।ଏହି ଉପଲକ୍ଷେ ଆୟୋଜିତ ସଭାରେ ଆସୋସିଏସନ୍‌ର ସଭାପତି ନୃସିଂହ ଚରଣ ନାୟକ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲିକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ସୁଖଦାନନ୍ଦ ପ୍ରଧାନ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସୁଶାନ୍ତ ବିଶ୍ୱାଳ, ରିଆଜ୍ କାଦରି, ଅକ୍ଷୟ ହେମ୍ବ୍ରମ୍ ଓ ସୁଶାନ୍ତ ସାହୁ ଖେଳ ପରିଚାଳନା କରିଥଲେ। ବିଶ୍ୱରଞ୍ଜନ ସାମଲ ମ୍ୟାଚ୍‌ର ଧାରା ବିବରଣୀ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ ଅବସରରେ ମାରୁ କମ୍ପାନୀ ପକ୍ଷରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା।

ଆଜିର ମ୍ୟାଚ୍‌କୁ ଆଥଲେଟିକ୍ ଆସୋସିଏସନ୍‌ର ସଦସ୍ୟ ଅଞ୍ଜନ ମହାନ୍ତି, ରାମଚନ୍ଦ୍ର ସେଠୀ, ଶରତ ବେହେରା, କୈଳାସ ଲେଙ୍କା, କାଳନ୍ଦୀ ଦାସ, ଅଲେଖ ବେଜ, ନଟବର ସେଠୀ, ଜଗବନ୍ଧୁ ମହାନ୍ତି ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

ଆମ ପର୍ଯ୍ୟଟନ

# ଟିଖାଲିରେ ଜମୁଛି ନୌକାବିହାର

**ନୂଆପଡ଼ା,୧୧।୧୨(ସମିସ):** ନୂଆପଡ଼ା ଜିଲ୍ଲାରେ ବହୁ ପର୍ଯ୍ୟଟନସ୍ଥଳୀ ରହିଥିବା ବେଳେ ଏଗୁଡ଼ିକର ଉନ୍ନତୀକରଣ କରାଗଲେ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏଠିକାର ଲୋକଙ୍କ ଆର୍ଥିକ ସ୍ଥିତିରେ କିଛିଟା ଉନ୍ନତି ଆସିପାରିବ ବୋଲି ଦାବି କରାଯାଉଥିଲା। ରାଜ୍ୟ ସରକାର ଏହା ଉପରେ ଦୃଷ୍ଟି ଦେଇଛନ୍ତି। ପର୍ଯ୍ୟାୟକ୍ରମେ ଏଠିକାର ପର୍ଯ୍ୟଟନ ଶିଳ୍ପ ଉପରେ ପ୍ରଶାସନ କାର୍ଯ୍ୟକ୍ରମ ସବୁ ଆରମ୍ଭ କରିଛି। ଜିଲ୍ଲାର ପଟୋରା, ପାତାଳଗଙ୍ଗା, ସୁନାବେଡ଼ାର ସୁନାଦେଇ ଆଦି ପର୍ଯ୍ୟଟନସ୍ଥଳୀ ଉପରେ ବିକାଶ ପାଇଁ ପାଣ୍ଠି ପ୍ରଦାନ କରିଥିବା ବେଳେ ବର୍ତ୍ତମାନ ଟିଖାଲି ଡ୍ୟାମ୍ ମଧ୍ୟ କିପରି ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ, ସେଥିପାଇଁ ରେଷ୍ଟୁରାଣ୍ଟ ଆଦିର ବ୍ୟବସ୍ଥା କରାଯାଇଛି। ଜାତୀୟ ରାଜପଥ କଡ଼ରେ ହରିପୁର ଗାଁ ନିକଟରେ ଥିବାରୁ ପ୍ରତ୍ୟହ ଏହି ରାସ୍ତା ଦେଇ ଯିବା ଆସିବା କରୁଥିବା ଲୋକେ ଘାଟ ନିକଟରେ ଅଟକି ନୌକାବିହାରର ମଜା ନେଉଛନ୍ତି।

ଦାୟିତ୍ୱରେ ଥିବା ଜଣେ କର୍ମଚାରୀଙ୍କ କହିବାନୁଯାୟୀ, ଯାତ୍ରୀମାନଙ୍କ ପାଇଁ ଟିକେଟ୍‌ର ମୂଲ୍ୟ ଶହେରୁ ଦୁଇ ଶହ ଟଙ୍କା ପର୍ଯ୍ୟନ୍ତ ରଖାଯାଇଛି। ପ୍ରତ୍ୟହ ୧୦ରୁ ୧୨ ହଜାର ଟଙ୍କାର ଟିକେଟ୍ ବିକ୍ରି ହେଉଥିବା ବେଳେ ଏଠାରେ ଯାତ୍ରୀମାନଙ୍କ ସମାଗମ ଧୀରେଧୀରେ ବଢ଼ି ବଢ଼ି ଚାଲିଛି। ନିଶ୍ଚିତ ଭାବେ ଏଠିକାର ଚାହିଦା ବଢ଼ି ଚାଲିଥିବା ଦେଖାଯାଉଛି। ଏହା ଗ୍ରାମାଞ୍ଚଳରେ ହୋଇଥିବାରୁ ଟିକେଟ୍ ମୂଲ୍ୟରେ



ଯତ୍ନବାନ ହେଉଥିବା ଦେଖାଯାଇଛି। ଏଠାରେ ଜିଲ୍ଲାରେ ପ୍ରଥମଥର ପାଇଁ ନୌକାବିହାର ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏହା ଆରମ୍ଭ ହେବାଦିନଠାରୁ ଚାହିଦା ବଢ଼ି ବଢ଼ି ଚାଲିଛି।

ସୂଚନାଯୋଗ୍ୟ, ଟିଖାଲିଠାରେ ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ନିର୍ମାଣ କରାଯାଇଛି। ଏହାକୁ ୨୦୨୦ ମାର୍ଚ୍ଚ ମାସ ୧୦ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଥିବା ବେଳେ ଚଳିତ ବର୍ଷ ନଭେମ୍ବର ୧୬ ତାରିଖ ଦିନ ଏଠାରେ ପର୍ଯ୍ୟଟକଙ୍କ ଗହଳି ବଢୁଥିବା ହେତୁ ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଏଠାରେ ନୌକାବିହାର ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏହାକୁ ଏଜୋଲା ଆଡଭେଞ୍ଚର୍ ନାମକ ଏକ ବେସରକାରୀ ସଂସ୍ଥାକୁ ପରିଚାଳନା ଦାୟିତ୍ୱ ଦିଆଯାଇଛି। ଏହା ଅଧୀନରେ ଇଲିଣ୍ଡ ପାରାସାଇଟ, ଜେଟ ସ୍ୱିଇମ, କ୍ରୁକ ବୋଟ, ଫ୍ଲୋଟିଂ କିଛିଟା ରିହାତି କରାଯିବା ସହ ଏଠାର ଅସ୍ଥାୟୀ ଦୋକାନ ବଜାର ବ୍ୟବସ୍ଥା କରାଗଲେ ଯାତ୍ରୀମାନଙ୍କ ସୁବିଧା ହେବ ଏବଂ ଅଧିକରୁ ଅଧିକ ଯାତ୍ରୀ ଆକର୍ଷିତ ହୋଇ ଏଠାକୁ ଆସିବେ।

ଅପରପକ୍ଷେ, ନୂଆପଡ଼ା ତଥା ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ପଟୋରାରେ ମଧ୍ୟ ହଜାର ହଜାର ସଂଖ୍ୟାରେ ଯାତ୍ରୀମାନଙ୍କ ସମାଗମ ହେଉଥିବାରୁ ସେଠାରେ ମଧ୍ୟ ନୌକାବିହାର କରାଯିବାକୁ ଜିଲ୍ଲାବାସୀ ଦାବି କରୁଛନ୍ତି। ସେଠାରେ ଆଗରୁ କାଠ ନିର୍ମିତ ନୌକା ଚାଲୁଥିଲା। ହେଲେ କୌଣସି କାରଣରୁ ତାହା ଏବେ ବନ୍ଦ ହୋଇଯାଇଛି। ଆଗକୁ ନୂଆବର୍ଷ ଆସୁଥିବା ହେତୁ ଭୋଜି ଭାତ ସହ ଶୈବପୀଠ ଦର୍ଶନ ସକାଶେ ଲୋକଙ୍କ ଭିଡ଼ ଜମିବା ଆରମ୍ଭ ହେଲାଣି। ତେଣୁ ଏହାକୁ ପୁନଃ ଚାଲୁରଖିବା ସହ ନୂତନ ଜ୍ଞାନକୌଶଳରେ ନିର୍ମିତ ହୋଇଥିବା ନୌକା ବ୍ୟବସ୍ଥା କରିବାକୁ ମତ ପ୍ରକାଶ ପାଇଛି।

ରାଜ୍ୟରେ ମହିଳା ସଶକ୍ତୀକରଣ

# ସ୍ଲୋଗାନ ନୁହେଁ; ସମ୍ମାନର ପରିଚୟ

**ଭୁବନେଶ୍ୱର,୧୧।୧୨(ସମିସ):** ମହିଳା ସଶକ୍ତିକରଣ କେବଳ ଆର୍ଥିକ ପ୍ରଗତିରେ ସୀମିତ ନୁହେଁ। ସଶକ୍ତୀକରଣର ଅର୍ଥ ହେଉଛି ମହିଳାମାନଙ୍କୁ ଆର୍ଥିକ ଓ ସାମାଜିକ ଉଭୟ କ୍ଷେତ୍ରରେ ସମ୍ମାନର ସହ ପରିଚୟ ପ୍ରଦାନ। ଓଡ଼ିଶାରେ ମହିଳାମାନଙ୍କୁ ଆର୍ଥିକସ୍ତରରେ ସୁଦୃଢ଼ କରାଯାଇ ପାରିଛି ଓ ସମ୍ମାନର ସହ ବଞ୍ଚିବା ପାଇଁ ଏକ ନୂଆ ପରିଚୟ ପ୍ରଦାନ କରାଯାଇଛି ବୋଲି କହିଛନ୍ତି 'ମିଶନ ଶକ୍ତି' ସଚିବ ତଥା କମିସନର ସୁଜାତା ରାଉତ କାର୍ତ୍ତିକେୟନ। ରାଜ୍ୟ ଲୋକସେବା ଭବନ କନଭେନସନ୍ ହଲରେ ଇଲେକଟ୍ରୋନିକ୍ସ ଓ ସୂଚନା-ପ୍ରଯୁକ୍ତିବିଦ୍ୟା ଏବଂ 'ସମଗ୍ର' ସହଭାଗିତାରେ ଆୟୋଜିତ 'ଦି ଗଭର୍ଣ୍ଣାନ୍ସ ଚ୍ୟାଲେଞ୍ଜ-୨୦୨୩' କାର୍ଯ୍ୟକ୍ରମରେ ଅତିଥି ରୂପେ ଯୋଗ ଦେଇ ଶ୍ରୀମତୀ କାର୍ତ୍ତିକେୟନ ରାଜ୍ୟର ମିଶନ ଶକ୍ତି ମହିଳାମାନଙ୍କ ଅସୁମାରି ପ୍ରଗତି ଓ ସ୍ୱାବଲମ୍ବନର ବିସ୍ତୃତ ତଥ୍ୟ ପ୍ରଦାନ କରିଛନ୍ତି।




- କେବଳ ଅର୍ଥନୈତିକ ପ୍ରଗତିରେ ସୀମିତ ନୁହେଁ ମହିଳା ସଶକ୍ତୀକରଣ
- ବିଡିଓ ଅଫିସଠାରୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପାରୁଛନ୍ତି ରାଜ୍ୟର ମହିଳା
- ଓଡ଼ିଶାର ୩୦ ଜିଲ୍ଲା ପରିଷଦରୁ ୨୧ଟିରେ ମହିଳାଙ୍କ ନେତୃତ୍ୱ

ସୁଜାତା କହିଛନ୍ତି ଯେ ମହିଳାମାନଙ୍କୁ ଆର୍ଥିକସ୍ତରରେ ସୁଦୃଢ଼ କରିବା ସଶକ୍ତିକରଣର ଗୋଟିଏ ଦିଗ। ମାତ୍ର ଏହା ସହ ସେମାନଙ୍କୁ ସମ୍ମାନର ସହ ଓ ନିଜସ୍ୱ ପରିଚୟ ସୃଷ୍ଟି କରିବାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଦେଶର ଏକ ମାତ୍ର ରାଜ୍ୟ ଭାବେ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ସହ ଏସ୍‌ଏଚଜି ମହିଳାମାନେ ଯୋଡ଼ି ହୋଇ କାର୍ଯ୍ୟ କରୁଛନ୍ତି। ରାଜ୍ୟର ମହିଳାମାନେ ବିନା ବାଧା ଓ ବିନା ସଙ୍କୋଚରେ ବିଡ଼ିଓ, ଜିଲ୍ଲାପାଳ, ଏପରିକି ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଦେଖା କରିପାରୁଛନ୍ତି। ରାଜ୍ୟ ସରକାରଙ୍କ ପାଇଁ ମହିଳା ସଶକ୍ତିକରଣ ଏକ ସ୍ଲୋଗାନ୍ ନୁହେଁ, ଏହା ଏକ ବାସ୍ତବତା ବୋଲି ମୁଖ୍ୟମନ୍ତ୍ରୀ ସର୍ବଦା କହିଥାନ୍ତି। ଓଡ଼ିଶାରେ ଏହାକୁ ନୀତିରେ ରାଜ୍ୟ ସରକାର ପରିଣତ କରିଛନ୍ତି। ମହିଳା ସଶକ୍ତିକରଣ କ୍ଷେତ୍ରରେ ଅନେକ କାର୍ଯ୍ୟ ହୋଇଛି। ମହିଳାମାନଙ୍କୁ କେବଳ କିଛି ଋଣ ଦେଇ ସେମାନଙ୍କୁ କେବଳ କୌଣସି ବ୍ୟବସାୟ କ୍ଷେତ୍ରରେ ଜଡ଼ିତ ନ ରଖାଯାଇ ସେମାନଙ୍କୁ ସରକାରଙ୍କର ବିଭିନ୍ନ ଯୋଜନା ସହ ଜଡ଼ିତ ରଖାଯାଇଛି। ପୂର୍ବରୁ ମହିଳାମାନେ କେବଳ ରୋଷେଇ ଘରେ ଖାଦ୍ୟ ପ୍ରସ୍ତୁତ କରୁଥିଲେ। ସେମାନଙ୍କ ବିଷୟରେ କେହି ଜାଣିବାକୁ ସୁଯୋଗ ପାଉଥିଲେ। ହେଲେ ବର୍ତ୍ତମାନ ମହିଳାମାନେ ମିଶନ ଶକ୍ତି କାଫେରେ ସେହି ଖାଦ୍ୟ ପ୍ରସ୍ତୁତ କରି ବହୁ ପ୍ରଶଂସା ସାଉଣ୍ଟୁଛନ୍ତି। ମିଶନ ଶକ୍ତି କାଫେକୁ ପୁଲିସ ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲ୍ଲା ଜଜ୍‌ମାନେ ମଧ୍ୟ ଆସି ଖାଦ୍ୟ ଖାଇବା ପରେ ପ୍ରଶଂସା କରୁଛନ୍ତି।

ଅନୁରୂପ ଭାବେର ରାଜନୈତିକ କ୍ଷେତ୍ରରେ ମଧ୍ୟ ଓଡ଼ିଶାର ମହିଳାଙ୍କ ଭାଗିଦାରୀ ଓ ସଫଳତା ବୃଦ୍ଧି ପାଇଛି। ରାଜ୍ୟର ୩୦ ଜିଲ୍ଲାପରିଷଦ ଅଧକ୍ଷ ପଦରୁ ବର୍ତ୍ତମାନ ୨୧ ଟିରେ ମହିଳା ନେତୃତ୍ୱ ନେଉଛନ୍ତି। ପଞ୍ଚାୟତ ସମିତି ସହ ୱାର୍ଡମେମ୍ବରମାନଙ୍କ ମଧ୍ୟରେ ଅଧିକାଂଶ ମହିଳା ରହିଛନ୍ତି। ଏହା ହିଁ ମିଶନଶକ୍ତିର ସଫଳତା ବୋଲି କହିଛନ୍ତି ସୁଜାତା ରାଉତ କାର୍ତ୍ତିକେୟନ। ଗତ ଦୁଇ ଦଶନ୍ଧିରେ ମହିଳା ସଶକ୍ତିକରଣ ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଯାହା ଭିତରୁ ମିଶନଶକ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାନସ କନ୍ୟା ହୋଇ ପାରିଛି। ଦେଶର ପ୍ରଥମ ରାଜ୍ୟ ଭାବେ ମହିଳାମାନଙ୍କୁ ରାଜ୍ୟ ସରକାରଙ୍କ ସହ ଯୋଗସୂତ୍ର ରକ୍ଷା କରିବାର ସୁଯୋଗ ଦିଆଯାଇଛି। ଯେଉଁଥି ପାଇଁ ମହିଳାମାନେ ନେତୃତ୍ୱ ନେଇ ପାରିଛନ୍ତି। ମିଶନଶକ୍ତି ମହିଳାଙ୍କୁ ଉଦ୍ୟୋଗୀ କରିବାକୁ ୫ ଲକ୍ଷ ଟଙ୍କା ଯାଏ ବିନା ସୁଧ ସରକାର ଋଣ ପ୍ରଦାନ କରୁଛନ୍ତି। ଏହି ଅବସରରେ ମହିଳାମାନଙ୍କୁ ସବୁ କ୍ଷେତ୍ରରେ ସଶକ୍ତ କରି ସାମାଜିକ ରୂପାନ୍ତର କରିବା ପାଇଁ ଯୁବ ସମାଜକୁ ଆଗେଇ ଆସିବାକୁ ଶ୍ରୀମତୀ କାର୍ତ୍ତିକେୟନ ଆହ୍ୱାନ ଦେଇଛନ୍ତି।

ସାହୁ କମ୍ପାନୀର ମଦ ସାମ୍ରାଜ୍ୟ

# ବିପୁଳ ଟଙ୍କା ପରେ ଲକର୍‌ରୁ ମିଳିଲା ପୁଳାପୁଳା ସୁନା

**ଭୁବନେଶ୍ୱର/ବଲାଙ୍ଗୀର,୧୧।୧୨(ସମିସ):** ସାହୁ କମ୍ପାନୀର ମଦ ସାମ୍ରାଜ୍ୟକୁ ଆୟକର ବିଭାଗ ଯେତେ ଖୋଲୁଛି, ସେତେ ବାହାରୁଛି ନଗଦ ଟଙ୍କା। ଏବେ ଟଙ୍କା ସହ ବିପୁଳ ସୁନା ଆୟକର ହାତରେ ଲାଗିଛି। ଷଷ୍ଠ ଦିନରେ ଆୟକର ବିଭାଗ ମଦ ବ୍ୟବସାୟୀ ସଞ୍ଜୟ ସାହୁଙ୍କ ପତ୍ନୀକୁ ଧରି ଟିଟିଲାଗଡ଼ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ୍ ଓ ଟିଟିଲାଗଡ଼ ସ୍ଥିତି ଆକ୍ସିସ୍ ବ୍ୟାଙ୍କ୍ ଲକ୍‌ର ଯାଞ୍ଚ କରିଛି। ଏହି ସମୟରେ ଆକ୍ସିସ ବ୍ୟାଙ୍କ୍‌ର ୩ଟି ଲକ୍‌ର ମଧ୍ୟରୁ ଗୋଟିଏ ଲକରରୁ ମିଳିଛି ପୁଳାପୁଳା ସୁନା। ଏକ ବ୍ୟାଗ୍‌ରେ ବନ୍ଧା ହୋଇ ରହିଥିଲା ରହିଥିବା ଏହି ସୁନା ଅଳଙ୍କାର ଆୟକର ବିଭାଗ ଜବତ କରିଛି। ଏଥିସହ ବଲାଙ୍ଗିର ସୁଦପଡ଼ା ମଦ ଭାଟି ଏବଂ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଷଷ୍ଠ ଦିନରେ ଆୟକର ବିଭାଗ ଚଢାଉ କରି ଯାଞ୍ଚ କରିଛି। ଏହି ଚଢାଉରେ ଆୟକର ବିଭାଗର ଡେପୁଟି କମିଶନର ସାମିଲ ହୋଇଛନ୍ତି।

ଅନ୍ୟପଟରେ ବଲାଙ୍ଗୀର ଷ୍ଟେଟ୍ ବ୍ୟାଙ୍କ୍ ଷ୍ଟ୍ରଙ୍ଗ୍ ରୁମ୍‌ରେ ୨୮୫ କୋଟି ଟଙ୍କା ଜମା କରାଯାଇଛି। ମାତ୍ର ସ୍ଥାନାଭାବ ଯୋଗୁ ଅବଶିଷ୍ଟ ଟଙ୍କା କେଉଁଠି ଜମା ରଖାଯିବ ତାକୁ ନେଇ ଆୟକର ବିଭାଗ ଚିନ୍ତାରେ ପଡ଼ିଛି। ସ୍ଥାନାଭାବ ନେଇ ଆରବିଆଇ ଓ ଏସ୍‌ବିଆଇର ଉପରିସ୍ଥ ଅଧିକାରୀଙ୍କୁ ଜଣାଇ କର୍ତ୍ତୃପକ୍ଷ ଅବଗତ କରିଛନ୍ତି। ବଲାଙ୍ଗୀର ଷ୍ଟ୍ରଙ୍ଗ ରୁମ୍‌ରେ ୩୫୦ କୋଟି ଟଙ୍କା ରଖିବାର କ୍ଷମତା ରହିଛି। ଷ୍ଟ୍ରଙ୍ଗ୍ ରୁମ୍‌ରେ ନିୟମିତ ୨୦୦/୩୦୦କୋଟି ଟଙ୍କା ରହିଥାଏ, ତେଣୁ ଜବତ ଅର୍ଥ ରଖାଯିବାକୁ ନେଇ ଆୟକର ଅଧିକାରୀମାନେ ଚିନ୍ତାରେ ପଡ଼ିଛନ୍ତି।

ଅନ୍ୟପଟରେ ଆୟକର ଚଢାଉ ପରେ ଏବେ ରାଜ୍ୟ ଅବକାରୀ ବିଭାଗ ମଦ ବ୍ୟବସାୟ ଉପରେ ଚଢ଼ଉ ଆରମ୍ଭ କରିଛି। ମଦ ବ୍ୟବସାୟୀ ବଳଦେବ ସାହୁ ଆଣ୍ଡ ସନ୍ସ ମାଲିକାନାରେ ଥିବା ସବୁ ମଦଭାଟିରେ ଯାଞ୍ଚ କରାଯାଇଛି। ମଦ ତିଆରି କାରଖାନା ସଂକ୍ରାନ୍ତ ଦସ୍ତାବିଜ୍‌ର ଖୋଳତାଡ଼ କରାଯାଇଛି। ରାଜ୍ୟ ଅବକାରୀ ନୀତି ପାଳନ ହୋଇଛି କି ନାହିଁ ସେନେଇ ଯାଞ୍ଚ ହୋଇଛି। କେବଳ ବଳଦେବଙ୍କ ମଦ ଭାଟି ନୁହେଁ, ରାଜ୍ୟର ଅନ୍ୟ ସବୁ ମଦ ଭାଟି ଓ କାରଖାନାରେ ବି ଯାଞ୍ଚ କରାଯାଉଛି। ଯଦି ମଦ ବ୍ୟବସାୟୀଙ୍କ ସହ ଜବତ ଟଙ୍କାର ସମ୍ପର୍କ ଥିବ ତେବେ ପଦକ୍ଷେପ ନିଆଯିବ ବୋଲି ରାଜ୍ୟ ଅବକାରୀ କମିଶନର ନରସିଂହ ଭୋଳ ସୂଚନା ଦେଇଛନ୍ତି। ବଲାଙ୍ଗିର ସୁଦପଡ଼ା ମଦ ବ୍ୟବସାୟୀଙ୍କ ଠିକଣାରେ ଆୟକର ବିଭାଗର ରେଡ ବେଳେ ବସ୍ତାବସ୍ତା ଟଙ୍କା ମିଳିଥିଲା। ସୁଦପଡ଼ା ମଦ ବ୍ୟବସାୟୀଙ୍କଠାରୁ ମିଳିଥିଲା ୧୭୫ ବ୍ୟାଗ ନୋଟ୍‌କୁ ବଲାଙ୍ଗିର ଏସ୍‌ବିଆଇ ମୁଖ୍ୟ ଶାଖାରେ ଗଣତି କରାଯାଇଥିଲା। ଗତକାଲି ସନ୍ଧ୍ୟାରେ ଗଣତି ଏହି ଟଙ୍କା ଗଣତି ଶେଷ ହୋଇଥିଲା। ଏହା ପୂର୍ବରୁ ଟିଟିଲାଗଡ଼ ଓ ସମ୍ବଲପୁରରେ ଟଙ୍କା ଗଣତି ସରିଥିଲା।

# ଲାଞ୍ଚୁଆ ୩ ସରକାରୀ କର୍ମଚାରୀଙ୍କୁ ଭିଜିଲାନ୍ସ ଛାଟ

- ୨୦ ହଜାର ଲାଞ୍ଚ ନେଇ ଗିରଫ ହେଲେ ବିଡିଏ ଅମିନ୍
- ଗଛ କାଟିବା ପାଇଁ ଅନୁମତି ପାଇଁ ୧୫ ହଜାର ଲାଞ୍ଚ ନେଉଥିଲେ
- ଭିଜିଲାନ୍ସ ହାତରେ ଧରାପଡ଼ିଲେ ଫରେଷ୍ଟ ଗାର୍ଡ ଓ ଜଗୁଆଳି

**ଭୁବନେଶ୍ୱର,୧୧।୧୨(ସମିସ):** ଆଜି ଲାଞ୍ଚ ନେଉଥିବା ୩ଜଣ ସରକାରୀ କର୍ମଚାରୀଙ୍କ ଉପରେ ଭିଜିଲାନ୍ସ ଛାଟ ବାଜିଛି। ସେମାନଙ୍କଠାରୁ କେମିକାଲ ବୋଳା ଟଙ୍କା ଜବତ କରାଯାଇ ଗିରଫ କରାଯାଇଛି। ୧୫ ହଜାର ଲାଞ୍ଚ ନେଇ ଗିରଫ ହୋଇଛନ୍ତି ଭୁବନେଶ୍ୱର ବିଡିଏ ଅମିନ୍ ସର୍ବେଶ୍ୱର ମହାନ୍ତି। ତାଙ୍କୁ ଗିରଫ କରାଯିବା ପରେ ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଅମିନଙ୍କୁ ଗିରଫ କରାଯିବା ପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ତାଙ୍କର ଚନ୍ଦ୍ରଶେଖରପୁରରେ ଥିବା ତାଙ୍କ ଘର, କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇରେ ଥିବା ପୈତୃକ ବାସଭବନ ଏବଂ ଅଫିସ୍‌ରେ ଚଢ଼ଉ କରାଯାଇଥିଲା। ଅଭିଯୋଗକାରୀଙ୍କ ପତ୍ନୀଙ୍କ ନାମରେ ଲିଜ୍ ସୂତ୍ରରେ ଆବଣ୍ଟନ ହୋଇଥିବା ଘରକୁ ବିକ୍ରି କରିବା ପାଇଁ ଅନୁକୂଳ ରିପୋର୍ଟ ଦେବାକୁ ସର୍ବେଶ୍ୱର ୨୦ ହଜାର ଲାଞ୍ଚ ନେଇଥିଲେ। ଅଭିଯୋଗକାରୀ ତାଙ୍କ ନିକଟରେ ଏହି ରିପୋର୍ଟ ଦେବାକୁ କହିଥିଲେ ମଧ୍ୟ ସେ ଟଙ୍କା ନଦେଲେ ଅନୁକୂଳ ରିପୋର୍ଟ ଦେଇ ହେବ ନାହିଁ ହେବ ବୋଲି କହିଥିଲେ। ତେଣୁ ଅଭିଯୋଗକାରୀ ଏନେଇ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ସର୍ବେଶ୍ୱର ଆଜି ଅଫିସ୍ ବାହାରେ ଲାଞ୍ଚ ଟଙ୍କା ନେଇ ନିଜ ପ୍ୟାଣ୍ଟ ପକେଟ୍‌ରେ ରଖିଥିଲେ। ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଟିମ୍ ଅତର୍କିତ ଭାବେ ଚଢ଼ଉ କରି ତାଙ୍କୁ ଧରିଥିଲେ। ତାଙ୍କ ପ୍ୟାଣ୍ଟ ପକେଟ୍‌ରୁ ଲାଞ୍ଚ ଟଙ୍କା ମିଳିଥିଲା।

ସେହିପରି ଗଛ କାଟିବା ପାଇଁ ୧୫ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି ବନ୍ଧବାହାଲ ବନଖଣ୍ଡର ମହିଳା ଫରେଷ୍ଟ ଗାର୍ଡ ଝରଣା ସାହୁ ଓ ଜଗୁଆଳି ସଞ୍ଜୟ ବାରିକ। ଦଳଗାଁ ପଞ୍ଚାୟତର ସୋଲପାଲି ଗାଁର ଅରବିନ୍ଦ ସେଟଙ୍କୁ ଗଛ କାଟିବା ପାଇଁ ଅନୁମତି ଦେବାକୁ ଲାଞ୍ଚ ମାଗିଥିଲେ ଫରେଷ୍ଟ ଗାର୍ଡ ଝରଣା ସାହୁ। ଏନେଇ ଅରବିନ୍ଦ ଭିଜିଲାନ୍ସକୁ ଜଣାଇଥିଲେ। ପୂର୍ବ ଯୋଜନା ଅନୁଯାୟୀ, ଆଜି ଅରବିନ୍ଦ ଫରେଷ୍ଟଗାର୍ଡ ଝରଣା ସାହୁ ଓ ଜଗୁଆଳି ସଞ୍ଜୟ ବାରିକଙ୍କୁ ଟଙ୍କା ଦେଉଥିବା ବେଳେ ଭିଜିଲାନ୍ସ ମାଡ଼ି ବସିଥିଲା। ଭିଜିଲାନ୍ସ ସମସ୍ତ ଲାଞ୍ଚ ଅର୍ଥ ଜଗୁଆଳି ସଞ୍ଜୟଙ୍କ ପକେଟ୍‌ରୁ ଜବତ କରାଯାଇଥିଲା। ପରେ ଉଭୟଙ୍କ ହାତକୁ ପାଣିରେ ଧୋଇବା ପରେ କେମିକାଲ ମିଳିବା ପରେ ଉଭୟଙ୍କୁ ଗିରଫ କରାଯାଇଛି।

## ଦିନକରେ ୩ ଦୁର୍ନୀତିଖୋର୍‌ଙ୍କୁ ଜେଲ୍

**ଭୁବନେଶ୍ୱର, ୧୧।୧୨(ସମିସ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଗୋଟିଏ ଦିନରେ ୩ଜଣଙ୍କୁ ଭିଜିଲାନ୍ସ କୋର୍ଟ ଜେଲ୍ ଦଣ୍ଡ ଶୁଣାଇଛନ୍ତି। ନବରଙ୍ଗପୁର ଜିଲ୍ଲା ଉମରକୋଟ୍‌ର ଆର୍‌ଡବ୍ଲ୍ୟୁ ଡିଭିଜନ୍‌ର ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ସୀମାଦ୍ରି ନାୟକଙ୍କୁ ୩ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି। ଭୁବନେଶ୍ୱରର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ତାଙ୍କୁ ଏହି ଦଣ୍ଡାଦେଶ ଶୁଣାଇଛନ୍ତି।

- ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀଙ୍କୁ ୩ ଓ ପତ୍ନୀଙ୍କୁ ବର୍ଷେ ଜେଲ୍
- ପଣ୍ୟାଗାର ନିଗମର ପୂର୍ବତନ ଅଧୀକ୍ଷକଙ୍କୁ ୨ବର୍ଷ ସଜା

ତା' ସହ ତାଙ୍କୁ ୧୦ଲକ୍ଷ ଟଙ୍କା ଜରିମାନ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ, ଅଧିକ ୬ ମାସ ସଜା ଭୋଗିବାକୁ କୁହାଯାଇଛି। ଏହି ମାମଲାରେ ମଧ୍ୟ ସ୍ୱାମୀଙ୍କୁ ଦୁର୍ନୀତି କରିବାରେ ସହଯୋଗ କରିଥିବାରୁ ଅବସରପ୍ରାପ୍ତ ଯନ୍ତ୍ରୀ ସୀମାଦ୍ରିଙ୍କ ପତ୍ନୀ ଲକ୍ଷ୍ମୀ ନାୟକଙ୍କୁ ମଧ୍ୟ କୋର୍ଟ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ତଙ୍କୁ ୧ ବର୍ଷ ଜେଲ୍ ଓ ୨ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରଯାଇଛି। ଜରିମାନା ଅନାଦେୟ ହେଲେ ଅଧିକ ୩ ମାସ ଜେଲ୍ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ଜେଲ୍ ଦଣ୍ଡାଦେଶ ଶୁଣାଇବା ପରେ ସୀମାଦ୍ରି ନାୟକଙ୍କ ପେନ୍‌ସନ ବନ୍ଦ କରିବାକୁ ଉପଯୁକ୍ତ ଅଧିକାରୀଙ୍କ ନିକଟରେ ଆବେଦନ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ସେହିପରି ବଲାଙ୍ଗୀର ଜିଲ୍ଲା ମାଲମୁଣ୍ଡା ପଣ୍ୟାଗାର ନିଗମର ପୂର୍ବତନ ଅଧିକାରୀ ଆନନ୍ଦ ଚନ୍ଦ୍ର ବେହେରାଙ୍କୁ ବର୍ଷେ ଜେଲ୍ ଦଣ୍ଡ ହୋଇଛି। ଡିଏ ମାମଲାର ଶୁଣାଣି କରି ବଲାଙ୍ଗୀର ସ୍ପେଶାଲ ଭିଜିଲାନ୍ସ କୋର୍ଟ ତାଙ୍କୁ ୧ ବର୍ଷ ଜେଲ୍ ଦଣ୍ଡ ସହ ୨ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୨ ମାସ ଜେଲ୍ ଭୋଗିବାକୁ କୁହାଯାଇଛି। କୋର୍ଟ ଦଣ୍ଡ ଦେବା ପରେ ଆନନ୍ଦଚନ୍ଦ୍ରଙ୍କ ପେନ୍‌ସନ୍‌କୁ ବନ୍ଦ କରି ଦିଆଯାଇଛି।

- କଳିଙ୍ଗନଗର ଥାନାରୁ ଅପରାଧୀ ଚକରା ଫେରାର୍ ଘଟଣା

## ୪ ପୁଲିସ କର୍ମଚାରୀ ନିଲମ୍ବିତ

**ସୁକିନ୍ଦା, ୧୧।୧୨(ସମିସ):** ଯାଜପୁର ଜିଲା କଳିଙ୍ଗନଗର ଥାନାରୁ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ଖସିଯିବା ଘଟଣାରେ ୪ଜଣ ପୁଲିସ କର୍ମଚାରୀ ନିଲମ୍ବିତ ହୋଇଛନ୍ତି। ନିଲମ୍ବିତ କର୍ମଚାରୀମାନେ ହେଲେ, ଏଏସ୍‌ଆଇ ଲକ୍ଷ୍ମୀଧର ଦାସ, ଅଚ୍ୟୁତନନ୍ଦ ଦାସ ଏବଂ ଦୁଇ କନେଷ୍ଟବଳ ପ୍ରଶାନ୍ତ କୁମାର ସେନାପତି, ରାମ ମୁର୍ମୁ। କଳିଙ୍ଗନଗର ଥାନା ଶାଳିଜଙ୍ଗା ଅଞ୍ଚଳରେ ହୋଇଥିବା ଏକ ଡକାୟତି ଘଟଣାରେ ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କଳିଙ୍ଗନଗର ଥାନାରେ ରଖିଥିଲା। ସେମାନଙ୍କ ମଧ୍ୟରେ ଯାଜପୁରରୋଡ୍ ଥାନା ଶୋବରା ଅଞ୍ଚଳର ଦୁର୍ଦ୍ଦାନ୍ତ ଅପରାଧୀ ଚକରା ବେହେରା ରହିଥିଲା। ଚକରା ଗତ ୫ ତାରିଖ ଦିନ ପାଇଖାନା ଯିବାକୁ ବାହାନା କରି ଟଏଲେଟ୍ ଯାଇଥିଲା। ସେଠାରେ ସ୍କାଏ- ଲାଇଟ୍ ଭାଙ୍ଗି ଫେରାର୍ ହୋଇଯାଇଥିଲା। ତାକୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ ହେଁ ପାଇନଥିଲା। ତେଣୁ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ୪ଜଣ ପୁଲିସଙ୍କୁ ନିଲମ୍ବିତ କରାଯାଇଛି ବୋଲି କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସିଲଭରୀୟସ୍ ଟୋପେ ସୂଚନା ଦେଇଛନ୍ତି।

## ୨୫ ଲକ୍ଷରେ ବିକ୍ରିହେଲା ୧୭ ତେଲିଆ ବୋରେହି

**ପାରାଦୀପ,୧୧।୧୨(ସମିସ):** ପାରାଦୀପ କୂଳଠାରୁ ୨୦ ଫାଦାନ ଦୂର ସମୁଦ୍ର ମଧ୍ୟରୁ ୧୭ଟି ବିରଳ ତେଲିଆ ବୋରେହି ମାଛ ଧରାପଡ଼ିଛନ୍ତି। ଏହି ମାଛ ୨୫ ଲକ୍ଷ ଟଙ୍କାରେ ନିଲାମ ହୋଇଛି। କୋଲକାତାର ଜଣେ ବ୍ୟବସାୟୀ ଏହି ମାଛ କିଣିଥିବା ଜଣାଯାଇଛି।

ପାରାଦୀପ ସମୁଦ୍ରରୁ ଧରାପଡ଼ିଥିଲା



ଏହି ମାଛର ଔଷଧୀୟ ଗୁଣ ଥିବାରୁ ବଡ଼ବଡ଼ ଫାର୍ମା କମ୍ପାନୀମାନେ ଏହାକୁ ଉଚ୍ଚ ଦରରେ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଥା'ନ୍ତି। ବର୍ତ୍ତମାନ ମାଛର ଅନ୍ତକୁ କାଢ଼ି ପ୍ୟାକିଂ କରାଯାଇ ମେଡିସିନ୍ ଲାବରୋଟାରୀକୁ ପଠାଯିବ ଓ ମାଛକୁ କୋଲକାତା ବଜାରରେ ବିକ୍ରୟ କରାଯିବ ବୋଲି ମାଛ ବ୍ୟବସାୟୀଜଣଙ୍କ କହିଛନ୍ତି।

ସୂଚନାଯୋଗ୍ୟ, ବର୍ତ୍ତମାନ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ସମୟ ହୋଇଥିବାରୁ ସମୁଦ୍ର କୂଳଠାରୁ ୨୦ଫାଦାନ ମଧ୍ୟରେ ମାଛ ଧରିବା ଉପରେ କଟକଣା ଜାରୀ କରାଯାଇଛି। ତେଣୁ ବୋଟ୍‌ଗୁଡ଼ିକ ଗଭୀର ସମୁଦ୍ରରେ ମାଛ ଧରୁଛନ୍ତି। ନେହରୁ ବଙ୍ଗଳା ମାଛଧରା ବନ୍ଦରରୁ ଯାଇଥିବା ଏକ ବୋଟ୍ ମାଛ ଧରୁଥିବା ବେଳେ ଜାଲରେ ଏହି ବିରଳ ପ୍ରଜାତିର ୧୭ଟି ମାଛ ପଡ଼ିଥିଲା। ଗତ ରାତିରେ ବୋଟ୍‌ଟି ପାରାଦୀପରେ ପହଞ୍ଚିବା ପରେ ମାଛଗୁଡ଼ିକୁ ନେହରୁ ବଙ୍ଗଳାରୁ ଅଠରବାଙ୍କୀ ବାଲିଫ୍ଲଟ୍ ଅଣାଯାଇ ନିଲାମ କରାଯାଇଥିଲା। କୋଲକାତାର ଜଣେ ମାଛ ବ୍ୟବସାୟୀ ଏହି ୧୭ଟି ଯାକ ମାଛକୁ ୨୫ଲକ୍ଷ ଟଙ୍କାରେ ନିଲାମ ଧରିଛନ୍ତି।

## ଲୋକକଥା



ଟୋକାଙ୍କୁ ଆଡ଼େଇ ବୁଢ଼ାମାନେ ଯେତେ
ଗାଦି ବସିଛନ୍ତି ମାଡ଼ି,
ହାତ ପାର୍ଟି ତେଣୁ ଉଠି ପାରୁନାହିଁ
ପଡ଼ିଛି ଦାନ୍ତ କାମୁଡ଼ି !
ପଦୁଅଁ ଚିପିଛି ନାଡ଼ି,
ପୌଢ଼ଙ୍କୁ ପଛେଇ ଯୁବ ବରଗଙ୍କୁ
ଦେଖଉଛି ଆଗଧାଡ଼ି ॥

କେନ୍ଦ୍ରାପଡ଼ାରେ ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ ଦିଗରେ ଆଉ ଏକ ପାଦ

# ଜନଶୁଣାଣିରେ ସହଯୋଗ, ସହମତି

**କେନ୍ଦ୍ରାପଡ଼ା,୧୧।୧୨(ସମିସ):** ଶିଳ୍ପବିହୀନ ଅପନିନ୍ଦାର ଅନ୍ତ ହେବାକୁ ଯାଉଛି। କେନ୍ଦ୍ରାପଡ଼ା ଜିଲ୍ଲା ସହ ଏକ ବୃହତ ଶିଳ୍ପର ନାଁ ଯୋଡ଼ି ହେବ। ଆର୍ସେଲର ମିତ୍ତଲ ଓ ନିପ୍ପନ ଷ୍ଟିଲ ପକ୍ଷରୁ ପ୍ରସ୍ତାବିତ ବାର୍ଷିକ ୨୪ ମେଟ୍ରିକ୍ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ପାଇଁ ଆଜି ପ୍ରଥମ ଦିବସରେ କେନ୍ଦ୍ରାପଡ଼ା ମହାକାଳପଡ଼ା ରାମନଗର ପଞ୍ଚାୟତରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ୨୪ ଏମ୍‌ଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ-୧ ପ୍ରତିଷ୍ଠା ପାଇଁ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ଭେ ସମ୍ବନ୍ଧୀୟ ଏହି ଜନଶୁଣାଣି ସଫଳ ହୋଇଛି। ମହାକାଳପଡ଼ା ତହସିଲ ଅନ୍ତର୍ଗତ ରାମନଗର ପଞ୍ଚାୟତର ରାମନଗର ଓ ବନବିହାରୀପୁର ଗ୍ରାମର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରଭାବିତ ହେଉଥିବା ଗ୍ରାମବାସୀ କେବଳ ଶିଳ୍ପ ପ୍ରତିଷ୍ଠାକୁ ଖାଲି ସ୍ୱାଗତ କରିନାହାନ୍ତି, ବରଂ ସହଯୋଗ ଓ ସଦିଚ୍ଛା ଜ୍ଞାପନ କରିଛନ୍ତି।





ଆଜି ସକାଳ ୧୦ଟାରେ ଲୁଣିମାଠିଆ ଖେଳ ପଡ଼ିଆରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଶୁଣାଣି ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ସ୍ଥାନୀୟ ରାମନଗରର ସରପଞ୍ଚ ମିଳନ ଦେବନାଥ ବିଜୁବାବୁଙ୍କ କର୍ମଭୂମି ଶିଳ୍ପବିହୀନ କେନ୍ଦ୍ରାପଡ଼ାର ବିକାଶ ପାଇଁ ରାଜ୍ୟ ସରକାର ନେଇଥିବା ପଦକ୍ଷେପକୁ ସାଦରେ ସ୍ୱାଗତ କରିବା ସହ ସହମତି ଓ ସହଯୋଗ ପାଇଁ ପଞ୍ଚାୟତବାସୀଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର ଅତିଥି ପରିଚୟ ପ୍ରଦାନ ସହ ଜନଶୁଣାଣିର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ଉପସ୍ଥିତ ଚାଷୀ, ଜନପ୍ରତିନିଧି, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଓ ଜନସାଧାରଣଙ୍କୁ ସ୍ୱାଗତ କରି କହିଥିଲେ, ଶିଳ୍ପର ଭୌଗୋଳିକ ମାନଚିତ୍ରରେ ଯୋଡ଼ି ହେବାକୁ ଯାଉଛି କେନ୍ଦ୍ରାପଡ଼ା। ଏହା କେବଳ ମହାକାଳପଡ଼ାରେ ଦ୍ରୁତ ଅର୍ଥନୀତିକ ସମୃଦ୍ଧି ଆଣିବନି, ବରଂ ମାନବ ସମ୍ବଳର ବିକାଶ ସହ ନିଯୁକ୍ତିର ନୂଆ ଅଧ୍ୟାୟ ସୃଷ୍ଟି କରିବ।

ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ପ୍ରାରମ୍ଭିକ ସୂଚନା ଓ ମହାକାଳପଡ଼ା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଧନ୍ୟବା ଦେବା ସହ ଶିଳ୍ପ ପ୍ରତିଷ୍ଠା ପାଇଁ ରାମନଗର ଓ ବନବିହାରୀପୁରର ସମସ୍ତ ଗ୍ରାମବାସୀଙ୍କ ସହଯୋଗ କାମନା କରିଥିଲେ। ଆସନ୍ତା ମଙ୍ଗଳବାର ସକାଳ ସାଢ଼େ୯ଟାରେ ଖରିନାସୀ ପଞ୍ଚାୟତର ସ୍ଥାନୀୟ ଆନନ୍ଦ ଆଶ୍ରମ ବିଦ୍ୟା ନିକେତନ ସ୍କୁଲ୍ ପଡ଼ିଆରେ ସାମାଜିକ ପ୍ରଭାବ ସର୍ବେକ୍ଷଣର ବିବରଣୀ ଉପରେ ଦ୍ୱିତୀୟ ଦିବସ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ।

## କିରାସିନି ଢାଳି କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା

**ଆସିକା, ୧୧।୧୨(ସମିସ):** କୋଟିନଡ଼ା ଥାନା ଅନ୍ତର୍ଗତ ଭେଟନଇ ଗାଁରେ ଜଣେ ଛାତ୍ରୀ ସୋମବାର ପୂର୍ବାହ୍ନରେ ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ରୀଜଣଙ୍କ ହେଲେ, ଦେବରାଜ ଗୌଡ଼ଙ୍କ ଝିଅ ପୂଜା ଗୌଡ଼। ସେ ନିଜ ଦେହରେ କରାସିନି ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ପୂଜା ବାଲିପଦର ଅହଲ୍ୟା ଦେବୀ କଲେଜରେ ଯୁକ୍ତ ଦୁଇରେ ପଢ଼ନ୍ତି। ତେବେ କେଉଁ କାରଣରୁ ପୂଜା ଏପରି ଏକ ଚରମ ପଦକ୍ଷେପ ନେଲେ, ତାହା ଜଣାପଡ଼ିନାହିଁ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଭେଟନଇ ଯିବା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଦେବରାଜ ରୁହନ୍ତି। ପରିବାର କହିଲେ, ସ୍ତ୍ରୀ, ପୁଅ ଓ ଝିଅ। ଦେବରାଜ ସୁରତରେ କାମ କରୁଥିବା ବେଳେ ଘରେ ପୁଅ, ଝିଅ ଓ ସ୍ତ୍ରୀ ରହନ୍ତି। କୌଣସି କାରଣକୁ ନେଇ ମାଆଙ୍କ ସହ ଝିଅ ପୂଜାର ପାଟିତୁଣ୍ଡ ହୋଇଥିଲା। ତେବେ ସୋମବାର ପୂର୍ବାହ୍ନରେ ଘରେ କେହି ନଥିବାର ସୁଯୋଗ ନେଇ ପୂଜା ନିଜ ଦେହରେ କିରୋସିନି ଢାଳି ନିଆଁ ଲଗାଇ ଦେଇଥିଲେ।

ଜଗନ୍ନାଥ ପୁରୀ ପ୍ରାନ୍ତେ ଦେଶେଚୈବୋତ୍କଳାଭିଧେ/ କେନ୍ଦୁବିଲ୍ୱ ଇତିଖ୍ୟାତୋ ଗ୍ରାମୋ ବ୍ରାହ୍ମଣୋ ସଂକୁଳଃ
ତତ୍ରୋତ୍କଳେ ଦ୍ୱିଜୋଜାତୋ ଜୟଦେବ ଇତିଶ୍ରୁତଃ / ବିଦ୍ୟାଭାସ ରତଃଶାନ୍ତଃ ପୁରୁଷୋତ୍ତମପୁତ୍ରକଃ
- ମୈଥିଳୀବିଦ୍ୱାନ୍ ଚନ୍ଦ୍ରଦତ୍ତ(ଭକ୍ତିମାଳା)



ସକାଳ
THE SAKALA

## ଏନ୍‌ସିଇଆରଟି ପୁସ୍ତକରେ ଜୟଦେବଙ୍କ ପରିଚୟକୁ ନେଇ ଭୁଲ୍ ତଥ୍ୟ

# ପୁଣି ଅଯଥା ବିବାଦ କାହିଁକି?

ବିଶ୍ୱବିଖ୍ୟାତ ଉତ୍କଳୀୟ କବି ତଥା ଗୀତଗୋବିନ୍ଦର ରଚୟିତା ଜୟଦେବଙ୍କୁ ନେଇ ପୁନର୍ବାର ବିବାଦ ଆରମ୍ଭ ହୋଇଛି। ଏଥର ଏହି ବିବାଦର ସୂତ୍ରଧର ସ୍ୱୟଂ ଭାରତ ସରକାରଙ୍କ ସଂସ୍ଥା ଜାତୀୟ ଶିକ୍ଷା ଗବେଷଣା ପରିଷଦ ବା ଏନ୍‌ସିଇଆର୍‌ଟି। ଏହି ସଂସ୍ଥା ଦ୍ୱାରା ପ୍ରସ୍ତୁତ ଓ ପ୍ରକାଶିତ ସପ୍ତମଶ୍ରେଣୀ ସାମାଜିକ ବିଜ୍ଞାନ ବହିରେ ଜୟଦେବଙ୍କୁ ପଶ୍ଚିମବଙ୍ଗର ବୋଲି ଉଲ୍ଲେଖ କରାଯାଇଛି, ଯାହା ଠିକ୍ ନୁହେଁ। ଏଭଳି ଭୁଲ୍ ଥିବା ଅଧ୍ୟାୟ ବର୍ତ୍ତମାନ ସାରା ଦେଶରେ ବିଦ୍ୟାଳୟ ପାଠ୍ୟକ୍ରମରେ ଛାତ୍ରଛାତ୍ରୀମାନେ ପଢୁଛନ୍ତି। ଏହି ସଂସ୍ଥା ଦ୍ୱାରା ପ୍ରକାଶିତ ପାଠ୍ୟପୁସ୍ତକ ପ୍ରତିଷ୍ଠିତ ଶିକ୍ଷାବିତ୍ ଓ ବିଦ୍ୱାନମାନଙ୍କ ଦ୍ୱାରା ଲେଖାଯାଇଥାଏ ତଥା ଏଥିରେ ପ୍ରଦତ୍ତ ତଥ୍ୟ ନିର୍ଭୁଲ ଓ ବିବାଦମୁକ୍ତ ହେବା ଆଶା କରାଯାଏ। ଦ୍ୱାଦଶ ଶତାବ୍ଦୀର କବି ଜୟଦେବଙ୍କ ଜନ୍ମସ୍ଥାନ ପ୍ରାଚୀନ ଉତ୍କଳର ତଥା ଏବେକାର ଅବିଭକ୍ତ ପୁରୀ ଜିଲ୍ଲାର କେନ୍ଦୁଲିଶାସନ ବୋଲି ଅନେକ ଭକ୍ତିଯୁଗୀୟ ଲେଖା ଓ ତଥ୍ୟାବଳୀରୁ ଜଣାପଡ଼େ। ତେବେ ପଶ୍ଚିମବଙ୍ଗର ଲୋକେ ତାଙ୍କୁ ବଙ୍ଗଦେଶର କବି ଓ ସେଠାକାର କେନ୍ଦୁଲି ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ ବୋଲି ଦାବି କରନ୍ତି। ତେବେ ଗୀତଗୋବିନ୍ଦରେ ସ୍ୱୟଂ ଜୟଦେବଙ୍କ ଦ୍ୱାରା ଲିଖିତ ତଥ୍ୟ ଅନୁସାରେ ତାଙ୍କ ଜନ୍ମ ଓଡ଼ିଶାର 'କେନ୍ଦୁବିଲ୍ୱ' ଗ୍ରାମରେ।

ଗୀତଗୋବିନ୍ଦର ବିଷୟବସ୍ତୁ, ସଂସ୍କୃତ ଭାଷାର ପ୍ରସାର, ରାଧାକୃଷ୍ଣଙ୍କ ଲୀଳା ଓ ପ୍ରେମ ତଥା ଉତ୍କଳୀୟ ବୈଷ୍ଣବ ସଂସ୍କୃତି ତଥା ସର୍ବୋପରି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପାସନା ଓ ଲୀଳାକ୍ଷେତ୍ର ପୁରୀ ଆଦି ଦୃଷ୍ଟିରୁ ଅନେକ ବିଦ୍ୱାନ ଓ ଗବେଷକ ଜୟଦେବ ଏବଂ ଗୀତଗୋବିନ୍ଦକୁ ଓଡ଼ିଶାର ବୋଲି ସ୍ୱୀକାର କରନ୍ତି। ପଶ୍ଚିମବଙ୍ଗର ବହୁ ଗବେଷକ ଓ ପ୍ରତିଷ୍ଠିତ ବିଦ୍ୱାନ ମଧ୍ୟ ଜୟଦେବ ଓଡ଼ିଶା ଅଞ୍ଚଳର ବୋଲି ସ୍ୱୀକାର କରିସାରିଛନ୍ତି। ବଡ଼କଥା ହେଉଛି ଗୀତଗୋବିନ୍ଦର ସର୍ବାଧିକ ପାଣ୍ଡୁଲିପି ତାଳପତ୍ର ଲିଖନ ଓ ଅନ୍ୟାନ୍ୟ ଆକାରରେ ଓଡ଼ିଶାରୁ ମିଳିଛି, ତାହା ଅନ୍ୟ କେଉଁ ଜାଗାରୁ ମିଳିନାହିଁ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗୀତଗୋବିନ୍ଦ ଓଡ଼ିଶା ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ତାହାର ଗଭୀର ପ୍ରଭାବ ଏବେ ମଧ୍ୟ ଆମ ରାଜ୍ୟରେ ସାହିତ୍ୟ, ସଙ୍ଗୀତ ଓ ନୃତ୍ୟ ଆଦିରେ ଦେଖିବାକୁ ମିଳେ। ଓଡ଼ିଶାର ଲୋକକଥା ଓ ମନ୍ଦିର ଶିଳାଲେଖରେ ମଧ୍ୟ ଜୟଦେବଙ୍କ ବିଷୟରେ ତଥ୍ୟ ରହିଛି। ସେ ପୁରୀରେ ଥିବା ବେଳେ ପଦ୍ମାବତୀ ନାମକ ଜଣେ ନୃତ୍ୟାଙ୍ଗନାଙ୍କୁ ବିବାହ କରିଥିଲେ। ଜୟଦେବଙ୍କ ପିତା ଥିଲେ ଭୋଜଦେବ ଓ ମାତା ରମାଦେବୀ। ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ଦିଅଁଙ୍କ ବଡ଼ସିଂହାର ବେଶ ସମୟରେ ଗୀତଗୋବିନ୍ଦ ଗାୟନ କରାଯାଏ ଓ ମାହାରୀମାନେ ଏହି ଗୀତର ତାଳେ ତାଳେ ନୃତ୍ୟ କରୁଥିଲେ ଯେଉଁ ପ୍ରଥା ଏବେ କେବଳ ଗାୟନରେ ସୀମିତ ରହିଛି।

ଶ୍ରୀଲିଙ୍ଗରାଜ ମନ୍ଦିର ଶିଳାଲେଖ, ସିଂହାସନ ଓ ମଧୁକେଶ୍ୱର ମନ୍ଦିରର ଶିଳାଲେଖକୁ ପାଠୋଦ୍ଧାର କରି ବିଶିଷ୍ଟ ଐତିହାସିକ ତଥା ପ୍ରତ୍ନତତ୍ତ୍ୱବିଦ୍ ସତ୍ୟନାରାୟଣ ରାଜଗୁରୁ ଜୟଦେବଙ୍କ ଜୀବନର ପ୍ରାରମ୍ଭିକ କାଳ ସମ୍ପର୍କରେ ଯେଉଁ ତଥ୍ୟ ଦେଇଛନ୍ତି, ସେଥିରୁ ପ୍ରମାଣିତ ହେଉଛି ସେ ଓଡ଼ିଶାର। ବିଦେଶୀ ବିଦ୍ୱାନ ଥମାସ ଡୋନାଲ୍ଡସନ୍ ମଧ୍ୟ ଜୟଦେବଙ୍କୁ ଓଡ଼ିଶାର ବୋଲି କହିବା ସହ ତାଙ୍କ ଗୀତଗୋବିନ୍ଦ ପ୍ରାୟ ୧୧୯୦ ଖ୍ରୀଷ୍ଟାବ୍ଦ ବେଳକୁ ପୁରୀରେ ଲୋକପ୍ରିୟ ହୋଇସାରିଥିଲା ବୋଲି ଉଲ୍ଲେଖ କରିଛନ୍ତି। ପରିତାପର ବିଷୟ ହେଲା ଆଞ୍ଚଳିକ ସ୍ୱାଭିମାନ ପାଇଁ ବେଳେବେଳେ ସଂସ୍କୃତି ଓ ଐତିହ୍ୟକୁ ନେଇ ସଂକୀର୍ଣ୍ଣ ରାଜନୀତି ହୁଏ ଏବଂ ମହାନ ସଂସ୍କୃତି ପୁରୁଷ, ବିଦ୍ୱାନ ଓ କବି, ଲେଖକଙ୍କୁ ନିଜ ଅଞ୍ଚଳର ବୋଲି କହି ଅନେକ ଦାବି କରିବାକୁ ଇଚ୍ଛା କରିଥା'ନ୍ତି। ସେଥିରେ ମଧ୍ୟ ନିଜ ଦାବି ପାଇଁ ମିଥ୍ୟା ପ୍ରମାଣ ଉପସ୍ଥାପନ କରାଯାଏ। ଜୟଦେବ ସେଭଳି ଜଣେ ବ୍ୟକ୍ତିତ୍ୱ, ଯାହାଙ୍କୁ ନିଜର କରିବାକୁ ସବୁଠୁ ତତ୍ପର ହୋଇ ପଡ଼ିଛନ୍ତି ପଡ଼ୋଶୀ ବଙ୍ଗୀୟମାନେ। ତେବେ ତାଙ୍କ ବିଷୟରେ ଯେତିକି ତଥ୍ୟ ପ୍ରମାଣ ମିଳିଛି, ତାହା ସୂଚାଉଛି ସେ ଯେ ଓଡ଼ିଶାର, ଏଥିରେ ସନ୍ଦେହ ନାହିଁ। କିଛିଦିନ ତଳେ ନ୍ୟାଶନାଲ ବୁକ୍ ଟ୍ରଷ୍ଟ ଦ୍ୱାରା ପ୍ରକାଶିତ ପୁସ୍ତକରେ ଜୟଦେବଙ୍କୁ ବଙ୍ଗଳାର ବୋଲି ଦର୍ଶାଯିବାରୁ ଓଡ଼ିଶାରେ ତୀବ୍ର ପ୍ରତିବାଦର ସ୍ୱର ଉଠିଥିଲା। ଏବେ ସେ ତ୍ରୁଟିର ପୁନରାବୃତ୍ତି ଘଟିଛି ଏବଂ ଏନ୍‌ସିଇଆର୍‌ଟି ପୁସ୍ତକରେ ତାହାର ଯେଉଁ ଉଲ୍ଲେଖ କରାଯାଇଛି, ତାହା ଉଦ୍ଦେଶ୍ୟମୂଳକ ଓ 'ବଙ୍ଗଳା ଲବି'ର ପ୍ରଭାବରୁ ଘଟିଥିବା ଅନୁମାନ କରିହେଉଛି।

ଏନ୍‌ସିଇଆରଟି ପୁସ୍ତକରେ ଜୟଦେବଙ୍କ ସମ୍ବନ୍ଧରେ ଭୁଲ୍ ତଥ୍ୟ ଦିଆଯାଇଥିବାରୁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପ୍ରତିବାଦ ଆସିବାରେ ଲାଗିଛି। ଏଭଳି ଭ୍ରମାତ୍ମକ ତଥ୍ୟ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରକାଶନରେ କିପରି ରହିଲା ଏବଂ ଏ ବିବାଦର ବହୁ ଆଗରୁ ଅନ୍ତ ଘଟିଥିଲେ ସୁଦ୍ଧା ପୁଣି ଥରେ କାହିଁକି ତାହାର ପୁନରାବୃତ୍ତି କରାଗଲା ଏ କଥା ଅନେକ ଜଗନ୍ନାଥ ଭକ୍ତ ତଥା ଶ୍ରୀଜୟଦେବଙ୍କ ପ୍ରଶଂସକ ପ୍ରଶ୍ନ ଉଠାଉଛନ୍ତି। ଓଡ଼ିଶାର ଜଣେ ଆଗଧାଡ଼ିର ପରିଚିତ ଭାଷାବିତ୍ 'ପଦ୍ମଶ୍ରୀ' ଉପାଧିପ୍ରାପ୍ତ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ଏ ସମ୍ପର୍କରେ ମନ୍ତବ୍ୟ ଦେଇଛନ୍ତି ଯେ 'ଶ୍ରୀଜୟଦେବ ଗୀତଗୋବିନ୍ଦରେ ବ୍ୟବହାର କରିଥିବା ଓଡ଼ିଆ ଅକ୍ଷର 'ଳ', (ଯଥା - ଲଳିତ ଲବଙ୍ଗ ଲତା ପରିଶୀଳନ...) ବଙ୍ଗଳା ବର୍ଣ୍ଣମାଳାରେ ନାହିଁ। ଏହି ଅକ୍ଷରର ବହୁଳ ବ୍ୟବହାର କରାଯାଇଥିବାରୁ ଶ୍ରୀଜୟଦେବ ବଙ୍ଗଳାର ନୁହନ୍ତି ବୋଲି ପ୍ରମାଣିତ। ଏହାବ୍ୟତୀତ ଶ୍ରୀଜୟଦେବ ପ୍ରାଚୀ ନଦୀରେ ଥିବା ତ୍ରିବେଣୀ ସଂଗମ ବିଷୟରେ ଉଲ୍ଲେଖ କରିଛନ୍ତି ଏବଂ ବଙ୍ଗୀୟ ସମୀକ୍ଷକମାନଙ୍କ ଦ୍ୱାରା କେନ୍ଦୁଲି ଗ୍ରାମର ଅବସ୍ଥିତି 'ଅଜୟ' ନଦୀ କୂଳରେ ବୋଲି କୁହାଯାଇଛି, ଯାହା ପ୍ରାଚୀ ନଦୀ ନୁହେଁ। ପଣ୍ଡିତ ମିଶ୍ର କହିଛନ୍ତି ଯେ ଶ୍ରୀଜୟଦେବଙ୍କ କେତେକ ଓଡ଼ିଆ କବିତାର ଏକ ସଂକଳନ ପ୍ରଫେସର ବଂଶୀଧର ମହାନ୍ତିଙ୍କ ଦ୍ୱାରା ପ୍ରକାଶିତ ହୋଇଛି, ଯାହା ପ୍ରମାଣ କରେ ଯେ ସେ ଓଡ଼ିଶାର।'

ଏହାବ୍ୟତୀତ ଭାରତ ସରକାରଙ୍କ ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ 'ଗୀତଗୋବିନ୍ଦ ଅଫ୍ ଶ୍ରୀଜୟଦେବ' ପୁସ୍ତକରେ ଗଭୀର ଗବେଷଣାଲବ୍ଧ ଅନେକ ତଥ୍ୟକୁ ନେଇ ଉପସ୍ଥାପନା କରାଯାଇଛି ଯେ ଭକ୍ତକବି ଶ୍ରୀଜୟଦେବ ଓଡ଼ିଶାରେ ଜନ୍ମିତ ଓ ଏହି କାବ୍ୟ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଓଡ଼ିଶାରେ ହିଁ ରଚିତ। ତାଙ୍କ ସମୟକୁ ଓଡ଼ିଶା ଭାରତର ଏକ ସମୃଦ୍ଧ ସଂସ୍କୃତ ଭାଷା ଓ ସାହିତ୍ୟ କେନ୍ଦ୍ର ରୂପେ ପ୍ରସିଦ୍ଧି ଲାଭ କରିସାରିଥିଲା। ତେଣୁ ଐତିହାସିକ ତଥ୍ୟ, ଶ୍ରୀଜଗନ୍ନାଥ ସଂସ୍କୃତିର ତତ୍ତ୍ୱ ଓ ଶ୍ରୀଜୟଦେବଙ୍କ ସ୍ୱକୀୟ ଭଣିତି ତଥା ଉତ୍କଳୀୟ ବୈଷ୍ଣବ ପରମ୍ପରାରେ ସର୍ବସ୍ୱୀକୃତ ଓ ଆଦୃତ ଏହି ସତ୍ୟକୁ ପୁନର୍ବାର ସନ୍ଦେହ ଘେରକୁ ଆଣିବାର ପ୍ରଚେଷ୍ଟା ଯେ ନିନ୍ଦନୀୟ ଏଥିରେ ଦ୍ୱିରୁକ୍ତି ନାହିଁ। ଆଶା କରିବା ଭାରତ ସରକାର ତୁରନ୍ତ ଏହାର ସଂଶୋଧନ କରିବେ। ନ ହେଲେ ଓଡ଼ିଶାରେ ପ୍ରତିବାଦର ସ୍ୱର ତୀବ୍ର ହେବ।

## ଧାରା-୩୭୦ ଉଚ୍ଛେଦ ମାମଲାରେ ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ

# ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତା ବଜାୟ



ନରେନ୍ଦ୍ର ମୋଦୀ
ଭାରତର ପ୍ରଧାନମନ୍ତ୍ରୀ

ଗତକାଲି, ଡିସେମ୍ବର ୧୧ ତାରିଖରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଧାରା ୩୭୦ ଓ ୩୫(ଏ) ଉଚ୍ଛେଦ ନେଇ ଏକ ଐତିହାସିକ ରାୟ ଦେଇଛନ୍ତି। ସୁପ୍ରିମ୍‌କୋର୍ଟ ତାଙ୍କ ରାୟ ଜରିଆରେ ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ବଜାୟ ରଖିଛନ୍ତି, ଯାହାକୁ ପ୍ରତ୍ୟେକ ଭାରତୀୟ ମନେ ରଖିବେ। ସୁପ୍ରିମକୋର୍ଟ ସଠିକ୍ ଭାବେ କହିଛନ୍ତି ଯେ ୨୦୧୯ ଅଗଷ୍ଟ ୫ ତାରିଖରେ ନିଆଯାଇଥିବା ନିଷ୍ପତ୍ତି ସାମ୍ବିଧାନିକ ବିଭାଜନ ନୁହେଁ, ବରଂ ଏକତା ବୃଦ୍ଧି ଉଦ୍ଦେଶ୍ୟରେ କରାଯାଇଥିଲା। ଧାରା ୩୭୦ ସ୍ଥାୟୀ ନୁହେଁ ବୋଲି ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟ ସ୍ୱୀକାର କରିଛନ୍ତି।

ଜମ୍ମୁ-କଶ୍ମୀର ଓ ଲଦାଖର ହୃଦୟସ୍ପର୍ଶୀ ଦୃଶ୍ୟ, ଶାନ୍ତ ଉପତ୍ୟକା ଏବଂ ବିଶାଳ ପର୍ବତ ପିଢ଼ି ପିଢ଼ି ଧରି କବି, କଳାକାର ଓ ଦୁଃସାହସୀ ବ୍ୟକ୍ତିବିଶେଷଙ୍କ ହୃଦୟକୁ ଆକର୍ଷିତ କରିଛି। ଏହା ଏପରି ଏକ ସ୍ଥାନ, ଯେଉଁଠି ଅସାଧାରଣ ଭବ୍ୟତା ଦେଖିବାକୁ ମିଳେ, ହିମାଳୟ ଆକାଶ ଛୁଇଁଥାଏ ଏବଂ ହ୍ରଦ ଓ ନଦୀଗୁଡ଼ିକରେ ସ୍ୱର୍ଗର ପ୍ରତିବିମ୍ବ ଦେଖିବାକୁ ମିଳିଥାଏ। କିନ୍ତୁ, ଗତ ସାତ ଦଶନ୍ଧି ଧରି ଏହି ସ୍ଥାନରେ ହିଂସା ଓ ଅସ୍ଥିରତାର ସବୁଠୁ ଘୃଣ୍ୟ ଦୃଶ୍ୟ ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକମାନଙ୍କ ପାଇଁ ଏଭଳି ପରିସ୍ଥିତି ଆଦୌ ଅନୁକୂଳ ନୁହେଁ।

ଦୁର୍ଭାଗ୍ୟବଶତଃ, ଶହ ଶହ ବର୍ଷ ଧରି ଚାଲିଥିବା ଉପନିବେଶ ଶାସନ, ବିଶେଷକରି ଆର୍ଥିକ ଓ ମାନସିକ ପରାଧୀନତା ଯୋଗୁଁ ଆମେ ଏକପ୍ରକାର ଦ୍ୱନ୍ଦ୍ୱପୂର୍ଣ୍ଣ ସମାଜରେ ପରିଣତ ହୋଇଥିଲୁ। ଅତ୍ୟନ୍ତ ମୌଳିକ ଜିନିଷ ଉପରେ ସ୍ୱଷ୍ଟ ଆଭିମୁଖ୍ୟ ଗ୍ରହଣ କରିବା ପରିବର୍ତ୍ତେ, ଆମେ ଦ୍ୱିମତକୁ ଅନୁମତି ଦେଇଥିଲୁ, ଯାହା ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା। ଦୁଃଖର କଥା ହେଉଛି, ଜମ୍ମୁ-କଶ୍ମୀର ଏଭଳି ମାନସିକତାର ବଡ଼ ଶିକାର ହୋଇଛି। ସ୍ୱାଧୀନତା ସମୟରେ, ଜାତୀୟ ଏକତା ପାଇଁ ଏକ ନୂତନ ଆରମ୍ଭ କରିବା ଲାଗି ଆମ ପାଖରେ ବିକଳ୍ପ ରହିଥିଲା। ହେଲେ ଏହା ପରିବର୍ତ୍ତେ, ଆମେ ଦୀର୍ଘମିଆଦୀ ଜାତୀୟ ସ୍ୱାର୍ଥ ପ୍ରତି ଅଣଦେଖା କରି ଏକ ଦ୍ୱନ୍ଦ୍ୱପୂର୍ଣ୍ଣ ସମାଜ ଆଭିମୁଖ୍ୟ ଜାରି ରଖିବାକୁ ସ୍ଥିର କରିଥିଲୁ।

ମୁଁ ମୋ ଜୀବନର ପ୍ରାରମ୍ଭିକ ଭାଗରୁ ଜମ୍ମୁ-କଶ୍ମୀର ଆନ୍ଦୋଳନ ସହିତ ଜଡ଼ିତ ହେବାର ସୁଯୋଗ ପାଇଛି। ମୁଁ ଏପରି ଏକ ଆଦର୍ଶଗତ ଢାଞ୍ଚାରେ ରହି ଆସିଛି, ଯେଉଁଥିରେ ଜମ୍ମୁ-କଶ୍ମୀର କେବଳ ଏକ ରାଜନୈତିକ ପ୍ରସଙ୍ଗ ନୁହେଁ, ବରଂ ଏହା ସମାଜର ଆକାଂକ୍ଷାକୁ ପୂରଣ କରିବା ସହ ଜଡ଼ିତ ପ୍ରସଙ୍ଗ ଭାବେ ରହି ଆସିଛି। ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ନେହରୁଙ୍କ କ୍ୟାବିନେଟରେ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ତୁଲାଇଥିଲେ ଏବଂ ଚାହିଁଥିଲେ ଦୀର୍ଘ ଦିନ ପର୍ଯ୍ୟନ୍ତ ସରକାରରେ ରହିପାରିଥା'ନ୍ତେ। ତଥାପି, ସେ କାଶ୍ମୀର ପ୍ରସଙ୍ଗରେ କ୍ୟାବିନେଟରୁ ଇସ୍ତଫା ଦେଇଥିଲେ ଏବଂ ଆଗକୁ କଠିନ ରାସ୍ତାକୁ ପସନ୍ଦ କରିଥିଲେ, ଯଦିଓ ଏଥିପାଇଁ ତାଙ୍କୁ ନିଜ ଜୀବନର ମୂଲ୍ୟ ଦେବାକୁ ପଡ଼ିଥିଲା। ତାଙ୍କର ପ୍ରୟାସ ଏବଂ ବଳିଦାନ ଯୋଗୁଁ କୋଟି କୋଟି ଭାରତୀୟ କଶ୍ମୀର ପ୍ରସଙ୍ଗ ସହିତ ଭାବପ୍ରବଣ ହୋଇ ଉଠିଥିଲେ। ଏହାର ଅନେକ ବର୍ଷ ପରେ ଅଟଳଜୀ ଶ୍ରୀନଗରରେ ଏକ ସାଧାରଣ ସଭାରେ 'ଇନସାନିୟତ', (ମାନବତା) 'ଜମହୁରିୟତ୍' (ଗଣତନ୍ତ୍ର) ଏବଂ 'କଶ୍ମୀରୀୟତ୍' (କାଶ୍ମୀର ଭାବନା)ର ଶକ୍ତିଶାଳୀ ବାର୍ତ୍ତା ଦେଇଥିଲେ, ଯାହା ସର୍ବଦା ଏକ ବଡ଼ ପ୍ରେରଣାର ଉତ୍ସ ହୋଇ ଆସିଛି।

ଜମ୍ମୁ-କଶ୍ମୀରରେ ଯାହା ଘଟିଛି ତାହା ଆମ ଦେଶ ଏବଂ ସେଠାରେ ରହୁଥିବା ଲୋକଙ୍କ ପ୍ରତି ଏକ ବଡ଼ ବିଶ୍ୱାସଘାତକତା ବୋଲି ମୋର ସର୍ବଦା ଦୃଢ଼ ବିଶ୍ୱାସ ଥିଲା। ଲୋକଙ୍କ ପ୍ରତି ହୋଇଥିବା ଏହି ଭେଦଭାବ, ଏହି ଅନ୍ୟାୟକୁ ଦୂର କରିବା ପାଇଁ ମୁଁ ଯାହା କରିପାରିବି ତାହା କରିବା ପାଇଁ ମୋର ଦୃଢ଼ ଇଚ୍ଛା ଥିଲା। ମୁଁ ସର୍ବଦା ଜମ୍ମୁ-କଶ୍ମୀରବାସୀଙ୍କ ଦୁଃଖ ଦୂର କରିବା ପାଇଁ କାମ କରିବାକୁ ଚାହୁଁଛି।

ଅତ୍ୟନ୍ତ ମୌଳିକ ଭାଷାରେ କହିବାକୁ ଗଲେ ଧାରା ୩୭୦ ଓ ୩୫(ଏ) ଏ ଦିଗରେ ପ୍ରମୁଖ ପ୍ରତିବନ୍ଧକ ଭଳି ଥିଲା। ଏହା ଏକ ଦୃଢ଼ ପ୍ରାଚୀର ପରି ମନେ ହେଉଥିଲା ଏବଂ ଏହାର ପୀଡ଼ିତମାନେ ଗରିବ ଏବଂ ଅବହେଳିତ ଥିଲେ। ଜମ୍ମୁ-କଶ୍ମୀରର ଲୋକମାନେ ଅନ୍ୟ ଭାରତୀୟଙ୍କୁ ମିଳିଥିବା ଅଧିକାର ଏବଂ ବିକାଶରୁ ଯେପରି ବଞ୍ଚିତ ହେବେ ତାହା ଧାରା ୩୭୦ ଏବଂ ୩୫(ଏ) ସୁନିଶ୍ଚିତ କରିଥିଲା। ଏହି ଧାରା ଯୋଗୁଁ ଗୋଟିଏ ଦେଶର ଲୋକମାନଙ୍କ ମଧ୍ୟରେ ଏକ ଅଦ୍ଭୁତ ଦୂରତା ସୃଷ୍ଟି ହୋଇଥିଲା। ଏହି ଦୂରତା କାରଣରୁ ଆମ ଦେଶର ଅନେକ ଲୋକ ଯେଉଁମାନେ ଜମ୍ମୁ-କଶ୍ମୀରର ସମସ୍ୟାର ସମାଧାନ ପାଇଁ କାମ କରିବାକୁ ଚାହୁଁଥିଲେ, ସେମାନେ ସେଠାକାର ଲୋକଙ୍କ ଯନ୍ତ୍ରଣାକୁ ସ୍ୱଷ୍ଟ ଭାବରେ ଅନୁଭବ କରୁଥିଲେ ସୁଦ୍ଧା ତାହା କରିପାରିନଥିଲେ।

ଜଣେ କାର୍ଯ୍ୟକର୍ତ୍ତା ଭାବରେ ଗତ କିଛି ଦଶନ୍ଧି ଧରି ଏହି ପ୍ରସଙ୍ଗକୁ ମୁଁ ଅତି ନିକଟରୁ ଦେଖିଛି। ମୁଁ ଏହି ପ୍ରସଙ୍ଗର ନିର୍ଦ୍ଦିଷ୍ଟତା ଏବଂ ଜଟିଳତା ବିଷୟରେ ସୂକ୍ଷ୍ମ ଭାବରେ ବୁଝିଛି। ତଥାପି, ମୁଁ ଗୋଟିଏ କଥା ସ୍ୱଷ୍ଟ କରିଥିଲି ଯେ ଜମ୍ମୁ-କଶ୍ମୀରର ଲୋକମାନେ ବିକାଶ ଚାହୁଁଛନ୍ତି ଏବଂ ସେମାନେ ନିଜ ଶକ୍ତି ଓ ଦକ୍ଷତା ଆଧାରରେ ଭାରତର ବିକାଶରେ ଯୋଗଦାନ କରିବାକୁ ଚାହୁଁଛନ୍ତି। ସେମାନେ ନିଜ ପିଲାଙ୍କ ପାଇଁ ଉନ୍ନତ ମାନର ଜୀବନ; ହିଂସା ଓ ଅନିଶ୍ଚିତତାମୁକ୍ତ ଜୀବନ ଚାହୁଁଛନ୍ତି।

ତେଣୁ ଜମ୍ମୁ-କଶ୍ମୀରବାସୀଙ୍କ ସେବା କରିବା ସମୟରେ ଆମେ ତିନୋଟି ସ୍ତମ୍ଭକୁ ପ୍ରାଥମିକତା ଦେଇଥିଲୁ- ନାଗରିକଙ୍କ ସମସ୍ୟାକୁ ବୁଝିବା, ସହାୟତା ମାଧ୍ୟମରେ ବିଶ୍ୱାସ ସୃଷ୍ଟି କରିବା ଏବଂ ବିକାଶ, ବିକାଶ ଓ ଅଧିକ ବିକାଶକୁ ପ୍ରାଥମିକତା ଦେବା।

୨୦୧୪ରେ ଆମେ ଦାୟିତ୍ୱ ଗ୍ରହଣ କରିବାର ଠିକ୍ ପରେ ଜମ୍ମୁ-କଶ୍ମୀରରେ ଭୟଙ୍କର ବନ୍ୟା ଆସିଥିଲା ଏବଂ କଶ୍ମୀର ଉପତ୍ୟକାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ସେପ୍ଟେମ୍ବର ୨୦୧୪ରେ, ମୁଁ ପରିସ୍ଥିତିର ଆକଳନ କରିବାକୁ ଶ୍ରୀନଗର ଯାଇଥିଲି ଏବଂ ଥଇଥାନ ପାଇଁ ଏକ ସ୍ୱତନ୍ତ୍ର ସହାୟତା ଭାବରେ ୧୦୦୦ କୋଟି ଟଙ୍କା ଘୋଷଣା କରିଥିଲି, ଯାହା ସଙ୍କଟ ସମୟରେ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଆମ ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ସୂଚାଇଥିଲା। ମୁଁ ବିଭିନ୍ନ ବର୍ଗର ଲୋକଙ୍କୁ ଭେଟିବାର ସୁଯୋଗ ପାଇଥିଲି ଏବଂ ଏହି କଥାବାର୍ତ୍ତାରେ ଗୋଟିଏ ସାଧାରଣ ସୂତ୍ର ଥିଲା। ଲୋକମାନେ କେବଳ ବିକାଶ ଚାହୁଁନଥିଲେ, ବରଂ ସେମାନେ ଅନେକ ଦଶନ୍ଧି ଧରି ଚାଲିଥିବା ବ୍ୟାପକ ଦୁର୍ନୀତିରୁ ମୁକ୍ତି ମଧ୍ୟ ଚାହୁଁଥିଲେ। ସେହି ବର୍ଷ ମୁଁ ନିଷ୍ପତ୍ତି ନେଇଥିଲି ଯେ ଆମେ ଜମ୍ମୁ-କଶ୍ମୀରରେ ପ୍ରାଣ ହରାଇଥିବା ଲୋକଙ୍କ ସ୍ମୃତିରେ ଦୀପାବଳି ପାଳନ କରିବୁ ନାହିଁ। ମୁଁ ଦୀପାବଳି ଦିନ ଜମ୍ମୁ-କଶ୍ମୀରରେ ରହିବାକୁ ନିଷ୍ପତ୍ତି ନେଇଥିଲି।

ଜମ୍ମୁ-କଶ୍ମୀରର ବିକାଶ ଯାତ୍ରାକୁ ଆହୁରି ସୁଦୃଢ଼ କରିବା ପାଇଁ ଆମେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲୁ। ତାହା ହେଉଛି ଆମ ସରକାରଙ୍କ ମନ୍ତ୍ରୀମାନେ ବାରମ୍ବାର ସେଠାକୁ ଯାଇ ଲୋକଙ୍କ ସହ ସିଧାସଳଖ ଯୋଗାଯୋଗ କରିବେ। ମନ୍ତ୍ରୀମାନଙ୍କର କ୍ରମାଗତ ଗସ୍ତ ଜମ୍ମୁ-କଶ୍ମୀରରେ ସମ୍ଭାବନା ସୃଷ୍ଟି କରିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ମେ ୨୦୧୪ରୁ ମାର୍ଚ୍ଚ ୨୦୧୯ ମଧ୍ୟରେ ୧୫୦ରୁ ଅଧିକ ମନ୍ତ୍ରୀସ୍ତରୀୟ ଗସ୍ତ ହୋଇଥିଲା। ଏହା ମଧ୍ୟ ଏକ ରେକର୍ଡ। ୨୦୧୫ର ଏହି ସ୍ୱତନ୍ତ୍ର ପ୍ୟାକେଜ ଜମ୍ମୁ-କଶ୍ମୀରର ବିକାଶମୂଳକ ଆବଶ୍ୟକତାକୁ ପୂରଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା। ଏଥିରେ ଭିତ୍ତିଭୂମି ବିକାଶ, ନିଯୁକ୍ତି ସୃଷ୍ଟି, ପର୍ଯ୍ୟଟନ ପ୍ରୋତ୍ସାହନ ଏବଂ ହସ୍ତଶିଳ୍ପ ଶିଳ୍ପକୁ ସହାୟତା ପାଇଁ ପଦକ୍ଷେପ ନିଆଯାଇଥିଲା।

ଆମେ ଜାମ୍ମୁ-କଶ୍ମୀରରେ କ୍ରୀଡ଼ାର ଶକ୍ତିକୁ ଉପଯୋଗ କରିଥିଲୁ ଏବଂ ଯୁବବର୍ଗଙ୍କ ସ୍ୱପ୍ନକୁ ଜାଗ୍ରତ କରିବାରେ ଏହାର ସାମର୍ଥ୍ୟକୁ ସ୍ୱୀକାର କରିଥିଲୁ। କ୍ରୀଡ଼ା ପଦକ୍ଷେପ ମାଧ୍ୟମରେ ଆମେ ସେମାନଙ୍କ ଆକାଂକ୍ଷା ଏବଂ ଭବିଷ୍ୟତ ଉପରେ କ୍ରୀଡ଼ା ପ୍ରୟାସର ପରିବର୍ତ୍ତନଶୀଳ ପ୍ରଭାବ ଦେଖିଥିଲୁ। କ୍ରୀଡ଼ା ସ୍ଥଳର ଉନ୍ନତିକରଣ, ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ପ୍ରଶିକ୍ଷକ ଉପଲବ୍ଧ କରାଯାଇଥିଲା। ସବୁଠାରୁ ନିଆରା ଜିନିଷ ହେଲା ସ୍ଥାନୀୟ ଫୁଟବଲ କ୍ଲବ୍ ଢାଞ୍ଚାକୁ ପ୍ରୋତ୍ସାହିତ କରିବା। ଏସବୁ ପ୍ରୟାସର ଫଳାଫଳ ଉଲ୍ଲେଖନୀୟ ରହିଥିଲା। ପ୍ରତିଭାବାନ ଫୁଟବଲ ଖେଳାଳି ଅଫଶାନ ଆଶିକଙ୍କ ନାମ ମୋ ମନକୁ ଆସିଥାଏ- ୨୦୧୪ ଡିସେମ୍ବରରେ ସେ ଶ୍ରୀନଗରର ଏକ ପଥର ଫିଙ୍ଗାଳୀ ଗୋଷ୍ଠୀର ସଦସ୍ୟ ଥିଲେ, କିନ୍ତୁ ସଠିକ୍ ପ୍ରୋତ୍ସାହନରେ ତାଙ୍କୁ ପ୍ରଶିକ୍ଷଣ ପାଇଁ ପଠାଯାଇଥିଲା ଏବଂ ସେ ଖେଳରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲେ। ମୋର ମନେ ଅଛି ତାଙ୍କ ସହ ଏକ ଫିଟ୍ ଇଣ୍ଡିଆ ଆଲୋଚନାରେ କଥାବାର୍ତ୍ତା ହୋଇଥିଲା, ଯେଉଁଥିରେ ମୁଁ କହିଥିଲି, 'ବେଣ୍ଡ ଇଟ୍ ଲାଇକ୍ ବେକ୍‌ହାମ୍' ଠାରୁ ଆଗକୁ ବଢ଼ି 'ଏସ୍ ଇଟ୍ ଲାଇକ୍ ଅଫଶାନ୍' (ଅଫଶାନଙ୍କ ଭଳି ଖେଳରେ ସଫଳତା ହାସଲ କରିବା)ରେ ପହଞ୍ଚିବାର ଏବେ ସମୟ ଆସିଛି। ଅନ୍ୟ ଯୁବ ଖେଳାଳିମାନେ କିକ୍‌ବକ୍ସିଂ, କରାଟେ ଆଦିରେ ଉନ୍ନତ ପ୍ରଦର୍ଶନ କରିବା ଆରମ୍ଭ କରିଥିଲେ।

ଏହି ଅଞ୍ଚଳର ସର୍ବାଙ୍ଗୀଣ ବିକାଶ ପାଇଁ ପଞ୍ଚାୟତ ନିର୍ବାଚନ ମଧ୍ୟ ଏକ ଐତିହାସିକ ମୁହୂର୍ତ୍ତ ଥିଲା। ପୁଣି ଥରେ ଆମକୁ କ୍ଷମତାରେ ରହିବା କିମ୍ବା ଆମର ନୀତିଆଦର୍ଶ ଅନୁଯାୟୀ ଠିଆ ହେବାର ଦୁଇଟି ବିକଳ୍ପର ସମ୍ମୁଖୀନ ହେବାକୁ ପଡ଼ିଲା। ବିକଳ୍ପ ଚୟନ କେବେ ବି କଷ୍ଟକର ନଥିଲା ଏବଂ ଆମେ ସରକାରରୁ ଓହରି ଯିବାକୁ ନିଷ୍ପତ୍ତି ନେଇଥିଲୁ। ଜମ୍ମୁ-କଶ୍ମୀରବାସୀଙ୍କ ଆକାଂକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ଲାଗି ଆମେ ଯେଉଁ ଆଦର୍ଶ ପାଇଁ ଠିଆ ହୋଇଛୁ ସେଥିରେ ଦୃଢ଼ ରହିବାକୁ ନିଷ୍ପତ୍ତି ନେଲୁ। ପଞ୍ଚାୟତ ନିର୍ବାଚନର ସଫଳତା ଜମ୍ମୁ-କଶ୍ମୀରବାସୀଙ୍କ ଗଣତାନ୍ତ୍ରିକ ସ୍ୱଭାବକୁ ସୂଚାଉଥିଲା। ଗାଁର ପ୍ରଧାନମାନଙ୍କ ସହ ହୋଇଥିବା କଥାବାର୍ତ୍ତାକୁ ମୋ ମନ ଫେରିଯାଇଥାଏ। ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟରେ ମୁଁ ସେମାନଙ୍କୁ ଅନୁରୋଧ କରିଥିଲି- କୌଣସି ପରିସ୍ଥିତିରେ ବିଦ୍ୟାଳୟ ଜଳିବା ଉଚିତ ନୁହେଁ ଏବଂ ତାହା ସୁନିଶ୍ଚିତ ହେବା ଦରକାର। ଏହାକୁ ପାଳନ କରାଯାଇଥିବା ଦେଖି ମୁଁ ଆନନ୍ଦିତ ହୋଇଥିଲି। ଯଦି ବିଦ୍ୟାଳୟ ଜଳିଯାଏ ତେବେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୁଅନ୍ତି ଛୋଟ ପିଲା।

ଅଗଷ୍ଟ ୫ ତାରିଖର ଏହି ଐତିହାସିକ ଦିନ ପ୍ରତ୍ୟେକ ଭାରତୀୟଙ୍କ ହୃଦୟ ଓ ମନରେ ସ୍ମରଣୀୟ ହୋଇ ରହିଛି। ଆମ ସଂସଦ ଧାରା ୩୭୦ ଉଚ୍ଛେଦ ପାଇଁ ଐତିହାସିକ ନିଷ୍ପତ୍ତି ପାରିତ କରିଛି। ଏହାପରଠାରୁ ଜମ୍ମୁ, କଶ୍ମୀର ଓ ଲଦାଖରେ ଅନେକ କିଛି ବଦଳିଯାଇଛି। ୨୦୨୩ ଡିସେମ୍ବରରେ ନ୍ୟାୟିକ ଅଦାଲତ ରାୟ ଶୁଣାଇଛନ୍ତି, କିନ୍ତୁ ଜମ୍ମୁ, କଶ୍ମୀର ଓ ଲଦାଖରେ ବିକାଶର ଲହରକୁ ଦେଖି ୪ ବର୍ଷ ପୂର୍ବରୁ ଧାରା ୩୭୦ ଓ ୩୫(ଏ) ଉଚ୍ଛେଦ କରିବା ପାଇଁ ସଂସଦର ନିଷ୍ପତ୍ତିକୁ ଜନତାଙ୍କ ଅଦାଲତ ଦୃଢ଼ ସମର୍ଥନ କରିସାରିଛନ୍ତି।

ରାଜନୈତିକ କ୍ଷେତ୍ରରେ ଗତ ୪ ବର୍ଷ ତୃଣମୂଳ ସ୍ତରର ଗଣତନ୍ତ୍ର ଉପରେ ଏକ ନୂତନ ବିଶ୍ୱାସ ସୁଦୃଢ଼ ହୋଇଛି। ମହିଳା, ଆଦିବାସୀ, ଏସସି, ଏସଟି ଏବଂ ସମାଜର ଅବହେଳିତ ବର୍ଗଙ୍କୁ ସେମାନଙ୍କର ପ୍ରାପ୍ୟ ମିଳୁନଥିଲା। ଏଥିସହିତ ଲଦାଖର ଆକାଂକ୍ଷାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଥିଲା। ଅଗଷ୍ଟ ୫, ୨୦୧୯ ସବୁକିଛି ବଦଳାଇ ଦେଲା। ସମସ୍ତ କେନ୍ଦ୍ରୀୟ ଆଇନ ଏବେ ବିନା ଭୟ କିମ୍ବା ପକ୍ଷପାତିତାରେ ଲାଗୁ ହେଉଛି। ପ୍ରତିନିଧିତ୍ୱ ମଧ୍ୟ ଅଧିକ ବ୍ୟାପକ ହୋଇଛି। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି, ବିଡିସି ନିର୍ବାଚନ ହୋଇଛି ଏବଂ ଶରଣାର୍ଥୀ ସମ୍ପ୍ରଦାୟ ଯେଉଁମାନଙ୍କୁ ସମସ୍ତେ ଭୁଲି ଯାଇଥିଲେ, ସେମାନେ ଏବେ ବିକାଶର ଫଳ ଉପଭୋଗ କରିବା ଆରମ୍ଭ କରିଛନ୍ତି।

କେନ୍ଦ୍ର ସରକାରଙ୍କ ପ୍ରମୁଖ ଯୋଜନାଗୁଡ଼ିକ ସମାଜର ସମସ୍ତ ବର୍ଗକୁ ସାମିଲ କରି ଶତପ୍ରତିଶତ ପ୍ରସାରିତ ହୋଇଛି। ଏଥିରେ ସୌଭାଗ୍ୟ, ଉଜାଲା ଓ ଉଜ୍ଜ୍ୱଳା ଯୋଜନା ରହିଛି। ଗୃହ ନିର୍ମାଣ, ଟ୍ୟାପ୍ ଜଳ ସଂଯୋଗ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କ୍ଷେତ୍ରରେ ଅଗ୍ରଗତି ହୋଇଛି। ଅନ୍ୟପଟେ ଏକଦା ସ୍ଥାନୀୟ ଲୋକଙ୍କ ପାଇଁ ଏକ ବଡ଼ ସମସ୍ୟା ଥିବା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏବେ ଭିତ୍ତିଭୂମି ଉନ୍ନତ ହୋଇଛି। ସବୁ ଗାଁ ଖୋଲା ଶୌଚମୁକ୍ତ - ଓଡିଏଫ୍ ପ୍ଲସ୍ ମାନ୍ୟତା ହାସଲ କରିଛନ୍ତି। ଦୁର୍ନୀତି ଓ ପକ୍ଷପାତିତାର ଆଶ୍ରୟସ୍ଥଳୀ ଥିବା ସରକାରୀ ପଦବୀଗୁଡ଼ିକୁ ସ୍ୱଚ୍ଛ ଓ ପ୍ରକ୍ରିୟା ଭିତ୍ତିକ ଢଙ୍ଗରେ ପୂରଣ କରାଯାଉଛି। ଆଇଏମ୍‌ଆର୍ ଭଳି ଅନ୍ୟାନ୍ୟ ସୂଚକାଙ୍କରେ ଉନ୍ନତି ପରିଲକ୍ଷିତ ହୋଇଛି। ଭିତ୍ତିଭୂମି ଓ ପର୍ଯ୍ୟଟନ ପ୍ରୋତ୍ସାହନ କ୍ଷେତ୍ରରେ ଆଖିଦୃଶିଆ ଉନ୍ନତି ହୋଇଛି। ଏହାର ଶ୍ରେୟ ସ୍ୱାଭାବିକ ଭାବେ ଜମ୍ମୁ-କଶ୍ମୀରବାସୀଙ୍କୁ ଯାଉଛି, ଯେଉଁମାନେ ବାରମ୍ବାର ଦେଖାଇଛନ୍ତି ଯେ ସେମାନେ କେବଳ ବିକାଶ ଚାହୁଁଛନ୍ତି ଏବଂ ଏହି ସକାରାତ୍ମକ ପରିବର୍ତ୍ତନର ବାହକ ହେବାକୁ ଇଚ୍ଛୁକ। ପୂର୍ବରୁ ଜମ୍ମୁ, କଶ୍ମୀର ଓ ଲଦାଖର ସ୍ଥିତିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏବେ କେବଳ ରେକର୍ଡ ଅଭିବୃଦ୍ଧି, ରେକର୍ଡ ବିକାଶ, ରେକର୍ଡ ପର୍ଯ୍ୟଟକଙ୍କ ଆଗମନ ନେଇ ସଙ୍କେତ ମିଳୁଛି।

ଡିସେମ୍ବର ୧୧ ତାରିଖରେ ସୁପ୍ରିମ୍‌କୋର୍ଟ ତାଙ୍କ ରାୟରେ 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଭାବନାକୁ ସୁଦୃଢ଼ କରିଛନ୍ତି- ଏହା ଆମକୁ ମନେ ପକାଇ ଦେଇଛି ଯେ ଏକତାର ବନ୍ଧନ ଏବଂ ସୁଶାସନ ପ୍ରତି ଏକ ସହଭାଗୀ ଅଙ୍ଗୀକାରବଦ୍ଧତା ଆମକୁ ପରିଚୟ ଦେଇଥାଏ। ଆଜି ଜମ୍ମୁ, କଶ୍ମୀର ଓ ଲଦାଖରେ ଜନ୍ମ ହୋଇଥିବା ପ୍ରତ୍ୟେକ ଶିଶୁ ଏକ ସ୍ୱଚ୍ଛ ଚିତ୍ର ନେଇ ଜନ୍ମ ନେଇଛନ୍ତି, ଯେଉଁଠାରେ ସେମାନେ ଜୀବନ୍ତ ଆକାଂକ୍ଷାରେ ପରିପୂର୍ଣ୍ଣ ଭବିଷ୍ୟତ ସର୍ଜନା କରିପାରିବେ। ଆଜି ଲୋକଙ୍କ ସ୍ୱପ୍ନ ଆଉ ଅତୀତର କଏଦୀ ନୁହେଁ ବରଂ ଭବିଷ୍ୟତର ସମ୍ଭାବନାରେ ପରିଣତ ହୋଇଛି। ଦ୍ୱନ୍ଦ୍ୱ, ନିରାଶା ଓ ହତାଶାର ସ୍ଥାନରେ ଏବେ ବିକାଶ, ଗଣତନ୍ତ୍ର ଓ ମର୍ଯ୍ୟାଦା ପ୍ରତିଷ୍ଠିତ ହୋଇଛି।

# ମହିଳା-ବିଦ୍ୱେଷୀ ମାନସିକତାର ଅନ୍ତ କେବେ?



ରାନୀ ନାୟକ
ଢେଙ୍କାନାଳ, ମୋ: ୭୬୦୬୯୯୬୦୫୩

ତାଳିଟିଏ ମାରିବାକୁ ଯେପରି ଦୁଇ ହାତର ଆବଶ୍ୟକ ହୋଇଥାଏ, ସେପରି ସଂସାର ରଥ ଆଗକୁ ଗଡ଼ିବା ଲାଗି ଉଭୟ ପୁରୁଷ ଓ ନାରୀର ଆବଶ୍ୟକତା ରହିଛି। କିନ୍ତୁ ଆଜିର ଆଧୁନିକ ସମାଜରେ ମଧ୍ୟ ଲିଙ୍ଗଗତ ପ୍ରଭେଦ ବସା ବାନ୍ଧିଛି। ଗାଁର ଅନେକ ବୟସ୍କ ମହିଳାଙ୍କୁ ଆଜି ବି ଯଦି ଝିଅ ପୁଅ ବିଷୟରେ ପଚାରିବେ ତେବେ ଶୁଣିବାକୁ ମିଳିବ 'ଝିଅ ଜନମତ ଚୁଲି ମୁଣ୍ଡକୁ।' ଅର୍ଥାତ୍ ଝିଅ ହେଲେ ବିବାହ କରି ଅନ୍ୟତ୍ର ଚାଲିଯିବ। ତେଣୁ ପୁଅଟିଏ ଥିଲେ ଘରେ ରହିବ। ଆଉ ଶେଷ ସମୟରେ ଟିକେ ଦେଖାଶୁଣା କରିବ। କିନ୍ତୁ ଅନେକ ସମୟରେ ଗଣମାଧ୍ୟମ ହେଉ ଅବା ଗାଁ ଗଣ୍ଡା, ସବୁଠି ଶୁଣିବେ ପରିଣତ ବୟସରେ ପୁଅମାନେ ବାପାମା'ମାନଙ୍କୁ ଅବହେଳା କରିବା। ସମ୍ପତ୍ତି ପାଇଁ ବାପାମା'ଙ୍କୁ ହତ୍ୟା ଆଦି ଜଘନ୍ୟ କାମ କରିବାର ଶୁଣିବାକୁ ମିଳୁଛି। କେଉଁ କୋଟିଏରେ ଗୋଟିଏ ପୁଅ ବୋଧେ ପିତାମାତାଙ୍କୁ ଆଦର କରୁଥିବ। ତଥାପି କେଜାଣି କାହିଁକି ଆଜି ପର୍ଯ୍ୟନ୍ତ ଲୋକେ ପୁଅର ପ୍ରାଧାନ୍ୟ ଏତେ ଦେଉଛନ୍ତି। ସେଥିପାଇଁ ଜାତୀୟ ଓ ରାଜ୍ୟସ୍ତରରେ ଲିଙ୍ଗଗତ ଅନୁପାତ ହ୍ରାସ ପାଉଛି।

ସରକାରଙ୍କ ତଥ୍ୟ ଅନୁଯାୟୀ ଓଡ଼ିଶାରେ ପୁଅ ତୁଳନାରେ ଝିଅ ସଂଖ୍ୟା ହ୍ରାସ ପାଇବାରେ ଜାତୀୟ ସ୍ତରରେ ୬ଷ୍ଠ ସ୍ଥାନରେ ଅଛି। ୧୯୬୧ ପରଠୁ ଆମ ରାଜ୍ୟରେ ପୁଅଙ୍କ ତୁଳନାରେ ଝିଅ କମି ଚାଲିଛି। ବର୍ତ୍ତମାନ ୧୦୦୦ ପୁଅରେ ୮୯୪ ଝିଅ ଅଛନ୍ତି। ତେବେ ଏଥିରୁ ସ୍ୱଷ୍ଟ ଯେ ଆମେ ଯେତେ ଶିକ୍ଷିତ ହେଲେ ମଧ୍ୟ ଆମ ଚିନ୍ତାଧାରା ଉନ୍ନତ ହେବା ପରିବର୍ତ୍ତେ କ୍ଷୟ ହେଉଛି। ଆମ ଦେଶରେ ଏଭଳି କିଛି ଅଞ୍ଚଳ ଅଛି, ଯେଉଁଠାରେ କନ୍ୟାଙ୍କ ଅଭାବ ପାଇଁ ଜଣେ ଝିଅକୁ ଏକାଧିକ ପୁଅ ସହିତ ବିବାହ କରିବାକୁ ବାଧ୍ୟ କରାଯାଉଛି। ସେଥିମଧ୍ୟରୁ ହରିଆଣା, ପଞ୍ଜାବ, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ ଇତ୍ୟାଦି ରାଜ୍ୟରେ ଏହି ଅମାନୁଷିକ ପ୍ରଥା ଦେଖିବାକୁ ମିଳେ। ଆଜି ଏଭଳି ପରିସ୍ଥିତି ସୃଷ୍ଟି ହେବା ପଛରେ କେବଳ ଗୋଟିଏ ପୁଅମନସ୍କ ମାନସିକତା ଓ କନ୍ୟା ଭ୍ରୂଣ ହତ୍ୟା ହିଁ ଦାୟୀ।

ଏବେ ପ୍ରଶ୍ନ ଉଠୁଛି ଏହି ଭ୍ରୂଣ ହତ୍ୟା କାହିଁକି? ଝିଅମାନେ କେବଳ ଏବେ ଚୁଲି ମୁଣ୍ଡରେ ସୀମିତ ନାହାନ୍ତି। ଅର୍ଥାତ ବିବାହ କରି ପରିବାର ସମ୍ଭାଳିବା ସହିତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରୁଛନ୍ତି। ପ୍ରତ୍ୟେକ ସ୍ଥାନରେ ନାରୀ ଶକ୍ତିର ଧ୍ୱଜା ଉଡୁଛି। ତଥାପି ଆମ ସମାଜରେ ପୁରୁଷ କୈନ୍ଦ୍ରିକ ପ୍ରଥା ରହିଛି। ପୃଥିବୀ ଦେଖିବା ଆଗରୁ ତାକୁ ମା' ପେଟରେ ହିଁ ଲିପ୍ତ କରି ଦିଆଯାଉଛି। ପରିବାରଠାରୁ ଆରମ୍ଭ କରି କର୍ମ କ୍ଷେତ୍ରରେ ସବୁଠି ପୁରୁଷ ପ୍ରାଧାନ୍ୟ। ଭ୍ରୂଣ ଲିଙ୍ଗ ନିରୂପଣ ବେଆଇନ ହୋଇଥିବା ସତ୍ତ୍ୱେ ଏହା ଆଜିପର୍ଯ୍ୟନ୍ତ ଖୋଲାଖୋଲି ଚାଲିଛି। ଉଦ୍ଦିଷ୍ଟ ଆଇନ ସବୁ ଫସର ଫାଟି ଯାଉଛି।

ଏବେ ପ୍ରାୟ ପ୍ରତ୍ୟେକ ବାପାମା' ଓ ପରିବାରର ଚିନ୍ତା ଯେ କେମିତି ପୁଅଟେ ହେବ, ଆଉ କୁଳ ଟିକେ ଉଜ୍ୱଳ କରିବ। କିନ୍ତୁ କୁଳ ଉଜ୍ୱଳ କରିବା ପରିବର୍ତ୍ତେ ସେ ପରିବାର ଓ ସମାଜ ପ୍ରତି କେତେ ଯେ ବୋଝ ପାଲଟି ଯାଏ(ଅବଶ୍ୟ ସବୁକ୍ଷେତ୍ରରେ ନୁହେଁ) ତାହା କହିବା ଅନାବଶ୍ୟକ। ଏକଥା ଆମେ ଭୁଲିଗଲେ ଚଳିବ ନାହିଁ ଯେ ଯେତେସବୁ ଅପରାଧ, ହିଂସା, ରକ୍ତପାତରେ ମହିଳାମାନଙ୍କ ସମ୍ପୃକ୍ତି କେବେ ଦେଖାଯାଇନାହିଁ। ଯଦି ବା କେଉଁଠି କେମିତି କେବେ ହେଉଥିବା ତାହା କୋଟିକରେ ଗୋଟିଏ। ସାଧାରଣତଃ ପୁରୁଷଙ୍କ ଲୋଲୁପ ଦୃଷ୍ଟିର ଶିକାର କନ୍ୟାମାନେ ହିଁ ହୁଅନ୍ତି।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ରିପୋର୍ଟ ଅନୁଯାୟୀ ବିଗତ ୩ ବର୍ଷ ଭିତରେ ଦେଶରୁ ୧୦ ଲକ୍ଷ ମହିଳା ନିଖୋଜ ଅଛନ୍ତି। ସେଥିମଧ୍ୟରେ ୨ ଲକ୍ଷ ନାବାଳିକା ଅଛନ୍ତି। ଆଜିର ନାଗରିକ ଆସନ୍ତା କାଲିର ଭବିଷ୍ୟତ। କିନ୍ତୁ ସେହି ଭବିଷ୍ୟତ କେତେ ସୁରକ୍ଷିତ ତାହା ଆଜି ବି ପ୍ରଶ୍ନବାଚୀ ସୃଷ୍ଟି କରୁଛି। କାରଣ ନାରୀଟିଏ ମଧ୍ୟ ସେହି ନାଗରିକଙ୍କ ମଧ୍ୟରେ ଯାଉଛି। ଗାନ୍ଧିଜୀଙ୍କ ଗୋଟିଏ ଉକ୍ତି ଥିଲା 'ଦେଶ ସ୍ୱାଧୀନ ହେଲା ସତ, କିନ୍ତୁ ପ୍ରକୃତ ସ୍ୱାଧୀନତା ସେତେବେଳେ ମିଳିବ ଯେତେବେଳେ ଅଧରାତିରେ ଝିଅଟି ନିର୍ଭୟରେ ରାସ୍ତାରେ ଯାଇପାରିବ।'

ଏବେ ଦମ୍ପତିଙ୍କର ନୀତି ହେଉଛି ଆମେ ଦୁଇ ଆମର ଏକ। କିନ୍ତୁ ପରିବାରରେ ଯଦି ପ୍ରଥମେ ଝିଅଟିଏ ହେଉଛି, ତେବେ ସେମାନେ ପୁଅ ଆଶାରେ ଆଉ ଗୋଟେ ସନ୍ତାନ କରିବାକୁ ଚାହୁଁଛନ୍ତି। ଯଦି ବାରମ୍ବାର ଝିଅ ହେଲା ତେବେ ଭ୍ରୂଣ ହତ୍ୟା, ନଚେତ୍ ଜନ୍ମ ହେବା ପରେ କେଉଁ ଅଳିଆଗଦାରେ ନେଇ ପକାଇବା ଇତ୍ୟାଦି କାର୍ଯ୍ୟ ଦେଖିବାକୁ ମିଳୁଛି। ତେଣୁ କନ୍ୟାଟି ତା' ମା' ପେଟରେ ବି ଏବେ ସୁରକ୍ଷିତ ମନେ କରୁନାହିଁ।

ଆମେ ବିଜ୍ଞାନକୁ ଯେପରି ମାନୁଛୁ ସେହିପରି ଭଗବାନଙ୍କୁ ବି ବିଶ୍ୱାସ କରୁଛୁ। କେବଳ ପୁରୁଷ ତ ଭଗବାନଙ୍କୁ ପୂଜା କରୁନାହାନ୍ତି। ମାଣବସା ଗୁରୁବାର ହେଉ କିମ୍ବା ଅନ୍ୟାନ୍ୟ ପର୍ବପର୍ବାଣୀ ମହିଳାମାନଙ୍କର ଦାୟିତ୍ୱ ହିଁ ଅଧିକ। ଯଦି ଲକ୍ଷ୍ମୀଙ୍କୁ ଆମେ ଅତି ଆଦରରେ ଓ ଭକ୍ତିରେ ପୂଜା କରୁଛୁ ତେବେ ଝିଅମାନଙ୍କୁ ଘୃଣା କରିବାର ଅର୍ଥ କଣ? ସେହିପରି ଝିଅଙ୍କୁ ଯଦି ଆମେ ଅନାଦର କରୁଛେ ତେବେ ପୂଜାପାଠ କରି କି ଲାଭ?

ଲୋକଙ୍କୁ ହୁଏତ ଏସବୁ କଥା କଲରା ଭଳି ପିତା ଲାଗେ। କିନ୍ତୁ ପିତା ହିଁ ଦେହକୁ ହିତ। ଯଦି ଏଥିପ୍ରତି ସଚେତନ ନହେବା ତେବେ ଏମିତି ଦିନ ଆସିବ ସବୁ ରାଜ୍ୟରେ ହରିଆଣା, ପଞ୍ଜାବ ପରି ସ୍ଥିତି ସୃଷ୍ଟି ହେବ। କନ୍ୟାଙ୍କ ଅଭାବ ପରିଲକ୍ଷିତ ହେବ। ନା ସମାଜ ରହିବ ନା ପୁରୁଷଙ୍କ ଆଧିପତ୍ୟ ରହିବ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ସକାଳ
THE SAKALA



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୪୦ ● ପାଉଣ୍ଡ ୧୦୪.୬୭
- ୟୁରୋ ୮୯.୪୩ ● ୟେନ୍ ୦.୫୭

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୬,୮୫୦ (ଭୁବନେଶ୍ୱର)
- ରୁପା : ୭୮,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୬୯,୯୨୯.୦୦
- ନିଫ୍ଟି ୨୦,୯୯୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



# ଓଡ଼ିଶାରେ ଆରମ୍ଭ ହେଲା ଇୱାଇର ଯାତ୍ରା

**ଭୁବନେଶ୍ୱର, ୧୧।୧୨(ସମିସ)**

ଆଇଟି ସମୃଦ୍ଧ ରାଜ୍ୟ ଦିଗରେ ଆଉ ଏକ ପାଦ ଆଗକୁ ଯାଇଛି ଓଡ଼ିଶା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଆର୍ଣ୍ଣଷ୍ଟ ଆଣ୍ଡ ୟଙ୍ଗ (ଇୱାଇ) ଟେକ୍ନୋଲୋଜି ହବ୍‌ର ଉଦ୍‌ଘାଟନ କରିଛନ୍ତି। ଆସ୍ୟୁରାନ୍ସ, ଟ୍ୟାକ୍ସ, ଷ୍ଟ୍ରାଟେଜୀ, ଟ୍ରାଞ୍ଜାକ୍ସନ୍ ଓ କନସଲଟିଂ ସେବା କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ଏହି କମ୍ପାନୀ ଏବେ ଓଡ଼ିଶାରେ କାରବାର ଆରମ୍ଭ କରିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜିର ଡିଜିଟାଲ ଯୁଗରେ ଓଡ଼ିଶା ପଛରେ ରହି ନାହିଁ। ଔଦ୍ୟୋଗିକ ପରିବେଶ, ନୂଆ କୌଶଳର ଉଦ୍ଭାବନ ଏବଂ ନୂଆ ଯୁଗର ବ୍ୟବସାୟ ଆମର ରାଜ୍ୟର ବିକାଶକୁ ବଳ ଯୋଗାଉଛି। ଏପରିସ୍ଥଳେ ବିଭିନ୍ନ କ୍ଷେତ୍ରରେ ଇୱାଇର ବିଶେଷତ୍ୱ ନିଃସନ୍ଦେହରେ ଆମର ବିକାଶ ଯାତ୍ରାକୁ ଆହୁରି ସୁଗମ କରିବ। ସାମ୍ପ୍ରତିକ ସମୟରେ ଦ୍ରୁତ ପରିବର୍ତ୍ତନଶୀଳ ଆଇଟି, ଷ୍ଟ୍ରାଟେଜୀ ଓ କନସଲଟିଂ ବ୍ୟବସ୍ଥା ମଧ୍ୟରେ ଇୱାଇ ଟେକ୍ନୋଲୋଜି ସେଣ୍ଟର ରାଜ୍ୟର ଆର୍ଥିକ ବିକାଶ ଦିଗରେ ନିର୍ଣ୍ଣାୟକ ଭୂମିକା ନିର୍ଦ୍ଧାରଣ କରିବ। ଗତ କିଛି ବର୍ଷ ହେଲା ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଆସୁଛି ଏବଂ ନୂଆ ଆତ୍ମବିଶ୍ୱାସର ସହ ନୂତନ ଚିନ୍ତାଧାରା, ଅଭିନବ ଉଦ୍ଭାବନ ଏବଂ ଔଦ୍ୟୋଗିକ ଭାବନା ନେଇ ଏକ ନୂଆ ଓଡ଼ିଶା ଗଠନ ଦିଗରେ ଆଗକୁ ବଢ଼ିବାରେ ଲାଗିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ ବଳରେ ଭୁବନେଶ୍ୱର ଏବେ ଆଇଟି, ଇଏସ୍‌ଡିଏମ୍, କନସଲଟିଂ କମ୍ପାନୀମାନଙ୍କ ପାଇଁ ଏକ ହଟ୍‌ସ୍ପଟ୍‌ରେ ପରିଣତ ହୋଇଛି। ଏପରିସ୍ଥଳେ ଇୱାଇ ଟେକ୍ନୋଲୋଜି ସେଣ୍ଟର ରାଜ୍ୟର ଯୁବକ ଯୁବତୀମାନଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବା ସହ ରାଜ୍ୟର ଅର୍ଥନୀତିକୁ ଆହୁରି ଗତିଶୀଳ କରିପାରିବ। ରାଜ୍ୟ ସରକାରଙ୍କ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପ୍ରମୁଖ ସଚିବ ମନୋଜ କୁମାର ମିଶ୍ର କହିଛନ୍ତି ଯେ ଭୁବନେଶ୍ୱରରେ ଇୱାଇ କାର୍ଯ୍ୟାଳୟ ପ୍ରତିଷ୍ଠା ହେବା ଓଡ଼ିଶାର ଦକ୍ଷତା ପ୍ରତି ବିଶ୍ୱସ୍ତରୀୟ ଆଇଟି ସଂସ୍ଥାଙ୍କ ସୁଦୃଢ଼ ବିଶ୍ୱାସକୁ ଉଜାଗର କରିଛି ଏବଂ ପୁଞ୍ଜିନିବେଶ ଓ ବିକାଶ ପାଇଁ ଓଡ଼ିଶାକୁ ଏକ ଉତ୍କୃଷ୍ଟ ଲକ୍ଷ୍ୟ ସ୍ଥଳରେ ପରିଣତ କରିପାରିଛି।



ପାର୍ଟନର୍ ଆଣ୍ଡ ପାର୍ଟନର ଏବଂ ଗଭର୍ଣ୍ଣମେଣ୍ଟ ଆଣ୍ଡ ପବ୍ଲିକ୍ ସେକ୍ଟର ଜାତୀୟ ନିର୍ଦ୍ଦେଶକ ଗୌରବ ତନେଜା ଆଇଟି କମ୍ପାନୀଗୁଡ଼ିକୁ ପ୍ରୋତ୍ସାହନ ନିମନ୍ତେ ରାଜ୍ୟ ସରକାରଙ୍କ ନୀତିକୁ ପ୍ରଶଂସା କରିବା ସହ ଓଡ଼ିଶା ଭଳି ଏକ

**‘ଓ-ହବ୍’ରେ ଟେକ୍ନୋଲୋଜି ହବ୍ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ**

**ଡିଜିଟାଲ ଯୁଗରେ ନୂଆ ନୂଆ କୀର୍ତ୍ତିମାନ ସୃଷ୍ଟି କରି ଚାଲିଛି ଓଡ଼ିଶା**

**ଆଇଟି, ଇଏସ୍‌ଡିଏମ୍, କନସଲଟିଂ କ୍ଷେତ୍ରର ହଟ୍‌ସ୍ପଟ ଭୁବନେଶ୍ୱର**

ବିକାଶଶୀଳ ରାଜ୍ୟରେ କାରବାର ଆରମ୍ଭ କରିବା ଆମ ପାଇଁ ବେଶ୍ ଉତ୍ସାହଜନକ ବୋଲି କହିଛନ୍ତି। କମ୍ପାନୀର ମ୍ୟାନେଜିଂ ପାର୍ଟନର ହରିଶ ଅଗ୍ରୱାଲ କହିଛନ୍ତି ଯେ ଦେଶର ଟ୍ୟାଲେଣ୍ଟ ହବ୍ ଭାବେ ଭୁବନେଶ୍ୱର ନୂଆ ପରିଚୟ ସୃଷ୍ଟି କରିଛି। ଏଠାରେ ଆମେ ଆମ କାର୍ଯ୍ୟର ପ୍ରଭାବ ଦ୍ୱାରା ଦେଶ ବିଦେଶରୁ ଗ୍ରାହକ ଆଣିବାରେ ସକ୍ଷମ ହେବୁ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ସ୍ୱତନ୍ତ୍ର ସଚିବ ମାନସ ପଣ୍ଡା ଏବଂ ବହୁ ମାଣ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

ଭୁବନେଶ୍ୱରରେ ଥିବା ଓ-ହବ୍‌ରେ ୧୫ ହଜାର ବର୍ଗ ଫୁଟ୍ ଅଞ୍ଚଳରେ ଅତ୍ୟାଧୁନିକ ସୁବିଧା ସୁଯୋଗ ମଧ୍ୟରେ ଇୱାଇ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇଛି। କମ୍ପାନୀରେ ନିଜର ପୁରାତନ କର୍ମଚାରୀଙ୍କ ସହିତ ଓଡ଼ିଶାରୁ ନୂତନ ଦକ୍ଷ ମାନବସମ୍ବଳଙ୍କୁ ନେଇ ଏଠାରେ କାର୍ଯ୍ୟ କରିବ। ଇୱାଇ ଭୁବନେଶ୍ୱର ସମେତ ଅହମ୍ମଦାବାଦ, ବେଙ୍ଗାଲୁରୁ, ଚଣ୍ଡିଗଡ଼, ଚେନ୍ନାଇ, ହାଇଦେରାବାଦ, ଜୟପୁର, ଜାମସେଦପୁର, କୋଚି, କୋଲକାତା, ମୁମ୍ବଇ, ଏନ୍‌ସିଆର (ଦିଲ୍ଲୀ, ଗୁରୁଗାଓଁ, ନୋଇଡ଼ା) ଏବଂ ପୁଣେ ଠାରେ କାର୍ଯ୍ୟାଳୟ ସ୍ଥାପନ କରିଛି। ରାଜ୍ୟର ଆଇଟି କ୍ଷେତ୍ରରେ ସମୃଦ୍ଧି ଆଣିବ ଲକ୍ଷ୍ୟ ନେଇ ରାଜ୍ୟର ଇଲେକ୍ଟ୍ରୋନିକ୍ସ ଓ ଆଟି ବିଭାଗର ଉଦ୍ୟମ ବଳରେ ଆଇବିଏମ୍, ପିଡବ୍ଲୁସି, ହେଲୋଏଟ୍, କନସେନଟ୍ରିକ୍ସ, ହାପିଏଷ୍ଟ ମାଇଣ୍ଡ, ଇନଫୋସିସ୍ ବିପିଏମ୍, ସିନୋପସିସ୍, ଆସେଞ୍ଚ୍ୟୋର୍ ଭଳି ବିଶ୍ୱସ୍ତରୀୟ କମ୍ପାନୀ ଓଡ଼ିଶାରେ ନିଜ କାର୍ଯ୍ୟାଳୟ ସ୍ଥାପନ କରିଛନ୍ତି।

- ଶେଷହେଲା ‘ଦି ଗଭର୍ଣ୍ଣାନ୍ସ ଚ୍ୟାଲେଞ୍ଜ’ ଦ୍ୱିତୀୟ ସଂସ୍କରଣ

# ‘ମହିଳା ସଶକ୍ତିକରଣରେ ଓଡ଼ିଶା ପଥ ପ୍ରଦର୍ଶକ’

ଭୁବନେଶ୍ୱର, ୧୧।୧୨(ସମିସ): ‘ମହିଳା ସଶକ୍ତିକରଣ’ କ୍ଷେତ୍ରରେ ଓଡ଼ିଶା ଆଜି ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିଛି। ରାଜ୍ୟର ମହିଳାମାନେ ସରକାରୀ ପ୍ରୋତ୍ସାହନ ଯୋଗୁଁ ସଫଳତାର ଶୀର୍ଷରେ ପହଞ୍ଚିପାରିଛନ୍ତି। ରାଜ୍ୟ ସରକାର ମିଶନ ଶକ୍ତି ମାଧ୍ୟମରେ ବାର୍ଷିକ ୫ ହଜାର କୋଟି ଟଙ୍କାର ବ୍ୟବସାୟ ସୁନିଶ୍ଚିତ କରିଛନ୍ତି। ପ୍ରତ୍ୟେକ ଗୋଷ୍ଠୀକୁ ବାର୍ଷିକ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ପ୍ରଦାନ ରାଜ୍ୟର ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିପାରିଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ରାଜ୍ୟ ଲୋକସେବା ଭବନ କନଭେନସନ୍ ହଲରେ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା-ପ୍ରଯୁକ୍ତିବିଦ୍ୟା ଏବଂ ‘ସମଗ୍ର’ ସହଭାଗିତାରେ ଅନୁଷ୍ଠିତ ‘ଦି ଗଭର୍ଣ୍ଣାନ୍ସ ଚ୍ୟାଲେଞ୍ଜ’ର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଏକ ଭିଡ଼ିଓ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତିକରଣ ଆମ ପାଇଁ କେବଳ ସ୍ଲୋଗାନ ନୁହେଁ; ଆମର ନୀତିରେ ପରିଣତ ହୋଇଛି ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲୋକସଭାରେ ରାଜ୍ୟର ୨୧ଟି ଲୋକସଭା ଆସନରୁ ୩୩ ପ୍ରତିଶତ ମହିଳା ଏବଂ ପଞ୍ଚାୟତ ଓ ପୌରପାଳିକାରେ ୫୦ ପ୍ରତିଶତରୁ ଅଧିକ ନିର୍ବାଚିତ ମହିଳାଙ୍କ ପ୍ରତିନିଧି ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି। ଓଡ଼ିଶା ଆଜି ମହିଳା ସଶକ୍ତିକରଣ କ୍ଷେତ୍ରରେ ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ସହ ଅନ୍ୟ ରାଜ୍ୟମାନଙ୍କ ପାଇଁ ପଥ ପ୍ରଦର୍ଶକ ହୋଇପାରିଛି। ରାଜ୍ୟରେ ‘ଦି ଗଭର୍ଣ୍ଣାନ୍ସ ଚ୍ୟାଲେଞ୍ଜ’ ଦ୍ୱିତୀୟ ସଂସ୍କରଣ ଏହାର ଏକ ଦୃଷ୍ଟାନ୍ତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ସମାଧାନର ଯେଉଁ ସବୁ ପନ୍ଥା ଦେଖାଇଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ। ଏସବୁ ଆହ୍ୱାନଗୁଡ଼ିକର ସମାଧାନ କ୍ଷେତ୍ରରେ ବ୍ୟାପକ ପ୍ରଭାବ ପକାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।




- ‘ମହିଳା ସଶକ୍ତୀକରଣ’ ଉପରେ ମାନସମନ୍ଥନକୁ ରାଜ୍ୟ ସରକାରଙ୍କ ଗୁରୁତ୍ୱ
- ଭାଗନେଲେ ଦେଶର ୩୫ ପ୍ରମୁଖ ବିଜ୍‌ନେସ ସ୍କୁଲର ୧୦ ହଜାର ଛାତ୍ରଛାତ୍ରୀ
- ବିଜେତା ଆଇଆଇଏମ୍ ବେଙ୍ଗାଲୁରୁକୁ ମିଳିଲା ୫ ଲକ୍ଷ ଟଙ୍କା ପୁରସ୍କାର

ଚଳିତବର୍ଷ ‘ଦି ଗଭର୍ଣ୍ଣାନ୍ସ ଚ୍ୟାଲେଞ୍ଜ, ୨୦୨୩’ ପ୍ରତିଯୋଗିତାରେ ‘ମହିଳା ସଶକ୍ତୀକରଣ’ ଶୀର୍ଷକ ବିଷୟବସ୍ତୁ ସ୍ଥିର କରାଯାଇଥିଲା। ଏଥିରେ ଦେଶର ୩୫ଟି ପ୍ରମୁଖ ବିଜିନେସ ସ୍କୁଲର ପାଖାପାଖି ୧୦ ହଜାର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାର ଚୂଡ଼ାନ୍ତ ପର୍ଯ୍ୟାୟକୁ ଆଇଆଇଏମ୍ ବାଙ୍ଗାଲୋର, ବିଆଇଟିଏସ୍ ସ୍କୁଲଅଫ୍ ମ୍ୟାନେଜମେଣ୍ଟ, ଏଫଏମଏସ ଦିଲ୍ଲୀ, ଆଇଆଇଏମ୍ କୋଲକାତା, ଆଇଆଇଏମ୍ ଲକ୍ଷ୍ନୌ ଏବଂ ଏକ୍ସଆଇଏମବି ଭୁବନେଶ୍ୱରର ୧୮ଜଣ ବିଦ୍ୟାର୍ଥୀ ଉତ୍ତୀର୍ଣ୍ଣ ହୋଇଥିଲେ। ଉଦ୍‌ଯାପନୀ ସମାରୋହରେ ଏହି ସଫଳ ପ୍ରତିଯୋଗୀମାନେ ସେମାନଙ୍କ ଅଧ୍ୟୟନ ବିଷୟବସ୍ତୁକୁ ନେଇ ପାୱାରପଏଣ୍ଟ ପ୍ରେଜେଣ୍ଟେସନ ଉପସ୍ଥାପନ କରିଥିଲେ। ଏଥିରେ ବିଜେତା ଆଇଆଇଏମ୍ ବାଙ୍ଗାଲୋରକୁ ୫ ଲକ୍ଷ ଟଙ୍କା, ପ୍ରଥମ ଉପବିଜେତା ଏକ୍ସଆଇଏମବି ଭୁବନେଶ୍ୱରକୁ ୩ ଲକ୍ଷ ଟଙ୍କା ଏବଂ ଦ୍ୱିତୀୟ ଉପବିଜେତା ଏଫ୍‌ଏମ୍‌ଏସ୍ ଦିଲ୍ଲୀକୁ ୧ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା।

ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ ବିଚାରକ ଭାବେ ଯୋଗଦେଇ ରାଜ୍ୟର ବିକାଶରେ ମହିଳା ଓ ଯୁବବର୍ଗଙ୍କ ପ୍ରମୁଖ ଭୂମିକା ବିଷୟରେ ବର୍ଣ୍ଣନା କରିଥିଲେ। ସେହିଭଳି ଉନ୍ନୟନ କମିଶନର ଅନୁ ଗର୍ଗ ରାଜ୍ୟ ତଥା ଦେଶରେ ପ୍ରଣୟନ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ମହିଳାମାନେ ସଚେତନ ହୋଇପାରିଲେ ରାଜ୍ୟର ଉନ୍ନତି ସମ୍ଭବପର ବୋଲି କହିଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋଜ ମିଶ୍ର ଦେଶର ଜଟିଳ ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ଶ୍ରେଷ୍ଠ ପ୍ରତିଭା ଅନ୍ୱେଷଣ ଦୃଢ଼ ଆବଶ୍ୟକତା ରହିଛି ବୋଲି କହିଥିଲେ।

- ଘରୋଇ ପୁଞ୍ଜିବଜାରରେ ନୂଆ ମାଇଲଖୁଣ୍ଟ

# ସେନ୍‌ସେକ୍ସ ୭୦ ହଜାର ପଏଣ୍ଟ ଟପିଲା

**ମୁମ୍ବଇ,୧୧।୧୨(ଏଜେନ୍ସି)**

ଘରୋଇ ପୁଞ୍ଜିବଜାରରେ ଲାଗିଛି ଡେଣା। ଉଠିବାରେ ଲାଗିଛି ଶେୟାର ବଜାର। ବଜାର କାରବାରରେ ଦେଖାଦେଇଥିବା ଉତ୍ସାହ ଯୋଗୁ ଦୈନିକ ବଜାରରେ ପ୍ରତିଷ୍ଠା ହେବାରେ ଲାଗିଛି ନୂଆ ନୂଆ ରେକର୍ଡ। ଏବେ ଦେଶର ଘରୋଇ ପୁଞ୍ଜିବଜାର ଆଉ ଏକ ଇତିହାସ ରଚିଛି। ବଜାରରେ ପ୍ରତିଷ୍ଠା ହୋଇଛି ନୂଆ ମାଇଲଖୁଣ୍ଟ। କାରଣ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ସେନ୍‌ସେକ୍ସ ଆଉ ଏକ ମାଇଲ୍ ଖୁଣ୍ଟ ପ୍ରତିଷ୍ଠା କରିଛି। ପ୍ରଥମ ପାଇଁ ସେନ୍‌ସେକ୍ସ ୭୦ ହଜାର ପଏଣ୍ଟ ସ୍ତର ଟପିଛି। ଏଥିଯୋଗୁ ବିଏସ୍‌ଇରେ ପଞ୍ଜୀକୃତ ସମସ୍ତ କମ୍ପାନୀଙ୍କ ବଜାର ପୁଞ୍ଜି ୪.୨ ଟ୍ରିଲିୟନ୍ ଡଲାର ଛୁଇଁଛି।

ଘରୋଇ ଶେୟାର ବଜାରରେ ଗତ ସପ୍ତାହରେ ଦେଖାଦେଇଥିବା ଉତ୍ସାହ ଧାରା ଏବେ ବି ଲାଗି ରହିଛି। ବଜାରରେ ଉଭୟ ସେନ୍‌ସେକ୍ସ ଏବଂ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟି ସୂଚକାଙ୍କରେ ରେକର୍ଡ ପରେ ରେଡର୍କ ପ୍ରତିଷ୍ଠା ହେଉଛି। ୩୦ ଶେୟାର ବିଶିଷ୍ଟ ବିଏସ୍‌ଇ ସେନ୍‌ସେକ୍ସ ଏବେ ସର୍ବକାଳୀନଜ ୭୦,୦୦୦ ପଏଣ୍ଟ ସ୍ତର ଅତିକ୍ରମ କରି ନୂଆ ଇତିହାସ ରଚିଛି। ସପ୍ତାହର ପ୍ରାରମ୍ଭ ସୋମବାର ବଜାର କାରବାର ଆରମ୍ଭ ହେବାର କିଛି କ୍ଷଣ ମଧ୍ୟରେ ସେନ୍‌ସେକ୍ସ ରେକର୍ଡ ୭୦,୦୫୪.୦୦ ପଏଣ୍ଟ ଛୁଇଁ ଘଣୋଇ ବଜାର କାରବାରରେ ଏକ ନୂଆ ମାଇଲ୍‌ଖୁଣ୍ଟ ପ୍ରତିଷ୍ଠା କରିଛି। ଏହାଫଳରେ ବିଏସ୍‌ଇରେ ପଞ୍ଜୀକୃତ ସମସ୍ତ କମ୍ପାନୀଗୁଡିକର ବଜାର ପୁଞ୍ଜି ୪.୨ ଟ୍ରିଲିୟନ୍ ଡଲାର ଛୁଇଁଛି। ସୋମବାର ସପ୍ତାହର ପ୍ରଥମ କାରବାର ଦିବସରେ ସେନ୍‌ସେକ୍ସ ଉପରମୁହାଁ ହୋଇଛି। ଦିନର କାରବାର ଶେଷ ବେଳକୁ ସେନ୍‌ସେକ୍ସରେ ୧୦୩ ପଏଣ୍ଟ ବୃଦ୍ଧି ଘଟି ୬୯,୯୨୮ ପଏଣ୍ଟରେ କାରବାର ବନ୍ଦ ହୋଇଛି। ସେନ୍‌ସେକ୍ସ ଏହାର ସର୍ବକାଳୀନ ବନ୍ଦ ରେକର୍ଡ ୬୯,୩୮୧.୩୧ ପଏଣ୍ଟ ଛୁଇଁଛି। ସେହିପରି ଆଜି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ୨୮ ପଏଣ୍ଟ ବୃଦ୍ଧି ଘଟି ୨୦,୯୯୭ ପଏଣ୍ଟରେ କାରବାର ଶେଷ ହୋଇଛି। ଆଜିର ବଜାର କାରବାରରେ ବ୍ୟାଙ୍କିଙ୍ଗଠାରୁ ଆରମ୍ଭ କରି ଆଇଟି ଏବଂ ବିନିର୍ମାଣ କ୍ଷେତ୍ରର ଷ୍ଟକ୍‌ଗୁଡିକର ମୂଲ୍ୟରେ ଭଲ ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଦିନଯାକ ମଧ୍ୟରେ




ଆଇଓଆଇସିଆଇ ବ୍ୟାଙ୍କ, ଏଲ୍‌ଆଣ୍ଡଟି, ଆଇଟିସି, କୋଲ୍ ଇଣ୍ଡିଆ, ଗେଲ୍ ଏବଂ ଟେକ୍ ମହିନ୍ଦ୍ରା ଭଳି କମ୍ପାନୀଗୁଡିକର ସେୟାର ମୂଲ୍ୟରେ ସର୍ବାଧିକ ବୃଦ୍ଧି ଘଟିଛି। ପାଞ୍ଚଟି ରାଜ୍ୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନର ଫଳାଫଳକୁ ଷ୍ଟକ୍ ବଜାର ସ୍ୱାଗତ କରିଥିଲା। ଏଥିଯୋଗୁ ଗତ ସପ୍ତାହରେ କ୍ରମାଗତ ଭାବେ ୬ କାରବାର ଦିବସ ଧରି ବଜାର ଉଠିଥିଲା। ବଜାର ଉପରକୁ ଫେରିଛି ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ)ଙ୍କ ଆସ୍ଥା। ଫଳସ୍ୱରୂପ ସେନ୍‌ସେକ୍ସ ରକେଟ୍‌ରେ ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଛି ପୁଞ୍ଜିବଜାର। ତେବେ ପୁଞ୍ଜି ବଜାରର ଏଭଳି ପରିସ୍ଥିତିରେ ମାଲେମାଲ ହୋଇଛନ୍ତି ଶିଳ୍ପପତି ଆଉ ନିବେଶକ। ନିବୋଙ୍କଙ୍କ ସମ୍ପତ୍ତିରେ ବହୁଗୁଣ ବୃଦ୍ଧି ଘଟିଛି। ଗତ ସପ୍ତାହରେ ବଜାର ସ୍ଥିତିରୁ ଆଦାନୀ ଗ୍ରୁପ ଦିନକରେ ୧.୯୨ ଲକ୍ଷ କୋଟି ଟଙ୍କାର ଫଇଦା ହାସଲ କରିଥିଲା।

# ଓଡିଶାରେ ସମ୍ପ୍ରସାରଣ: ୧୦୦ ନିୟୁତ ଡଲାର ବିନିଯୋଗ କଲା ‘ଫିନେଷ୍ଟ’

**ଭୁବନେଶ୍ୱର,୧୧।୧୨(ସମିସ):** ଫିନେଷ୍ଟ, ବିଏନ୍‌ପିଗ୍ରୁପ୍‌ଅଧିନରେଥିବା ଏକ ପ୍ରତିଷ୍ଠିତ ଘରୋଇ ଇକ୍ୱିଟି ନିବେଶ ସଂସ୍ଥା, ଜିରୋ କାର୍ବନ ଟେକ୍ନୋଲୋଜି(ଜେଡ୍‌ସିଟି)ରେ ୧୦୦ ନିୟୁତ ଡଲାରର ଷ୍ଟ୍ରାଟେଜିକ୍ ଇକ୍ୱିଟି ନିବେଶ ଘୋଷଣା କରିଛି, ଯାହାକି ପୁରୁଣା ଲିଡ୍ ଏସିଡ୍ ଏବଂ ଲିଥିୟମ-ଆୟନ ବ୍ୟାଟେରୀଗୁଡିକର ନବୀକରଣ କ୍ଷେତ୍ରରେ ବିପ୍ଳବ ଆଣିଛି। ଡ଼ିଶାର ଗଞ୍ଜାମ ଜିଲ୍ଲାରେ ହାଇଡ୍ରୋଜେନ୍ ଆଧାରିତ ଡୁଆଲ୍ ଇନ୍ଧନ ଇଭି ଟ୍ରକ୍ ଉତ୍ପାଦନ ୟୁନିଟି ଏବଂ ବାୟୋଡିଗ୍ରେଡବଲ୍ ବ୍ୟାଗ୍ ଉତ୍ପାଦନ ୟୁନିଟି ପ୍ରତିଷ୍ଠା ପାଇଁ ଜମି ଚିହ୍ନଟ କରିଥିବା ଫିନେଷ୍ଟ ଏହି ଜିରୋ କାର୍ବନ ଟେକ୍ନୋଲୋଜି କମ୍ପାନିକୁ ମଧ ଓଡ଼ିଶାକୁ ଆଣିବା ପାଇଁ ଯୋଜନା କରିଛି। ଅକ୍ଷୟ ଶକ୍ତି ଉତ୍ପାଦନ ଓ ବ୍ୟବହାର ପାଇଁ ଉଚ୍ଚ ସମ୍ଭାବନା ଥିବା ଓଡ଼ିଶାରେ ସ୍ୱଚ୍ଛ ଶକ୍ତି ସମାଧାନର ବିକାଶରେ ସହଯୋଗ କରିବା ଲାଗି ଫିନେଷ୍ଟ ଲକ୍ଷ୍ୟ ରଖିଛି। ଲଣ୍ଡନର ପ୍ରତିଷ୍ଠିତ କାର୍ଲଟନ୍ କ୍ଲବରେ ଏହି ଐତିହାସିକ ଚୁକ୍ତିକୁ ଅନୁଷ୍ଠାନିକ ରୂପ ଦିଆଯାଇଥିଲା, ଯେଉଁଠାରେ ଜେଡ୍‌ସିଟିର ଅଧକ୍ଷ ସାର୍ ଟୋନି ବାଲଡ୍ରି ଏବଂ ଫିନେଷ୍ଟର ଅଧକ୍ଷ ବିଶ୍ୱନାଥ ପଟ୍ଟନାୟକଙ୍କ ଉପସ୍ଥିତିରେ ଫିନେଷ୍ଟ ଏବଂ ଜେଡ୍‌ସିଟିର ପ୍ରତିନିଧିମାନେ ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ଜେଡ୍‌ସିଟି ହେଉଛି ପୁରୁଣା(ବ୍ୟବହୃତ) ବ୍ୟାଟେରୀରୁ ଅତ୍ୟାବଶ୍ୟକ ଖଣିଜ ପଦାର୍ଥ ବାହାର କରିବାରେ ଏକ ଅଗ୍ରଣୀ କମ୍ପାନୀ, ଯାହା ପରେ ଇଲେକ୍ଟ୍ରିକ୍ ଯାନ(ଇଭି) ପାଇଁ ବ୍ୟାଟେରୀ ଉତ୍ପାଦନରେ ପୁନଃବ୍ୟବହାର ପାଇଁ ବିକ୍ରି କରାଯାଏ। ଏହି ପ୍ରକ୍ରିୟା ବ୍ୟାଟେରୀ ନିଷ୍କାସନର ପରିବେଶ ଉପରେ ପଡୁଥିବା କୁପ୍ରଭାବକୁ ହ୍ରାସ କରିଥାଏ ଏବଂ ବ୍ୟାଟେରୀ ସାମଗ୍ରୀ ପାଇଁ ଏକ ସର୍କୁଲାର ଅର୍ଥନୀତି ସୃଷ୍ଟି କରେ। ବ୍ୟାଟେରୀ ରିସାଇକ୍ଲିଂ ବଜାରରେ ଜେଡ୍‌ସିଟିର ଏକ ଅଗ୍ରଣୀ ନାମ ଏବଂ ଓଡ଼ିଶାର ଅର୍ଥନୀତିକୁ ଲୋ-କାର୍ବନ ଅର୍ଥନୀତିରେ ରୂପାନ୍ତରଣ କରିବ ବୋଲି ଆମେ ବିଶ୍ୱାସ କରୁଛୁ ବୋଲି ଫିନେଷ୍ଟ ଏମ୍‌ଡି ଅରୁଣ କର କହିଛନ୍ତି।




**୨୦ ମାସ ହେବ ବଦଳିନି ପେଟ୍ରୋଲ, ଡିଜେଲ ଦର**

# ବଢୁଛି ସରକାରୀ ତେଲ କମ୍ପାନୀଙ୍କ ମୁନାଫା

**ନୂଆଦିଲ୍ଲୀ,୧୧।୧୨(ଏଜେନ୍ସି)**

ସମ୍ପ୍ରତି ବିଶ୍ୱ ବଜାରରେ କ୍ରମାଗତ ଭାବେ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ଜାରି ରହିଛି। ତୈଳ ଦର ବ୍ୟାରେଲ ପିଛା ୭୦ ଡଲାର ତଳକୁ ଖସିଆସିଛି। ତେବେ ଏଥିରେ କେବଳ ମାଲେମାଲ ହେଉଛନ୍ତି ଦେଶର ସରକାରୀ ତେଲ କମ୍ପାନୀ। ରାଷ୍ଟ୍ରାୟତ୍ତ ତୈଳ ମାର୍କେଟିଂ କମ୍ପାନୀ(ଓଏମ୍‌ସି)ଗୁଡିକ ଏହି ପରିସ୍ଥିତିରୁ ବିପୁଳ ଲାଭ କରୁଛନ୍ତି। କାରଣ ବିଶ୍ୱ ବଜଶରରେ ଅଶୋଧିତ ତୋତୈଳ ଦର ହ୍ରାସ ଘଟୁଥିଲେ ସୁଦ୍ଧା ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ସ୍ଥିର ରହିଛି। ଏକ ହିସାବ ଅନୁଯାୟୀ, ବିଗତ ୨୦ ମାସ ହେବ ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏଭଳି ସ୍ଥିତିରେ ସରକାରୀ ତେଲ କମ୍ପାନୀଙ୍କ ମୁନାଫା ବଢ଼ିବାରେ ଲାଗିଛି। ଗତ ତ୍ରୈମାସିକରେ ଦେଶର ତିନୋଟି ଯାଏ ତୈଳ ମାର୍କେଟିଂ କମ୍ପାନୀ ୨୮ ହଜାର କୋଟି ଟଙ୍କା ଲାଭ କରିଛନ୍ତି। ଏଭଳି ପରିସ୍ଥିତିରେ ସାଧାରଣ ଲୋକଙ୍କୁ ପେଟ୍ରୋଲ ଏବଂ ଡିଜେଲର ଉଚ୍ଚ ଦରରୁ ଆଶ୍ୱସ୍ତି ମିଳିପାରୁନାହିଁ। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଏବଂ ପେଟ୍ରୋଲିୟମ ମନ୍ତ୍ରଣାଳୟ ଦେଶରେ ତେଲ ଦର ହ୍ରାସ ଘଟାଇବା ନେଇ ଆଲୋଚନା ଆରମ୍ଭ କରିଥିବା ସମ୍ପର୍କରେ ସମ୍ପ୍ରତି କିଛି ରିପୋର୍ଟ ପ୍ରକାଶ ପାଇଛି।

- ୨୦୨୨ରେ ପେଟ୍ରୋଲ ଲିଟର ପିଛା କ୍ଷତି ୧୭ ଟଙ୍କା ଥିଲା
- ୨୦୨୩ରେ ଲିଟର ପିଛା ପେଟ୍ରୋଲରେ ଲାଭ ୧୦ ଟଙ୍କା
- ତଥାପି କମୁନି ପେଟ୍ରୋଲ, ଡିଜେଲ ଦର
- ଗତ ତ୍ରୈମାସିକରେ ୩ ତେଲ କମ୍ପାନୀଙ୍କ ଲାଭ ୨୮ ହଜାର କୋଟି




ବିଗତ ୨୦ ମାସ ଧରି ଦେଶରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କ ଣସି ପରିବର୍ତ୍ତନ ହୋଇନାହିଁ। ରିପୋର୍ଟ ଅନୁଯାୟୀ, ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସକୁ ନଜରରେ ରଖି ଗ୍ରାହକଙ୍କୁ ଉଚ୍ଚଦରରୁ କେତେକାଂଶରେ ଆଶ୍ୱସ୍ତ କରିବା ପାଇଁ ସରକାର ଆଲୋଚନା କରିବା ଆରମ୍ଭ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ୨୦୨୨ ମସିହାରେ ଓଏମ୍‌ସିଗୁଡିକ ପେଟ୍ରୋଲ ଉପରେ ଲିଟର ପିଛା ୧୭ ଟଙ୍କା ଏବଂ ଡିଜେଲ ଉପରେ ଲିଟର ପିଛା ୩୫ ଟଙ୍କା କ୍ଷତି ସୁହୁଥିଲେ। ବର୍ତ୍ତମାନ ଓଏମ୍‌ସିଗୁଡିକ ବର୍ତ୍ତମାନ ପେଟ୍ରୋଲ ଉପରେ ଲିଟର ପିଛା ୮-୧୦ ଟଙ୍କା ଏବଂ ଡିଜେଲରେ ଲିଟର ପିଛା ୩-୪ ଟଙ୍କା ଲାଭ କରୁଛନ୍ତି। ରିପୋର୍ଟ ଅନୁଯାୟୀଏହି ପ୍ରସଙ୍ଗରେ ତୈଳ ମନ୍ତ୍ରଣାଳୟ ଓଏମ୍‌ସିଗୁଡିକ ସହିତ ଆଲୋଚନା କରିସାରିଛି। ରିପୋର୍ଟରେ ଆହୁରି ମଧ କୁହାଯାଇଛି ଯେ ଯେହେତୁ ତୈଳ ମାର୍କେଟିଂ କମ୍ପାନୀଗୁଡିକ ବର୍ତ୍ତମାନ ପ୍ରଚୁର ଲାଭ କରୁଛନ୍ତି, ତେଣୁ ଲୋକଙ୍କୁ ଏହି ସମୟରେ କିଛି ମାତ୍ରାରେ ଆରାମ ପ୍ରଦାନ କରିବାକୁ ଆଲୋଚନା ଆରମ୍ଭ କରିଛନ୍ତି। ତେଣୁ ବର୍ତ୍ତମାନ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ହ୍ରାସ ଉପରେ ଅର୍ଥ ମନ୍ତ୍ରଣାଳୟ ଏବଂ ତୈଳ ମନ୍ତ୍ରଣାଳୟ ବିଚାର କରୁଛନ୍ତି।

ଏହାଛଡା ବିଗତ ତିନି ତ୍ରୈମାସିକରେ ଓଏମ୍‌ସିଗୁଡିକର ପ୍ରଚୁର ଲାଭ ହେତୁ ପେଟ୍ରୋ ଏବଂ ଡିଜେଲ ବିକ୍ରିରେ ହେଉଥିବା ସାମଗ୍ରିକ କ୍ଷତି ହ୍ରାସ ପାଇଛି। ଏହାପୂର୍ବରୁ ବଜାର ବିଶେଷଜ୍ଞମାନେ ଦେଇଥିବା ମତ ଅନୁଯାୟୀ, ବଜାରରେ ତୈଳ ମୂଲ୍ୟ ହ୍ରାସ ପାଇଲେ ତାହା ମୁଦ୍ରାସ୍ଫୀତି କମାଇବାରେ ଦେଶକୁ ସାହାଯ୍ୟ କରିପାରିବ। ଆହୁରି ମଧ ତୈ ଳ ମୂଲ୍ୟରେ ହ୍ରାସ ଭାରତୀୟ ଇକ୍ୱିଟି ବଜାରରେ ଅଭିବୃଦ୍ଧି ଘଟାଇବ। ଅପରପକ୍ଷେ ଯଦି ଆମେ ଅଶୋଧିତ ତୈଳର ମୂଲ୍ୟ ବିଷୟରେଆଲୋଚନା କରିବା ତେବେ ଜଣାପଡିବ ଯେ, ଏହା ଦୀର୍ଘ ସମୟ ଧରି ବ୍ୟାରେଲ ପିଛା ୮୦ ଡଲାରରୁ କମ୍ ରହିଆସିଛି।

# ଅଗ୍ନିବିପନ୍ନ ପରିବାରକୁ ଭେଟିଲେ ବିଧାୟକ



**ବାଲିକୁଦା, ୧୧।୧୨(ସମିସ):** ବାଲିକୁଦା ବ୍ଲକ ଅନ୍ତର୍ଗତ ବୋରିକିନା ପଞ୍ଚାୟତର ଖଣ୍ଡପସା ଗ୍ରାମର ନୃସିଂହ ବିଶ୍ୱାଳଙ୍କ ଗତକାଲି ସନ୍ଧ୍ୟାରେ ବିଦ୍ୟୁତ ସଟ୍‌ସର୍କିଟ ଯୋଗୁଁ ଚାରି ବଖରା ଘର ସମେତ ସମସ୍ତ ଆସବାବପତ୍ର, ଧାନ, ଚାଉଳ, ଟଙ୍କା, ଦରକାରୀ କାଗଜପତ୍ର ପୋଡ଼ି ଯାଇଥିଲା। ଯାହାଫଳରେ ନୃସିଂହଙ୍କ ପରିବାର ଲୋକେ ବାସହରା ହୋଇପଡ଼ିଛନ୍ତି। ଏ ସମ୍ପର୍କରେ ଖବର ପାଇ ବାଲିକୁଦା ଏରସମା ବିଧାୟକ ରଘୁନନ୍ଦନ ଦାସଙ୍କ ସମେତ ବାଲିକୁଦା ବ୍ଲକ ଅଧ୍ୟକ୍ଷ ତଥା ଆଇନଜୀବୀ ପ୍ରକାଶ ଚନ୍ଦ୍ର ପ୍ରଧାନ, ବାଲିକୁଦା ଏରସମା ଯୁବ ନେତା ପାର୍ଥସାରଥି ରାଉତ, ବୋରିକିନା ସମିତିସଭ୍ୟ ସମରେନ ରାୟ, ବୋରିକିନା ସରପଞ୍ଚଙ୍କ ପତିନିଧି ସମୀର ପରିଡ଼ା ପ୍ରମୁଖ ଖଣ୍ଡପସା ସ୍ଥିତ ନୃସିଂହଙ୍କ ପାଖରେ ପହଞ୍ଚି ଥିଲେ। ତାଙ୍କ ପରିବାରକୁ କିପରି ଭାବରେ ସରକାରୀ ସାହାଯ୍ୟ ଓ ସହାୟତା ଯୋଗାଇ ଦିଆଯିବ ବିଧାୟକ ଶ୍ରୀ ଦାସ ବାଲିକୁଦା ତହସିଲଦାର ଓ ବାଲିକୁଦା ବ୍ଲକ ଉନ୍ନୟନ ଅଧିକାରୀଙ୍କ ସହ କଥା ହୋଇ ତୁରନ୍ତ ସାହାଯ୍ୟ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

# ବାଇଶିମୌଜା କଲେଜ ପକ୍ଷରୁ ସ୍ମୃତିସଭା

**ବିରିଡି, ୧୧।୧୨(ସମିସ):** ସୋମବାର ପୂର୍ବାହ୍ନରେ ବିରିଡି ବ୍ଲକ ବାଇଶିମୌଜା କଲେଜ ପକ୍ଷରୁ କଲେଜର ପୂର୍ବତନ ସମ୍ପାଦକ ତଥା ଆୟୁର୍ବେଦ ଚିକିତ୍ସକ ସ୍ୱର୍ଗତ କବିରାଜ ବିଭୁତିଭୂଷଣ ଦାଶଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ବିଭୁଦତ୍ତ ପ୍ରଧାନଙ୍କ ପୌରାହିତ୍ୟରେ ଅନୁଷ୍ଠିତ ସ୍ମୃତିସଭାରେ ଅଧ୍ୟାପିକା ସ୍ମିତା ମହାପାତ୍ର, ଡ. ଭାରତୀ ବେହେରା, ସନ୍ଧ୍ୟାରାଣୀ ମିଶ୍ର, ଅଧ୍ୟାପକ ବନୋଜ ମହାନ୍ତି, ଶେଷଦେବ ବେହେରା, ବିମଳ ବେହେରା, ଅନ୍ତର୍ଯ୍ୟାମୀ ରାଉତ, ମଥୁରାନନ୍ଦ ସାହୁ, ମାମିନା ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ସଦ୍‌ଗତି କାମନା କରି ୨ ମିନିଟ୍ ନିରବ ପ୍ରାଥନା କରିଥିଲେ। ପରେ ଶ୍ରୀ ଦାଶଙ୍କ କଲେଜ ପ୍ରତି ଥିବା ଅବଦାନ ଓ ସାମାଜିକ କାର୍ଯ୍ୟରେ କିପରି ନିଜକୁ ନିୟୋଜିତ କରିଥିଲେ ସେ ସମ୍ପର୍କରେ ଆଲୋକପାତ କରିଥିଲେ।

# ସାମ୍ବାଦିକଙ୍କ ମାତୃବିୟୋଗ



**ଜଗତସିଂହପୁର, ୧୧।୧୨(ସମିସ):** ପୂର୍ବତନ ସାମ୍ବାଦିକ ତଥା ବର୍ତ୍ତମାନ ପାରାଦୀପ ସ୍ଥିତ ଜେଏସଡବ୍ଲୁ କାର୍ଯ୍ୟାଳୟରେ ଜନ ସମ୍ପର୍କ ଅଧିକାରୀ ଭାବେ ଅବସ୍ଥାପିତ ପିନାକୀ ମହାନ୍ତିଙ୍କ ମା' ଗାୟତ୍ରୀ ମହାନ୍ତି(୭୧)ଙ୍କ ପରଲୋକ ହୋଇ ହୋଇଯାଇଛି। ଗତକାଲି ସନ୍ଧ୍ୟାରେ ରସଲପୁର ସ୍ଥିତ ନିଜ ବସଭବନରେ ପୂରାଣ ପଢୁଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ତତ୍‌କ୍ଷଣାତ୍ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ସମୟରେ ତାଙ୍କ ସ୍ୱାମୀ, ପୁଅ, ନାତି, ଝିଅ ଜ୍ୱାଇଁ ଓ ବହୁ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ଖବର ପାଇବା ପରେ ବହୁ ସ୍ଥାନୀୟ ଜନସାଧାରଣ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ମହାନ୍ତି ଜଣେ ଅମାୟିକ, ସରଳ ଓ ଧର୍ମପରାୟଣ ମହିଳା ଥିଲେ।

# ବିଦ୍ୟାଳୟକୁ ପାନୀୟ ଯନ୍ତ୍ର ପ୍ରଦାନ

**କୁଜଙ୍ଗ, ୧୧।୧୨(ସମିସ):** କୁଜଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏବେ ଏକ ପ୍ରମୁଖ ସମସ୍ୟା ଦୂର ହେବାକୁ ଯାଉଛି। ଏହି ବିଦ୍ୟାଳୟର ପରିଚାଳନା ସମିତି ପକ୍ଷରୁ ପାରାଦୀପ ତୈଳ ବିଶୋଧନାଗାର କର୍ତ୍ତୃପକ୍ଷଙ୍କୁ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ଏହି ବିଦ୍ୟାଳୟର ଉନ୍ନତି ପାଇଁ ପାନୀୟଜଳ ବ୍ୟବସ୍ଥା ସହ ପିଲାଙ୍କ ପାଇଁ ଡେସ୍କ, ବେଞ୍ଚ ସହ ଅନ୍ୟାନ ଜିନିଷ ଯୋଗାଇ ଦେବାକୁ ଅନୁରୋଧ କରାଯାଇଥିଲା। ବିଶୋଧନାଗାର କର୍ତ୍ତୃପକ୍ଷ ପ୍ରାଥମିକ ଭାବେ ବିଦ୍ୟାଳୟକୁ ପାଣି ବିଶୋଧନ ସହ ଖରାଦିନରେ ଥଣ୍ଡା ପାଣି ମିଳିବା ଯନ୍ତ୍ର ବିଦ୍ୟାଳୟକୁ ପ୍ରଦାନ କରିଥିବା ଜଣାପଡ଼ିଛି। ପରବର୍ତ୍ତୀ ସମୟରେ ବିଦ୍ୟାଳୟକୁ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ ବୋଲି ମଧ୍ୟ ପ୍ରତିଶ୍ରୁତି ମିଳିଥିବା ବିଦ୍ୟାଳୟର ସଭାପତି ଶିକ୍ଷାବିତ୍ ରଜନୀକାନ୍ତ ଦାସ ସୂଚନା ଦେଇଛନ୍ତି। ଦୀର୍ଘଦିନ ହେଲା ପାଣିପରି ଏକ ମୌଳିକ ଆବଶ୍ୟକତା ପୂରଣ ହୋଇଥିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ପାରାଦୀପ ତୈଳ ବିଶୋଧନାଗାର ଇଡିଙ୍କ ସମେତ ଡିଜିଏମ୍ ସିଏସ୍‌ଆର୍‌ଙ୍କ ସହ ଅନ୍ୟ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବଜ୍ରମହାକାଳୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ



**କୁଜଙ୍ଗ, ୧୧।୧୨(ସମିସ):** କୁଜଙ୍ଗ ପଞ୍ଚାୟତ ବଳରାମପୁର ସ୍ଥିତ ଗ୍ରାମର ଅରାଧ୍ୟା ମା' ବଜ୍ରମହାକାଳୀ ଦେବୀଙ୍କ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୨୦୨୦ ଡିସେମ୍ବର ୧୧ତାରିଖି ମାର୍ଗଶିର କୃଷ୍ଣପକ୍ଷ ଉତ୍ପନ୍ନା ଏକାଦଶୀ ତିଥିରେ ମନ୍ଦିରର ମରାମତି, ଚକ୍ରବସାଣ, ଦଧିନଉତି ସ୍ଥାପନ, ମନ୍ଦିର ବିଶୋଧନ କାର୍ଯ୍ୟ କରାଇବା ସହ ବହୁବିଧ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେବେଠୁ ଗ୍ରାମବାସୀ ଏହି ଦିନକୁ ପ୍ରତିଷ୍ଠା ଉତ୍ସବ ଭାବେ ହୋମ, ଯଜ୍ଞ ସହ ମା'ଙ୍କ ବହୁବିଧ ପୂଜା ମାନ ଅନୁଷ୍ଠିତ ହେଉଛି। ଏହି ଅବସରରେ ପୁରୋହିତ ଅଶୋକ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ହୋମ ଯଜ୍ଞ ଆଦି କାର୍ଯ୍ୟକ୍ରମ କରାଯାଇଛି। ପରିଚାଳନା କମିଟି ପକ୍ଷରୁ ଶ୍ରୀନିବାସ ମହାନ୍ତି, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ସହ ପରିଚାଳନା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଏହି ଅବସରରେ ଗ୍ରାମବାସୀଙ୍କ ସମୃଦ୍ଧି ଓ ଭାଇଚାରା ବୃଦ୍ଧି ପାଇଁ ସ୍ୱତନ୍ତ୍ର ପୂଜାପାଠ କରାଯାଇଥିବା ବେଳେ ସନ୍ଧ୍ୟାରେ ବିଶେଷ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା।

ଜନ ଅଭିଯୋଗ ଶୁଣାଣି ଶିବିର

# ୬୮ଟି ଅଭିଯୋଗର ତ୍ୱରିତ ସମାଧାନ

**ଏରସମା, ୧୧।୧୨(ସମିସ)**

ଏରସମା ବ୍ଲକ ସଭାଗୃହରେ ସୋମବାର ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ପାରୁଲ୍ ପଟୱାରୀ ଉପସ୍ଥିତ ହୋଇ ୨୨୮ ଅଭିଯୋଗ ଶୁଣାଣି କରିଥିଲେ। ରାସନ୍ କାର୍ଡ ସମ୍ପର୍କିତ ୯ଟି, ଆବାସ ଯୋଜନା ୨ଟି, ଜମିଜମା ୧୦୦ଟି, ବିଭିନ୍ନ ଭତ୍ତା ସମ୍ପର୍କିତ ୫ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨ଟି, ସମେତ ଅନ୍ୟାନ୍ୟ ୨୧୦ ବ୍ୟକ୍ତିଗତ ଅଭିଯୋଗ ସହିତ ୧୮ଟି ଗୋଷ୍ଠୀଗତ ଅଭିଯୋଗ କରଯାଇଥିଲା। ୬୮ଟି ଅଭିଯୋଗ ସେହି ପ୍ରକୋଷ୍ଠରେ ସମାଧାନ କରଯାଇଥିଲା ବୋଲି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି। ଏହି ବ୍ଲକ ଅନ୍ତର୍ଗତ ନୂଆଗାଁ ଗ୍ରାମର ପ୍ରମିଳା ରାଉତ୍, ସ୍ୱାମୀ ଉମେଶ ରାଉତ ଉଭୟ ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ସେମାନଙ୍କୁ ଭତ୍ତା ଓ ରାସନ କାର୍ଡ ପାଇନଥିବା ଦର୍ଶାଇ ବ୍ଲକ ସମ୍ମୁଖରେ ଧାରଣାରେ ବସିଥିଲେ। ତାଙ୍କୁ ସମର୍ଥନ କରି ଭୀମଭୋଇ ଭିନ୍ନକ୍ଷମ ସଂଘର ସଭାପତି ଚିତ୍ତରଞ୍ଜନ ଦଳାଇ ମଧ୍ୟ ବସିଥିଲେ। ସମାଧାନ ପାଇଁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେବାପରେ ସେମାନେ ଧାରଣରୁ ନିବୃତ ହୋଇଥିଲେ। ଏଥିସହିତ ପାଳଧୁଆ ବନ୍ଧରୁ ସାହାଡ଼ାବେଦୀ ଆରଡ଼ି ରାସ୍ତା ଦୀର୍ଘଦିନ ହେଲା ମରାମତି ଅଭାବରୁ ଖାଲଖମାରେ ଭର୍ତ୍ତି ହୋଇଗଲାଣି। ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ସାଲୁ ସାସମଲ୍ ଅଭିଯୋଗ କରିଥିଲେ। ଗଡ଼କୁଜଙ୍ଗ ଜଗନ୍ନାଥ ମନ୍ଦିର ବଡ଼ଦାଣ୍ଡକୁ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଜବରଦଖଲ କରିଥିବା ରାଜନ୍ ବେହେରା ଅଭିଯୋଗ କରିଥିଲେ। ଏହାର ଉଚ୍ଛେଦ କରାନଗଲେ ରଥଯାତ୍ରା ପାଇଁ ସମସ୍ୟା ସୃଷ୍ଟି ହେବ କହି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗୋଡ଼ା ହାଇସ୍କୁଲରେ ଜଣେ ଶିକ୍ଷକ ଜାଲ୍ ଜାତି ପ୍ରମାଣପତ୍ର ଦେଇ କିଭଳି ଚାକିରୀରେ ଅଛନ୍ତି ସେ ସମ୍ପର୍କରେ ଜିଲ୍ଲାପାଳଙ୍କ ନିକଟରେ ଆଜି ଅଭିଯୋଗ ହୋଇଛି। ତୁରନ୍ତ ଉକ୍ତ ଶିକ୍ଷକଙ୍କୁ ଚାକିରୀରୁ ନିଲମ୍ବିତ କରିବା ପାଇଁ ଅଭିଯୋଗ ହୋଇଛି। ଏହି ଯୁଗ୍ମ ଜନଶୁଣାଣୀ ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ପିଆର୍, ଉପଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ପିଡି ରବିନାରାୟଣ ଯେଠୀ, ଏରସମା ବିଡିଓ ଲମ୍ବୋଦର ଖୁଣ୍ଟିଆ, ତହସିଲଦାର ସନ୍ଧ୍ୟାଞ୍ଜଳି ମାଝୀ ପ୍ରମୁଖଙ୍କ ସହିତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ହୋଇ ଅଭିଯୋଗ ଶୁଣାଣି କରିଥିଲେ।



# ପ୍ରବାସୀ ଭାରତୀୟ ପରିବାରକୁ ବିଦ୍ୟାଳୟ ଆଲୁମିନି ପକ୍ଷରୁ ସମ୍ବର୍ଦ୍ଧନା

**ବିରିଡି, ୧୧।୧୨(ସମିସ):** ସଂଗ୍ରାମୀ ଗାଁ ବାଗଲପୁର ମାଟିର ସୁଯୋଗ୍ୟ ସନ୍ତାନ ମନୋରଞ୍ଜନ ପଟ୍ଟନାୟକ, ଧର୍ମ ପତ୍ନୀ ଡ. ମିନତୀ ପଟ୍ଟନାୟକ ବର୍ତ୍ତମାନ ଆମେରିକାରେ ଅବସ୍ଥାନ କରି ପ୍ରବାସୀ ଭାରତୀୟ ଭାବେ ପରିଚୟ ସୃଷ୍ଟି କରିଛନ୍ତି।



ତାଙ୍କୁ ଓ ଝିଅ ଡ. ଲିନା ଏମ୍ ଓବ୍ରାଇନ ଏମ୍‌ଡି, ଜ୍ୱାଇଁ ଡ. ଜେମ୍ସଇ ଓବ୍ରାଇନ ଏମ୍‌ଡି ଏବଂ ପରିବାରବର୍ଗଙ୍କୁ ବାଗଲପୁର ଉଚ୍ଚବିଦ୍ୟାଳୟ 'ମୋ-ସ୍କୁଲ ଅଭିଯାନ' ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେ ଏହି ବିଦ୍ୟାଳୟରେ ପାଠପଢ଼ି ଥିବାରୁ ରାଜ୍ୟ ସରକାରଙ୍କ 'ମୋ-ସ୍କୁଲ ଅଭିଯାନ'ରେ ନିଜକୁ ସାମିଲ କରି ବିଦ୍ୟାଳୟର ଭିତ୍ତିଭୂମି ବିକାଶ କରିବା କ୍ଷେତ୍ରରେ ସର୍ବାଧିକ ଅର୍ଥରାଶି ପ୍ରଦାନ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ଦ୍ୱାରା ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ପ୍ରଧାନଶିକ୍ଷକ ଅତୁଲ ବିକ୍ରମ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ ଯୋଗଦେଇ ଥିବାବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ନିକୁଞ୍ଜବିହାରୀ ଭଞ୍ଜ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ପଣ୍ଡିତ ବସନ୍ତ ଶତପଥି, ବ୍ରହ୍ମଶଙ୍କର ଦାସ, ସରପଞ୍ଚ ତରୁଣ ଦାସ, ଶିଶୁଅନନ୍ତ ସାହୁ, ଆଲୁମିନି ସଭାପତି ସଞ୍ଜୟ ଦାସ, ସୁଶାନ୍ତ ଭୋଇ ପ୍ରମୁଖ ଯୋଗଦେଇ ପୁଷ୍ପଗୁଚ୍ଛ ଓ ମାନପାତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ମିନାକ୍ଷୀ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲୁମିନି ସଭ୍ୟ, ସୁଶୀଲ କୁମାର ଦାସ, ଜୀବନ ପଟ୍ଟନାୟକ, ଅଭିରାମ ପରିଡ଼ା, ନିରଞ୍ଜନ ଦାସ, ଗୋପାଳଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପୂର୍ବତନ ସରପଞ୍ଚଙ୍କ ପରଲୋକ

**ରଘୁନାଥପୁର, ୧୧।୧୨(ସମିସ):** ରଘୁନାଥପୁର ବ୍ଲକ ଅନ୍ତର୍ଗତ ପୂରଣ ଓଡ଼ପଡ଼ା ଗ୍ରାମ ପଞ୍ଚାୟତର ପ୍ରଥମ ସରପଞ୍ଚ ତଥା ବିଶିଷ୍ଟ ସମାଜସେବୀ ପୁରୁଷୋତ୍ତମ ପଣ୍ଡା (ଟୁନିଆ ନନା)ଙ୍କ ଗତ ଶନିବାର ଦିନ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ସମୟରେ ୮୨ ବର୍ଷ ବୟସରେ ପରଲୋକ ଘଟିଛି। ଗତ ବୁଧବାର ରାତି ୨ ଘଟିକା ସମୟରେ ମସ୍ତିଷ୍କରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକ କଟକର ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଇଥିଲେ। ସେଠାରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ମୃତ୍ୟୁ ସମୟରେ ତାଙ୍କ ନିକଟରେ ପତ୍ନୀ, ସମସ୍ତ ଭାଇ, ପୁତ୍ର, କନ୍ୟା, ଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ। ସେଠାରୁ ତାଙ୍କର ମର ଶରୀରକୁ ଅନନ୍ତପୁରସ୍ଥ ବାସଭବନକୁ ଅଣାଯାଇ ଗ୍ରାମ ଶ୍ମଶାନରେ ଶହ ଶହ ଲୋକଙ୍କ ଉପସ୍ଥିତରେ ସତ୍କାର କରାଯାଇଥିଲା। ବଡ଼ପୁଅ ପ୍ରଣବ ମୁଖାଗ୍ନି ଦେଇଥିଲେ। ଶେଷ ଦର୍ଶନ ନିମନ୍ତେ ତାଙ୍କ ବାସଭବନରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି, ସ୍ଥାନୀୟ ସରପଞ୍ଚ ଶିବରାମ ସାହୁ, ସମିତିସଭ୍ୟା ପ୍ରିୟତମା ରାଉତ, ଜଗତସିଂହପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମରେନ୍ଦ୍ର ପଣ୍ଡା, ମଦନ ମୋହନ ଜେନା, ପୂର୍ବତନ ସମିତିସଭ୍ୟ ବିଦ୍ୟାଧର ମହାନ୍ତି, ସ୍ମିତା ମହାପାତ୍ର, ଅଧ୍ୟାପିକା ପ୍ରତିଭା ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଗୌତମ ପାଳିତ ପ୍ରମୁଖ ଉପସ୍ଥିତ ଥିଲେ।



# ଶିଶୁମନ୍ଦିରରେ ଅଭିଭାବକଙ୍କ ବୈଠକ

**କୁଜଙ୍ଗ, ୧୧।୧୨(ସମିସ):** କୁଜଙ୍ଗ ବ୍ଲକ ପଙ୍କପାଳ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଦୁଇଦିନ ଧରି ଅଭିଭାବକଙ୍କ ବୈଠକ ପ୍ରଧାନ ଆଚାର୍ଯ୍ୟ କେଳୁଚରଣ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମ୍ପାଦକ ଗୋକୁଳାନନ୍ଦ ରାଉତ ଉଦ୍‌ଘାଟନ କରିବା ସହ ଗୁରୁଜୀ, ଗୁରୁମା, ଛାତ୍ର ଓ ଅଭିଭାବକଙ୍କ ଏହି ସ୍ୱର୍ଣ୍ଣ ତ୍ରିଭୂଜକୁ ନେଇ ବିଦ୍ୟାଳୟ ତଥା ବିଦ୍ୟାର୍ଥୀଙ୍କ ବିକାଶ ସମ୍ଭବ ହେବ। ଏହି ତିନିଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ, ସମୟ ଅନୁସାରେ ପରାମର୍ଶ ଓ ସହଯୋଗ ଜରୁରୀ ଥିବାବେଳେ ବିଦ୍ୟାଳୟ କେବଳ ଭୌତିକ ଶିକ୍ଷାର ବିକାଶରେ ବିଶ୍ୱାସ ନକରି ପିଲାଙ୍କ ବୌଦ୍ଧିକ ଓ ଶାରୀରିକ ବିକାଶକୁ ଗୁରୁତ୍ୱ ଦେଇଥାଏ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହି ଅଭିଭାବକ ସମ୍ମିଳନୀରେ ପରିଚାଳନା ସମିତିର ସଦସ୍ୟ ଶିବଚରଣ ପାତ୍ର, ପୂର୍ବତନ ପ୍ରଧାନ ଅଚାର୍ଯ୍ୟ ବିପିନ ଗୁରୁଜୀ ଓ ପରିଚାଳନା ସମିତିର ସଭାପତି ଡା. ଶରତଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ଅଭିଭାବକଙ୍କ ସମସ୍ୟା, ଏହାର ସମାଧାନ ଓ ପରାମର୍ଶ ଶୁଣିଥିଲେ। ପୁଷ୍ପଲତା ଦାସ, ଦେବନାରାୟଣ ସେଠୀଙ୍କ ସହ ବହୁ ଗୁରୁଜୀ ଓ ଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମାନବାଧିକାର ଦିବସ ପାଳିତ




**କୁଜଙ୍ଗ, ୧୧।୧୨(ସମିସ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ବିଜୟଚାନ୍ଦ ସଂସ୍କୃତ ମହାବିଦ୍ୟାଳୟ ସମାଗୋଳ ପରିସରରେ ତାଲୁକ୍ ଆଇନସେବା କମିଟି ପକ୍ଷରୁ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି। ତାଲୁକ୍ ଆଇନସେବା କମିଟିର ଅଧ୍ୟକ୍ଷ ତଥା କୁଜଙ୍ଗର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ପାର୍ଥସାରଥୀ ପଟ୍ଟନାୟକ ଉଦ୍‌ଘାଟନ କରିଥିବା ବେଳେ ଏହି ଦିବସ ପାଳନ ଉଦ୍ଦେଶ୍ୟ ନେଇ ବିଷଦ ଆଲୋଚନା କରିଥିଲେ। ଦେଶର ନ୍ୟାୟିକ ବ୍ୟବସ୍ଥାରେ ମାନବିକ ଅଧିକାର, ଶିକ୍ଷା ଅଧିକାର ପରି ବହୁ ଅଧିକାର ବିଷୟରେ ଉପସ୍ଥିତ ଛାତ୍ରଙ୍କୁ ସଚେତନ କରିବା ସହ ଅଦାଲତର ବିନା ଅନୁମତିରେ ପୁଲିସ ମଧ୍ୟ କାହା ହାତରେ ହାତକଡି ପକାଇ ପାରିବେ ନାହିଁ। ଏହାସହ ମାନବ ଅଧିକାରକୁ ନେଇ ବଡ଼ ବଡ ଦୃଷ୍ଟାନ୍ତ ମୂଳକ ରାୟ ଓ ଏହି ଦିବସର ତାତ୍ପର୍ଯ୍ୟ ନେଇ ଅନ୍ୟ ଅତିଥିମାନେ ଉପସ୍ଥିତ ଛାତ୍ରଙ୍କୁ ଅବଗତ କରାଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ କୁଜଙ୍ଗ ଜେଏମ୍‌ଏଫ୍‌ସି ବିଶ୍ୱଭୂଷଣ ନାୟକ, ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପ କୁମାର ମହାପାତ୍ର, କୁଜଙ୍ଗ ଓକିଲ ସଂଘର ସଭାପତି ସତ୍ୟାନନ୍ଦ ବିଶ୍ୱାଳ, ତାଲୁକ ଆଇନ କମିଟିର ରିଟେନର ପବିତ୍ର ମୋହନ ନାୟକ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଏହି ଦିବସକୁ ନେଇ ବକ୍ତବ୍ୟ ଦେବା ସହ ମାନବିକ ଅଧିକାର କ୍ଷୁର୍ଣ୍ଣ ହେଉଥିଲେ ଆଇନର ସହାୟତା ନେବାକୁ ପରାମର୍ଶ ଦେଇଥିଲେ। ଏଥିସହ ତାଲୁକ ଆଇନ ସେବା କମିଟି ପକ୍ଷରୁ କରାଯାଉଥିବା ସହାୟତା ନେଇ ସୂଚନା ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ରମେଶ ନାୟକ, କର୍ମଚାରୀ କପିଳଚରଣ ମଲ୍ଲ ପ୍ରମୁଖଙ୍କ ସହ ତାଲୁକ ଆଇନ ସେବା କମିଟି ପକ୍ଷରୁ କର୍ମଚାରୀ ପ୍ରଦୀପ କୁମାର ମୁଦୁଲି ଓ ଧନେଶ୍ୱର ମଲ୍ଲ ପ୍ରମୁଖ ଏହି ସଚେତନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବରିଷ୍ଠ ନାଗରିକ ସଂଘ ବୈଠକ

**ବାଲିକୁଦା, ୧୧।୧୨(ସମିସ):** ବାଲିକୁଦା ବରିଷ୍ଠ ନାଗରିକ ସଂଘର ୧୧୨ତମ ମାସିକ ବୈଠକ ପଞ୍ଚାୟତ ଟଂଅରପୁର ସ୍ଥିତ ଚମ୍ପାବାଲି ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଶରତ କାନୁନଗୋଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ କାର୍ଯ୍ୟକାରୀ ସମ୍ପାଦକ ନଗେନ୍ଦ୍ର ନାଥ ପରିଡ଼ା, କୃଷ୍ଣଚନ୍ଦ୍ର ସାହୁ, ଅନିରୁଦ୍ଧ ନାୟକ, ରବୀନ୍ଦ୍ର ଜେନା ପ୍ରମୁଖ ୪ଟି ପ୍ରସ୍ତାବ ଆଗତ କରିଥିଲେ। କୋଷାଧ୍ୟକ୍ଷ ବିଜୟ କୁମାର ଜେନା ଗତ ବୈଠକର ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ବାଲିକୁଦା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିପିଏମ ବନବିହାରୀ ମହାରଣା, ହେଲ୍‌ଥ ଅଫିସର ଯସବନ୍ତ ମୁଦୁଲି, ଚନ୍ଦନା ସ୍ୱାଇଁ ପ୍ରମୁଖ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ପ୍ରଦାନ କରିଥିଲେ। ୯ଜଣ ବରିଷ୍ଠ ନାଗରିକଙ୍କୁ ଆଇଉସ୍ମାନ୍ ହେଲଥ କାର୍ଡ ବଣ୍ଟନ କରିଥିଲେ। ଏହି ବୈଠକରେ ମୀନକେତନ ନାୟକ, ଚକ୍ରଧର ସେଠୀ, ଦେବେନ୍ଦ୍ର ବେହେରା, ବ୍ରଜବନ୍ଧୁ ରାଉତ, ଗୁଣନିଧି ମଣ୍ଡଳ, କୈଳାସଚନ୍ଦ୍ର ମଲ୍ଲିକ, ପ୍ରେମଲତା ନାୟକ, ନୟନା ବାରିକ, ପ୍ରତାପ ରୁଦ୍ର ଜେନା, ସୁକାନ୍ତ ବାରିକଙ୍କ ସହ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।



# ଏସ୍‌ଭିଏମ୍ କ୍ରିକେଟ୍ ଲିଗ୍ ଉଦ୍‌ଘାଟିତ

**ଜଗତସିଂହପୁର, ୧୧।୧୨(ସମିସ):**




ରାଜ୍ୟ ସରକାରଙ୍କ ବହୁମୁଖୀ କାର୍ଯ୍ୟକ୍ରମ ନୂଆ-ଓ ପରିପ୍ରେକ୍ଷୀରେ ଜଗତସିଂହପୁର ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଏସଭିଏମ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସୋମବାର ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନୀ ଉତ୍ସବରେ ଅତିଥି ଭାବେ ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ବ୍ଲକ ଅଧ୍ୟକ୍ଷା କନକପ୍ରଭା ଲେଙ୍କା, ଉପାଧ୍ୟକ୍ଷ ରତିରଞ୍ଜନ ବେହେରା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା କ୍ଷେତ୍ରରେ ନିଜ ଦକ୍ଷତା ଓ ପ୍ରତିଭାର ପ୍ରଦର୍ଶନ କରିବାକୁ ଆହ୍ୱାନ ଦେଇଥିଲେ। ନୂଆ-ଓ କାର୍ଯ୍ୟକ୍ରମ ଜରିଆରେ କ୍ରୀଡ଼ା ସହିତ ସଂସ୍କୃତି ଓ ସେବାମୂଳକ କାର୍ଯ୍ୟରେ ଛାତ୍ରଛାତ୍ରୀ ନିଜର ପାରଦର୍ଶିତା ପ୍ରଦର୍ଶନ କରିବାର ଭରପୁର ସୁଯୋଗ ପାଉଛନ୍ତି ବୋଲି ଅତିଥିମାନେ ମତ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ନିଜ ବକ୍ତବ୍ୟରେ ନୂଆ-ଓ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୂଆ ଉତ୍ସାହ ଭରିଦେଇଛି ବୋଲି ଦର୍ଶାଇଥିଲେ। +୩ ନୋଡାଲ ଅଫିସର ଡ. ଜ୍ୟୋତିରଞ୍ଜନ ସାମଲ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ +୨ର ନୋଡାଲ ଅଫିସର ଶୁଭେନ୍ଦୁମୌଳି ନନ୍ଦ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ସତ୍ୟଜିତ ସାହୁ ଓ ଜଗନ୍ନାଥ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଏସଭିଏମ କ୍ରିକେଟ ପ୍ରିମିୟର ଲିଗ୍‌ରେ ୮ଟି ଦଳ ମଧ୍ୟରେ ୩ଦିନ ଧରି ପ୍ରତିଯୋଗିତା ହୋଇ ୧୩ ତାରିଖରେ ଉଦଯାପିତ ହେବ। ଉଦଘାଟନୀ ଉତ୍ସବ ଅବସରରେ ମହାବିଦ୍ୟାଳୟ ପରିସରରେ ପକ୍କା ସଡ଼କ ନିର୍ମାଣ ଲାଗି ଛାତ୍ରଛାତ୍ରୀଙ୍କ ପକ୍ଷରୁ ଅତିଥିମାନଙ୍କୁ ଦିଆଯାଇଥିବା ଦାବିପତ୍ରକୁ ପୂରଣ କରାଯିବ ବୋଲି ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ଓ ବ୍ଲକ ଅଧ୍ୟକ୍ଷା କନକପ୍ରଭା ଲେଙ୍କା ପ୍ରତିଶ୍ରୁତି ଦେଇଥିଲେ।

# ହାଜିପୁର କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

**ବିରିଡି, ୧୧।୧୨(ସମିସ):** ବିରିଡି ବ୍ଲକ ହାଜିପୁର ଧାନଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଦେବାକଲ୍ୟାଣ ପଣ୍ଡା ଅଧ୍ୟକ୍ଷତା କରିବାସହ ଏହାର ଉଦ୍ଦେଶ୍ୟ ରଖିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମକୁ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନ ସମାରୋହରେ ସମ୍ମାନୀତ ଅତିଥି ଭାବେ ବ୍ଲକ ଚେୟାରମ୍ୟାନ ମମତା ପାତ୍ର, ଜିଲ୍ଲାପରିଷଦ ସଭ୍ୟା ଦୀପ୍ତିମୟୀ ରାୟ, ସମାଜସେବୀ ସୁରେଶ ଚନ୍ଦ୍ର ଜେନା, ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ଯୁବନେତା ପ୍ରଦୀପ୍ତ ଭୂୟାଁ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ପ୍ରତାପ ବେହେରା, ବିଡିଓ ଡ. ବେବିତା ମଞ୍ଜରୀ ନାୟକ, ସରପଞ୍ଚ ଆରତୀ ଭୂୟାଁ ପ୍ରମୁଖ ସାମିଲ ହୋଇଥିଲେ। ତେବେ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଲେଜରେ ପାଠପଢୁଥିବା ସମସ୍ତ ଯୁବକ ଓ ଯୁବତୀମାନଙ୍କ ପ୍ରତିଭାର ବିକାଶ ପାଇଁ ଯେଉଁ ଯୋଜନା ପ୍ରଣୟନ କରିଛନ୍ତି ତାର ଭରପୁର ସୁଯୋଗ ନେବାକୁ କୁହାଯାଇଥିଲା। କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଅଧ୍ୟାପକ ଅର୍ସାଦ ରାଜା ପରିଚାଳନା କରିଥିବା ବେଳେ ପ୍ରମୋଦ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଜିତ ଲେଙ୍କା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀ ଡୋନୀଷା ଭୋଇ ଓ ତାଙ୍କ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ପୀତାମ୍ବର ପତି, ଭାସ୍କରଚରଣ ସାହୁ, ସରୋଜିନୀ ବରାଳ, ସୁପ୍ରଭା ଜେନା, ଦୀପ୍ତିମୟୀ ଦାଶ, ସୁମନ୍ତ ଦାସ, କେଦାର ଜେନା, ରାଜେଶ ସେଠି ଓ ସୁଦର୍ଶନ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ମାଛ ମାରିବାକୁ ବିଷ ବ୍ୟବହାର

# ପ୍ରଦୂଷିତ ହେଉଛି ନଦୀ ପାଣି

ରାଜକନିକା, ୧୧।୧୨(ସମିସ): ଉପକୂଳ ଅଞ୍ଚଳର ଭୌଗୋଳିକ ସ୍ଥିତିରୁ ରାଜକନିକା ବ୍ଲକକୁ ଚାରିପଟେ ନଦୀ ଘେରି ରହିଛି। ନଦୀ ଘେରା ଅଞ୍ଚଳ ଯୋଗୁଁ ମାଛ ମାରି ଖାଇବା ଓ କେତେକ ଏହାକୁ ବ୍ୟବସାୟିକ ଭିତ୍ତିରେ ଆୟର ପନ୍ଥା କରି ଚଳୁଛନ୍ତି। ମାଛ ଧରିବାର ଯେତେସବୁ ପୁରୁଣା କୌଶଳ ଥିଲା ତାହା କଷ୍ଟସାଧ ହେବା କାରଣରୁ ଏବେ ଅସାମାଜିକ ଅଣମତ୍ସ୍ୟଜୀବୀ ନଦୀରେ ବିଷ ପ୍ରୟୋଗ କରି ସହଜରେ ନଦୀ ଭିତରକୁ ନ ଯାଇ କୂଳରେ କୁଡ଼ କୁଡ ମାଛ ଅମଳ କରିବାର ନୂଆ ତରିକା ଆପଣେଇଛନ୍ତି। ଫଳରେ ପରିବେଶ ବିଶେଷକରି ନଦୀ ଜଳକୁ ଖୁବ ଉଚ୍ଚ ମାତ୍ରାରେ ପ୍ରଦୂଷିତ କରିଚାଲିଛି। ନଦୀରୁ ପାରମ୍ପରିକ ଭାବେ ଜାଲ ବସାଇବା, ବେଡ଼ ଲଗାଇବା, ବନସୀ ପକାଇବା ଭଳି କଷ୍ଟସାଧ ଉପାୟକୁ ଛାଡ଼ି ଏବେ ବହୁମାତ୍ରାରେ ଅସାମାଜିକ ଯୁବକ ନଦୀରେ ବିଷ ପ୍ରୟୋଗ କରି ଶୃଙ୍ଖଳାରେ ରହି ମାଛ ଗୋଟାଇବା ନଷ୍ଟ ବୁଦ୍ଧି ଆପଣାଇଛନ୍ତି। ଫଳରେ ପ୍ରତିଦିନ ସନ୍ଧ୍ୟାରେ ଝାଡ଼ମାଳ, ବନ୍ଧମାଳ, ଧାମରା, ଜୟକୁଣ୍ଡା, ସିଙ୍ଗିଡ଼ି, ପାଣ୍ଡରକୋଲି, ମହାଦେଈଆଡିଆ, ସିକୋ, ଡାଳିକାଏଦା, ବଡ଼ଜୋରମୁହଁ, ବରୁଣାଡିହା, ଗିରିଆ, ପାରିନୂଆପଡ଼ା, ବରାଡିଆ ଉପୁଳାଇ ଭଳି ନଦୀ ସଂଲଗ୍ନ ଗାଁ ନିକଟରେ ବିଷ ପ୍ରୟୋଗ ସାଧାରଣ ଜୀବନକୁ ଦୁର୍ବିସହ ଆଡ଼କୁ ନେଇ ଯାଉଛି।

ମାରାତ୍ମକ ବିଷ ପ୍ରୟୋଗ ଦ୍ୱାରା ନଦୀରେ ଥିବା ବଡ଼ ବଡ଼ ମାଛ, ଜାଆଁଳ, ଚିଙ୍ଗୁଡ଼ି, ଛୋଟ ଛୋଟ ବିଭିନ୍ନ ପ୍ରଜାତିର ମାଛ, କଙ୍କଡା ଆଦି ମରି ଚାଲିଛନ୍ତି। ବିଶେଷକରି ବିଷ ଜ୍ୱାଳାରେ

- ଚର୍ମ ଓ ପେଟ ରୋଗରେ ପୀଡ଼ିତ ନଦୀକୂଳିଆ ବାସିନ୍ଦା
- ଫେଲ୍ ମାରୁଛି ମାଛ ବଂଶର ସୁରକ୍ଷା ଯୋଜନା

ଚିଙ୍ଗୁଡ଼ିର ଆଖି ବିଷ ସଂସ୍ପର୍ଶରେ ଆସିବା ମାତ୍ରକେ ସେମାନେ ଆଖି ପିଛୁଳାକେ କୂଳକୁ ଆସି ଉପରକୁ ଡେଇଁ ପଡୁଛନ୍ତି। ସନ୍ଧ୍ୟାରେ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଯୁବକ ବିଷ ମାରି ରାତିକେ ମୋଟା ଅଙ୍କର ରୋଜଗାର ନିଶାରେ ମାତିଥିବାରୁ ଦିନକୁ ଦିନ ଏହି ବିଷ ପ୍ରୟୋଗର ମାତ୍ରା ବଢ଼ିଚାଲିଛି। ତେବେ ନଦୀ ପାଣିକୁ ରୋଷେଇ, ଶୌଚ ଏପରିକି ଚାଷ ପାଇଁ ବ୍ୟବହାର କରିଥିବା ନଦୀକୂଳିଆ ଜନ ଜୀବନ ବିଷ ପ୍ରୟୋଗରେ ସିଧାସଳଖ କ୍ଷତିଗ୍ରସ୍ତ ହେବାରେ ଲାଗିଛି। ଦୀର୍ଘ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟଧରି ନଦୀ ପାଣିରେ ବିଷ ପ୍ରୟୋଗ କରି ମାଛ ଧରିବାର ଏହି ଅପରାଧିକ ତରିକା ବୃଦ୍ଧି ପାଇଥିବାବେଳେ ନଦୀରେ ମାଛ ବଂଶ ହ୍ରାସ ପାଇଛି। ନଦୀରେ କମି ଚାଲିଥିବା ମାଛର ସୁରକ୍ଷା ପାଇଁ ମତ୍ସ୍ୟ ବିଭାଗ ପକ୍ଷରୁ ପ୍ରତିବର୍ଷ ଜାଆଁଳ ଛଡା ଯାଉଥିବାବେଳେ ତା'ର ସୁରକ୍ଷା ପାଇଁ କିଛି ବି ପଦକ୍ଷେପ ନିଆଯାଉନାହିଁ। ମାଛ ଜାଆଁଳ ଛାଡ଼ି ସୁନେଲି ସ୍ୱପ୍ନ ଦେଖୁଥିବା ମତ୍ସ୍ୟ ବିଭାଗ ନିକଟରେ ନଦୀରେ ବିଷ ପ୍ରୟୋଗ ନେଇ ବହୁବାର ଅଭିଯୋଗ କରାଯାଇଥିଲେ ବି କୌଣସି ପଦକ୍ଷେପ ନିଆ ନ ଯିବାରୁ ଦିନକୁ ଦିନ ନଦୀରେ ବିଷ ପକାଇ ମାଛ ଧରିବା ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି। କେବଳ ମାଛ ନୁହେଁ ନଦୀକୂଳିଆ ଜୀବନରେ ଏହି ବିଷ ଯାବତୀୟ ଚର୍ମ ରୋଗ ସହ ଏହି ବିଷ ପ୍ରୟୋଗରୁ ଆମଦାନୀ ମାଛ ଖାଇ ପେଟରୋଗରେ ମଧ୍ୟ ବହୁ ଲୋକ ଶିକାର ହେଉଛନ୍ତି। ତୁରନ୍ତ ଏହାକୁ ବନ୍ଦ ନ କଲେ ଆଗାମୀ ଦିନରେ ସମସ୍ତ ନଦୀରେ ଥିବା ଜଳଚର ଓ ମଣିଷଙ୍କ ପାଇଁ ଏହା ସଂଘାତିକ ସାବ୍ୟସ୍ତ ହେବ, ଏଥିରେ ସନ୍ଦେହ ନାହିଁ।

● ନିଷିଦ୍ଧାଞ୍ଚଳରେ ଧରୁଥିଲେ ମାଛ

# ପାଟ୍ରୋଲିଂ ବେଳେ ଧରାପଡ଼ିଲା ୨ ଟ୍ରଲର୍

ରାଜନଗର, ୧୧।୧୨(ସମିସ): ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବା ୨ଟି ଟ୍ରଲର୍‌କୁ ବନ ବିଭାଗ ଜବତ କରିଛି। ଗତ ରାତିରେ ଫରେଷ୍ଟର୍ ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ବନ ବିଭାଗର ଏକ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ଚିଞ୍ଚିରି ମୁହାଣ ନିକଟରୁ ଗୋଟିଏ (ସି-କିଙ୍ଗ-୨) ଏବଂ ଅଗରନାସୀରୁ ପାରାଦୀପ ଅଞ୍ଚଳର ଆଉ ଗୋଟିଏ ଟ୍ରଲର୍ ଜବତ କରିଥିଲା। ତେବେ ଏହି ଘଟଣାରେ ବନ ବିଭାଗ ସି-କିଙ୍ଗ୍-୨ ଟ୍ରଲର୍‌ରୁ ଧରାପଡ଼ିଥିବା ସମସ୍ତ ୧୦ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଅଗରନାସୀରୁ ଧରାପଡ଼ିଥିବା ଟ୍ରଲର୍ ଓ ମତ୍ସ୍ୟଜୀବୀଙ୍କୁ କିଛି ସମୟ ପରେ ଛାଡ଼ିଦେବାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଟ୍ରଲର୍‌ଟି ଜଣେ ସରକାରୀ ଅଫିସରଙ୍କ ଭାଇଙ୍କ ହୋଇଥିବାରୁ ତାକୁ ଛାଡ଼ି ଦିଆଯାଇଥିବା ନେଇ ଅଭିଯୋଗ ହୋଇଛି। ସେଥିରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମାଛ ଥିବା ଜଣାଯାଇଛି। ବିରଳ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ସରକାର ବ୍ୟାପକ ବ୍ୟବସ୍ଥା କରିବା ସହ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଚାପରେ ପଡ଼ି ଟ୍ରଲର୍ ଛାଡ଼ି ଦିଆଯିବାକୁ ନେଇ ବନ୍ୟ ପ୍ରାଣୀପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

ଏ ସଂପର୍କରେ ଡିଏଫ୍ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଗୋଟିଏ ଟ୍ରଲର୍ ଛଡ଼ା ଯାଇଥିବା ଖବର ପାଇଛି। ଏହା ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ।



- ଜେଲ୍ ଗଲେ ୧୦ ମତ୍ସ୍ୟଜୀବୀ
- ଗୋଟାକୁ ଜବତ କଲେ, ଆଉ ଗୋଟାକୁ ଛାଡ଼ିଦେଲେ
- ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ: ଡିଏଫ୍ଓ

ଅପରପକ୍ଷେ, ଜବତ ହୋଇଥିବା ସି-କିଙ୍ଗ୍ ଟ୍ରଲର୍‌ର ୧୦ ମତ୍ସ୍ୟଜୀବୀଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ, ପ୍ରକାଶ କୁମାର ମୁଦି, ଶକ୍ତିପଦ ମୁଦି, ମିଥୁନ ସାହୁ, ସମ୍ଭୁନାଥ ପରମାଣିକ, ଆଶିଷ ମାଇତି, ଲିଟୁ ମାଇତି, ସପନ ଦାସ, ନିରଞ୍ଜନ ଦଳପତି, ସେକ୍ ଜଏରୁଦ୍ଦିନ, ମାମିନ ସାହା। କୋର୍ଟରେ ଜାମିନ୍ ନାମଞ୍ଜୁର ହେବାରୁ ସେମାନଙ୍କୁ ବାରିମୂଳ ଜେଲକୁ ପଠାଇ ଦିଆଯାଇଛି।

## କୃଷକ ଆନ୍ଦୋଳନ ପ୍ରତି ବିଶ୍ୱାସଘାତକତା

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

କେନ୍ଦ୍ରାପଡ଼ା, ୧୧।୧୨(ସମିସ): କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୨୦ରେ ଆଗତ ୩ଟି କୃଷି ଆଇନକୁ କୃଷକ ବିରୋଧୀ ଦର୍ଶାଇ ଦେଶର ୫୦୦ରୁ ଅଧିକ କୃଷକ ସଂଗଠନ ରାଜଧାନୀ ଦିଲ୍ଲୀର ଚାରି ସୀମାରେ ଦୀର୍ଘ ୧୩ ମାସ ଧରି ଆନ୍ଦୋଳନ କରିଥିଲେ। ପରେ ପ୍ରଧାନମନ୍ତ୍ରୀ କୃଷି ଆଇନକୁ ପ୍ରତ୍ୟାହାର କରିନେବା ସଂକ୍ରାନ୍ତରେ ଘୋଷଣା କରିବା



ସହ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆନ୍ଦୋଳନରତ ନେତୃତ୍ୱଙ୍କ ସହ ଏକ ଚୁକ୍ତି ସ୍ୱାକ୍ଷର ହେବା ପରେ ଏହି ଆନ୍ଦୋଳନର ପରିସମାପ୍ତି ଘଟିଥିଲା। ମାତ୍ର ଆନ୍ଦୋଳନ ପ୍ରତ୍ୟାହାରକୁ ଦୁଇବର୍ଷ ଅତିକ୍ରମ କରିଯାଇଥିଲେ ମଧ୍ୟ ଲିଖିତ ଚୁକ୍ତି ମୁତାବକ କେବଳ ଆଇନ ପ୍ରତ୍ୟାହାର ବ୍ୟତୀତ ସରକାର ଦେଇଥିବା ଅନ୍ୟକୌଣସି ଗୋଟିଏ ହେଲେ ପ୍ରତିଶ୍ରୁତିକୁ ପାଳନ କଲେ ନାହିଁ। ପରନ୍ତୁ ଆନ୍ଦୋଳନ ସମୟରେ କୃଷକ ନେତାଙ୍କ ବିରୋଧରେ ଅଣାଯାଇଥିବା ବିଭିନ୍ନ ସଂଗୀନ ଅଭିଯୋଗ ଆଧାରରେ ସେମାନଙ୍କୁ ଏବେ ଗିରଫ କରିବା, କୃଷକ ନେତା ଯୋଧବୀର ସିଂହଙ୍କ ବିରୋଧରେ ଏନ୍‌ଆଇଏ ଦ୍ୱାରା ଲୁକ୍‌ଆଉଟ୍ ନୋଟିସ ଜାରି କରିବା, ନ୍ୟୁଜ୍ କ୍ଲିକ୍ ସହ ଆନ୍ଦୋଳନରତ ନେତାଙ୍କୁ ଯୋଡି ଦେଶଦ୍ରୋହ ମାମଲା ଦାଏର କରିବା ଆଦି ଅଗଣତାନ୍ତ୍ରିକ ଓ ଦମନମୂଳକ ନୀତି ବିରୋଧରେ ସଂଯୁକ୍ତ କିଷାନ୍ ମୋର୍ଚ୍ଚା ପକ୍ଷରୁ ଆଜି ସମଗ୍ର ଦେଶରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲ୍ଲା ସଂଗଠନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ପୀତାମ୍ବର ସାମଲଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରେରଣ କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଗୟାଧର ଧଳ, ପ୍ରଫୁଲ୍ଲ କୁମାର ଦାସ, ଆଦିକନ୍ଦ ରାଉଳ, ମୁକ୍ତାର ଖାଁ, ଫକୀର ଚରଣ ଖଟୁଆ, ଦାଶରଥ ସାହୁ, ମାଧବ ଦାସ, ଜଗଜୀବନ ଦାଶ, ରମଣୀ ରଞ୍ଜନ ରାଉତରାୟ, ବିଜୟ ଦାସ, ନରୋତ୍ତମ ପାର୍ଥସାରଥ, ଧରଣୀଧର ସୁଆର, ରତ୍ନାଞ୍ଜୟ ମଲ୍ଲିକ, ନିରଞ୍ଜନ ପରିଡ଼ା, ରମେଶ ଚନ୍ଦ୍ର ପ୍ରଧାନ, ସୋମନାଥ ବିଶ୍ୱାଳ, ବିଭୂତି ଭୂଷଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

● ବଳଭଦ୍ରପୁର ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

# ୧୦ଟି ଅଭିଯୋଗର ତତ୍କାଳ ସମାଧାନ ନିର୍ଦ୍ଦେଶ

ପଟ୍ଟାମୁଣ୍ଡାଇ, ୧୧।୧୨(ସମିସ): ସମସ୍ତ ସରକାରୀ ଯୋଜନାର ସଫଳ ରୂପାୟନ ସହ ପଲ୍ଲୀରେ ଥିବା ଲୋକଙ୍କ ନିକଟରେ ସରକାରୀ ଯୋଜନାର ସୁବିଧା ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏକ ନିଆରା ସରକାରୀ କାର୍ଯ୍ୟକ୍ରମ ପଲ୍ଲୀରେ ପ୍ରଶାସନ ଆରମ୍ଭ ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକର ବଳଭଦ୍ରପୁର ପଞ୍ଚାୟତରେ ଆଜି ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ବିଡିଓ ଶୁଭ୍ରାଂଶୁ ସାହୁଙ୍କ ପ୍ରତ୍ୟକ୍ଷ



ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ କାର୍ଯ୍ୟକ୍ରମକୁ ଉଦଘାଟନ କରି ପ୍ରଶାସନ ଜନସାଧାରଣଙ୍କ ସମସ୍ୟା ସମାଧାନ ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ଅତିରିକ୍ତ ବିଡିଓ ସନ୍ତୋଷ କୁମାର ମନ୍ତ୍ରୀ, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ସମିତିସଭ୍ୟ କୈଳାସ ପରିଡ଼ା ଯୋଗ ଦେଇ ପଲ୍ଲୀ ପ୍ରଶାସନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ନିଆରା ସରକାରୀ କାର୍ଯ୍ୟକ୍ରମ ପ୍ରତି ଲୋକଙ୍କ ସମର୍ଥନ ଥିବା ଦେଖିବାକୁ ମିଳିଥିଲା। ଏଥିରେ ଆବାସ, ରାସନକାର୍ଡ ଓ ଭତ୍ତାକୁ ମିଶାଇ ସମୁଦାୟ ୧୦ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ୫ଜଣଭତ୍ତା ପାଇଁ ଆବେଦନ କରିଥିବାବେଳେ ୨ କେସିସି ଡାଏରୀ ପାଇଁ ଆବେଦନ କରିଥିଲେ। ଏଥିସହିତ ୪ ଏସଏଚ୍‌ଜିଙ୍କ ବ୍ୟାଙ୍କ ସଂଯୋଗୀକରଣ, ୫୦ ଜଣ ପଶୁଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା। ଏହି ସରକାରୀ କାର୍ଯ୍ୟକ୍ରମରେ ମିଶନଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ, ଜୀବିକା ମିଶନ ସଂଯୋଜିକା ସୁଶ୍ରୀ ସଙ୍ଗୀତା ଭୂୟାଁ, ଯୋଗାଣ ନିରୀକ୍ଷକ ମଧୁସ୍ମିତା ଜେଟି, ବ୍ଲକ ସମାଜ କଲ୍ୟାଣ ଅଧିକାରିଣୀ ସସ୍ମିତା ନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରାମକୃଷ୍ଣ ହାଲଦାର, ଜିଆରଏସ, ମେଡିକାଲ ଅଫିସର, ବ୍ଲକ ଉଦ୍ୟାନ ଅଧିକାରୀ ଓ ବ୍ଲକ ପଶୁ ସମ୍ପଦ ଅଧିକାରୀ ପ୍ରମୁଖ ବହୁ ବ୍ଲକସ୍ତରୀୟ ପ୍ରଶାସନିକ ଅଧିକାରୀ ଯୋଗଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଏହି ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଆଗତ ସମସ୍ତ ଅଭିଯୋଗ ଉପରେ ଉଚିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।

# ସାମ୍ବାଦିକ ଅମୂଲ୍ୟ କୁମାର ହୋତାଙ୍କ ପରଲୋକ



କଟକ, ୧୧।୧୨(ସମିସ): ସାମ୍ବାଦିକ ଅମୂଲ୍ୟ କୁମାର ହୋତାଙ୍କର ସୋମବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୫୩ବର୍ଷ ହୋଇଥିଲା। ତାଙ୍କ ବିୟୋଗରେ ସାମ୍ବାଦିକ ମହଲରେ ଶୋକର ଛାୟା ଖେଳିଯାଇଛି। ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଜୀବନ ସମର୍ପିତ ଥିଲା। ବହୁ ପ୍ରତିଷ୍ଠିତ ଖବରକାଗଜରେ ସେ ଦୀର୍ଘଦିନ ଧରି କାର୍ଯ୍ୟ କରିଥିଲେ। ଦୈନିକ ଖବରକାଗଜ 'ସମାଜ'ରେ ସେ କାର୍ଯ୍ୟରତ ଥିଲେ। ଏହା ସହିତ ଆକାଶବାଣୀ ଓ ଦୂରଦର୍ଶନର ସମ୍ବାଦ ପାଠକ ଭାବେ ସେ ବେଶ ଲୋକପ୍ରିୟ ଥିଲେ। ତାଙ୍କ ପାର୍ଥିବ ଶରୀରକୁ କଟକସ୍ଥିତ 'ସମାଜ' କାର୍ଯ୍ୟାଳୟକୁ ନିଆଯାଇଥିଲା ଏବଂ ସେଠାରେ ସମାଜର ଅଧିକାରୀ ଓ କର୍ମଚାରୀ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ଆକାଶବାଣୀ କଟକ କେନ୍ଦ୍ରରେ ତାଙ୍କ ସହକର୍ମୀ, ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପତ୍ନୀ ସଙ୍ଗୀତା ଦାସ ଓ ଏକମାତ୍ର ପୁତ୍ର ଅଂଶୁ ଅଭିଜିତ, ବଡଭାଇ ପ୍ରମୋଦ, ଚାରି ଭଉଣୀ, ଭିଣୋଇ ଏବଂ ଆତ୍ମୀୟସ୍ୱଜନ ଅନ୍ତିମ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ଜଗତସିଂହପୁର ଜିଲ୍ଲା ବାଲିଆ ଅଣଖିଆ ଗୋପିନାଥପୁରସ୍ଥିତ ତାଙ୍କ ପୈତୃକ ଘରକୁ ମରଶରୀରକୁ ନିଆଯାଇଥିଲା। ଏକ ଅଶ୍ରୁଳ ପରିବେଶ ମଧ୍ୟରେ ଗାଁରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ବିଜେପି ସମ୍ବର୍ଦ୍ଧନା ଉତ୍ସବ

# ଆସିଲେନି ଅଲେଖ ଓ ତାଙ୍କ ସମର୍ଥକ

ରାଜନଗର, ୧୧।୧୨(ସମିସ): ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ବିଜେପି ଛାଡ଼ିଥିବା ବରିଷ୍ଠ ନେତା ଜ୍ଞାନଦେବ ବେଉରା ପ୍ରଥମ ସପ୍ତାହରେ ଭୁବନେଶ୍ୱରରେ ବିଜେପିରେ ସାମିଲ ହୋଇଥିଲେ। ବିଜେପିରେ ସାମିଲ ହେବା ପରେ ସେ ପ୍ରଥମଥର ପାଇଁ ଗତକାଲି ରାଜନଗର ଆସିଥିଲେ। ତାଙ୍କୁ ତାଙ୍କର ପୁରୁଣା ସମର୍ଥକ ଓ ବିଜେପି କର୍ମୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ମାତ୍ର ରାଜନଗରର ପୂର୍ବତନ ବିଧାୟକ ତଥା ବିଜେପି ନେତା ଅଲେଖ କୁମାର ଜେନା, ଯୁବନେତା ଲଳିତ କୁମାର ବେହେରା ଓ ତାଙ୍କ ସମର୍ଥକ ସଭାରେ ସାମିଲ ହୋଇନାହାନ୍ତି। କିନ୍ତୁ ଜିଲ୍ଲା ମନ୍ କି ବାତ୍‌ର ସଂଯୋଜକ ଅଜୟ କୁମାର ବେହେରା ଓ ତାଙ୍କ ସମର୍ଥକ ଏହି ବୈଠକରେ ସାମିଲ ହୋଇଥିଲେ।

ରାଜନଗର ବ୍ଲକର ସାନବଡଗୋପାଳପୁରସ୍ଥ ନିଳାଦ୍ରୀବିହାରୀ ମଣ୍ଡପରେ ବିଜେପି ନେତା ନୀଳମଣି ସାହାଣୀଙ୍କ ସଭାପତିତ୍ୱରେ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବୈଠକରେ ଶ୍ରୀ ବେଉରା ଯୋଗଦେଇ ମିଳିମିଶି ଏକ ହୋଇ ଲଢିବାକୁ ଆହ୍ୱାନ ଦେଇଥିଲେ। ବ୍ୟକ୍ତି ନୁହେଁ ଦଳ ସର୍ବୋପରି ବୋଲି କହିବା ସହ ସଂଗଠନକୁ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ। ସଭାରେ ମନ୍ କି ବାତ୍ ସଂଯୋଜକ ଶ୍ରୀ ବେହେରା, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜ କିଶୋର ସାହୁ, ଜ୍ଞାନଙ୍କ ପୁରୁଣା ସହଯୋଗୀ ମେଘଶ୍ୟାମ ସାହୁ, ସଦାଶିବ ଜେନା, ଦେବଦତ୍ତ ରାଉଳ, ନୀଳକଣ୍ଠ ମିଶ୍ର, ନିରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଶ୍ରୀ ବେଉରା ହିଁ ରାଜନଗରରେ ବିଜେପି ସଂଗଠନକୁ ସ୍ୱତନ୍ତ୍ର ପରିଚୟ ଦେଇଥିଲେ। ସେ ଦଳକୁ ଆସିବା ପରେ କର୍ମୀଙ୍କ ମନୋବଳ ବୃଦ୍ଧି ପାଇଛି। ଆଗାମୀ ଦିନରେ ବିଜେପି ଏକ ଶକ୍ତିଶାଳୀ ଦଳ ରୂପେ ଉଭା ହେବ ବୋଲି କହିଥିଲେ। ଜ୍ଞାନଦେବ ବିଜେପିରେ ମିଶିବା ପରେ ଗତ ନିର୍ବାଚନରେ କଂଗ୍ରେସକୁ ସହଯୋଗ କରିଥିବା ତାଙ୍କର କିଛି କର୍ମୀଙ୍କୁ ଏହି ସମ୍ବର୍ଦ୍ଧନା ସଭାରେ ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ବୈଠକକୁ ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ଆସି ନ ଥିବାବେଳେ ତାଙ୍କର ସମର୍ଥକ ସରପଞ୍ଚ ଦିଲ୍ଲୀପ କୁମାର ରାଉତ, ସରପଞ୍ଚ କୈଳାସ ଚନ୍ଦ୍ର ପରିଡ଼ା ଓ ପ୍ରଭାରୀ ସୁନାକର ପ୍ରଧାନଙ୍କ ସହ ଯୁବନେତା ଲଳିତ କୁମାର ବେହେରାଙ୍କ ଅନୁପସ୍ଥିତି ଜ୍ଞାନଦେବଙ୍କ ମିଶ୍ରଣ ପରେ ଦଳରେ ସୃଷ୍ଟି ହୋଇଥିବା ଫାଟକୁ ସାମ୍ନାକୁ ଆଣିଛି।

# ବୃହତ୍ତ ବନ୍ଦର ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

ପାରାଦୀପ, ୧୧।୧୨(ସମିସ): ସୋମବାର ସନ୍ଧ୍ୟାରେ ଜୟଦେବ ସଦନ ପରିସରରେ ୨୩ତମ ବୃହତ୍ତ ବନ୍ଦର ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦ ଯୋଗଦେଇ ଥିଲେ। ମେଜର ପୋର୍ଟ ସ୍ପୋର୍ଟସ୍ କଲ୍‌ଚରାଲ ବୋର୍ଡ ଓ ପାରାଦୀପ ବନ୍ଦର ମିଳିତ ସହଯୋଗରେ ଆୟୋଜିତ ଏହି ମହୋତ୍ସବରେ ଜବାହାରଲାଲ୍ ନେହେରୁ ବନ୍ଦର ଦଳଗତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିବା ବେଳେ ଶ୍ୟାମାପଦ ମୁଖାର୍ଜୀ ବନ୍ଦର ପ୍ରଥମ ରନର୍ସଅପ୍ ଓ ମୁମ୍ବାଇ ବନ୍ଦର ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି। ବାଦ୍ୟଯନ୍ତ୍ରରେ ପାରାଦୀପ ବନ୍ଦରର ଶୁଭେନ୍ଦ୍ର କୁମାର ସେଠୀ ଓ ଶ୍ରେଷ୍ଠ ନାରୀ କଳାକାର ସ୍ୱର୍ଣ୍ଣଲତା ତ୍ରିପାଠୀ ପୁରସ୍କାର ହାସଲ କରିଥିଲେ। ଏହି ଉଦ୍‌ଯାପନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା, ପାରାଦୀପ ଲେଡିଜ୍ କ୍ଲବ୍ ସଭାନେତ୍ରୀ ପି. ଗିରିଜା ସୁନ୍ଦରୀ ଉପସ୍ଥିତ ଥିଲେ। ଦେଶର ୧୦ଟି ବୃହତ୍ତ ବନ୍ଦରରୁ ୨୦୦ ପ୍ରତିଯୋଗୀ ଏହି ମହୋତ୍ସବରେ ଯୋଗ ଦେଇଥିଲେ। ଏହି ଉଦ୍‌ଯାପନୀ ସମାରୋହରେ ସଭାପତିତ୍ୱ କରିଥିଲେ ଆୟୋଜନ କମିଟିର ଅଧ୍ୟକ୍ଷ ଡିଏନ୍ ଷୋଣ୍ଡୀ। ଆୟୋଜନ କମିଟିର ସମ୍ପାଦକ ଡା. ଦୁର୍ଗା ପ୍ରସାଦ ସେଠୀଙ୍କ ସମେତ ଯୁଗ୍ମ ସମ୍ପାଦକ ରଞ୍ଜନରଶ୍ମୀ ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପାରାଦୀପ ବନ୍ଦର ଡିଟିଏମ୍ ନାରାୟଣ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



● 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

# କ୍ରିକେଟ୍ ଓ କବାଡ଼ି ଟୁର୍ଣ୍ଣାମେଣ୍ଟ

କେନ୍ଦ୍ରାପଡ଼ା, ୧୧।୧୨(ସମିସ): କେନ୍ଦ୍ରାପଡ଼ା ସାନ୍ଧ୍ୟ ଉଚ୍ଚ ମହାବିଦ୍ୟାଳୟ ପରିସରରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ (ନୂଆ- ଓ) ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆୟୋଜିତ



ହେଉଛି। ଏ ନେଇ ସୋମବାର ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରିକେଟ ଓ କବାଡି ଖେଳ ଅନୁଷ୍ଠିତ ହୋଇଥିଲା। ଏହି କ୍ରୀଡା ପ୍ରତିଯୋଗିତାକୁ କଲେଜ ଅଧ୍ୟକ୍ଷ ଦିଲ୍ଲୀପ କୁମାର ମହାନ୍ତି ଉଦଘାଟନ କରିଥିଲେ। କ୍ରୀଡ଼ା ଶିକ୍ଷକ ଦେବେନ୍ଦ୍ର କିଶୋର ସାହୁ, ଅଧ୍ୟାପକ ସୁଧାଂଶୁ ଭୂଷଣ ସାହୁ, ଅଧ୍ୟାପିକା ଦମୟନ୍ତୀ ମହାରଣା, ମାନସୀ ନାୟକ, ଅର୍ଚ୍ଚନା ପଣ୍ଡା, ଅନୁସୟା ପ୍ରଧାନ, ଲୋପାମୁଦ୍ରା ସ୍ୱାଇଁ, କରୁଣାକର ବିହାରୀ ପ୍ରମୁଖ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।

# ଛାତ୍ରୀଙ୍କୁ ଅସଦାଚରଣ, ଶିକ୍ଷକ ଅଟକ

କେନ୍ଦ୍ରାପଡ଼ା, ୧୧।୧୨(ସମିସ): କେନ୍ଦ୍ରାପଡ଼ା ବ୍ଲକ ଅଧୀନ ଚକ୍ରୋଡା ଅଞ୍ଚଳର ଜଣେ ଶିକ୍ଷକ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି। ପୁଲିସ ଅଭିଯୋଗ ଆଧାରରେ ଅଭିଯୁକ୍ତ ଶିକ୍ଷକଙ୍କୁ ଅଟକ ରଖି ପଚରାଉଚରା ଆରମ୍ଭ କରିଛି। ପୁଲିସ ସୂଚନା ଅନୁଯାୟୀ, ପୀଡ଼ିତା ଜଣକ ଷଷ୍ଠ ଶ୍ରେଣୀରେ ପଢୁଛନ୍ତି। ଅଭିଯୁକ୍ତ ଶିକ୍ଷକ ବିଭିନ୍ନ ବାହାନା କରି ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ଶିକ୍ଷକଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବାବେଳେ ଘଟଣାର ସତ୍ୟତା ନେଇ ଯାଞ୍ଚ ଆରମ୍ଭ ହୋଇଛି।

## ଶ୍ରମିକ ସଙ୍ଗଠନ ପକ୍ଷରୁ ୧୦ ଦଫା ଦାବିନେଇ ପିଆଇସିଟି ଫାଟକରେ ଧାରଣା

# ସଂଗଠନ ସଭାପତିଙ୍କ ସମେତ ୪ ଶ୍ରମିକଙ୍କୁ ରାତିରେ ଉଠାଇ ନେଲା ପୁଲିସ

ପାରାଦୀପ, ୧୧।୧୨(ସମିସ): ଶ୍ରମ ଆଇନକୁ ଉଲଂଘନ କରି ସ୍ୱାର୍ଥ ପାଇଁ କମ୍ପାନୀକୁ ଅକଳରେ ପକାଉଛି ଶ୍ରମିକ ସଙ୍ଗଠନ। ଏଭଳି ଅଭିଯୋଗ ଆଣିଛନ୍ତି ପିଆଇସିଟି (ପାରାଦୀପ ଇଣ୍ଟର ନ୍ୟାସନାଲ କାର୍ଗୋ ଟର୍ମିନାଲ) କର୍ତ୍ତୃପକ୍ଷ। ପିଆଇସିଟି ସ୍ଥାନୀୟ ବେକାର ଯୁବକଙ୍କୁ କର୍ମ ନିଯୁକ୍ତି ଦେଉଥିବା ବେଳେ ଶ୍ରମିକ ସଂଗଠନ ଶ୍ରମିକଙ୍କୁ ଢାଲ କରି ଅରାଜକତା ସୃଷ୍ଟି କରୁଛନ୍ତି। ବେଆଇନ ଧମକ ମଧ୍ୟ ଦେଉଛନ୍ତି। ଶ୍ରମ ଆଇନକୁ ଉଲଂଘନ କରି ଧର୍ମଘଟ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଭାଙ୍ଗି ମୁଖ୍ୟ ଫାଟକରେ, ରେଲୱେ ଗେଟ୍ ଏବଂ ଶ୍ରମ ଫାଟକ ବନ୍ଦ କରି ପଥର ଫିଙ୍ଗିବା ସହିତ କାର୍ଯ୍ୟ ବନ୍ଦ କରିଛନ୍ତି। ଆଞ୍ଚଳିକ ଶ୍ରମ କମିଶନର ନଭେମ୍ବର ୨୧ରେ ଧର୍ମଘଟ ନ କରିବାକୁ ଏବଂ ଶିଳ୍ପ ବିବାଦ ଆଇନ ୧୯୪୭ର ଧାରା ୨୨ ଏବଂ ଧାରା ୩୩କୁ ଅନୁସରଣ କରିବାକୁ ଭିଡିଓ ଇମେଲ ଦ୍ୱାର ସମ୍ପୃକ୍ତ ୟୁନିୟନକୁ ପରାମର୍ଶ ଦେଇଥିଲେ। କିନ୍ତୁ ସମ୍ପୃକ୍ତ ୟୁନିୟନ ଏହି ନିୟମକୁ ଉଲଂଘନ କରିଥିଲା। ଏନେଇ ପିଆଇସିଟିକୁ ବହୁ ଆର୍ଥିକ କ୍ଷତି ସହିବାକୁ ପଡ଼ିଛି। ମୁଖ୍ୟ ଫାଟକକୁ ତାଲା ପକାଇବା ଏହା ପ୍ରଥମ ଘଟଣା। ଏଭଳି ପରିସ୍ଥିତି କେବେ ଆଗରୁ ହୋଇ ନ ଥିବା କୁହାଯାଇଛି। ପାରାଦୀପ ବନ୍ଦର ଶ୍ରମିକ କର୍ମଚାରୀ ୟୁନିୟନର ଏଭଳି ଆଚରଣ ପ୍ରଦର୍ଶନ ଯୋଗୁଁ କମ୍ପାନୀ କର୍ତ୍ତୃପକ୍ଷ ପାରାଦୀପ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପାରାଦୀପ ବନ୍ଦର ଶ୍ରମିକ କର୍ମଚାରୀ ୟୁନିୟନର ସଭାପତିଙ୍କ ସମେତ ୪ ଜଣଙ୍କୁ ଗତକାଲି ରାତିରେ ପୁଲିସ ଉଠାଇ ନେଇଛି। ଶାନ୍ତି ଶୃଙ୍ଖଳାକୁ ଆଖି ଆଗରେ ରଖି ପିଆଇସିଟି ଫାଟକ ସମ୍ମୁଖରେ ପୁଲିସ ମୁତୟନ କରାଯାଇଛି। ଗତ ୨୬ ତାରିଖରେ ୧୦ ଦଫା ଦାବି ନେଇ ପିଆଇସିଟି ଫାଟକ ସମ୍ମୁଖରେ ସଂଗଠନର କର୍ମକର୍ତ୍ତାଙ୍କ ସମେତ ଶ୍ରମିକ ଓ ଶ୍ରମିକଙ୍କ ପରିବାର ପକ୍ଷରୁ ଧାରଣା ଦେଇଥିଲେ। ଛଟେଇ ଶ୍ରମିକଙ୍କ ପୂର୍ଣ୍ଣନିଯୁକ୍ତି ଓ ବୋନସ ପ୍ରଭୃତି ୧୦ ଦଫା ଦାବିକୁ ନେଇ ଚାଲିଥିଲା ଧାରଣା। ତେବେ ୨୭ ତାରିଖରେ ମହାମହିମ ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ସମଗ୍ର ପାରାଦୀପ ଅଞ୍ଚଳ ଚଳଚଞ୍ଚଳ ହୋଇପଡ଼ିଥିବା ବେଳେ ସମସ୍ତ ପ୍ରଶାସନିକ ଅଧିକାରୀ ପାରାଦୀପରେ ଡେରା ପକାଇଥିଲେ। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ସମସ୍ତେ ବ୍ୟସ୍ତ ଥିବାବେଳେ ଶ୍ରମିକଙ୍କ ଧାରଣା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଥିଲା। ଯାହାକୁ ନେଇ ପୁଲିସ ପ୍ରଶାସନ ଏଥିପ୍ରତି କଡ଼ାନଜର ରଖିଥିଲା। ତେବେ ଦୀର୍ଘଦିନ ଧରି ଶ୍ରମିକମାନଙ୍କ ସହବନ୍ଧିତ ପାରାଦୀପ ପୋର୍ଟ ଶ୍ରମିକ କର୍ମଚାରୀ ୟୁନିୟନ ତରଫରୁ କମ୍ପାନୀ ସହିତ ବିଭିନ୍ନ ଦପ୍ତରକୁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ ଏଥିପ୍ରତି ଅବହେଳା ପ୍ରଦର୍ଶନକୁ ନେଇ ଶ୍ରମିକମାନେ ସପରିବାର ଧାରଣାରେ ବସିଥିଲେ। ଯେପର୍ଯ୍ୟନ୍ତ ପିଆଇସିଟି ତରଫରୁ ଶ୍ରମିକଙ୍କ ଦାବି ପୂରଣ କରାଯାଇ ନାହିଁ ସେ ପର୍ଯ୍ୟନ୍ତ ଶ୍ରମିକମାନେ ସପରିବାର ସହ ଧାରଣାରେ ବସିବାକୁ ଚେତାବନୀ ଦେଇଥିଲେ। ତେବେ ରାଷ୍ଟ୍ରପତିଙ୍କ ଗସ୍ତ ଥିବାରୁ ଖୁବ କମ୍ ଦିନ ଭିତରେ ସମସ୍ୟାର ସମାଧାନ ହେବ ବୋଲି ପୁଲିସ କହିବାପରେ ଧାରଣାରୁ ଶ୍ରମିକମାନେ ଓହରିଥିଲେ। ତେବେ ଶ୍ରମିକ ସଂଗଠନର ଏଭଳି ଧମକ, ଗେଟ୍ ତାଲା ପକାଇବା, କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରିବା, ବେଆଇନ ଧମକ ଦେବା ଭଳି କାର୍ଯ୍ୟ ଜିଲ୍ଲା ପ୍ରଶାସନର କାର୍ଯ୍ୟ କଳାପ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ତେବେ ଏଠାରେ ଜିଲ୍ଲା ପ୍ରଶାସନର ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠିଛି।

ଶ୍ରମିକ ନେତା ଗିରଫ: ଶ୍ରମିକ ନେତା ସୁଧାକର ମନ୍ତ୍ରୀଙ୍କ ସମେତ ସଙ୍ଗଠନର ସଭାପତି, ସମ୍ପାଦକ ଓ ଅନ୍ୟ ତିନି ଜଣ ପିଆଇସିଟି ଧାରଣାରେ ଗିରଫ ହୋଇଛନ୍ତି। ପାରାଦୀପ ପୋର୍ଟ ଶ୍ରମିକ କର୍ମଚାରୀ ୟୁନିୟନ ପକ୍ଷରୁ ୧୦ ଦଫା ଦାବି ନେଇ ପିଆଇସିଟି ଗେଟ୍ ସମ୍ମୁଖରେ ନଭେମ୍ବର ମାସ ୨୨ ତାରିଖ ଦିନ ଧାରଣା ଦିଆଯାଇଥିଲା। ମହାମହିମ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରୁ ରଖି ଏହି ଧାରଣାକୁ ପ୍ରତ୍ୟାହାର କରାଯାଇଥିଲା। ଏହି ଧାରଣାକୁ ନେଇ ଗତ ମାସ ୨୭ ତାରିଖ ଦିନ ପିଆଇସିଟି ପକ୍ଷରୁ ପାରାଦୀପ ଥାନାରେ ଏକ ଏତଲା ଦିଆଯାଇଥିଲା। ପାରାଦୀପ ପୁଲିସ ଏହି ଏତଲାକୁ ଭିତ୍ତିକରି ୟୁନିୟନର ମୁଖ୍ୟଉପଦେଷ୍ଟା ତଥା ବର୍ଷୀୟାନ ଶ୍ରମିକ ନେତା ସୁଧାକର ମନ୍ତ୍ରୀ, ସଭାପତି ଦେବି ପ୍ରସାଦ ସାମନ୍ତରାୟ, ସାଧାରଣ ସମ୍ପାଦକ ରତ୍ନାକର ସ୍ୱାଇଁ, ରାଜେଶ ପାତ୍ର, ପ୍ରକାଶ ତରେଇ ଓ କିଶୋର ସ୍ୱାଇଁଙ୍କୁ ଗିରଫ କରି ସୋମବାର ସନ୍ଧ୍ୟାରେ କୋର୍ଟ ଚାଲଣ କରିଛି। ତେବେ ମଙ୍ଗଳବାର ଦିନ ଏକ ତ୍ରିପାକ୍ଷିକ ଆଲୋଚନା ଥିବାବେଳେ ଏହାର ଦିନକ ପୂର୍ବରୁ ଶ୍ରମିକ ନେତାଙ୍କ ଗିରଫଦାରୀକୁ ନେଇ ନାନା କଥା ସାଧାରଣରେ ଆଲୋଚନା ହେଉଛି।

## ଦୁଇ ଭାଇ ଅଜଣା ରୋଗରେ ପୀଡ଼ିତ; ସହାୟତା ପାଇଁ ନିବେଦନ



**କଙ୍କଡ଼ାହାଡ଼, ୧୧।୧୨(ସମିସ):** ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ବାଲିକୁମା ପଞ୍ଚାୟତ ଅନ୍ତର୍ଗତ ପଳାସଟାଙ୍ଗୀ ଗ୍ରାମର ବଡ଼ ଭାଇ ଅଜୟ ପଧାନ ଓ ସାନ ଭାଇ ବିଜୟ ପଧାନ ଅଜଣା ରୋଗରେ ପୀଡ଼ିତ। ବାପା ଅଭିମନ୍ୟୁ ପଧାନଙ୍କ ପାଞ୍ଚ ପୁଅ ହୋଇ ଥିବା ବେଳେ ବଡ ପୁଅ ଓ ମଝିଆଁ ପୁଅ ଅଜଣା ରୋଗରେ ପଡ଼ି ରହିଛନ୍ତି। ନିଜ ବାପାଙ୍କ ଜମିବାଡ଼ି କମ୍ ଥିବାରୁ ଦୁଇ ଭାଇ ବିଦେଶକୁ ଯାଇ ଦାଦନ ଖଟି କିଛି ଟଙ୍କା ପଇସା ଆଣିଲେ ପରିବାର ଚାଲେ। କିନ୍ତୁ ଦୁଇ ଭାଇଙ୍କୁ ଅଜଣା ରୋଗ ଏଭଳି ମାତ୍ରାରେ ଘାରିଛି ଯେ ସାନ ଭାଇ ଶଯ୍ୟାଶାୟୀ ହୋଇ ପଡ଼ି ରହି ଥିବା ବେଳେ ବଡ ଭାଇ ବାଡି ଖଣ୍ଡିଏ ଧରି ଧୀରେ ଧୀରେ ଚଲା ବୁଲା କରୁଛନ୍ତି। ନିଜ ପରିବାର ଚଳାଇବା ତ ଦୂରର କଥା ଦୁଇ ଭାଇ ଔଷଧ ଖାଇବା ପାଇଁ ପାଖରେ କାଣୀ କଉଡ଼ି ଟିଏ ମଧ ନାହିଁ। ବଡ ଭାଇର ଗୋଟିଏ ପୁଅ ଓ ଗୋଟିଏ ଝିଅ ହୋଇ ଥିବା ବେଳେ ପାଠ ପଢ଼ାଇବା ପାଇଁ ପାଖରେ ଅର୍ଥ ନାହିଁ। ବଡ ଭାଇର ସ୍ତ୍ରୀ ମୂଲ ମଜୁରୀ କରି ଆଣିଲେ ପରିବାର ଚଳେ। ସାନ ଭାଇ ବିଜୟ ବିବାହର ବର୍ଷେ ନ ପୁରୁଣୁ ଅଜଣା ରୋଗରେ ପୀଡିତ ହୋଇ ସନ୍ତାନ ଟିଏ ମଧ ନାହିଁ। ସରକାରଙ୍କ ପକ୍ଷରୁ ଅଜୟଙ୍କ ପରିବାରକୁ ମିଳୁଛି ୧୦ କେଜି ଚାଉଳ ଓ ବିଜୟଙ୍କ ପରିବାରକୁ କୌଣସି ସହାୟତା ନାହିଁ। ନିଜର ବାସଗୃହ କହିଲେ ଝାଟି ମାଟିରେ ଗଢା ଭଙ୍ଗା କୁଡିଆ। ତେଣୁ ସ୍ଥାନୀୟ ସରପଞ୍ଚ ଓ ପ୍ରଶାସନ ପକ୍ଷରୁ ଏହି ଦୁଇ ଭାଇଙ୍କୁ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

## ଖଣି କ୍ଷତିଗ୍ରସ୍ତ କଂସମୁଣ୍ଡା ଗ୍ରାମବାସୀଙ୍କ ଖଣି ବନ୍ଦ ଆନ୍ଦୋଳନ

**କଣିହାଁ, ୧୧।୧୨(ସମିସ)**



ଅନୁଗୋଳ ଜିଲ୍ଲା ସ୍ଥିତ ଏମସିଏଲର କଣିହାଁ କୋଇଲା ଖଣିରେ ଆନ୍ଦୋଳନ ଯୋଗୁଁ ସୋମବାର ଖଣି କାର୍ଯ୍ୟ ବନ୍ଦ ରହିଛି। କୋଇଲା ଖଣି ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା କଂସମୁଣ୍ଡା ଗ୍ରାମବାସୀ ଆନ୍ଦୋଳନ କରିଛନ୍ତି। ଏଥିଯୋଗୁଁ କୋଇଲା ଖନନ, ଉତ୍ତୋଳନ ଓ ପରିବହନ କାର୍ଯ୍ୟ ଠପ୍ ହୋଇଛି। ସନ୍ଧ୍ୟାରେ ଖଣି କର୍ତ୍ତୃପକ୍ଷ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା ମଧ ଖବରଲେଖା ପର୍ଯ୍ୟନ୍ତ ସମାଧାନ ହୋଇପାରି ନାହିଁ। ଆନ୍ଦୋଳନ ଚଲାଇଥିବା କଂସମୁଣ୍ଡା ଗ୍ରାମର କ୍ଷତିଗ୍ରସ୍ତ ପ୍ରଜା ଟ୍ରଷ୍ଟ କଣିହାଁ ଗୋପାଳଜୀ କୋଇଲା ଖଣି ସଭାପତି ଦିବାକର ସାହୁ ସମ୍ପାଦକ ଦେବଦତ୍ତ ପ୍ରସାଦ ପ୍ରଧାନ, ଗ୍ରାମ ସଭାପତି ଉଛବ ସ୍ୱାଇଁ, ସମ୍ପାଦକ ଭୁବନାନନ୍ଦ ବେହେରାଙ୍କ ନେତୃତ୍ୱରେ ଶତାଧିକ କ୍ଷତିଗ୍ରସ୍ତ ପରିବାର ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଆନ୍ଦୋଳନ ସ୍ଥଳରେ କଣିହାଁ କୋଇଲା ଖଣି ଜିଏମ କିଶୋର କୁମାର ରାଉଳ, ପିଓ ନାରାୟଣ ପ୍ରସାଦ ପାତ୍ର ପ୍ରମୁଖ ଖଣି ଅଧିକାରୀ ଆନ୍ଦୋଳନ ସ୍ଥଳକୁ ଆସି ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଦିଗରେ ଦାବିକୁ ନେଇ ଆଲୋଚନା କରିଥିଲେ। ସେପଟେ ଖଣି କର୍ତ୍ତୃପକ୍ଷ ନିଜ ଭୁଲ ସୁଧାରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀ କହିଛନ୍ତି।

## ୨୨ରୁ ତାଳଚେର ମହୋତ୍ସବ

**ତାଳଚେର ସଦର, ୧୧।୧୨(ସମିସ):** ପ୍ରଥମ ଥର ଚଳିତ ଡିସେମ୍ବର ୨୨ରୁ ୨୪ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପି ତାଳଚେର କଲେଜ ପଡ଼ିଆରେ ତାଳଚେର ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଆଜି କଲେଜ ପଡ଼ିକୁ ତଦାରଖ କରିବା ପାଇଁ ତାଳଚେର ଉପଜିଲ୍ଲାପାଳ ମନୋଜ ତ୍ରିପାଠୀ, ଏସଡ଼ିପିଓ ମାନସ ରଞ୍ଜନ ବାରିକ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଓଡ଼ିଶା ସରକାରଙ୍କ ଯୁବବ୍ୟାପାର ଅଧ୍ୟକ୍ଷ କୁଞ୍ଜବିହାରୀ ଦାସ ଓ ନଗରପାଳ ପବିତ୍ର ଭୂତିଆ ପ୍ରମୁଖ ପଡ଼ିଆକୁ ତଦାରଖ କରିଥିଲେ। ମହୋତ୍ସବରେ ଓଡ଼ିଶାର ନାମୀଦାମୀ କଳାକାରଙ୍କ ସହ ବଲିଉଡ଼ କଳାକାରଙ୍କ ଦ୍ୱାରା ୩ଦିନ ସାଂସ୍କୃତିକ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନିୟମିତତା ଅଭିଯୋଗ

**ପଣ୍ଡୁଆ, ୧୧।୧୨(ସମିସ):** କାମାକ୍ଷାନଗର ଉପଖଣ୍ଡ ଅଁଳାବେରେନୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଦୀର୍ଘ ଦିନ ହେଲା ବିଭିନ୍ନ ଅନିମିତତା ହେଉଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ରୋଗୀ ଉପଯୁକ୍ତ ସେବା ପାଉନଥିବା ବେଳେ, ଦୁର୍ନୀତିର ଚେର ଧୀରେ ଧୀରେ ଲମ୍ବୁଛି। କିଛି ଦିନ ପୂର୍ବେ ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର, ମଦୁଆଙ୍କ ଉତପ୍ତାତ ସମସ୍ୟା ଲାଗିଥିବା ବେଳେ ଏବେ ଏକ ନୂଆ ସମସ୍ୟା ଦେଖାଦେଇଛି। କିଛି ମାସ ପୂର୍ବେ ନୂତନ କୋଠା ନିମନ୍ତେ ପୁରୁଣା ଗୃହ ଭଙ୍ଗାଯାଇଥିଲା. କିନ୍ତୁ ପ୍ରାୟ ୧୦ଟି ପୁରୁଣା ଗୃହ ଭଙ୍ଗାଯିବା ପରେ ସେଥିରୁ ୫୦୦୦ ମାଙ୍କଡା ପଥର, ଯାହାର ବର୍ତ୍ତମାନ ମୂଲ୍ୟ ୩ ଲକ୍ଷ, ଲୁହା କବାଟ ଏକ ଲକ୍ଷ, ମୂଲ୍ୟବାନ କାଠ ୨ ଲକ୍ଷ), ଇଟା ୫୦ ହଜାର, ଆଜବେଷ୍ଟସ ୨୦ ହଜାର ଟଙ୍କାର ସାମଗ୍ରୀ ବାହାରିଥିଲା। କିନ୍ତୁ ବର୍ତ୍ତମାନ ସେଠାରେ ଏସବୁ ସାମଗ୍ରୀ ନଥିବାରୁ ଏକ ଦୁର୍ନୀତି ହୋଇଥିବା ସନ୍ଦେହ କରାଯାଉଛି। ତଥ୍ୟ ମୁତାବକ ବର୍ତ୍ତମାନ ସୁଦ୍ଧା ଗୃହର ଭଗ୍ନାବଶେଷ ଅଁଳାବେରେନି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇନାହିଁ। ପ୍ରାୟ ୬ ମାସରୁ ଅଧିକ ସମୟ ବିତି ଯାଇଥିଲେ ମଧ ଏସବୁର ତର୍ଜମା କରାଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ସାଧାରଣରେ ଅଲୋଚନା ହେଉଛି।

## ମହିଳାଙ୍କୁ ସଂଘବଦ୍ଧ ଆକ୍ରମଣ; ଥାନାରେ ଅଭିଯୋଗ

**ଛେଣ୍ଡିପଦା, ୧୧।୧୨(ସମିସ):** ଅନୁଗୋଳ ଜିଲ୍ଲା ନିଶାଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ବଡ଼କେରଜାଙ୍ଗ ଗ୍ରାମରେ ଜଣେ ବିବାହିତା ମହିଳାଙ୍କ ସମେତ ତାଙ୍କ ପରିବାରକୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ନେଇ ନିଶାଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ବଡ଼କେରଜାଙ୍ଗ ଗ୍ରାମ ଖଇରପଦା ସାହିର କାଳନ୍ଦୀ ଚରଣ ନାୟକଙ୍କ ସ୍ତ୍ରୀ କାଜଲ ନାୟକ(୨୨)ଙ୍କ ପରିବାରକୁ ଉକ୍ତ ଗ୍ରାମର ରଞ୍ଜନ ନାୟକ, ଲକ୍ଷ୍ମୀ ନାୟକ, ନୟନୀ ନାୟକ, ଶରତ ନାୟକ, ଦାସରଥି ନାୟକ ମିଶି ଗାଳିଗୁଲଜ କରିବା ସହ ଟାଙ୍ଗିଆ ବାଡି ଧରି ମାଡପିଟ କରିଥିଲେ। ଏନେଇ କାଜଲ ବିରୋଧ କରିବାରୁ ତାଙ୍କୁ ସଂଘବଦ୍ଧ ଭାବେ ମାଡମାରି ହତ୍ୟା ଧମକ ଦେଇଛନ୍ତି। ଅଭିଯୋଗକୁ ଭିତ୍ତି କରି ନିଶାଶିଳ୍ପାଞ୍ଚଳ ଥାନା କେସ ନଂ୨୬୫/୨୩ରେ ଘଟଣାର ତଦନ୍ତ ଚଳାଇଛି।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଟାଙ୍ଗିଆରେ ଆକ୍ରମଣ

**ଛେଣ୍ଡିପଦା, ୧୧।୧୨(ସମିସ):** ଛେଣ୍ଡିପଦା ଥାନା କୁକୁରପେଟା ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଜଣେ ଯୁବକ ଟାଙ୍ଗିଆରେ ଆକ୍ରମଣ ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ, କୁକୁରପେଟା ଗ୍ରାମର ଯୁଗଳକିଶୋର ସାହୁ ସୋମବାର ୧୦ଟା ବେଳେ ଫୁଲଝରୀ ଛକରେ ଥିବା ଦୋକାନକୁ ବାଇକରେ ଯାଉଥିବା ବେଳେ ସେହି ଗ୍ରାମର ଗୋବର୍ଦ୍ଧନ ସାହୁଙ୍କ ପୁଅ ବବୁଲୁ ସାହୁ କୁକୁରପେଟା ଛକରେ ଅଟକାଇ ଗାଳିଗୁଲଜ କରିଥିଲେ। ଏହାକୁ ଯୁଗଳ ପ୍ରତିବାଦ କରିବାରୁ ବବୁଲୁ ମାଡିପିଟ କରିବା ସହିତ ଉତକ୍ଷିପ୍ତ ହୋଇ ଏକ ଟାଙ୍ଗିଆରେ ଯୁଗଳଙ୍କୁ ଆକ୍ରମଣ କରିଥିଲେ। ଯୁଗଳ ରକ୍ତାକ୍ତ ହୋଇ ତଳେ ପଡ଼ିଯିବା ଦେଖି ବବୁଲୁ ସେଠାରୁ ପଳାଇ ଯାଇଥିଲେ। ପରିବାର ଲୋକେ ଖବର ପାଇ ଯୁଗଳଙ୍କୁ ଗୁରୁତର ଅବସ୍ଥାରେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ସହିତ ଥାନାରେ ଅଭିଯୋଗ କରିଥିଲେ।

### ବିଜେଡିର ମିଶ୍ରଣ ପର୍ବ

## ଘରକୁ ବାହୁଡ଼ିଲେ ଦୁର୍ଗାଚରଣ



- ଗତ ପଞ୍ଚାୟତ ନିର୍ବାଚନରେ ବିଜେପିରୁ ଜିଲ୍ଲାପରିଷଦ ପ୍ରାର୍ଥୀ ହୋଇଥିଲେ

**ଭୁବନେଶ୍ୱର, ୧୧।୧୨ (ସମିସ):** ଗତ ପଞ୍ଚାୟତ ନିର୍ବାଚନରେ ଅନୁଗୁଳ ଜିଲ୍ଲା ପରିଷଦ ପ୍ରାର୍ଥୀ ଭାବେ ବିଜେପିରୁ ନିର୍ବାଚନ ଲଢ଼ିଥିବା ଦୁର୍ଗାଚରଣ ପ୍ରଧାନ ଆଜି ବିଜେଡିରେ ଯୋଗ ଦେଇଛନ୍ତି। ଶଙ୍ଖ ଭବନରେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହୋଇଛନ୍ତି। ଶ୍ରୀ ପ୍ରଧାନଙ୍କୁ ଉପଢ଼ୌକନ ଦେଇ ଶ୍ରୀ ଜେନା ଦଳକୁ ସ୍ୱାଗତ କରିଥିଲେ। ଶ୍ରୀ ପ୍ରଧାନଙ୍କ ଏହା ହେଉଛି ଘରବାହୁଡ଼ା ଏବଂ ଦଳରେ ତାଙ୍କ ଯୋଗଦାନ ଫଳରେ ଅନୁଗୁଳ ବ୍ଲକ୍ ଏବଂ ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ୍ ହେବ ବୋଲି ବିଧାୟକ ଶ୍ରୀ ଜେନା କହିଛନ୍ତି।

ଏହି ଅବସରରେ ଦୁର୍ଗାଚରଣ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ମୁଁ ଦୀର୍ଘ ଦିନ ଧରି ବିଜେଡିରେ ଥିଲି। ବିଜେପିର କାର୍ଯ୍ୟଶୈଳୀ ମୋତେ ଭଲ ନ ଲାଗିବାରୁ ମୁଁ ପୁନର୍ବାର ବିଜେଡିକୁ ଫେରିବାକୁ ମନସ୍ଥ କରିଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛି। ଦଳ ମୋତେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ଓ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି। ଏହି ମିଶ୍ରଣ ପର୍ବରେ ପୂର୍ବତନ ଉପବାଚସ୍ପତି ତଥା ଅନୁଗୁଳ ବିଧାୟକ ରଜନୀକାନ୍ତ ସିଂ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଅନୁଗୁଳ ଜିଲ୍ଲା ସହ ପର୍ଯ୍ୟବେକ୍ଷକ କୁନବିହାରୀ ଦାସ, ଅନୁଗୁଳ ଜିଲ୍ଲା ସଭାପତି ମହେନ୍ଦ୍ର ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ। ବିଜେଡି ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ।

## ତହସିଲ ଅଫିସ ଘେରିଲା ସହର ସମାଜ



**କଣିହାଁ, ୧୧।୧୨(ସମିସ):** କଣିହାଁ ବ୍ଲକ ସହର ସମାଜ ତରଫରୁ ସୋମବାର ବିଭିନ୍ନ ଦାବି ନେଇ ତହସିଲ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ୫ଦଫା ଦାବିପତ୍ର କଣିହାଁ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। 'ଶଅର' ଜାତି ସୂଚିତ ଖତିଆନାରେ ହିତାଧିକାରୀଙ୍କୁ ଉପଯୁକ୍ତ ମାନ୍ୟତା ପ୍ରଦାନ ଓ ଏକ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ଅଣ-ଆଦିବାସୀଙ୍କ ଜମି ହଡ଼ପ ହୋଇଥିବା ଅଭିଯୋଗ ନେଇ କ୍ଷତିପୂରଣ ଦାବି ହୋଇଛି। ସହର ସମାଜ କଣିହାଁ ସଭାପତି କାର୍ତ୍ତିକ ବୁଇତା, ଉପସଭାପତି ଅର୍ଜୁନ କୁମାର ଦେହୁରୀ, ସମ୍ପାଦକ ଦୀଲ୍ଲିପ ଦେହୁରୀ, କୋଷାଧକ୍ଷ ବିଛେଇ ଗଡ଼ନାୟକ, ପ୍ୟାରୀମୋହନ ଦେହୁରୀ ପ୍ରମୁଖ ଏକ ଶୋଭାଯାତ୍ରାରେ ଆସି ତହସିଲ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## କଥା ଦେଇ କଥା ରଖିଲେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ

- ଅନନ୍ତପୁର ସାହିରେ ଦୁଇଟି ମନ୍ଦିରର ପୁନଃଉଦ୍ଧାର
- ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଲେ ସାହି ବାସିନ୍ଦା

**କାମାକ୍ଷାନଗର, ୧୧।୧୨(ସମିସ):** ଗତ ତିନମାସ ପୂର୍ବେ କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମକୁ ଏକ ଜନଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆସିଥିଲେ। ଏହି ସମୟରେ ଅନନ୍ତପୁର ସାହିର ମାଉସୀ ମା'ମନ୍ଦିର ଓ ରାଧାକୃଷ୍ଣ ମନ୍ଦିର କମିଟି ତରଫରୁ ଏକ ପତ୍ର ମାଧ୍ୟମରେ ଉକ୍ତ ମନ୍ଦିରକୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଅନୁରୋଧ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁପାରିଶ କ୍ରମେ ଅନନ୍ତପୁର ସାହିର ମାଉସୀ ମା' ମନ୍ଦିର ଓ ରାଧାକୃଷ୍ଣ ମିନ୍ଦିର ପୁନରୁଦ୍ଧାର ନିର୍ମାଣାର୍ଥେ ୧୬ଲକ୍ଷ ଟଙ୍କା ଆର୍ଥିକ ସହାୟତା ରାଶି ମଞ୍ଜୁର ହୋଇଛି। ଏନେଇ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇବା ପାଇଁ ଅନନ୍ତପୁର ସାହିରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅନନ୍ତପୁର ସାହି ତରଫରୁ ସଭାପତି ଧର୍ମାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ କୃତଜ୍ଞତା ସଭା ଅନୁଷ୍ଠିତ ହୋଇଯାଇଛି।

## ଯୁବକଙ୍କ ମୃତଦେହ ଉଦ୍ଧାର; ହତ୍ୟା ସନ୍ଦେହ

**ଛେଣ୍ଡିପଦା, ୧୧।୧୨(ସମିସ):** ଛେଣ୍ଡିପଦା ଥାନା କୋଶଳା ଗ୍ରାମରୁ ସୋମବାର ସକାଳେ ପୁଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତକ ଜଣଙ୍କ ହେଲେ ସେହି ଗ୍ରାମର ମୁଙ୍ଗି ଓରଫ କାଳିଆ ପ୍ରଧାନ। ଘଟଣାରୁ ପ୍ରକାଶ ଯେ, ଗତ ୭ ତାରିଖ ଦିନ ତାଙ୍କ ଗ୍ରାମର ଛବିନ୍ଦ୍ର ସାହୁ କାଳିଆଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଯାହାକୁ ନେଇ ଛେଣ୍ଡିପଦା ଥାନରେ ଏକ ମାମଲା ହୋଇଥିଲା। ଛବିନ୍ଦ୍ର ଜାମିନରେ ଯାଇଥିଲେ। ରବିବାର ରାତିରେ କାଳିଆ ପାରିବାରିକ ଘଟଣାକୁ ନେଇ ତାଙ୍କ ଝିଅ ସୁଚିସ୍ମିତାଙ୍କୁ ଗାଳି ଗୁଲଜ କରିବା ସହ ମାରିଦେବାକୁ ଧମକ ଦେଇଥିଲା। ରାତିରେ କଳିଆ ରାଗିଯାଇ ଆସି ଘର ବାହାରେ ଶୋଇଥିଲା। ସକାଳେ କାଳିଆଙ୍କ ମୃତଦେହ ଘର ଭିତରେ ଏକ ଗାମୁଛାରେ ଝୁଲୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ଏନେଇ ପରିବାର ଲୋକେ ଛେଣ୍ଡିପଦା ଥାନାକୁ ଖବର ଦେଇଥିଲେ। ଖବରପାଇ ଛେଣ୍ଡିପଦା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଶବର ପଞ୍ଚନାମା କରିବା ପରେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ଆଣିଥିଲେ। ଅପରପକ୍ଷେ କାଳିଆଙ୍କ ମୃତ୍ୟୁକୁ ନେଇ ପୂର୍ବ ଶତ୍ରୁତାକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକ ସନ୍ଦେହ କରୁଛନ୍ତି। ତେବେ କେଉଁ କାରଣରୁ କାଳିଆଙ୍କ ମୃତ୍ୟୁ ହୋଇଛି ସେ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଏବିଭିପି ଓଡ଼ିଶାର ପୁନଃର୍ବାର ରାଜ୍ୟ ସମ୍ପାଦକ ହେଲେ ଅରିଜିତ୍



**ଢେଙ୍କାନାଳ, ୧୧।୧୨(ସମିସ):** ଅଧ୍ୟାପିକା ଗାର୍ଗୀ ବାନାର୍ଜୀ ଏବିଭିପି ଓଡ଼ିଶାର ରାଜ୍ୟ ସଭାପତି ଓ ଢେଙ୍କାନାଳର ଅରିଜିତ ପଟ୍ଟନାୟକ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶାର ରାଜ୍ୟ ସମ୍ପାଦକ ରୂପେ ୨୦୨୩-୨୪ ଶିକ୍ଷା ବର୍ଷ ନିମନ୍ତେ ପୁନଃନିର୍ବାଚିତ ହୋଇଛନ୍ତି। ଏହି ଘୋଷଣା ଏବିଭିପି ଓଡ଼ିଶାର ପ୍ରାନ୍ତ କାର୍ଯ୍ୟାଳୟ ଭୁବନେଶ୍ୱରଠାରୁ ହୋଇଛି। ପ୍ରାନ୍ତ କାର୍ଯ୍ୟାଳୟରୁ ନିର୍ବାଚନ ଅଧିକାରୀ ସତ୍ୟ ସତ୍ୟପ୍ରିୟ ଦାସ ଘୋଷଣା କରିବା ସହ ଉପରୋକ୍ତ ଦାୟିତ୍ୱର କାର୍ଯ୍ୟକାଳ ଏକ ବର୍ଷ ରହିବ ବୋଲି ଘୋଷଣା କରିଛନ୍ତି। ଚଳିତ ମାସ ୭ ତାରିଖଠାରୁ ୧୦ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଥିବା ୬୯ତମ ରାଷ୍ଟ୍ରୀୟ ଅଧିବେଶନର ପ୍ରଥମ ଦିନ ଓଡ଼ିଶାର ରାଜ୍ୟ ଅଧିବେଶନରେ ସେମାନେ ନିଜ ଦାୟିତ୍ୱ ଗ୍ରହଣ କରିଛନ୍ତି। ଚଳିତ ଶିକ୍ଷା ବର୍ଷ ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ରାଜ୍ୟ ସମ୍ପାଦକ ରୂପେ ଢେଙ୍କନାଳର ଅରିଜିତ ପଟ୍ଟନାୟକ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଛନ୍ତି।

## ଜିରାଳ ମହାବିଦ୍ୟାଳୟର ସାମାଜିକ ସଚେତନତା




**ମାର୍ଥାପୁର, ୧୧।୧୨(ସମିସ):** ଜିରାଳ ମହାବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ତରଫରୁ ସାମାଜିକ ସଚେତନତା ରାଲି, ସ୍ୱଚ୍ଛତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଛାତ୍ରଛାତ୍ରୀ ମହାବିଦ୍ୟାଳୟର ଅଧ୍ୟାପିକ ଅଧ୍ୟାପିକାଙ୍କ ଗହଣରେ ମହାବିଦ୍ୟଳୟରୁ ସାଇକଲ ରାଲିରେ ସରଦେଇପୁର ପର୍ଯ୍ୟନ୍ତ ଯାଇ ସେଠାରେ ଶିବ ମନ୍ଦିର ପ୍ରାଙ୍ଗଣରେ ସଫେଇ କାର୍ଯ୍ୟ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ସଚେତନତା ପାଇଁ ଲିଫଲେଟ୍ ବଣ୍ଟନ ଓ ପଦଯାତ୍ରାରେ ଗୋରୋଡିଆ ପରିଭ୍ରମଣ କରିବା ସହ ଗୋରୋଡିଆ ଜଗନ୍ନାଥ ମନ୍ଦିର ଓ ପ୍ରାଥମିକ ବିଦ୍ୟାଳୟ ସଫେଇ କାର୍ଯ୍ୟକ୍ରମ କରିଛନ୍ତି। ଶେଷରେ ସାଇକଲ ଓ ଚାଲି ଚାଲି ଛାତ୍ରଛାତ୍ରୀ ବାଲି ଚଟୁରି ଓ ଶାଳପଡ଼ା ଗ୍ରାମରେ ନିଶା ନିବାରଣ ସମ୍ପର୍କିତ ସଚେତନତା ଅଭିଯାନ କରଛନ୍ତି। କାର୍ଯ୍ୟକ୍ରମ ଶେଷରେ ବ୍ରହ୍ମଣୀ କୂଳରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା।

## ପୋଖରୀରେ ବୁଡ଼ି ଜଣେ ମୃତ

**ପରଜଙ୍ଗ, ୧୧।୧୨(ସମିସ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗ୍ରାମ ପଞ୍ଚାୟତ ଅଧୀନସ୍ଥ ଜହ୍ନାପଡ଼ା ହରିଜନ ବସ୍ତିରେ ପୋଖରୀରେ ବୁଡ଼ି ଜଣଙ୍କ ମୃତ୍ୟୁ ଘଟିଛି। ସାହିର ହରି ନାଏକଙ୍କ ପୁଅ କାଳନ୍ଦୀ ନାଏକ(୪୮) ଗତକାଲି ଧାନ କାଟିବା ଆସିଥିଲା। ଅପରାହ୍ଣରେ ପରିବାର ବିଲକୁ ଖାଦ୍ୟ ଖାଇବାକୁ ଆଣିଥିଲେ। କିନ୍ତୁ ଧାନ ବିଲରେ କାଳନ୍ଦୀ ନଥିବାରୁ ପରିବାର ଘରକୁ ଫେରି ଆସିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ଖୋଜିବା ଆରମ୍ଭ କରିଥିଲେ ମଧ କୌଣସି ସନ୍ଧାନ ପାଇନଥିଲେ। ସୋମବାର ଅପରାହ୍ନ ସମୟ ପର୍ଯ୍ୟନ୍ତ କୌଣସି ପତ୍ତା ନମିଳିବାରୁ ବାଧ ହୋଇ ପରିବାର ପରଜଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏହା ପରେ ଅପରାହ୍ନ ପ୍ରାୟ ସାଢ଼େ ୪ଟା ସମୟରେ ଗାଁ ନିକଟରେ ରହିଥିବା ଅସୁର ବନ୍ଧରେ ଏକ ଶବ ଭାସୁଥିବା ସ୍ଥାନୀୟ ଲୋକମାନେ ଦେଖି ସଙ୍ଗେ ସଙ୍ଗେ ପରିବାରକୁ ଜଣାଇଥିଲେ। ଖବରପାଇ ଘଟଣା ସ୍ଥଳରେ ଦମକଳ ବାହିନୀ ପହଞ୍ଚି ମୃତଦେହକୁ ପାଣିରୁ ବାହାରକୁ ଆଣିଥିଲେ। ଖବର ପାଇ ପରଜଙ୍ଗ ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ମେଡ଼ିକାଲକୁ ପଠାଇଥିଲେ।

## ଇତିହାସର ଫର୍ଦ୍ଦରେ ଦଧିବାମନଜୀଉ ମନ୍ଦିର

### ଶ୍ରୀମନ୍ଦିର ସହ ଯୋଡ଼ି ହୋଇ ରହିଛି ଅନେକ କିମ୍ବଦନ୍ତୀ

**କାମାକ୍ଷାନଗର, ୧୧।୧୨(ସମିସ)**



ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଆଳତୁମା ଗାଁ। ରାମିଆଳ ନଦୀ କୂଳରେ ଗଢି ଉଠିଥିବା ଏହି ଗାଁରେ ରହିଛି ପ୍ରଭୁ ଜଗନ୍ନାଥଙ୍କ ଦଧିବାମନଜୀଉ ମନ୍ଦିର। ଯେଉଁ ମନ୍ଦିରଟି ଷୋଡଶ ଶତାବ୍ଦୀରେ ତିଆରି ହୋଇଥିବା ଅନୁମାନ କରାଯାଉଛି। ଏହି ମନ୍ଦିରର ଐତିହ୍ୟ ବେଶ ନିଆରା। ସାଢ଼େ ଚାରି କୋଟି ଓଡ଼ିଆ ଲୋକଙ୍କ ପ୍ରାଣର ଦେବତା ପ୍ରଭୁ ଜଗନ୍ନାଥଙ୍କ ଶ୍ରୀମନ୍ଦିର ସହିତ ଏହି ମନ୍ଦିରର ରହିଛି ଅନେକ ଇତିହାସ। ଯାହା ଆଜି ମଧ ସ୍ୱର୍ଣ୍ଣିମ ଫର୍ଦ୍ଦରେ ଲିପିବଦ୍ଧ ହୋଇ ରହିଛି। ବଙ୍ଗର ସୁଲତାନ ସୁଲେଇମାନ କରରାଣୀଙ୍କ ନିର୍ଦ୍ଦେଶକ୍ରମେ କଳାଚାନ୍ଦ ରାୟ ଭାଦୁରୀ ଓରଫ କଳାପାହାଡ ଓଡ଼ିଶା ଆକ୍ରମଣ କରି ମନ୍ଦିର ନଗରୀ ଗୁଡିକୁ ନଷ୍ଟ କରି ଦେଇଥିଲେ। ଅନେକ ମନ୍ଦିରର କିମ୍ବଦନ୍ତୀ ଆଜି ବି କଳାପାହାଡର ସେହି କଳା ମୁହୂର୍ତ୍ତକୁ ବଖାଣୁଛି। ଆଉ ସେହି ସମୟରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ବ୍ୟାହତ ସୃଷ୍ଟି ହୋଇଥିଲା। ମନ୍ଦିର ଗୁଡିକରୁ ପ୍ରଭୁଙ୍କ ନୀତିକ୍ରାନ୍ତିକୁ ବନ୍ଦ କରି ଦିଆଯାଇଥିଲା। ଦୀର୍ଘ ବର୍ଷର ରଥଯାତ୍ରା ବନ୍ଦ ହୋଇଥିଲେ ସୁଦ୍ଧା କାମାକ୍ଷାନଗର ଆଳତୁମା ଗାଁରେ ପ୍ରଭୁ ଜଗନ୍ନାଥଙ୍କର ମୂର୍ତ୍ତିକୁ ଯାହା ଆଜିର ଅନନ୍ତପୁର ଜଙ୍ଗଲ ରହିଛି। ସେହି ଜଙ୍ଗଲର ଏକ ଗୁମ୍ଫାରେ ଲୁଚାଇ ରଖା ଯାଇ ଛୋଟ ରଥରେ ରଥଯାତ୍ରା କରାଯାଇଥିଲା। ଯାହା ମାଦଳ ପାଞ୍ଜିରେ ବର୍ଣ୍ଣିତ ହୋଇଛି। ଏବଂ ଏହାକୁ ନେଇ ପୁରୀର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଆଜି ବି ପରିଚାଳିତ ହେଉଛି। ଆଳତୁମା ଗାଁର ଐତିହ୍ୟ ସମ୍ପନ୍ନ ଦଧିବାମନଜୀଉ ମନ୍ଦିର ଆଜି ବି ମୂକସାକ୍ଷୀ ଭାବେ ଦଣ୍ଡାୟମାନ ହୋଇ ରହିଛି। ଯଦିଓ ମୁଖ୍ୟ ମନ୍ଦିର କାର୍ଯ୍ୟ ଗ୍ରାମବାସୀଙ୍କ ସହଯୋଗରେ ଜାରି ରହିଛି। ତଥାପି ଶହ ଶହ ବର୍ଷ ତଳର ସେହି ବଟବୃକ୍ଷ ଆଜି ବି ଇତିହାସର ସ୍ମୃତିଚାରଣ କରୁଛି। ପ୍ରଭୁ ଜଗନ୍ନାଥଙ୍କ ନୀତିକ୍ରାନ୍ତିରେ ଦଧିବାମନଜୀଉ ମନ୍ଦିରର ପୂଜାର୍ଚ୍ଚନା କରାଯାଏ। ମନ୍ଦିରରେ ପୂଜକ ଓ ଗଜପତି ମଧ ରହିଛନ୍ତି। ଯାହାଙ୍କ ତତ୍ତ୍ୱାବଧାନ ଏବଂ ଗ୍ରାମବାସୀଙ୍କ ପ୍ରତ୍ୟେକ୍ଷ ସହଯୋଗରେ ମନ୍ଦିର ପରିଚାଳିତ ହେଉଛି। ମନ୍ଦିର ମଧ୍ୟରେ ପୂଜା ପାଉଛନ୍ତି ପ୍ରଭୁ ଜଗନ୍ନାଥ। ମନ୍ଦିର ପରିସରରେ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତି ମଧ ରହିଛି। ମନ୍ଦିର ପରିସରଟି ସଦା ସର୍ବଦା ଆଧ୍ୟାତ୍ମିକତା ଓ ଭାବର ପରିସର ଭିତରେ ରହିଛି। ଲୋକଙ୍କ ମନରେ ବିଶ୍ୱାସ ରହି ଆସିଛି ଏହି ମନ୍ଦିର ପରିସର ଭିତରକୁ ପ୍ରବେଶ କଲେ ମାନସିକ ଶାନ୍ତି ମିଳିଥାଏ। ପ୍ରଭୁଙ୍କ ଦର୍ଶନ ପାଇଁ ପ୍ରତିଦିନ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ମଧ ଜମିଥାଏ। ଇତିହାସର ଫର୍ଦ୍ଦରେ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହୋଇ ରହିଥିବା ଦଧିବାମନଜୀଉ ମନ୍ଦିର ଏବଂ ଶ୍ରୀମନ୍ଦିର ସହିତ ଏହାର କିମ୍ବଦନ୍ତୀ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ବଡ଼ ନିଦର୍ଶନ।

## 'ଆମ ଗାଁରେ ଆମ ପ୍ରଶାସନ' କାର୍ଯ୍ୟକ୍ରମର ଶୁଭାରମ୍ଭ

**କାମାକ୍ଷାନଗର, ୧୧।୧୨(ସମିସ):** କଙ୍କଡାହାଡ଼ ବ୍ଲକକୁ ସରକାରୀସ୍ତରରେ ଆକାଂକ୍ଷା ବ୍ଲକ ମନୋନୀତ କରାଯାଇ ବିକଶିତ କରିବା ପାଇଁ ପ୍ରଶାସନିକ ସ୍ତରରେ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ସମୀକ୍ଷା ବୈଠକ ଅନୁଷ୍ଠିତ ହେଉଛି। ଏହି ବ୍ଲକର ଜନସାଧାରଣଙ୍କୁ ମୌଳିକ ସୁବିଧା ହାତ ପାହାନ୍ତାରେ ଯୋଗାଇଦେବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯଶୋବନ୍ତ ଦେହୁରୀଙ୍କ ନେତୃତ୍ୱରେ କଙ୍କଡାହାଡ଼ ବ୍ଲକ ପ୍ରଶାସନ ତରଫରୁ 'ଆମ ଗାଁରେ ଆମ ପ୍ରଶାସନ' କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ବିଭିନ୍ନ ସରକାରୀ ଯୋଜନା ଯଥା ଭତ୍ତା, ଆବାସ ଯୋଜନା, ହରିଶ୍ଚନ୍ଦ୍ର, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜମିଜମା ସମ୍ପର୍କିତ ସମସ୍ୟା ଗୁଡିକର ତ୍ୱରିତ ସମାଧାନ କରାଯିବ। ଅନ୍ୟାନ୍ୟ ଅସୁବିଧା ଗୁଡିକ ସମାଧାନ କରି ତଥା ସରକାରୀ ଯୋଜନାଗୁଡିକୁ ସଠିକ ଭାବରେ ଲୋକଙ୍କ ପାଖରେ ପହଞ୍ଚାଇବା ଲକ୍ଷରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

ଏହି କାର୍ଯ୍ୟକ୍ରମ ପ୍ରଥମ ପର୍ଯ୍ୟାୟରେ ୨୧ଟି ଗ୍ରାମ ପଞ୍ଚାୟତର ୨୧ଟି ରାଜସ୍ୱ ଗ୍ରାମରେ ଅନୁଷ୍ଠିତ ହୋଇଛି। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବାକୁ ପ୍ରଶାସନ ତରଫରୁ ପ୍ରୟାସ କରାଯାଇ କଙ୍କଡାହାଡ଼ ବ୍ଲକକୁ ବିକାଶମୁଖୀ କରାଯିବାକୁ ପ୍ରୟାସ ଜାରି ରହିବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହରେକୃଷ୍ଣ ନାୟକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀ ବିଭିନ୍ନ ଗ୍ରାମରେ ଉପସ୍ଥିତ ଥିଲେ।



# 'ଆନିମଲ୍'ରୁ ଚମକିଲା ଭାଗ୍ୟ

## ବଢ଼ିଲା ତ୍ରିପ୍ତିଙ୍କ ଇନ୍‌ଷ୍ଟା ଅନୁଗାମୀଙ୍କ ସଂଖ୍ୟା

ରଣବୀର କପୁର, ନ୍ୟାସନାଲ କ୍ରସ୍ ରଶ୍ମିକା ମନ୍ଦାନା ଓ ବବି ଦେଓଲଙ୍କ ଅଭିନୀତ 'ଆନିମଲ୍' ଫିଲ୍ମ ବକ୍ସ ଅଫିସ୍‌ରେ ଧୁମ୍ ମଚାଇଛି । ଫିଲ୍ମରେ ରଣବୀରଙ୍କ ୱାଇଲ୍ଡ ଅବତାର ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି । ଖାସ୍ ସେଥିପାଇଁ ଫିଲ୍ମ ରିଲିଜ୍ ହେବାର ସାତ ଦିନ ମଧ୍ୟରେ ବ୍ଲକ୍ ବଷ୍ଟର ହିଟ୍ ସାବ୍ୟସ୍ତ ହୋଇଛି ରଣବୀର କପୁରଙ୍କ ଏହି ଫିଲ୍ମ । ତେବେ ଫିଲ୍ମର ହିରୋଇନ୍ ରଶ୍ମିକାଙ୍କ ଅପେକ୍ଷା ଅଧିକ ଚର୍ଚ୍ଚାରେ ରହିଛନ୍ତି ଅଭିନେତ୍ରୀ ତ୍ରିପ୍ତି ଦିମ୍ରି । ଯାହାଙ୍କୁ ନେଇ ଏବେ ସୋସିଆଲ ମିଡିଆରେ ଖୁବ୍ ଚର୍ଚ୍ଚା । ଫିଲ୍ମରେ ରଣବୀରଙ୍କ ସହ ତ୍ରିପ୍ତିଙ୍କର ଏକ ଇଣ୍ଟିମେଣ୍ଟ ସିନ୍ ରହିଛି । ଯାହା ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହୋଇଛି । ଏହି ସିନ୍ ପରେ ତ୍ରିପ୍ତିଙ୍କ ଲୋକପ୍ରିୟତା ରାତିରାତି ବଢ଼ିଯାଇଛି । ୨୯ ବର୍ଷୀୟା ତ୍ରିପ୍ତି ପ୍ରଥମ ଥର 'ମମ୍' ଫିଲ୍ମରେ ଦେଖାଯାଇଥିଲେ । ଏହାପରେ 'ପୋଷ୍ଟରବୟ' ଓ ପରେ 'ଲୈଲା ମଜ୍‌ନୁ' ରେ ଦେଖାଯାଇଥିଲା । କିନ୍ତୁ 'ଆନିମଲ୍' ହିଁ ତ୍ରିପ୍ତିଙ୍କ ଭାଗ୍ୟ ଚମକାଇ ଦେଇଛି । ସୋସିଆଲ ମିଡିଆରେ ତାଙ୍କ ପ୍ରଶଂସକଙ୍କ ସଂଖ୍ୟା ମଧ୍ୟ ବଢ଼ିଚାଲିଛି । ଫିଲ୍ମ ରିଲିଜ୍ ପୂର୍ବରୁ ତ୍ରିପ୍ତିଙ୍କ ଇନ୍‌ଷ୍ଟାଗ୍ରାମ୍ ଅନୁଗାମୀଙ୍କ ସଂଖ୍ୟା ୭୧୧, ୦୦୦ ଥିଲା । ଏବେ ତାଙ୍କର ୨.୮ ମିଲିୟନ୍ ଅନୁଗାମୀ ଅଛନ୍ତି । ଏହି ସଂଖ୍ୟା ପ୍ରତ୍ୟେକ ମୁହୂର୍ତ୍ତରେ ବଢ଼ିବାରେ ଲାଗିଛି । ଯଦିଓ ଫିଲ୍ମରେ ତ୍ରିପ୍ତିଙ୍କର ଛୋଟ ଭୂମିକା ଥିଲା କିନ୍ତୁ ଏତେକମ୍ ସମୟରେ ବି ସେ ସୋସିଆଲ ମିଡିଆରେ ଛାଇ ଯାଇଛନ୍ତି । ଫିଲ୍ମରେ ଇଣ୍ଟିମେଣ୍ଟ ସିନ୍‌କୁ ନେଇ କିଛି ଟ୍ରୋଲର୍ସ ତାଙ୍କୁ ଟ୍ରୋଲ୍ କରିବାରୁ ସେ ଏହାର ଜବାବରେ କହିଥିଲେ ଯେ, 'ତାଙ୍କୁ ଲାଗୁନାହିଁ ସେ କିଛି ଭୁଲ୍ କରିଛନ୍ତି । ଫିଲ୍ମର ଭୂମିକା ଅନୁସାରେ ସେ ଅଭିନୟ କରିଛନ୍ତି' ।

# ଦେବ ଦୀପାବଳି ଓ ଶ୍ରୀଜୀଉଙ୍କ ଶ୍ରାଦ୍ଧ ବେଶ

**ରଜତ କୁମାର ମିଶ୍ର**

'ଶ୍ରଦ୍ଧା' ଶବ୍ଦରୁ ଶ୍ରାଦ୍ଧର ଉତ୍ପତ୍ତି । ନିଜ ପୂର୍ବ ପୁରୁଷଙ୍କ ଆତ୍ମାର କଲ୍ୟାଣ ନିମନ୍ତେ ଶ୍ରଦ୍ଧା ବଶତଃ ଯେଉଁ ପିଣ୍ଡଦାନ ତଥା ଅନ୍ୟାନ୍ୟ ଦ୍ରବ୍ୟ ସମର୍ପଣ ସମ୍ପାଦନ କରାଯାଏ ତାହାକୁ ଶ୍ରାଦ୍ଧ କୁହାଯାଏ । ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ଶ୍ରଦ୍ଧାର ଆଧାରରେ ପରିପୂର୍ଣ୍ଣ ଠାକୁର । ଓଡ଼ିଆ ଜାତି ଓ ଜୀବନର ଚିନ୍ତା ଓ ଚେତନାରେ,ଶୟନେ,ସପନେ,ଜାଗରଣେ ଶ୍ରୀଜଗନ୍ନାଥଙ୍କ ସ୍ଥିତି ଅନୁଭୂତ ହୋଇଥାଏ । ବ୍ରହ୍ମ ବିଚାରରେ ଶ୍ରୀଜଗନ୍ନାଥ ଅବ୍ୟକ୍ତ,ଅଚିନ୍ତ୍ୟ,ଅଜ୍ଞେୟ ଏବଂ ଅବର୍ଣ୍ଣନୀୟ ହେଲେ ହେଁ ଯେହେତୁ ଶ୍ରୀକ୍ଷେତ୍ରରେ ସେ ବିଚିତ୍ର ମାନବୀୟ ଲୀଳା କରୁଛନ୍ତି, ତେଣୁ ମହାପ୍ରଭୁ ମନୁଷ୍ୟମାନଙ୍କ ଭଳି ତାଙ୍କ ଅବତାର ସମୟରେ ଥିବା ପିତାମାତାଙ୍କ ଉଦ୍ଦେଶ୍ୟରେ ଦୀପଦାନ ଶ୍ରାଦ୍ଧୋତ୍ସବ ପାଳନ କରନ୍ତି,ଯାହା "ଦେବ ଦୀପାବଳି" ନାମରେ ବିଦିତ। ମହାପ୍ରଭୁଙ୍କର ଏହି ଶ୍ରାଦ୍ଧ ଦେବା କାର୍ଯ୍ୟଟି ତାଙ୍କର ପିତୃପୁରୁଷଙ୍କ ପ୍ରତି ଦୟା ତଥା ଶ୍ରଦ୍ଧା ଭାବକୁ ପ୍ରକାଶ କରିଥାଏ । ମାର୍ଗଶିର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ,ଅମାବାସ୍ୟା ଏବଂ ଶୁକ୍ଳପକ୍ଷ ପ୍ରତିପଦା ଏହି ତିନିଦିନ ବ୍ୟାପୀ ଏହି ଉତ୍ସବ ଶ୍ରୀମନ୍ଦିରରେ ପାଳିତ ହୁଏ । ଏହି ତିନିଦିନ ମଧ୍ୟରୁ ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ ଦିନ କଶ୍ୟପ ଓ ଅଦିତିଙ୍କ ଉଦ୍ଦେଶ୍ୟରେ,ଅମାବାସ୍ୟା ଦିନ ଦଶରଥ ଓ କୌଶଲ୍ୟାଙ୍କ ଉଦ୍ଦେଶ୍ୟରେ, ଶୁକ୍ଳ ପ୍ରତିପଦା ଦିନ ବସୁଦେବ,ଦେବକୀ,ନନ୍ଦ,ଯଶୋଦା, ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚା ଦେବୀଙ୍କ ଉଦ୍ଦେଶ୍ୟରେ ମହାପ୍ରଭୁ ପ୍ରଦୀପ ଉତ୍ସର୍ଗ କରନ୍ତି । ପ୍ରଥମ ଦିନରୁ ଦୀପାବଳି ଉତ୍ସବ ଆରମ୍ଭ ହୋଇ ତୃତୀୟ ଓ ଶେଷ ଦିନରେ ଶେଷ ଦୀପାବଳି ଉତ୍ସବ ପାଳନ କରାଯାଏ । ଏହି ଦିନମାନଙ୍କରେ ଶ୍ରୀଜଗନ୍ନାଥ ଶ୍ରାଦ୍ଧବେଶରେ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ତର୍ପଣାଦି କରୁଥିବାରୁ ଏହାକୁ "ଦେବ ଦୀପାବଳି" କୁହାଯାଏ ।

ସତ୍ୟ ଯୁଗରେ ବାମନ ଅବତାରରେ ବିଷ୍ଣୁ ଅଦିତିଙ୍କ ଗର୍ଭରୁ ଜନ୍ମ ହୋଇଥିବାରୁ ଅଦିତି-କଶ୍ୟପ ଭଗବାନଙ୍କ ପିତାମାତା । ତ୍ରେତୟା ଯୁଗରେ ଶ୍ରୀରାମାବତାରରେ ଦଶରଥ ଏବଂ କୌଶଲ୍ୟା ମହାପ୍ରଭୁଙ୍କ ପିତାମାତା ଅଟନ୍ତି । ପୁନଶ୍ଚ ଦ୍ୱାପର ଯୁଗରେ କୃଷ୍ଣାବତାରରେ ବସୁଦେବ,ଦେବକୀ, ନନ୍ଦ, ଯଶୋଦା ମହାପ୍ରଭୁଙ୍କ ପିତା ମାତା ଅଟନ୍ତି । ଏଥିସହ ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚା ଦେବୀଙ୍କୁ ପିତାମାତା ଜ୍ଞାନ କରି ପିଣ୍ଡଦାନ କରିଥାନ୍ତି ।

ଦେବ ଦୀପାବଳିରେ ମହାପ୍ରଭୁ ଶ୍ରାଦ୍ଧ ଦେଲାବେଳେ ଏକ ନିର୍ଦ୍ଦିଷ୍ଟ ପ୍ରକାର ବେଶ ହୁଅନ୍ତି ଯାହାକୁ "ଶ୍ରାଦ୍ଧବେଶ" କୁହାଯାଏ । ମହାପ୍ରଭୁଙ୍କ ଏହି ଶ୍ରାଦ୍ଧବେଶ ଅତୀବ ମନୋହର । ଏହି ବେଶରେ ଶ୍ରୀଜୀଉମାନେ ନାଗପୁରୀ ଶାଢ଼ି,ଚାଦରର ଶ୍ୱେତବସ୍ତ୍ର ପରିଧାନ କରନ୍ତି,ମାତ୍ର ତିନି ଠାକୁରଙ୍କ ବସ୍ତ୍ରର ଧଡ଼ିର ରଙ୍ଗ ଭିନ୍ନ ଭିନ୍ନ ହୋଇଥାଏ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବସ୍ତ୍ର (ସୂତାଶାଢ଼ି ବା ନାଗପୁରୀ ଶାଢ଼ି)ର ଲମ୍ବା ୧୬ ହାତ ଏବଂ ସେଥିରେ ଧଡ଼ି ଓସାର ଏକ ଫୁଟ ହୋଇଥାଏ । ଉକ୍ତ ବସ୍ତ୍ରରେ କୁମ୍ଭ ଥାଇ ଧଡ଼ିର ବର୍ଣ୍ଣ ନାଲି ହୋଇଥାଏ । ସେହିପରି ଶ୍ରୀବଳଭଦ୍ରଙ୍କର ବସ୍ତ୍ରର ଲମ୍ବା ୧୪ ହାତ,ଓସାର ୪ ହାତ ଏବଂ ସେଥିରେ ଧଡ଼ି ଓସାର ୧ ଫୁଟ ହୋଇଥାଏ ,ଉକ୍ତ ବସ୍ତ୍ରର ଧଡ଼ିର ବର୍ଣ୍ଣ କଳା ହୋଇଥାଏ । ଶ୍ରୀସୁଭଦ୍ରାଙ୍କ ବସ୍ତ୍ରର ଲମ୍ବା୧୨ ହାତ,ଓସାର ସାଢେ ୩ ଫୁଟ,ଧଡ଼ି ଓସାର ଏକ ଫୁଟ ହୋଇଥାଏ ଏବଂ ଉକ୍ତ ବସ୍ତ୍ରର ଧଡ଼ି ବର୍ଣ୍ଣ ହଳଦିଆ ହୋଇଥାଏ। ଏତଦ୍ ବ୍ୟତୀତ ଶ୍ରୀବିଗ୍ରହମାନଙ୍କ କଳେବର ଗୋଟିଏ ଗୋଟିଏ ଚାଦରରେ ମଣ୍ଡନ ହୋଇଥାଏ । ଶିର ଦେଶରେ ଶ୍ରୀକାପଡ଼ା ବସ୍ତ୍ର (ସୂତା ବସ୍ତ୍ର)ରେ ଆବୃତ କରାଯାଏ । ଚାଦରଟି ଶ୍ରୀଭୁଜରେ ପ୍ରସରି ଥାଏ । ଶ୍ରାଦ୍ଧବେଶରେ



ବ୍ୟବହୃତ ହେଉଥିବା ବସ୍ତ୍ରକୁ କାଶୀ ଧଡ଼ିଆ (ନାଗପୁରୀ) ଲୁଗା କୁହାଯାଏ । ଶ୍ରାଦ୍ଧବେଶରେ ଠାକୁରମାନଙ୍କୁ ଲାଗି କରାଯାଉଥିବା ସ୍ୱର୍ଣ୍ଣ ଅଳଙ୍କାର ମଧ୍ୟରେ ତଡ଼ଗି, ନଳିଭୁଜ,ଚନ୍ଦ୍ର ସୂର୍ଯ୍ୟ,କୁଣ୍ଡଳ,ଆଡ଼କାନି, ହରିଡ଼ା ମାଳି, ଅଣ୍ଟା କମରପଟି ପ୍ରଭୃତି ଅନ୍ୟତମ ।

ମାର୍ଗଶିର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀରେ ସନ୍ଧ୍ୟାଧୂପ ନୀତି ବଢ଼ି ଧୋପଖାଳ ହେବାପରେ ରତ୍ନସିଂହାସନ ତଳେ ଭଣ୍ଡାରମେକାପ ଚାଉଳରେ ଗୋଟିଏ ଗଛ ନିର୍ମାଣ କରନ୍ତି । ପାଳିଆ ମେକାପ ବଇଠାମାନଙ୍କରେ ଘୃତ ପୂର୍ଣ୍ଣକରି ଚାଉଳ ଗଛରେ ଦୀପ ବସାନ୍ତି । ସମୁଦାୟ ଅଠେଇଶଟି ଦୀପ ବସାଯାଏ, ତନ୍ମଧ୍ୟରୁ ଶ୍ରୀଜଗନ୍ନାଥଙ୍କ ନିମନ୍ତେ ଦଶଗୋଟି, ଶ୍ରୀବଳଭଦ୍ରଙ୍କ ନିମନ୍ତେ ନଅଟି ଓ ଦେବୀ ସୁଭଦ୍ରାଙ୍କ ନିମନ୍ତେ ନଅଟି ଦୀପ ବସାଯାଇଥାଏ । ତିନିଗୋଟି ସୁନାଆଳତି ଲଗାଇବା ପରେ ପୂଜାପଣ୍ଡା ସେବକ ଚାଉଳଗଛ ଓ ଦୀପମାନଙ୍କୁ ସଂସ୍କାର କରନ୍ତି । ଏହାପରେ ପୂଜାପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ସେବକମାନେ ସିଂହାସନ ଉପରକୁ ଉଠି ତିନିବାଡ଼ରେ ବନ୍ଦାପନା କରିବା ପରେ ତିନୋଟି ମହାଦୀପରେ ବନ୍ଦାପନା କରାଯାଏ । ତତ୍ପରେ ପୂଜକ ତିନିଜଣ ମହାଦୀପଗୁଡ଼ିକୁ ହାତରେ ଧରି ଜୟବିଜୟ ଦ୍ୱାରର ଭିତର ପାଖକୁ ଆସନ୍ତି, ସେଠାରେ ଆସ୍ଥାନ ପଢ଼ିଆରୀ କରିଥିବା ଚାଉଳ ଗଛକୁ ଜଣେ ପୂଜାପଣ୍ଡା ସଂସ୍କାର କରି ପାଣି ଛଡ଼ାନ୍ତି । ସେହି ମହାଦୀପ କଳସଗୁଡ଼ିକୁ ପାଳିଆ ଚୂନରାଙ୍କୁ ଦିଆଯାଏ । ଚୂନରା ସେବକ ବଡ଼ଓଡ଼ିଆ ମଠ ପ୍ରଦତ୍ତ ତେଲ ଓ ଘିଅ ନେଇ ଶ୍ରୀମନ୍ଦିରର ନାଟମଣ୍ଡପ,ଭୋଗମଣ୍ଡପ ଏବଂ ଶ୍ରୀମନ୍ଦିର ଅଁଳାବେଢ଼ା ଉପରେ ମହାଦୀପ ପ୍ରଜ୍ୱଳନ କରନ୍ତି । ଏହି ମହାଦୀପର ବ୍ୟତିକ୍ରମ ହେଲା ଏଥିରେ ଗଜପତି ମହାରାଜାଙ୍କ ଉଦ୍ଦେଶ୍ୟରେ ଆଶୀର୍ବାଦ ଡ଼କାଯାଏ ନାହିଁ କେବଳ 'ହରିବୋଲ' ପକାଯାଏ । ପିତୃଶ୍ରାଦ୍ଧର ତୃତୀୟ ଦିବସରେ ପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରନ୍ତି ସେଠାରେ ବନ୍ଦାପନା ଭଳି କେତେକ ନୀତି ସମ୍ପାଦନ ହେବାପରେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି ।

ଶ୍ରାଦ୍ଧ ବେଶ ଶ୍ରୀଜୀଉଙ୍କ ଚନ୍ଦନଲାଗି ପୂର୍ବରୁ ଓଲାଗି କରାଯାଏ । ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ଅବତାରୀ ଭାବରେ ଜଗତର ମଙ୍ଗଳ ପାଇଁ ଦୀପ ଗ୍ରହଣ କରନ୍ତି, ପୁଣି ଅବତାର ଭାବରେ ଲୋକଶିକ୍ଷା ପାଇଁ ପିତାମାତାଙ୍କୁ ଶ୍ରାଦ୍ଧ ଦେଇ ଦୀପଦାନ କରନ୍ତି । ତେଣୁ ଶ୍ରାଦ୍ଧ ବେଶ ଏବଂ ଦେବ ଦୀପାବଳିରେ ଉଭୟ ଅବତାରୀ ଓ ଅବତାର ତତ୍ତ୍ୱ ମିଶିଯାଇଥିବାରୁ ଏହା ଏକ ଅପୂର୍ବ ଏବଂ ଦିବ୍ୟ ପରିବେଶ ସୃଷ୍ଟି କରିଥାଏ । ମହାପ୍ରଭୁଙ୍କ ଏହି ଅପୂର୍ବ, ଦିବ୍ୟ ବେଶର ଦର୍ଶନରେ ଇହଲୋକରେ ସୁଖ ,ଶାନ୍ତି ଏବଂ ପରଲୋକରେ ବୈକୁଣ୍ଠ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି ।

ୟୁନିଟ୍- ୯,ଭୁବନେଶ୍ୱର
ମୋ -୯୪୩୭୮୨୯୦୨୭

## ଆଜିର ଇତିହାସ

- ୧୭୮୬- ଲର୍ଡ କର୍ଣ୍ଣୱାଲିସ୍ ଭାରତର ଗଭର୍ଣ୍ଣର ଜେନେରାଲ ଭାବେ ଦାୟିତ୍ୱ ନେଲେ ।
- ୧୮୦୦-ୱାଶିଂଟନ୍ ଡିସି ଆମେରିକାର ରାଜଧାନୀ ହେଲା ।
- ୧୯୧୧- ଭାରତର ରାଜଧାନୀ କଲିକତାରୁ ଦିଲ୍ଲୀକୁ ସ୍ଥାନାନ୍ତରିତ ।
- ୧୯୬୩-କେନିଆ ସ୍ୱାଧୀନ ହେଲା ।
- ୧୯୯୦- ଟି.ଏନ୍ ଶେଷାନ୍ ଭାରତର ମୁଖ୍ୟ ନିର୍ବାଚନ କମିଶନର ହେଲେ ।
- ୨୦୦୦- ନ୍ୟୁୟର୍କରେ ଅନ୍ତର୍ଜାତୀୟ ଆୟୁର୍ବେଦ ସମ୍ମିଳନୀ ଆରମ୍ଭ ହେଲା ।



# ମହାଶୂନ୍ୟରେ ହୋଟେଲ୍

## ରୋମାଞ୍ଚକର ଅନୁଭୂତି ସାଉଁଟିବେ ପର୍ଯ୍ୟଟକ

ବିଭିନ୍ନ ଦେଶରେ ନାମୀଦାମୀ ହୋଟେଲ ସବୁ ରହିଛି । ପର୍ଯ୍ୟଟକଙ୍କୁ ନିଆରା ଅନୁଭୂତି ଦେବା ପାଇଁ କେଉଁଠି ପାହାଡ଼ ଉପରେ ହୋଟେଲ ରହିଛି ତ କେଉଁଠି ଜଙ୍ଗଲରେ । ଏହି ପରିପ୍ରେକ୍ଷୀରେ ଏବେ ସ୍କାଏ କ୍ରୁଜ୍ ହୋଟେଲ ଚର୍ଚ୍ଚାରେ ରହିଛି । ତେବେ ଏହାକୁ ଉଡ଼ନ୍ତା ହୋଟେଲ ପରିକଳ୍ପନା ଆଧାରରେ ତିଆରି କରାଯାଇଛି । ଯଦ୍ୱାରା ଏଣିକି ଯାତ୍ରୀ ଆକାଶରେ ଉଡ଼ିକି ଖାଇବାର ମଜା ନେବେ । ୟେମନର ଇଞ୍ଜିନିୟର ହାସେମ୍ ଅଲ୍-ଘୈଲୀ ଏହି ହୋଟେଲ ବାବଦରେ ବିସ୍ତୃତ ସୂଚନା ଦେଇଛନ୍ତି । ତାଙ୍କ ମତରେ ଏହା ହେଉଛି ଏକ ଉଡ଼ନ୍ତା ହୋଟେଲ । ଯାହାର ବିଶେଷତ୍ୱ ହେଉଛି ଏହା ପରମାଣୁ ଶକ୍ତିରେ ପରିଚାଳିତ ହେବ । ଫଳରେ ଏହା ସର୍ବଦା ପବନରେ ଉଡ଼ିବ ଏବଂ ଇନ୍ଧନର ଆବଶ୍ୟକତା ନାହିଁ । ଏହା ଲୋକଙ୍କୁ ଆକାଶରେ ଉଡ଼ିବା ସହ ବାଦଲରେ ରହିବାର ଏକ ରୋମାଞ୍ଚକର ଅନୁଭୂତି ପ୍ରଦାନ କରିବ । ସେହିପରି ଏଥିରେ ଏକକାଳୀନ ପାଞ୍ଚ ହଜାର ଯାତ୍ରୀ ଯାତ୍ରା କରିପାରିବେ । ତେବେ ଲୋକଙ୍କୁ ଯେଭଳି କୌଣସି ଅସୁବିଧା ନ ହେବ, ସେନେଇ ମଧ୍ୟ ସମସ୍ତ ବ୍ୟବସ୍ଥା କରାଯାଇଛି । ଏହାର ଭିତର ପଞ୍ଚ ତାରକା ହୋଟେଲ ସଦୃଶ । ଜିମ୍‌ଠୁ ଆରମ୍ଭ କରି ସପିଂ ମଲ୍, ବାର୍, ରେଷ୍ଟୋରାଁ, ସିନେମା ହଲ୍ ସହ ପିଲାଙ୍କ ଖେଳିବା ପାଇଁ ଗ୍ରାଉଣ୍ଡ ଏବଂ ସୁଇମିଂ ପୁଲ୍ ଭଳି ଅନ୍ୟାନ୍ୟ ସୁବିଧା ଏଥିରେ ରହିଛି । ଏପରିକି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଏହା ଭିତରେ କନ୍‌ଫରେନ୍ସ ସେଣ୍ଟରର ବି ବ୍ୟବସ୍ଥା କରାଯିବ । ସ୍କାଏ କ୍ରୁଜ୍‌ର ଏଭଳି ସୁବିଧା ସୁଯୋଗ ପାଇଁ ଏହାକୁ ବିଳାସର ପ୍ରତୀକ ବୋଲି ବି କୁହାଯାଉଛି । ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ ଏହାର ଏକ ଫଟୋ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି ।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ବେଶ୍ ହସଖୁସିରେ ବିତିବ । ଅଚାନକ ଖୁସି ଖବର ପାଇବେ । ସାଂସାରିକ ସୁଖସମୃଦ୍ଧି ପ୍ରାପ୍ତି ହେବ । ପ୍ରଶାସନିକ କାର୍ଯ୍ୟରେ ସକ୍ରିୟ ରହିବେ । ବ୍ୟବସାୟକୁ ବୃଦ୍ଧି କରିବା ନିମନ୍ତେ ନୂତନ ରାସ୍ତା ପାଇବେ ।

**ବୃଷ:** ପାରିବାରିକ ସମସ୍ୟାର ସମାଧାନ ଘଟିବ । କର୍ମକ୍ଷେତ୍ରରେ ସମ୍ମାନପ୍ରାପ୍ତି ସହ ପଦୋନ୍ନତିର ଯୋଗ ରହିଛି । ପରିବାର ପାଇଁ ମହିଳାମାନେ ନିଷ୍ଠାପର ରହିବେ । ବ୍ୟବସାୟରେ ସଫଳତା ମିଳିବ । ଜମିକ୍ରୟ ଯୋଗ ରହିଛି ।

**ମିଥୁନ:** ପରିବାରବର୍ଗଙ୍କ ସହ ଅଧିକ ସମୟ କଟାଇବେ । କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ନିନ୍ଦା ପାଇପାରନ୍ତି । ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି । ବ୍ୟବସାୟରେ କ୍ଷତି ହୋଇପାରେ ।

**କର୍କଟ:** ଆଜି ଦିନରେ ଧୈର୍ଯ୍ୟର ସହ କାର୍ଯ୍ୟ କରନ୍ତୁ । କିଛି ଅଘଟଣ ଘଟିଯିବାର ଭୟ ଲାଗି ରହିବ । ମାନସିକ ଅଶାନ୍ତିରେ ରହି ନିଷ୍ପତ୍ତି ନିଅନ୍ତୁ ନାହିଁ । ଗୁରୁଜନଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରନ୍ତୁ ।

**ସିଂହ:** ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ । ମହିଳାମାନେ ଭାବନା ଉପରେ ନିୟନ୍ତ୍ରଣ ରକ୍ଷା କରନ୍ତୁ । କର୍ମକ୍ଷେତ୍ରରେ ଲୋକପ୍ରିୟତା ବୃଦ୍ଧିପାଇବ । ପ୍ରେମ ଓ ଦାମ୍ପତ୍ୟ ଜୀବନର ନୂତନ ପରିବର୍ତ୍ତନ ଦେଖାଦେବ ।

**କନ୍ୟା:** ପରିବାର ସହ ଥାଇ ମଧ୍ୟ ଏକୁଟିଆପଣ ଅନୁଭବ ହେବ । ମାନସିକ ଅଶାନ୍ତିରେ ରହିବେ । ସାଙ୍ଗସାଥୀଙ୍କ ସହ କିଛିକ୍ଷଣ ଭଲରେ କଟିବ । ଆର୍ଥିକ ଉନ୍ନତି ପାଇଁ ପ୍ରୟାସ କରିବେ । ଅଜଣାବ୍ୟକ୍ତିଙ୍କ ସହଯୋଗ ପାଇବେ ।

**ତୁଳା:** ସମସ୍ୟାର ସମାଧାନ ପାଇଁ ବାଟ ଖୋଜି ପାଇବେ । ଆର୍ଥିକ ସମସ୍ୟା ଦେଖାଦେଇପାରେ । ବନ୍ଧୁବାନ୍ଧବ ସହଯୋଗର ହାତ ବଢ଼ାଇବେ । ବରିଷ୍ଠ ଅଧିକାରୀଙ୍କ ସହ ମିଳାମିଶା ବଢ଼ିବ ।

**ବିଛା:** ପରିବାର ସହ ଦିନଟି ଭଲରେ କଟିବ । କର୍ମକ୍ଷେତ୍ରରେ କାର୍ଯ୍ୟଭାର ବୃଦ୍ଧି ପାଇବ । ବ୍ୟୟବହୁଳତା କାରଣରୁ ଅଭାବ ଦେଖାଦେବ । ଛାତ୍ରଛାତ୍ରୀ ଲେଖାପଢ଼ାରେ ମନୋନିବେଶ କରିବେ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ ।

**ଧନୁ:** ଆୟର ନୂତନ ପଥ ଉନ୍ମୁକ୍ତ ହେବ । ପରିବାର ସଦସ୍ୟଙ୍କୁ ନେଇ ଚିନ୍ତିତ ରହିବେ । କର୍ମକ୍ଷେତ୍ରରେ ଏକାଗ୍ରତା ସହ କାର୍ଯ୍ୟ କରି ସଫଳ ହେବେ । କୋର୍ଟ କଚେରୀ ମାମଲାରେ ପଡ଼ିଯାଇ ପାରନ୍ତି ।

**ମକର:** ଯୋଜନା ଅନୁସାରେ କାର୍ଯ୍ୟ କରି ନପାରି ଅବସାଦରେ ରହିବେ । ବନ୍ଧୁବାନ୍ଧବଙ୍କ ସହ ସମ୍ପର୍କରେ ସୁଧାର ଆସିବ । ସଫଳତା ମିଳିବ । ଦୀର୍ଘ ଦିନରୁ ଆଶା କରିଥିବା ଦିଗରୁ ଖୁସି ଖବର ପାଇବେ ।

**କୁମ୍ଭ:** ବ୍ୟସ୍ତ ବିବ୍ରତ ଭିତରେ ଆଗେଇ ଚାଲିବେ । ହଠାତ୍ ଦୂରଯାତ୍ରା କରିପାରନ୍ତି । ସହକର୍ମୀଙ୍କ ସଂପୂର୍ଣ୍ଣ ସହଯୋଗ ମିଳିବ । ବ୍ୟବସାୟରେ ସାଧାରଣ ଫଳ ମିଳିବ । ଛାତ୍ରଛାତ୍ରୀ ଲେଖାପଢ଼ାରେ ମନ ଦେବେ ।

**ମୀନ:** ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବେ । ବିଦେଶରୁ ବିବାହ ପ୍ରସ୍ତାବ ଆସିପାରେ । ବରିଷ୍ଠ ଅଧିକାରୀଙ୍କ ସହଯୋଗ ପାଇ ଆଗେଇ ଯିବେ । ବ୍ୟବସାୟରେ ଉନ୍ନତି ହୋଇପାରେ । ଆର୍ଥିକ ଅନଟନ ଦୂର ହେବ ।

# ଅଖାରେ ଟ୍ରେଣ୍ଡି ଜ୍ୟାକେଟ୍



ପ୍ରଦୂଷଣକୁ ରୋକିବା ପାଇଁ ଲୋକମାନେ ଏବେ ପରିବେଶ ଅନୁକୂଳ ଜିନିଷ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି । ସେଥିପାଇଁ ସେମାନେ ଅଦରକାରୀ ଜିନିଷର ପୁନଃବିନିଯୋଗ ଉପରେ ଅଗ୍ରାଧିକାର ଦେଉଛନ୍ତି । ସେହିପରି ପରିବେଶକୁ ଦୃଷ୍ଟିରେ ରଖି ଫାଷ୍ଟ୍ ଫେଶନ ଉପରେ ଏବେ ଗୁରୁତ୍ୱ ଦିଆଯାଉଛି । ଏଣୁ ପୋଷାକ ତିଆରି ପାଇଁ ଅନେକ ଡିଜାଇନ୍‌ର ସଷ୍ଟେନବୁଲ୍ ଜିନିଷକୁ ଉପଯୋଗ କରୁଛନ୍ତି । ଏହି କ୍ରମରେ ନ୍ୟୁୟର୍କର କ୍ରୀଶ ମେନା ଅଦରକାରୀ ଜିନିଷରେ ଭିନ୍ନ ଏକ ଜ୍ୟାକେଟ୍ ତିଆରି କରି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି । କ୍ରୀଶଙ୍କର 'ମିନା' ନାଁରେ ଏକ ଫେଶନ ବ୍ରାଣ୍ଡ ରହିଛି । ଏବେ ସେ ଅଦରକାରୀ ଝୋଟ ଅଖାରୁ ଟ୍ରେଣ୍ଡି ଜ୍ୟାକେଟ୍ ତିଆରି କରି ଚର୍ଚ୍ଚାରେ ଅଛନ୍ତି । ସେହିପରି ଅଖାରୁ ଜ୍ୟାକେଟ୍ ପ୍ରସ୍ତୁତିର ଏକ ଭିଡିଓକୁ ସେ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି । ଯେଉଁଥିରେ ଜ୍ୟାକେଟ୍ ତିଆରିର ବିଭିନ୍ନ ସୋପାନ ଦେଖିବାକୁ ମିଳିଛି । କ୍ରୀଶ ଜ୍ୟାକେଟ୍ ପାଇଁ ଡିଗିହିଟ୍ ମେସିନ୍‌କୁ ଉପଯୋଗ କରିଥିବା ବେଳେ ଲେଦର ଷ୍ଟ୍ରାପ୍‌କୁ ମଧ୍ୟ ସେ ଏଥିରେ ବ୍ୟବହାର କରିଛନ୍ତି । ଜ୍ୟାକେଟ୍‌ରେ ସେ ରିସାଇକଲ ଲେଦର୍‌କୁ ବ୍ୟବହାର କରିଥିବା କହିଛନ୍ତି । ଯାହାକୁ କ୍ରୀଶ ସହରର ବିଭିନ୍ନ ଦୋକାନ ତଥା କାରଖାନାରୁ ସଂଗ୍ରହ କରିଛନ୍ତି । ଏହି ଜ୍ୟାକେଟ୍‌କୁ ନିତିଦିନିଆ ପୋଷାକ ଭାବେ ପିନ୍ଧିବା ଉଦ୍ଦେଶ୍ୟରେ ସେ ତିଆରି କରିଥିବା କହିଛନ୍ତି । ଅନ୍ୟପକ୍ଷରେ ସେ ଏହି ଜ୍ୟାକେଟ୍‌କୁ ତାଙ୍କ ୱେବ୍‌ସାଇଟ୍‌ରେ ଦୁଇ ଲକ୍ଷ ଟଙ୍କାରେ ବିକ୍ରି କରିବେ ବୋଲି କହିଛନ୍ତି ।

# ଆଧ୍ୟାତ୍ମିକ, ଜ୍ୟୋତିଷ ଓ ବାସ୍ତୁଶାସ୍ତ୍ରରେ ବେଲପତ୍ରର ମହତ୍ତ୍ୱ



ହିନ୍ଦୁଧର୍ମରେ ଏମିତି ଅନେକ ବୃକ୍ଷଲତା ଅଛି, ଯେଉଁଥିରେ ଦେବଦେବୀ ବାସ କରିଥାନ୍ତି ବୋଲି ବିଶ୍ୱାସ କରାଯାଏ । ସେସବୁ ମଧ୍ୟରେ ବେଲଗଛ ଅନ୍ୟତମ । ଦେବ ଦେବ ମହାଦେବଙ୍କ ପ୍ରିୟ ବେଲପତ୍ରର ମହତ୍ତ୍ୱ ଜ୍ୟୋତିଷ ଶାସ୍ତ୍ର, ବାସ୍ତୁଶାସ୍ତ୍ର ସହିତ ଆୟୁର୍ବେଦରେ ମଧ୍ୟ ରହିଛି । ତେବେ ବେଲଗଛ ଲଗାଇବା ପାଇଁ ଏକ ନିର୍ଦ୍ଦିଷ୍ଟ ଦିଗ ଅଛି । କାରଣ ଦିଗ ଅନୁସାରେ ଏହାକୁ ଲଗାଇବା ଦ୍ୱାରା ଅନେକ ବାସ୍ତୁଦୋଷ ଦୂର ହୋଇଥାଏ । ବେଲପତ୍ର ବିନା ମହାଦେବଙ୍କ ପୂଜା ଅସମ୍ପୂର୍ଣ୍ଣ ବୋଲି କୁହାଯାଏ । ସୋମବାର ଦିନ ଶିବଙ୍କୁ ବେଲପତ୍ର ଅର୍ପଣ କରିବା ଦ୍ୱାରା ମହାଦେବ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି ଏବଂ ଭକ୍ତଙ୍କ ସବୁ ମନସ୍କାମନା ପୂରଣ ହୋଇଥାଏ ବୋଲି କୁହାଯାଏ । ଶିବପୁରାଣରେ କୁହାଯାଇଛି ଯେ, ଯେଉଁ ଘରେ ବେଲଗଛ ଅଛି, ତାହା କୌଣସି ତୀର୍ଥସ୍ଥଳଠାରୁ କମ୍ ନୁହେଁ । ଜ୍ୟୋତିଷଶାସ୍ତ୍ର ଅନୁସାରେ, ବେଲପତ୍ରକୁ କେବେ ମଧ୍ୟ ବାସି ବୋଲି କୁହାଯାଏ ନାହିଁ । ଶିବଙ୍କୁ ବେଲପତ୍ର ଅର୍ପଣ କରିବା ଦ୍ୱାରା କୋଟି କନ୍ୟାଦାନର ପୁଣ୍ୟ ମିଳିଥାଏ । ଦରିଦ୍ରତା ଦୂର ହେବା ସହ ମା' ଲକ୍ଷ୍ମୀଙ୍କର କୃପା ମଧ୍ୟ ପ୍ରାପ୍ତ ହୁଏ । ଟଙ୍କା ରଖାଯାଉଥିବା ସ୍ଥାନରେ ବେଲପତ୍ର ରଖିବା ଲାଭଦାୟକ । ଏହାଦ୍ୱାରା ଘରେ ଖୁସି ଓ ସୁଖସମୃଦ୍ଧିର ଆଗମନ ହୋଇଥାଏ । ବାସ୍ତୁ ଅନୁସାରେ, ଧନ ବୃଦ୍ଧି ପାଇଁ ଘରର ଉତ୍ତର-ଦକ୍ଷିଣ ଦିଗରେ ବେଲଗଛ ଲଗାଇବା ଆବଶ୍ୟକ । ଘରେ ବେଲଗଛ ଲଗାଇବା ଦ୍ୱାରା ପରିବାର ସଦସ୍ୟଙ୍କର ପାପକ୍ଷୟ ହୋଇଥାଏ । ଜ୍ୟୋତିଷ ଶାସ୍ତ୍ରରେ କୁହାଯାଇଛି ଯେ, ଘରର ଉତ୍ତର–ପଶ୍ଚିମ ଦିଗରେ ବେଲଗଛ ଲଗାଇବା ଦ୍ୱାରା ଘରର ସଦସ୍ୟମାନେ ଶକ୍ତିବାନ ଓ ବୁଦ୍ଧିସମ୍ପନ୍ନ ହୋଇଥାନ୍ତି । ବାସ୍ତୁ ଅନୁସାରେ ଘରେ ବେଲଗଛ ଥିଲେ, କୌଣସି ନକାରାତ୍ମକ ଶକ୍ତି ଘର ଭିତରକୁ ପ୍ରବେଶ କରିନଥାଏ ଏବଂ ସକାରାତ୍ମକ ଶକ୍ତିର ସଞ୍ଚାର ହୁଏ । ଜ୍ୟୋତିଷଶାସ୍ତ୍ର ଅନୁସାରେ, ଘରେ ବେଲ ଗଛ ଲଗାଇବା ଦ୍ୱାରା ଚନ୍ଦ୍ରଦୋଷ ଦୂର ହୋଇଥାଏ । ଏହା ସହିତ ଜାତକରେ ଥିବା ଅନ୍ୟ ଦୋଷ ମଧ୍ୟ ଦୂର ହୁଏ । ଚତୁର୍ଥୀ, ଅଷ୍ଟମୀ, ନବମୀ, ଚତୁର୍ଦ୍ଦଶୀ, ଓ ଅମାବାସ୍ୟା, ସଂକ୍ରାନ୍ତି ତିଥି ଏବଂ ସୋମବାର ଦିନ ବେଲପତ୍ର ତୋଳିବା ଉଚିତ ନୁହେଁ । ଗୋଟିଏ ଶାଖାରେ ଥିବା ତିନୋଟି ପତ୍ରକୁ ଭିନ୍ନ ଭିନ୍ନ କରି ତୋଳନ୍ତୁ ନାହିଁ । ତ୍ରିଶାଖା ବେଲପତ୍ର ଶିବଲିଙ୍ଗ ଉପରେ ଅର୍ପଣ କରନ୍ତୁ ।

# ୪ ଶହ ବର୍ଷ ପୁରୁଣା ମୂର୍ତ୍ତିରେ କ୍ୟୁଆର୍ କୋଡ୍!



ପ୍ରାଚୀନ ମାୟା ସଭ୍ୟତା ମାନବ ଇତିହାସର ଅନ୍ୟତମ ଆକର୍ଷଣୀୟ ତଥା ଚିତ୍ତାକର୍ଷକ ସଂସ୍କୃତି ଭିତରୁ ଅନ୍ୟତମ । ତେବେ ମେକ୍ସିକୋର ଏକ ଗୁରୁତ୍ୱପୂର୍ଣ୍ଣ ସଭ୍ୟତା ଥିଲା ମାୟା । ଏବେ କିନ୍ତୁ ଏଭଳି କିଛି ତଥ୍ୟ ସାମ୍ନାକୁ ଆସିଛି, ଯେଉଁଥିପାଇଁ କୁହାଯାଉଛି ସେସମୟରେ ଏହି ସଭ୍ୟତାର ଲୋକମାନେ ଟେକ୍ନୋଲଜି କ୍ଷେତ୍ରରେ ମଧ୍ୟ ବେଶ୍ ଆଗରେ ଥିଲେ । ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କୁ ଏକ ୪ ଶହ ବର୍ଷ ପୁରୁଣା ମୂର୍ତ୍ତି ମିଳିଛି । ଯାହାକି ସାଧାରଣ ମୂର୍ତ୍ତିଠାରୁ ସମ୍ପୂର୍ଣ୍ଣ ଭିନ୍ନ ଏବଂ ଅଜବ ପ୍ରକାରର । ଏହି ମୂର୍ତ୍ତିକୁ ମାୟା ସଭ୍ୟତାର ଲୋକେ ତିଆରି କରିଥିବା କଥା କୁହାଯାଉଛି । ତେବେ ମୂର୍ତ୍ତିର ସବୁଠୁ ଅବିଶ୍ୱସନୀୟ ଓ ଅଜବ କଥାଟି ହେଉଛି, ଏଥିରେ କ୍ୟୁଆର୍ କୋଡ୍ ଖୋଦିତ ହୋଇଛି । ସେହିପରି ଏହି କ୍ୟୁଆର୍ କୋଡ୍ ଦେଖିବାକୁ ଅବିକଳ ଏବେ ୟୁପିଆଇ ପେମେଣ୍ଟ ପାଇଁ ଉପଯୋଗ କରାଯାଉଥିବା କ୍ୟୁଆର୍ କୋଡ୍ ସଦୃଶ । ଏହି ମୂର୍ତ୍ତିର ହାତ, ଗୋଡ଼ ଥିବାବେଳେ ଏହାର ମୁଣ୍ଡପାଖରେ କ୍ୟୁଆର୍ କୋଡ୍ ଖୋଦିତ ହୋଇଛି । ତେବେ ଏହାକୁ ଦେଖି ଅନୁମାନ କରାଯାଉଛି, ହୋଇପାରେ ମାୟା ସଭ୍ୟତାରେ ଏହାକୁ କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ବ୍ୟବହାର କରାଯାଇଥିବ । ଅନ୍ୟପଟେ ୪୦୦ ବର୍ଷ ପୁରୁଣା ସଭ୍ୟତାର ଲୋକେ ଏଭଳି ଅତ୍ୟାଧୁନିକ ଡିଜିଟାଲ ବ୍ୟବସ୍ଥାକୁ ଉପଯୋଗ କରୁଥିବା କଥା ନେଇ ଲୋକଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ଆରମ୍ଭ ହେଲା 'ହର ସ୍ପୋର୍ଟ୍ସ କି ଚାମ୍ପିଅନ' କାର୍ଯ୍ୟକ୍ରମ




ଭୁବନେଶ୍ୱର, ୧୧।୧୨(ଏଜେନ୍ସି): ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଓ 'ଆସପାୟାର ଫର ହର' ସଂସ୍ଥା ମହିଳା ଆଥଲେଟଙ୍କୁ ସଶକ୍ତ କରିବା ପାଇଁ ମିଳିତ ଭାବେ ଏକ ନୂଆ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି ନୂଆ କାର୍ଯ୍ୟକ୍ରମର ନାମ ହେଉଛି 'ହର ସ୍ପୋର୍ଟ୍ସ କି ଚାମ୍ପିଅନ'। କ୍ରୀଡ଼ା ଓ କ୍ରୀଡ଼ା ଜୀବନ ଅତିବାହିତ ହେବା ପରେ ଅର୍ଥାତ ଅବସର ନେବା ପରେ କିପରି ମହିଳା କ୍ରୀଡ଼ାବିତ୍‌ମାନଙ୍କୁ ସଶକ୍ତ କରିହେବ ସେ ନେଇ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗଠନମୂଳକ କାର୍ଯ୍ୟ କରିବାକୁ ପ୍ରୟାସ କରାଯିବ ବୋଲି କୁହାଯାଇଛି। ଏହି ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମର ଆରମ୍ଭ ଅବସରରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡ଼ା ସଚିବ ଆର ଭିନିଲ କ୍ରିଷ୍ଣା ଓ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, 'ଆସପାୟାର ଫର ହର'ର ପ୍ରତିଷ୍ଠାତା ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ମଧୁରା ଦାସଗୁପ୍ତା ସିହ୍ନା ଓ ଏହି ସ୍ୱତନ୍ତ୍ର ପ୍ରକଳ୍ପର ନେତୃତ୍ୱ ନେଉଥିବା ରିକା ରଏ ଉପସ୍ଥିତ ଥିଲେ। ବଲିଉଡ ଅଭିନେତା ତଥା ଭାରତୀୟ ରଗବୀ ଫୁଟବଲ ୟୁନିୟନର ସଭାପତି ରାହୁଲ ବୋଷ ଏହି କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିଲେ।

କ୍ରୀଡ଼ା ସହ ଜଡିତ ଥିବା ବେଳେ ଓ ଅବସର ନେବା ପରେ ମହିଳା କ୍ରୀଡ଼ାବିତ୍‌ମାନେ ବିଭିନ୍ନ ଆର୍ଥିକ ସମସ୍ୟା ଓ ଅନ୍ୟାନ୍ୟ ଚ୍ୟାଲେଞ୍ଜ ଦେଇ ଗତି କରିଥାନ୍ତି। ମହିଳା ଖେଳାଳିମାନଙ୍କର ପେସାଦାର ଯାତ୍ରାରେ ଏହି କାର୍ଯ୍ୟକ୍ରମ ବେଶ୍ ସହାୟ ହେବ। ଏହି କାର୍ଯ୍ୟକ୍ରମ ୩-ଇ ଟ୍ରାକ ବା

## ମହିଳା କ୍ରୀଡ଼ାବିତ୍ ସଶକ୍ତିକରଣ

ପଥ ଉପରେ ପର୍ଯ୍ୟବସିତ ହେବ। ଏହି ୩ଟି ଟ୍ରାକ ହେଲା ଶିକ୍ଷା, ରୋଜଗାର ଓ ଉଦ୍ଧମିତା ବା ଔଦ୍ୟଗିକତା। ଓଡ଼ିଶା ପ୍ରଥମେ ଏହି କାର୍ଯ୍ୟକ୍ରମକୁ ଅପଣାଇଛି ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି। କ୍ରୀଡ଼ା ବିକାଶ ପାଇଁ ରାଜ୍ୟ ସରକାର ତାଙ୍କ ପ୍ରୟାସ ଜାରି ରଖିଥିବା ବେଳେ ଏହି କାର୍ଯ୍ୟକମ ଏହି ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ସେ କହିଛନ୍ତି। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି, ଭିନିଲ କ୍ରିଷ୍ଣା ଓ ରାହୁଲ ବୋଷ ୩ଜଣ ବାଳିକା ଉର୍ବଶୀ ମଲିକ, ପୂଜା ବେହେରା ଓ ରଞ୍ଜିତା ପିନଗୁଆଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମହିଳା ଆଥଲେଟଙ୍କୁ କିପରି ଆର୍ଥିକ, ଶିକ୍ଷାଗତ ଓ ଔଦ୍ୟଗିକ ଭାବେ ବିକଶିତ କରି ହେବ ସେ ଲକ୍ଷ୍ୟ ନେଇ ଆମେ କାର୍ଯ୍ୟ କରିବୁ ବୋଲି ରିକା ରଏ ଏହି ଅବସରରେ କହିଥିଲେ। ଏହି କାର୍ଯ୍ୟକ୍ରମର ସଫଳତା ନେଇ କ୍ରୀଡ଼ା ବିଭାଗ ବେଶ୍ ଆଶାବାଦୀ ରହିଛି।

● ଖେଲୋ ଇଣ୍ଡିଆ ପାରା କ୍ରୀଡ଼ା

## ଜୟନ୍ତୀ, ପଙ୍କଜଙ୍କୁ ସ୍ୱର୍ଣ୍ଣ





ଭୁବନେଶ୍ୱର, ୧୧।୧୨ (ସମିସ): ନୂଆଦିଲ୍ଲୀରେ ଚାଲିଥିବା ଖେଲୋ ଇଣ୍ଡିଆ ପାରା କ୍ରୀଡ଼ାର ପ୍ରଥମ ସଂସ୍କରଣରେ ଓଡ଼ିଆ ଖେଳାଳିଙ୍କୁ ସୋମବାର ୩ ପଦକ ସଫଳତା ମିଳିଛି। ମହିଳା ଟି୪୭ ବିଭାଗର ୧୦୦ ମିଟର ରେସ୍‌ରେ ଜୟନ୍ତୀ ବେହେରା ସ୍ୱର୍ଣ୍ଣପଦକ ଜିତିଛନ୍ତି। ସେ ୧୩.୪୦ ସେକେଣ୍ଡରେ ରେସ୍ ଶେଷ କରିଥିଲେ। ସେହିଭଳି ପୁରୁଷ ଟି୧୩ ବିଭାଗର ୧୦୦ ମିଟର ଦୌଡ଼ରେ ଓଡ଼ିଶାର ଧାବକ ୨ଟି ପଦକ ହାସଲ କରିଛନ୍ତି। ପଙ୍କଜ ଭୁଏ ସ୍ୱର୍ଣ୍ଣ ଓ ମଙ୍ଗତ ହେମ୍ବ୍ରମ କାଂସ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

● କୁଚ୍ ବିହାର ଟ୍ରଫି

## ଶ୍ରେୟାଂଶଙ୍କ ଦ୍ୱିଶତକ; ମ୍ୟାଚ୍ ଅମୀମାଂସିତ

ବରଗଡ଼/କଟକ, ୧୧।୧୨(ସମିସ): ୧୯ ବର୍ଷରୁ କମ୍ ବାଳକ କୁଚ୍ ବିହାର ଟ୍ରଫିରେ ଓଡ଼ିଶା ଏବଂ ହାଇଦ୍ରାବାଦ ମଧ୍ୟରେ ଚାଲିଥିବା ମ୍ୟାଚ୍ ଅମୀମାଂସିତ ରହିଛି। ବରଗଡ଼ର ବିକାଶ ଗ୍ରାଉଣ୍ଡରେ ଖେଳାଯାଉଥିବା ଏହି ମ୍ୟାଚରେ ହାଇଦ୍ରାବାଦ୍ ପ୍ରଥମ ପାଳିରେ ୭ ୱିକେଟ୍‌ରେ ୫୦୩ ରନ କରିଥିଲା। ଜବାବରେ ଓଡ଼ିଶା ପ୍ରଥମ ପାଳିରେ ସମସ୍ତ ୱିକେଟ ହରାଇ ୪୮୧ ରନ କରିବାକୁ ସମର୍ଥ ହୋଇଥିଲା। ଶ୍ରେୟାଂଶ ଭରଦ୍ୱାଜ ଦ୍ୱିଶତକୀୟ ପାଳି ଖେଳି ଦଳକୁ ବ୍ୟାଟିଂ ବିପର୍ଯ୍ୟୟରୁ ରକ୍ଷା କରିଥିଲେ। ଓଡ଼ିଶା ରବିବାର ମ୍ୟାଚ୍‌ର ୩ୟ ଦିବସ ଖେଳ ଶେଷ ସୁଦ୍ଧା ୪ ୱିକେଟ ବିନିମୟରେ ୧୮୯ ରନ କରିଥିଲା। ଶ୍ରେୟାଂଶ ୧୩୩ ରନରେ ଅପରାଜିତ ଥିଲେ। ନିମ୍ନମଧ୍ୟକ୍ରମର ବ୍ୟାଟରଙ୍କ ସହ ମିଶି ଶ୍ରେୟାଂଶ ଦଳୀୟ ସ୍କୋରକୁ ୩୦୦ ପାର୍ କରାଇଥିଲେ। ସେ ୩୯୧ ବଲରୁ ୨୬ଟି ଚୌକା ଏବଂ ୧୧ ଛକା ବଳରେ ୨୫୬ ରନର ଚିତ୍ତାକର୍ଷକ ପାଳି ଖେଳି ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବିତ ବେଜ ୭୯ ଏବଂ ମହମ୍ମଦ ସୋହେଲ ଖାନ ୫୪ ରନର ଗୁରୁତ୍ୱପୂର୍ଣ୍ଣ ପାଳି ଖେଳିଥିଲେ। ହାଇଦ୍ରାବାଦର ପ୍ରଣବ ବର୍ମା ସର୍ବାଧିକ ୪ଟି ୱିକେଟ ଦଖଲ କରିଥିଲେ।


ସମ୍ବିତ ବେଜ

ଏହି ଫଳାଫଳ ସହିତ ୪ଟି ମ୍ୟାଚ୍ ଖେଳି ସାରିଥିବା ଓଡ଼ିଶା ୧୦ ପଏଣ୍ଟ ପାଇ ଏଲିଟ ଗ୍ରୁପ-ଇ ଟେବଲର ୩ୟ ସ୍ଥାନରେ ରହିଛି। ୧୫ ତାରିଖରୁ ଦଳ ଛତିଶଗଡ଼ ବିପକ୍ଷରେ ଅନ୍ତିମ ଲିଗ୍ ମ୍ୟାଚ୍ ଖେଳିବ। ପରବର୍ତ୍ତୀ ପର୍ଯ୍ୟାୟକୁ ପ୍ରବେଶ କରିବାକୁ ହେଲେ ଛତିଶଗଡ଼ ବିପକ୍ଷରେ ଓଡ଼ିଶାକୁ ବିଜୟ ପଏଣ୍ଟ ହାତେଇବାକୁ ହେବ।

● ୨୩ ବର୍ଷରୁ କମ୍ ମହିଳା ଟି-୨୦

## ୯ ୱିକେଟରେ ଜିତିଲା ଓଡ଼ିଶା

କଟକ, ୧୧।୧୨(ସମିସ): ୨୩ ବର୍ଷରୁ କମ୍ ଜାତୀୟ ମହିଳା ଟି-୨୦ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ୯ ୱିକେଟରେ ଅରୁଣାଚଳ ପ୍ରଦେଶକୁ ହରାଇଛି। କୋଲକାତା ସଲ୍ଟ ଲେକ ସ୍ଥିତ ୨୨ୟାର୍ଡ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଅରୁଣାଚଳ ପ୍ରଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ଦଳ ୬ ୱିକେଟ ବିନିମୟରେ ୬୭ ରନ ସଂଗ୍ରହ କରିଥିଲା। ଅରୁଣାଚଳ ପ୍ରଦେଶର ସର୍ଦ୍ଧମ ୨୦ ରନ କରିଥିଲେ। ଓଡ଼ିଶା ପକ୍ଷରୁ ଭବାନୀ ଧଡା ୩ ଏବଂ ସାରଦା ମହାନନ୍ଦ ଗୋଟିଏ ୱିକେଟ ହାସଲ କରିଥିଲେ। ଜବାବରେ ୧୦.୧ ଓଭରରେ ଗୋଟିଏ ୱିକେଟ ହରାଇ ଓଡ଼ିଶା ବିଜୟୀ ହୋଇଥିଲା। ଓପନର ପୂଜାରାଣୀ ଦାସ ଅପରାଜିତ ୨୯ ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ।

● ହାଡ଼ିବନ୍ଧୁ-ସତ୍ୟବାଦୀ ସ୍ମାରକୀ କ୍ରିକେଟ

## ଆଷ୍ଟ୍ରୋ ଓ ୱାରିୟର୍ସ ଏକାଦଶ କ୍ୱାର୍ଟରରେ

ଭୁବନେଶ୍ୱର, ୧୧।୧୨ (ସମିସ): ସ୍ଥାନୀୟ କପିଳପ୍ରସାଦ ସୁନ୍ଦରପଦା ଖେଳ ପଡ଼ିଆଠାରେ ଚାଲିଥିବା ପଞ୍ଚଦଶ ହାଡ଼ିବନ୍ଧୁ-ସତ୍ୟବାଦୀ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସୋମବାର ଅନ୍ତିମ ଦୁଇଟି ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜୟୀ ହୋଇ ଆଷ୍ଟ୍ରୋ ଓ ୱାରିୟର୍ସ ଏକାଦଶ କ୍ୱାର୍ଟରକୁ ଉଠିଛନ୍ତି। ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରୋ-୧୧ ଓ କମାଣ୍ଡୋ-୧୧ ପରସ୍ପରକୁ ଭେଟିଥିଲେ। କମାଣ୍ଡୋ ନିର୍ଦ୍ଧାରିତ ୧୬ ଓଭରରେ ୧୬୭ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଅନିଲ ସେନାପତି ସର୍ବାଧିକ ୬୩ ରନ ସଂଗ୍ରହ କରିଥିଲେ। କମାଣ୍ଡୋର ବଣ୍ଟି ପଟେଲ ୫ ୱିକେଟ ନେଇଥିଲେ। ଜବାବରେ ଅଷ୍ଟ୍ରୋ ବଣ୍ଟି ପଟେଲଙ୍କ ୪୨ ରନ ସତ୍ତ୍ୱେ ୧୪୨ ରନରେ ସୀମିତ ରହିଥିଲା। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ବଣ୍ଟି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।






ଦ୍ୱିତୀୟ ମ୍ୟାଚ୍‌ରେ ୱାରିୟର୍ସ-ଇଲେଭେନ ୭ ୱିକେଟରେ ଏମ୍‌ବିସିସିକୁ ପରାସ୍ତ କରିଥିଲା। ଏମ୍‌ବିସିସି ପ୍ରଥମେ ବ୍ୟାଟିଂ କରି ୧୪୬ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସଚିନ ମୁଖି ସର୍ବାଧିକ ୫୧ ରନ କରିଥିଲେ। ୱାରିୟର୍ସ ମନୋରଞ୍ଜନ ଧଣ୍ଡିଆ ୨ ୱିକେଟ ନେଇଥିଲେ। ଜବାବରେ ମନୋରଞ୍ଜନଙ୍କ ଅପରାଜିତ ୯୨ ରନ ଓ ରଜତ ଜେନାଙ୍କ ଅପରାଜିତ ୩୨ ରନ ବଳରେ ୱାରିୟର୍ସ ୩ ୱିକେଟ ହରାଇ ବିଜୟୀ ହୋଇଥିଲା। ସମାଜସେବୀ ଉପେନ୍ଦ୍ର ପ୍ରଧାନ ଓ ଅଭିମନ୍ୟୁ ମହାପାତ୍ର ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ବିଶ୍ୱଜିତ ଦାଶ, ଅଶିଷ ପଟ୍ଟନାୟକ, ଏକଶ ଚନ୍ଦ୍ର ପ୍ରଧାନ ଓ ଚିତ୍ତରଞ୍ଜନ ମହାପାତ୍ର ଅମ୍ପାୟାର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

### ୫-ଟି ଅଧ୍ୟକ୍ଷଙ୍କୁ ଭେଟିଲେ ବରିଷ୍ଠ କ୍ରୀଡ଼ା ସଂଗଠକ

## ବାରବାଟୀ ଷ୍ଟାଡିୟମର ବିକାଶ ନେଇ ଦାବିପତ୍ର



କଟକ, ୧୧।୧୨(ସମିସ): '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ରାଜ୍ୟର ବରିଷ୍ଠ କ୍ରୀଡ଼ା ସଙ୍ଗଠକମାନେ ସୋମବାର ଭେଟିଛନ୍ତି। ରାଜ୍ୟର ବିଭିନ୍ନ କ୍ରୀଡ଼ା ସଂଘ ଓ ଜିଲ୍ଲା ସଂଘର ପ୍ରତିନିଧିମାନେ ଅଧ୍ୟକ୍ଷଙ୍କୁ ଭେଟି ଓଡ଼ିଶାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ନେଇ ଆଲୋଚନା କରିଥିଲେ। ଏହି ଅବସରରେ କଟକ ବାରବାଟୀ ଷ୍ଟାଡିୟମର ନବୀକରଣ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ରାଜ୍ୟର ଏହି ଏକମାତ୍ର ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମର ବିକାଶ ନେଇ ଏକ ଦାବିପତ୍ର ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ କ୍ରୀଡ଼ା ସଙ୍ଗଠକମାନେ ଶ୍ରୀଜଗନ୍ନାଥଙ୍କ ଏକ ପ୍ରତିକୃତି ଉପହାର ସ୍ୱରୂପ ତାଙ୍କୁ ଦେଇଥିଲେ। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ)ର ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ ସଂଘ ସଭାପତି ଜଗମୋହନ ପଟ୍ଟନାୟକ, ଓଡ଼ିଶା କ୍ରିକେଟ ଆସୋସିଏସନ ସମ୍ପାଦକ ସଞ୍ଜୟ ବେହେରା, ଓଡ଼ିଶା ବକ୍ସିଂ ସଂଘ ସମ୍ପାଦକ ଅଧୀପ ଦାସଙ୍କ ସମେତ ଅନ୍ୟ କ୍ରୀଡ଼ା ସଙ୍ଗଠକମାନେ ଉପସ୍ଥିତ ଥିଲେ।

### ସର୍ବଭାରତୀୟ ସୋହେଲା କପ୍ ଉଦ୍‌ଘାଟିତ

## କୋରବାକୁ ହରାଇ ସେମିରେ ବୋକାରୋ

ସୋହେଲା, ୧୧।୧୨(ସମିସ): ସୋହେଲା ଆଥଲେଟିକ ଆସୋସିଏସନ ଦ୍ୱାରା ଆୟୋଜିତ ସର୍ବଭାରତୀୟ ସୋହେଲା କପ ଫୁଟବଲ ପ୍ରତିଯୋଗିତା ସୋମବାର ଉଦଘାଟିତ ହୋଇଯାଇଛି। ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ମୁଖ୍ୟଅତିଥି ସ୍ଥାନୀୟ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ୍ ସେଲ ଫୁଟବଲ ଏକାଡେମୀ ବୋକାରୋ (ଝାଡ଼ଖଣ୍ଡ) ଏବଂ ଏସିବି କୋରବା (ଛତିଶଗଡ଼) ମଧ୍ୟରେ ଅନୁଷ୍ଠିତ ହୋଇଥିଲା।



ଏଥିରେ ବୋକାରୋ ୫-୨ ଗୋଲରେ କୋରବା ଦଳକୁ ସେମିଫାଇନାଲକୁ ପ୍ରବେଶ କରିଛି। ବୋକାରୋ ଦଳର ଅଙ୍ଗତୁନ୍ ଟେରେନ ମ୍ୟାଚର ପ୍ରଥମ, ସାଲେମ ସ୍ୱାମୀଚନ୍ଦ୍ର ଦ୍ୱିତୀୟ ଏବଂ ଏମ୍‌ଡି ଫୈସଲ ତୃତୀୟ ଗୋଲ ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ବୋକାରୋ ୩-୦ରେ ଅଗ୍ରଣୀ କରିଥିଲେ। ଦ୍ୱିତୀୟାର୍ଦ୍ଧ ଖେଳରେ ବୋକାରୋ ଦଳର ଖେଳାଳି ସାଲେମ ସ୍ୱାମୀଚନ୍ଦ୍ର ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଏଲ୍ ଖୋଙ୍ଗସାଇ ପଞ୍ଚମ ଗୋଲ କରିଥିଲେ। କୋରବା ଦଳର ରାଜୁ ହେମ୍ବ୍ରମ ଏବଂ ଶଙ୍କର ବାହାଦୂର ୨ଟି ଗୋଲ ଶୁଝିଥିଲେ। ବୋକାରୋ ଦଳର ୧୦ନମ୍ବର ଖେଳାଳି ଏଲ୍ ଖୋଙ୍ଗସାଇଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା।

ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ପୂର୍ବତନ ବିଧାୟକ ମହମ୍ମଦ ରଫିକ, ସୋହେଲା ଥାନା ଆଇଆଇସି ପ୍ରଣୟ ମୁର୍ମୁ, ବରଗଡ଼ ଜିଲା କ୍ରୀଡ଼ା ସଂସଦ ଉପ ସଭାପତି ଯୁଗଳ କିଶୋର ସିଂ, ଆୟୋଜକ ସୋହେଲା ଆଥଲେଟିକ ଆସୋସିଏସନ ସଭାପତି ସତ୍ୟ ନାରାୟଣ ଦେବତା, ଟଙ୍କଧର ଝାଙ୍କର, ଗୋବିନ୍ଦ ସାହୁ, ସୁଶାନ୍ତ ମିଶ୍ର ମଞ୍ଚାସୀନ ଥିଲେ। ଆଜିର ମ୍ୟାଚକୁ ଫାଓ ରେଫରୀ ପ୍ରଶାନ୍ତ ବେହେରା ପରିଚାଳନା କରିଥିବା ବେଳେ ଶଶିକାନ୍ତ ଦାସିଆ ଏବଂ ଜିତେନ୍ଦ୍ରୀୟ ଥନାପତି ଲାଇନସ ମ୍ୟାନରେ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଦାୟିତ୍ୱରେ ଲିଙ୍ଗରାଜ ପଧାନ ଓ ସୁରେଶ ଦାସ ମ୍ୟାଚ କମିଶନର ଦାୟିତ୍ୱରେ ରହିଥିଲେ। ମଙ୍ଗଳବାର ରାଉରକେଲା ଏବଂ ବୀରମହାରାଜପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

### ବାବା ମୁକ୍ତେଶ୍ୱର ସର୍ବଭାରତୀୟ କ୍ରିକେଟ

## ଡିଆର୍‌କେକୁ ହରାଇଲା ରାମେଶ୍ୱର

ସୋର, ୧୧।୧୨(ସମିସ): ସୋର ବ୍ଲକ ମହୁମୁହାଣ ଗୋଠଣା ଖେଳ ପଡ଼ିଆରେ ବାବା ମୁକ୍ତେଶ୍ୱର ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗ ମ୍ୟାଚରେ ରାମେଶ୍ୱର ସ୍ପୋର୍ଟିଂ ବିଜୟୀ ହୋଇଛି। ସୋମବାର ଦ୍ୱିତୀୟ ଲିଗ ମ୍ୟାଚ ଡିଆରକେ (ବାରିପଦା) ଏବଂ ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାମେଶ୍ୱର ସ୍ପୋର୍ଟିଂ ଟସ ଜିତି ନିର୍ଦ୍ଧାରିତ ୨୫ ଓଭରରେ ୮ ୱିକେଟ୍ ହରାଇ ୨୮୮ ରନର ବିଶାଳ ସ୍କୋର କରିଥିଲା। ଦଳ ପକ୍ଷରୁ ଦେବାଶିଷ ୪୪ଟି ବଲରୁ ୮୪ ରନ ଓ ଆକ୍ରମ ଖାନ ୨୫ ବଲ୍‌ରୁ ୫୭ ରନ୍ କରିଥିଲେ। ଏହାର ଜବାବ୍‌ରେ ଡିଆରକେ, ୧୮ ଓଭରରେ ୯୮ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା।

ଡିଆରକେ ଦଳର ଦିବ୍ୟରଞ୍ଜନ ଦାସ ୨୧ ବଲରେ ୩୩ ରନ କରିଥିଲେ। ବୋଲିଂରେ ମଧ୍ୟ ଆକ୍ରମ ଖାନ ୨ଟି ୱିକେଟ ହାସଲ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।

ଅପରାହ୍ନରେ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ଦୁର୍ଗା ଷ୍ଟୋନ କ୍ରସରର ପରିଚାଳକ ଅମିତାଭ ଦାସ ଯୋଗଦେଇ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଏହି ମ୍ୟାଚକୁ ଓସିଏ ପ୍ୟାନେଲ ଅମ୍ପାୟାର ପ୍ରତାପ ପାତ୍ର ଏବଂ ଅଶ୍ୱିନୀ ଦାସ ପରିଚାଳନା କରିଥିଲେ। ମୁକ୍ତେଶ୍ୱର କ୍ଲବର ସଦସ୍ୟ ସୁଶାନ୍ତ ସାହୁ, ବିଶ୍ୱରଞ୍ଜନ ପ୍ରଧାନ, ସୁରେନ୍ଦ୍ର ବେହେରା, ଅଗଣି ଜେନା, ରମାକାନ୍ତ ବେହେରା, ହରିଶ୍ଚନ୍ଦ୍ର ଜେନା ପ୍ରମୁଖ ଏହି ମ୍ୟାଚକୁ ପରିଚାଳନାରେ ସହଯୋଗ କରିଥଲେ।



### ନିରାକାରପୁର ସର୍ବଭାରତୀୟ ଫୁଟବଲ୍

## ଫାଇନାଲ୍‌ରେ ପପୁଲାର ଢେଙ୍କାନାଳ

ନିରାକାରପୁର, ୧୧।୧୨(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସଖାସଂଘ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଚାଲିଥିବା ୩୦ତମ ନିରାକାରପୁର ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଦଳ ଭାବେ ଢେଙ୍କାନାଳର ପପୁଲାର କ୍ଲବ ଫାଇନାଲରେ ପ୍ରବେଶ କରିଛି। କ୍ଷେତ୍ରବାସୀ କଲେଜ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ୍‌ରେ ଖଡ଼ଗପୁର ଏମ୍‌ବିସି ଓ ଢେଙ୍କାନାଳ ପପୁଲାର କ୍ଲବ ସାମ୍ନାସାମ୍ନି ହୋଇଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ୍ ଦେଇପାରିନଥିଲେ। ଫଳରେ ଟ୍ରାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ପପୁଲାର କ୍ଲବ ଟାଇବ୍ରେକରରେ ୫-୪ ଗୋଲରେ ଖଡ଼ଗପୁର ଏମ୍‌ବିସିକୁ ହରାଇ ଫାଇନାଲ ଟିକଟ୍ ହାସଲ କରିଛି।



ଆଜିର ଖେଳକୁ ସୁଶାନ୍ତ କୁମାର ମିଶ୍ର, ଅବିନାଶ ପଟ୍ଟନାୟକ, ଏମ୍ ଏସ୍ ବେଗ୍, ହୃଦାନନ୍ଦ ମହତରାୟ ଓ ଅକ୍ଷୟ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ପୂର୍ଣ୍ଣଚନ୍ଦ୍ର ଦାଶ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଥଶର୍ମା, ସମାଜସେବୀ ଲକ୍ଷ୍ମୀଧର ସାମନ୍ତରାୟ, ରଘୁନାଥ ପୁରୀ, ବିଶିଷ୍ଟ କବି ଆର୍ତ୍ତତ୍ରାଣ ସାହୁ, ପ୍ରଶାନ୍ତ କୁମାର ସାହୁ, ସମାଜସେବୀ ନବ କିଶୋର ଭୂଜବଳ, ଫକୀରୁଦ୍ଦିନ ସାହା, ସରପଞ୍ଚ ବିନୋଦିନି ଦାଶ, ଶରତ ବଡ଼ଜେନା, ଜାଫର ଅଲ୍ଲୀ ସାହା ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ସଖାସଂଘ କ୍ରୀଡ଼ା ସଂସଦ ସଭାପତି ବିପିନ କୁମାର ଜୟସିଂହ ସମାରୋହରେ ସଭାପତିତ୍ୱ କରିଥିଲେ। ସଭାକୁ ପ୍ରଶାନ୍ତ କୁମାର ପାଟ୍ଟଶାଣୀ ପରିଚାଳନା କରିଥିଲେ। ମଙ୍ଗଳବାର ୟଙ୍ଗ ଉତ୍କଳ (କଟକ) ସହ ଏସପି ଏମ ଏଫସି (ବିଶାଖାପାଟଣା) ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

## ରାଜ୍ୟ କୁସ୍ତି ପ୍ରତିଯୋଗିତା ଉଦ୍‌ଯାପିତ

କଟକ, ୧୧।୧୨(ସମିସ): ବାରବାଟୀ ଷ୍ଟାଡିୟମ ପରିସରସ୍ଥ ସେଣ୍ଟ ଜାଭିଅର୍ସ ସ୍କୁଲ ପଡ଼ିଆରେ ଓଡ଼ିଶା କୁସ୍ତି ସଂଘ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗର ମିଳିତ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ କୁସ୍ତି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ୧୩୦ ପୁରୁଷ ଏବଂ ୭୦ ମହିଳା ପ୍ରତିଯୋଗୀଙ୍କୁ ମିଶାଇ ମୋଟ ୨୦୦ ଖେଳାଳି ଭାଗ ନେଇଥିଲେ। ବରିଷ୍ଠ ପୁରୁଷ ୫୭କେଜି ବର୍ଗରେ ସଦାଶିବ ବାରିକ, ୬୧ କିଗ୍ରାରେ ତାପସ ବେହେରା, ୬୫ କିଗ୍ରାରେ ପବିତ୍ର ସାହୁ, ୭୦ କିଗ୍ରାରେ ପ୍ରତାପ ପ୍ରଧାନ, ୭୪ କିଗ୍ରାରେ ସାହିଲ ସୁନ୍ଦର ବେହେରା, ୭୯ କିଗ୍ରାରେ ସନ୍ଦୀପ ବେହେରା, ୮୬ କିଗ୍ରାରେ କିରଣ ଦଳାଇ, ୯୨ କିଗ୍ରାରେ ଶ୍ୟାମ ସୁନ୍ଦର ମହାପାତ୍ର, ୧୨୫ କିଗ୍ରାରେ ଚିନ୍ମୟ କୁମାର ରଣା ପ୍ରଥମ ସ୍ଥାନ ହାସଲ କରିଥିଲେ।

ସେହିପରି ବରିଷ୍ଠ ମହିଳା ୫୦ କେଜି ବର୍ଗରେ ଶୁଭଶ୍ରୀ ନାୟକ, ୫୩ କିଗ୍ରାରେ ସୁପ୍ରିୟା ମହାପାତ୍ର, ୫୫ କିଗ୍ରାରେ ଆଲୋକରଶ୍ମୀ ସାହୁ, ୫୭ କିଗ୍ରାରେ ଅଜିଜା ବେଗମ, ୫୯ କିଗ୍ରାରେ ରୋଜାଲିନ ପାଲ, ୬୨ କିଗ୍ରାରେ ପାର୍ବତୀ ଦଳାଇ, ୬୫ କିଗ୍ରାରେ ଦିବ୍ୟଜ୍ୟୋତି ନାୟକ, ୬୮ କିଗ୍ରାରେ ମନୀଷା ବେହେରା, ୭୨ କେଜି ବର୍ଗରେ ପୂଜା ମହାରଣା ପ୍ରଥମ ହୋଇଥିଲେ। ଏଥିସହିତ ବିଭିନ୍ନ ବୟସ ଓ ଓଜନ ବର୍ଗରେ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା କୁସ୍ତି ସଂଘ ସମ୍ପାଦକ କିଶୋର ବେହେରା ଅଧ୍ୟକ୍ଷତା କରିଥିଲେ। ମେୟର ସୁବାସ ସିଂହ, ରାଜ୍ୟ ସରକାରଙ୍କ ବରିଷ୍ଠ କ୍ରୀଡ଼ା ଅଧିକାରୀ ସନାତନ ସାହୁ, କର୍ପୋରେଟର ବସନ୍ତ ବେହେରା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ସଂଘ ସଭାପତି ରାମଚନ୍ଦ୍ର ପାଢ଼ୀ, କାର୍ଯ୍ୟକାରୀ ସଭାପତି ହରି ପଟ୍ଟନାୟକ, ଉପସଭାପତି ଦେବେନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀ ପଟ୍ଟନାୟକ, ସନ୍ତୋଷ ଦାସ, ସ୍ୱପ୍ନେଶ୍ୱର ନାୟକ, କୋଷାଧ୍ୟକ୍ଷ କୁମାର ରାୟ, କାର୍ଯ୍ୟାଳୟ ସମ୍ପାଦକ ଦିଲ୍ଲୀପ ନାରାୟଣ ଗୁରୁ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ।



# ଆଜିଠୁ ଓଡ଼ିଶା ମାଷ୍ଟର୍ସ ବ୍ୟାଡ଼୍‌ମିଣ୍ଟନ

କଟକ, ୧୧।୧୨(ସମିସ): ମଙ୍ଗଳବାରଠାରୁ ସ୍ଥାନୀୟ ଜବାହାରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଆରମ୍ଭ ହେବ ବିଡବ୍ଲ୍ୟୁଏଫ ଟୁର୍ ସୁପର-୧୦୦। ବ୍ୟାଡମିଣ୍ଟନ ୱାର୍ଲଡ ଫେଡେରେଶନ(ବିଡବ୍ଲ୍ୟୁଏଫ) ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଚଳିତ ସଂସ୍କରଣର ନାମ 'ଓଡ଼ିଶା ମାଷ୍ଟର୍ସ-୨୦୨୩' ରଖାଯାଇଛି। ଏହି ମେଗା ଇଭେଣ୍ଟକୁ ସଫଳ କରିବା ନିମନ୍ତେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତ ଶେଷ ହୋଇଛି। ଇତ୍ୟବସରରେ ଭାରତୀୟ ଓ ବିଦେଶୀ ଖେଳାଳି କଟକରେ ପହଞ୍ଚି ସାରିଲେଣି। ଇଣ୍ଡୋର ଷ୍ଟାଡିୟମରେ ପ୍ରସ୍ତୁତ ହୋଇଥିବା ଚାରୋଟି କୋର୍ଟରେ ସମସ୍ତ ମୁକାବିଲା ହେବ। କଟକ ମହାନଗର ନିଗମ(ସିଏମସି) କମିଶନର ନିଖିଳ ପଓ୍ୱନ କଲ୍ୟାଣ କହିଛନ୍ତି, 'ଅର୍ନ୍ତଜାତୀୟସ୍ତରର ଏହି ପ୍ରତିଯୋଗିତାକୁ ସଫଳ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି। ଭାରତ ସମେତ ପ୍ରାୟ ୩୦ ଦେଶର ଖେଳାଳି ଏଥିରେ ଭାଗନେବେ। ରାଜ୍ୟର ବ୍ୟାଡମିଣ୍ଟନ ଖେଳାଳିମାନଙ୍କୁ ଏଭଳି ପ୍ରତିଯୋଗିତା ଉତ୍ସାହିତ କରିବ'।

କଟକରେ ଦ୍ୱିତୀୟଥର ଲାଗି ଆୟୋଜିତ ହେଉଛି ବିଡବ୍ଲ୍ୟୁଏଫ ଟୁର୍ ସୁପର-୧୦୦। ଏସିଆ ମହାଦେଶର ଏହା ଏକ ମର୍ଯ୍ୟାଦାଜନକ ଟୁର୍ଣ୍ଣାମେଣ୍ଟ। ଡିସେମ୍ବର ୧୭ରେ ଉଦ୍‌ଯାପିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ପୁରସ୍କାର ରାଶି ୧ ଲକ୍ଷ ଡଲାର



(ଭାରତୀୟ ମୁଦ୍ରାରେ ପ୍ରାୟ ୮୪ଲକ୍ଷ ଟଙ୍କା) ରହିଛି। ଭାରତର ଶ୍ରେୟାଂଶ ଜୈସୱାଲ, ଅଭିନବ ଠାକୁର, ଭାର୍ଗବ ସୋମସୁନ୍ଦର, ଭାରତ ରାଘବ, ଲୋକେଶ ରେଡ୍ଡୀ, ବି. ଆର୍ଯ୍ୟ, ଧ୍ରୁବ କୁମାର, କେଭିନ ଥାଙ୍ଗମ, ମନରାଜ ସିଂହ, ସନୀଥ ଦୟାନନ୍ଦ, ପ୍ରଣୟ କାଟା, ସିଦ୍ଧାର୍ଥ ମିଶ୍ର, ଆକାଶ ସିଂହଙ୍କ ସମେତ ବିଦେଶ ରାଷ୍ଟ୍ରର ବି. ଲଥୀସ, କେ କୁସୱାନ୍ତୋ, ସକେତ ଥାଭାନି, ଜାସନ ଖ୍ରୀଷ୍ଟ ଆଲେକଜାଣ୍ଡର, ବି.ଆର ସନକୀର୍ଥ, ୱିଜାୟା ଚୈରୁଲୁହା, କୁଆ

- ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମ ପ୍ରସ୍ତୁତ
- ଭାଗନେବେ ଭାରତ ସମେତ ୩୦ ରାଷ୍ଟ୍ରର ଖେଳାଳି

ଲିନ୍, ୟଙ୍ଗ ୟଙ୍ଗ, ଦୁମିନ୍ଦୁ ଏବିକ୍ରମା, ଜର୍ଜ ପାଏଟେଲ, ମ୍ୟାଡସ କ୍ରିଷ୍ଟୋଫର, ପ୍ରିନ୍ସ ଦାହାଲ ପ୍ରମୁଖ ଭାଗ ନେବେ। ଏତଦବ୍ୟତୀତ ଓଡ଼ିଶାର ୨ଜଣ ପ୍ରତିଯୋଗୀଙ୍କୁ ଏଥିରେ ଦେଖିବାକୁ ମିଳିବେ। କଟକର ଦୁଇ ଭଉଣୀ ରତ୍ନପର୍ଣ୍ଣା ପଣ୍ଡା ଏବଂ ଶ୍ୱେତପର୍ଣ୍ଣା ପଣ୍ଡା ପ୍ରତିଯୋଗିତାରେ ଭାଗନେବେ ବୋଲି ଜଣାପଡ଼ିଛି। ଓଡ଼ିଶା ମାଷ୍ଟର୍ସ-୨୦୨୩ ସହ ରାଜ୍ୟ ବ୍ୟାଡମିଣ୍ଟନପ୍ରେମୀ ପୁଣିଥରେ ଅନେକ ତାରକା ଖେଳାଳିଙ୍କୁ ଦେଖିବାର ସୁଯୋଗ ପାଇବେ। ବିଡବ୍ଲ୍ୟୁଏଫ ଟୁର୍ ସୁପର-୧୦୦ ପୁଣି ଥରେ ଆୟୋଜନ କରାଯିବା ଓଡ଼ିଶା ନିମନ୍ତେ ଏକ ମାଇଲଷ୍ଟୋନ ହେବ।

# ନକ୍‌ଆଉଟ୍‌କୁ ଉଠି ଓଡ଼ିଶା ଏଫ୍‌ସିର ଇତିହାସ

**ଏଏଫ୍‌ସି କପ୍**

ଭୁବନେଶ୍ୱର, ୧୧।୧୨(ସମିସ): ଏଏଫ୍‌ସି କପ୍‌ରେ ଓଡ଼ିଶା ଏଫ୍‌ସି ଗ୍ରୁପ୍ ଡି'ରେ ତା'ର ଶେଷ ମ୍ୟାଚ୍‌ରେ ବାଂଲାଦେଶର ବସୁନ୍ଧରା କିଙ୍ଗ୍‌ସକୁ ପରାସ୍ତ କରି ଇତିହାସ ସୃଷ୍ଟି କରିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ସୋମବାର ଖେଳାଯାଇଥିବା ଏହି ରୋମାଞ୍ଚକ ତଥା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଓଡ଼ିଶା ୧-୦ ଗୋଲରେ ବିଜୟୀ ହୋଇ ଗ୍ରୁପ୍‌ରେ ଶୀର୍ଷ ସ୍ଥାନ ଅଧିକାର କରିବା ସହ ନକ୍‌ଆଉଟ ପର୍ଯ୍ୟାୟକୁ ପ୍ରବେଶ କରିଛି। ଓଡ଼ିଶା ୬ଟି ମ୍ୟାଚ୍ ଖେଳି ୪ ବିଜୟ ଓ ୨ ପରାଜୟ ସହ ସର୍ବାଧିକ ୧୨ ପଏଣ୍ଟ ହାସଲ କରିଛି। ଓଡ଼ିଶା ତରଫରୁ ମୌର୍ତ୍ତାଦା ଫଲ ୬୧ତମ ମିନିଟ୍‌ରେ ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରିଥିଲେ। ଓଡ଼ିଶା ସବୁ ବିଭାଗରେ ଉନ୍ନତ ପ୍ରଦର୍ଶନ କରିଥିଲା। ଏହି ମ୍ୟାଚ୍ ଦେଖିବାକୁ କଳିଙ୍ଗରେ ଦର୍ଶକଙ୍କ ଭିଡ ଦେଖିବାକୁ ମିଳିଥିଲା।

ST. FRANCIS GROUP OF SCHOOLS
EDUCATION FOR PERFECTION

ST. XAVIER'S HIGH SCHOOL
BHUBANESWAR & BHADRAK

REGISTRATION OPEN FOR THE SESSION 2024-25

Admission Forms will be available in the school office on 14th December 2023 onwards between 9.AM to 12.30 PM for classes mentioned below in the respective schools.

- St. Xavier's High School, 231, Kedargouri. For Lower KG & Std II only. Ph: 9348291902.
- St. Xavier's High School, 195, Khandagiri. For Lower KG & Upper KG only. Ph:8763998755
- St. Xavier's High School, 110, Satyanagar. For Nursery, Lower KG, Upper KG & Std-I to Std-VI. Ph:7008792007.
- St. Xavier's High School, Charampa,Bhadrak. For Lower KG, Upper KG & Std-I toStd-VII. Ph: (06784)-230653

We have only three branches in Bhubaneswar & one at Bhadrak.

*Discipine is the key to Success*

# ଭାରତ-ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଟି-୨୦ ଆଜି

ଗକେବେରା, ୧୧।୧୨(ଏଜେନ୍ସି): ଦକ୍ଷିଣ ଆଫ୍ରିକା ଓ ଭ୍ରମଣକାରୀ ଭାରତ ମଧ୍ୟରେ ସ୍ଥାନୀୟ ସେଣ୍ଟ ଜର୍ଜ ପାର୍କ ଗ୍ରାଉଣ୍ଡରେ ମଙ୍ଗଳବାର ଦ୍ୱିତୀୟ ଟି-୨୦ ମ୍ୟାଚ୍ ଖେଳାଯିବ। ଡର୍ବାନରେ ବର୍ଷା ଓ ଓଦା ପଡ଼ିଆ କାରଣରୁ ରବିବାର ପ୍ରଥମ ଟି-୨୦ ଧୋଇଯିବା କାରଣରୁ ଏହି ମ୍ୟାଚ୍‌ର ଗୁରୁତ୍ୱ ବଢ଼ିଯାଇଛି। ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ଜିତିବାକୁ ହେଲେ ବିଜୟ ଜରୁରୀ ବୋଲି ଉଭୟ ଦଳ ହୃଦୟଙ୍ଗମ କରିଥିବେ। ଫଳରେ ଏହି ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଓ ରୋମାଞ୍ଚ ଦେଖିବାକୁ ମିଳିବ। ଜୁନରେ ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଟି-୨୦ ବିଶ୍ୱକପ୍ ଖେଳାଯିବ। ଏହି ବିଶ୍ୱକପ୍ ପୂର୍ବରୁ ଭାରତକୁ ମାତ୍ର ୫ଟି ମ୍ୟାଚ୍ ଖେଳିବାର ସୁଯୋଗ ମିଳିବ। ଉଭୟ ଦଳରେ ଯୁବ ଖେଳାଳିମାନେ ସ୍ଥାନ ପାଇଛନ୍ତି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ବ୍ୟାଟର ଓ ବୋଲରମାନେ ଅଧିକ କିଛି କରି ଦେଖାଇବେ ବୋଲି ଆଶା କରାଯାଉଛି। ଆଗକୁ ଆଇପିଏଲ ଖେଳାଳି ନିଲାମୀ ରହିଥିବାରୁ ଖେଳାଳିମାନେ ଜବରଦସ୍ତ ପ୍ରଦର୍ଶନ କରି ନିଜର ମୂଲ୍ୟ ବଢ଼ାଇବାକୁ ପ୍ରୟାସ କରିବେ। ବୋଲିଂ, ବ୍ୟାଟିଂରେ ଉଭୟ ଦଳରେ ପ୍ରତିଭାସମ୍ପର୍ଣ୍ଣ ଖେଳାଳିମାନେ ରହିଛନ୍ତି।

ଖେଳ ଆରମ୍ଭ : ରାତି ୮ଟା ୩୦
ସ୍ଥାନ: ଗକେବେରା
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ହଟ୍ ଷ୍ଟାର

**ପୁଣି ବର୍ଷା ଆଶଙ୍କା:** ପ୍ରଥମ ମ୍ୟାଚ୍ ଭଳି ଦ୍ୱିତୀୟରେ ମଧ୍ୟ ବର୍ଷା ଆଶଙ୍କା ରହିଛି। ତେଣୁ ପାଗ ଉପରେ ସମସ୍ତଙ୍କ ନଜର ରହିଛି। ଦକ୍ଷିଣ ଆଫ୍ରିକାରେ ଭାରତର ଟି-୨୦ ପ୍ରଦର୍ଶନ ଭଲ ରହିଛି। ବ୍ୟାଟର ରିଙ୍କୁ ସିଂ ଓ ଦ୍ରୁତ ବୋଲର ଅର୍ଶଦୀପ ସିଂଙ୍କ ଉପରେ ସମସ୍ତଙ୍କ ନଜରରେ ରହିଛନ୍ତି। ଏହି ପିଚ୍‌ରେ ଦ୍ରୁତ ବୋଲରଙ୍କ ପ୍ରଭାବ ଦେଖିବାକୁ ମିଳିବ। ସଦ୍ୟ ସମାପ୍ତ ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରି ଭାରତ ୪-୧ରେ ସିରିଜ ବିଜୟୀ ହୋଇଥିଲା। ପୁଣି ଥରେ ଏହି ପ୍ରଦର୍ଶନକୁ ଭାରତ ଦୋହରାଇବ ବୋଲି ଆଶା କରାଯାଉଛି।

# ବେନ ଷ୍ଟୋକ୍ସଙ୍କୁ ନେତୃତ୍ୱ

ଲଣ୍ଡନ, ୧୧।୧୨(ଏଜେନ୍ସି): ଭାରତ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ଇଂଲଣ୍ଡ ଦଳ ଘୋଷିତ ହୋଇଛି। ଅଲରାଉଣ୍ଡର ବେନ୍ ଷ୍ଟୋକ୍ସଙ୍କ ନେତୃତ୍ୱରେ ଏକ ୧୬ ଜଣିଆ ଶକ୍ତିଶାଳୀ ଦଳ ଘୋଷଣା କରାଯାଇଛି। ସିରିଜର ପ୍ରଥମ ମ୍ୟାଚ୍ ହାଇଦରାବାଦ୍‌ରେ ଜାନୁଆରୀ ୨୫ରୁ ଆରମ୍ଭ ହେବ। ଏହି ଦଳରେ ୩ଜଣ ନାବାଗତଙ୍କୁ ସାମିଲ କରାଯାଇଛି। ସେମାନେ ହେଲେ ଗସ୍ ଅଟକିନସନ, ସ୍ପିନର ଟମ୍ ହାର୍ଟଲି ଓ ସୋଏବ ବସିର। **ଇଂଲଣ୍ଡ ଟେଷ୍ଟ ଦଳ:** ବେନ୍ ଷ୍ଟୋକ୍ସ (ଅଧିନାୟକ), ରେହାନ ଅହମ୍ମଦ, ଜେମ୍ସ ଆଣ୍ଡରସନ, ଗସ୍ ଅଟକିନସନ, ଜନି ବେୟାରଷ୍ଟୋ, ସୋଏବ ବସିର, ହ୍ୟାରି ବ୍ରୁକ୍, ଜ୍ୟାକ କ୍ରାଲି, ବେନ୍ ଡକେଟ, ବେନ ଫୋକ୍ସ, ଟମ୍ ହାର୍ଟଲି, ଜ୍ୟାକ ଲିଚ୍, ଓଲି ପୋପ, ଓଲି ରବିନସନ, ଜୋ ରୁଟ୍ ଓ ମାର୍କ ଉଡ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର